ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ମଇ ୨୦୨୬



ଓଡ଼ିଆ ସାହିତ୍ୟର ନବଦିଗନ୍ତ

ଫଟୋ : ସ୍ମିତା ମହାପାତ୍ର

Vol-5 • Issue-3 • May 2026 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୫ • ସଂଖ୍ୟା-୩ • ମଇ ୨୦୨୬ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ-ସଂଶୋଧକ
**ପ୍ରଭାତ ରଞ୍ଜନ ବେହେରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ସ୍ୱାତୀ ମହାପାତ୍ର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୭୮୭୭୨୫୦୬
E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୫୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ଲେଖକର ଅଭିଳାଷ (ସମ୍ପାଦକୀୟ) | ୦୩ |
| ଜୈବିକ ସାହିତ୍ୟ ଓ ଅଜୈବିକ ସାହିତ୍ୟ(ପ୍ରବନ୍ଧ) ଦାଶ ବେନହୁର | ୦୫ |
| ଝୁଲା ଦେ (ରମ୍ୟରଚନା): ଗୋପାଳକୃଷ୍ଣ ଆଚାର୍ଯ୍ୟ | ୦୯ |
| ସଂସାରୀ (କବିତା): ସେନାପତି ପ୍ରଦ୍ୟୁମ୍ନ କେଶରୀ | ୧୩ |
| ବେଲ୍‌ଟ (ଗଳ୍ପ): ବିବୁ ଦାସ | ୧୪ |
| ଶବ୍ଦ ଓ ଅର୍ଥର ମାୟାଜାଲରେ ଆମ ଭାଷା (ପ୍ରବନ୍ଧ): ବିପିନ ନାୟକ | ୧୮ |
| ସେକାଳ ପଖାଳ (ଅନୁଭୂତି): ଅଚ୍ୟୁତାନନ୍ଦ ପତି | ୨୪ |
| ପ୍ରବୀଣ ସାହିତ୍ୟିକ ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ସହ ଆଳାପ (ସାକ୍ଷାତକାର) | ୨୬ |
| ହାଣ୍ଡିଶାଳ (ଗଳ୍ପ): ଅଭିରାମ ମଣ୍ଡଳ | ୩୦ |
| 'ହାମ୍‌ନେଟ୍' ଓ 'କାନ୍ଦ ମାଷ୍ଟ୍ରେ': ବହୁବର୍ଣ୍ଣୀ କାନ୍ଦ (ପ୍ରବନ୍ଧ): ଦୁର୍ଗାପ୍ରସାଦ ଆଚାର୍ଯ୍ୟ | ୩୩ |
| ଖଡ଼ିଛୁଆଁ ପଞ୍ଝେଇ (ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୩୬ |
| ସର୍ଜନାତ୍ମକ ସାହିତ୍ୟ ସମାଲୋଚନା: ସ୍ୱଷ୍ଟୀକରଣ (ପ୍ରବନ୍ଧ): ମଣୀନ୍ଦ୍ର କୁମାର ମେହେର | ୪୦ |
| ଦୂବଘାସ (ଗଳ୍ପ): ନର୍ମଦା ନୀଳୋତ୍ପଳା | ୪୩ |
| ଏକବିଂଶ ଶତାବ୍ଦୀର ଗଳ୍ପରେ ଆମ ସାମାଜିକ ଜୀବନ (ପ୍ରବନ୍ଧ): ଜ୍ୟୋତ୍ସ୍ନାରାଣୀ କର | ୪୬ |
| ପୁଣି ଆସନ୍ତାକାଲି (କବିତା): ଯାଦବେନ୍ଦ୍ର ସାହା | ୫୩ |
| ସୁନାପୁର ସି-ବିଚ୍ ସୁନା (ଭ୍ରମଣ କାହାଣୀ): ଭାବଗ୍ରାହୀ ବଳ | ୫୪ |
| ନିଲାମ (ଅନୁବାଦ ଗଳ୍ପ): କନକ ମଞ୍ଜରୀ ସାହୁ | ୬୦ |
| ଦଣ୍ଡଗୀତର ସାରସ୍ୱତ ସୌନ୍ଦର୍ଯ୍ୟ (ପ୍ରବନ୍ଧ): ଧର୍ମେନ୍ଦ୍ର ନାଥ ପାତ୍ର | ୬୨ |
| ଦୁଇଟି ଅଣୁଗପ (ଗଳ୍ପ): ସ୍ନିଗ୍ଧା ସାହୁ | ୬୭ |
| ସାଙ୍ଗ (ଶିଶୁଗଳ୍ପ): ରଜନୀକାନ୍ତ ପାଢ଼ୀ | ୬୮ |
| ମେଘା ଦାସର କବିତା (ପୁସ୍ତକ ସମୀକ୍ଷା): କୃଷ୍ଣ କୁମାର ମହାନ୍ତି | ୭୦ |
| ସାହିତ୍ୟ ସମାଚାର | ୭୧ |
| ପତତ୍‌ପ୍ରକର୍ଷତା (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

★ ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରି ନୁହେଁ।

# ପାଠକଙ୍କ ମତାମତ

ଏପ୍ରିଲ ସଂଖ୍ୟାର ପ୍ରତ୍ୟେକ ପୃଷ୍ଠାକୁ ଆଡ଼ଉ ଆଡ଼ଉ ଅଟକିଗଲି ଏରୁଣ୍ଡିରେ, ଯେଉଁଠି ସଂପାଦକୀୟର ଅମ୍ଳାନ କଥା ପରିସ୍ଫୁଟିତ ହୋଇଛି । କବିତା ଓ ଗୀତିକବିତାର ଅନ୍ତଃସ୍ୱରକୁ ଚମତ୍କାର ଭଙ୍ଗୀରେ ଆଲୋକପାତ କରାଯାଇଛି, ଯାହାକି ପ୍ରକୃତ କବି ବୋଲାଉଥିବା ସ୍ରଷ୍ଟା ହିଁ ଉପଲବ୍ଧି କରିପାରିବ ।

ପ୍ରବନ୍ଧ ହେଉଛି ସାହିତ୍ୟର ଆଭୂଷଣ ଯେଉଁଥିରେ ନିଜସ୍ୱ ବକ୍ତବ୍ୟକୁ ଶାଣିତ କରାଯାଇଥାଏ । ଅର୍ଥ ଏବଂ ଲିଖନର ଆତ୍ମିକ-ଆଙ୍ଗିକ ଭାବଚେତନାକୁ ଏଥିରେ ଏକ ତୁଳନାତ୍ମକ ଛନ୍ଦରେ ବିକଶିତ କରାଯାଏ । ହଁ, ସେହିଭଳି ମୋ' ମନକୁ ଛୁଇଁଛି ଛାୟାକାନ୍ତ ଷଡ଼ଙ୍ଗୀ ଓ ଦୁର୍ଯ୍ୟୋଧନ ଦାସଙ୍କ ଲଳିତ ପ୍ରବନ୍ଧ । ମୋତେ ଅନେକ ଖୋରାକ ଯୋଗେଇଛି ।

ସାକ୍ଷାତକାରଟିକୁ ପଢିଲାପରେ ଯେତିକି ଆକର୍ଷଣୀୟ ଲାଗିଲା ତା'ଠୁ ଅଧିକ ମର୍ମସ୍ପର୍ଶୀ ବୋଧହେଲା ଆର୍ଯ୍ୟ ଯଜ୍ଞଦତ୍ତଙ୍କର ପୁତ୍ର ବିୟୋଗ ପ୍ରସଙ୍ଗ । ସେତେବେଳର ଲେଖା ଉପରେ ୧୫-୨୦ଟି ଚିଠି ପାଉଥିଲେ ବୋଲି ସେ ଯାହା କହିଛନ୍ତି ତାହା ଯଥାର୍ଥ । ମୁଁ ମଧ୍ୟ ଚିଠି ପାଉଥିଲି । ସଂପ୍ରତି ଅଧିକାଂଶ ପାଠକ ମତାମତ ଦେଉନାହାଁନ୍ତି । ଲେଖା ପଢୁଛନ୍ତି କି ନାହିଁ ସେମାନେ ଜାଣିଥିବେ । ବହି ମାଗିନେଲା ପରେ ବି ଦୁଇପଦ ମତାମତ ଦେବାକୁ କୁଣ୍ଠାବୋଧ କରୁଛନ୍ତି, ଲଜ୍ଜାର କଥା । ଏ ବିଷୟରେ ସଂପାଦକୀୟ ଲେଖାଯାଇପାରେ ।

ଗଳ୍ପ ଆଡ଼କୁ ମୁହାଁଇଲେ ମନେପଡ଼ିଯାଏ ଆଜିକାଲିକା ଲୋକଙ୍କର ଅସ୍ମିତା ଶବ୍ଦର ପୁନଃପୌନିକ ଉଚ୍ଚାରଣ । ଓଡ଼ିଆ ହୋଇ ଇଂରାଜୀକୁ ଭଲପାଇବା ଓ ସାବତ ମା'ର ନାଲି ଆଖିର ବିଭତ୍ସ ଚାହାଣି । କବିତା ବାରିକଙ୍କର ଗପଟି ଅତୀବ ପ୍ରାଣସ୍ପର୍ଶୀ ।

**କୁଞ୍ଜବିହାରୀ ସାହୁ**
kunjasahu63@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

'ସାହିତ୍ୟ ଚର୍ଚ୍ଚା' ପତ୍ରିକାରେ କବିତା ବାରିକଙ୍କର 'ଡାଳ ଭାଙ୍ଗିବାର ଶବ୍ଦ' ଗପଟି ପଢ଼ିଲି । ଭାରି ଭଲ ଲାଗିଲା । ଏକଜିଦିଆ ସ୍ୱାମୀ ଓ ସାବତ ଶାଶୂଙ୍କୁ ନେଇ ସଂସାର କରୁଥିବା ମିତା ଘରସଂସାର ଚଳାଇବା ଭିତରେ 'କେତେ କେତେ ଡାଳ ଭାଙ୍ଗିଛି, କେତେ ଡାଳରୁ ପୁଣି କଅଁଳ ଶାଖା ମେଲିଛି । ସେ ଶାଖାର ନାଁ ଆଶାର, ପ୍ରତ୍ୟୟର ।' ଅନେକ ନାରୀ-ଜୀବନର ଗଭୀର ଜୀବନଦର୍ଶନ ଇଏ । କେତେକେତେ ଡାଳ ଭାଙ୍ଗେ ଆଉ ନୂଆ ଆଶା ଓ ପ୍ରତ୍ୟୟ ଜାତହୁଏ । ତାରିଭିତରେ ଗୋଟିଏ ଜୀବନ ଅହରହ ପେଷି ହେଉଥାଏ । ପ୍ରଥମେ ପିତା, ତା' ପରେ ସ୍ୱାମୀ ଓ ବୃଦ୍ଧାବସ୍ଥାରେ ପୁତ୍ର ଅଥବା ନାତିର ବୋଲରେ ଥାଏ ନାରୀଟିଏ । କେତେଜଣ ବା ଏଥିରୁ ମୁକୁଳି ନିଜମତେ ବଞ୍ଚନ୍ତି ! ଅବଶ୍ୟ ସକାରାତ୍ମକ ଭାବରେ ଶେଷ କରିଛନ୍ତି ଗପଟିକୁ ଗାଳ୍ପିକା । ସବୁକ୍ଷେତ୍ରରେ ଏମିତି କିନ୍ତୁ ହୁଏନାହିଁ, ଆଶାର କାଣିଚାଏ ବି ପୂରେନାହିଁ କେତେକଙ୍କର, ଆଉ ମରଣ କୋଳକୁ ଯିବାତ ଶେଷକଥା ନିଶ୍ଚୟ ।

**ବିଜୟଲକ୍ଷ୍ମୀ ପଟ୍ଟନାୟକ**
amrutam101@gmail.com

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଏପ୍ରିଲ୍ ସଂଖ୍ୟା ପଢ଼ିଲି । ଗୀତିକବିତା ସଙ୍ଗୀତର ନା ସାହିତ୍ୟର ? ତାହା ଆଜି ବିରାଟ ପ୍ରଶ୍ନବାଚୀ । ଏ ସମ୍ପର୍କରେ ଲିଖିତ ସମ୍ପାଦକୀୟ ଅତ୍ୟନ୍ତ ଉଚ୍ଚକୋଟୀର । ସତରେ କଣ ସାହିତ୍ୟ ଜବରଦସ୍ତି ଲେଖାଯାଏ ନା ଏହା ଲେଖକର ହାତରେ ଉତୁରି ଯାଏ ନା ଅନ୍ୟ କୌଣସି ବାକ ଶକ୍ତି ବା ଦୈବୀ ଶକ୍ତି ଯୋଗୁଁ ଏହା ଲେଖିବା ସମ୍ଭବ ହୁଏ, ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ଛୟାକାନ୍ତ ଷଡ଼ଙ୍ଗୀଙ୍କ 'ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଓ କାଳଜୟୀ ସାହିତ୍ୟ' ଶୀର୍ଷକ ପ୍ରବନ୍ଧରେ ।

**ବିଶ୍ୱଜିତ ବିଶ୍ୱାଳ**
biswalbishwa45@gmail.com

**ସମ୍ପାଦକୀୟ**

# ଲେଖକର ଅଭିଳାଷ

ମଣିଷ ମାତ୍ରକେ ଅଭିଳାଷୀ; କିଛି ନା କିଛି ଅଭିଳାଷହିଁ ତା'କୁ ନିଜର ଈପ୍‌ସିତ କର୍ମ ସହିତ ଯୋଡ଼ିହେବା ପାଇଁ ପ୍ରରୋଚିତ କରିଥାଏ। ଜଣେ ଲେଖକ ଏଥିର ବ୍ୟତିକ୍ରମ ବା ହେବ କିପରି ? ଆମ ସାହିତ୍ୟଜଗତ ଭିତରକୁ ଦୃଷ୍ଟି ଫେରାଇଲେ ଆମକୁ ଦିଶିଯାଏ ଯେ ଏବର ଅଧିକାଂଶ ଲେଖକ ନିଜର ଅହଂଗ୍ରସ୍ତ ମନସ୍କାମନା ଦ୍ୱାରା ବହୁମାତ୍ରାରେ କବଳିତ। ପୁରସ୍କାର, ସ୍ୱୀକୃତି ଓ ସମ୍ମାନ ପାଇଁ ଆଜିର ସାହିତ୍ୟସ୍ରଷ୍ଟାମାନଙ୍କର ବ୍ୟାକୁଳତା ବିଷୟ ସର୍ବବିଦିତ। ତେବେ ସୁଖର କଥା, ସେହି ପ୍ରକୃତିଗତ ଅଭିଳାଷକୁ ଦମନ କରି କିଛିଜଣ ବ୍ୟତିକ୍ରମୀ ଲେଖକ ନିଜକୁ ଏକ ସକାରାତ୍ମକ ଉଚ୍ଚତାକୁ ନେବାରେ ମଧ୍ୟ ସମର୍ଥ ହୋଇଛନ୍ତି। 'ଭଗବଦ୍‌ଗୀତା'ରେ କୁହାଯାଇଛି ଯେ ପ୍ରଜ୍ଞାବାନ୍ ପୁରୁଷମାନେ ନିଜର କାମନା ସକଳକୁ ଜ୍ଞାନର ଅଗ୍ନିରେ ଦଗ୍‌ଧ କରିପକାନ୍ତି। ସାହିତ୍ୟ ସଦା ଏହିଭଳି ବିଦଗ୍ଧ ସ୍ରଷ୍ଟାମାନଙ୍କୁ ଝୁରି ହେଉଥାଏ।




ଆମ ପତ୍ରିକାର ଚଳିତ ସଂଖ୍ୟାଟିର ସମ୍ପାଦନା କରିବାବେଳେ ଆମେ ଲେଖକୀୟ ଅଭିଳାଷର ଏଭଳି ଏକ ମହତ୍ତର ଦୃଷ୍ଟାନ୍ତ ଦେଖିବାକୁ ପାଇଲୁ। ପ୍ରସଙ୍ଗ ହେଉଛି, ଏହି ସଂଖ୍ୟାରେ ପ୍ରକାଶ ପାଇଥିବା 'ହାମନେଟ୍ ଓ କାନ୍ଦମାଷ୍ଟ୍ରେ: ବହୁବର୍ଣ୍ଣା କାନ୍ଦ' ଶୀର୍ଷକ ଗୋଟିଏ ପ୍ରବନ୍ଧ, ଯେଉଁଥିରେ ନିକଟରେ ମୁକ୍ତିଲାଭ କରିଥିବା ଏକ ଇଂରାଜୀ ଚଳଚ୍ଚିତ୍ର ସହିତ ସେହି ପାଖାପାଖି ସମୟରେ ଏକ ଚଳଚ୍ଚିତ୍ରର ରୂପ ପାଇଥିବା ଗୋଟିଏ ଓଡ଼ିଆ ନାଟକର ତୁଳନାତ୍ମକ ସମୀକ୍ଷା କରାଯାଇଛି। ଲେଖାଟିକୁ ପଢ଼ିବା ପରେ ଏଥିରେ କିଛି ଗୋଟିଏ ଅଭାବ ରହିଯାଇଥିବା ଭଳି ଆମର ମନେହେଲା। ଏହାକୁ ଆଉଥରେ ପଢ଼ି ଜାଣିପାରିଲୁ ସେହି ଅଭାବଟି କ'ଣ ! ପ୍ରାବନ୍ଧିକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଏହି ସମାଲୋଚନାମୂଳକ ପ୍ରବନ୍ଧଟିରେ ସେହି ଓଡ଼ିଆ ନାଟକ ବା ଚଳଚ୍ଚିତ୍ରର ଏକ ସୁକ୍ଷ୍ମ ସମୀକ୍ଷା ତ କରିଥିଲେ, କିନ୍ତୁ ତାହାର ଲେଖକ କିଏ, ସେକଥା କେଉଁଠି ହେଲେ ଉଲ୍ଲେଖ କରିବାକୁ ଭୁଲିଯାଇଥିଲେ।

ଏଥିରେ ବିଶେଷ କିଛି ଅସ୍ୱାଭାବିକତା ନ ଥିଲା। ମାତ୍ର ଲେଖାଟିକୁ ଆମେ ଯେତେବେଳେ ସେହି ନିର୍ଦ୍ଦିଷ୍ଟ ଓଡ଼ିଆ ନାଟକର ଲେଖକଙ୍କ ପାଖକୁ ମତାମତ ପାଇଁ ପଠାଇଲୁ, ତାଙ୍କର ପ୍ରତିକ୍ରିୟାରେ ଥିଲା ଏକ ବିଚିତ୍ର ଅସ୍ୱାଭାବିକତା। ସ୍ୱଲିଖିତ ନାଟକର ଏକ ସମୀକ୍ଷାରେ ନିଜର ନାମ ଲେଖାଯାଇ ନ ଥିବାର ଦେଖି ବିବ୍ରତ ହେବା ପରିବର୍ତ୍ତେ, ସେ ବରଂ ବହୁତ ଉଲ୍ଲସିତ ହୋଇଗଲେ ଏବଂ କହିଲେ, "ମୁଁ ଏମିତି ଏକ ଦିନର ଅପେକ୍ଷାରେ ଥିଲି ଯେତେବେଳେ ଲୋକେ ମୋତେ ଭୁଲିଯାଇ କେବଳ ମୋ' ଲେଖାଟିକୁ ମନେରଖିବେ। ମୋ'ର ଅନ୍ତରର ଅଭିଳାଷ ଥିଲା ଯେ ମୋ'ର ଲେଖା ମୋ'ଠାରୁ ଆହୁରି ଆଗକୁ ଯାଉ।" ଆମେ ଜାଣିବାକୁ ପାଇଲୁ ଯେ ପ୍ରବନ୍ଧଟିରେ ନିଜର ନାମ ନ ଦେଖି ସେ ପ୍ରକୃତରେ ଏତେ ଖୁସି ହୋଇଯାଇଥିଲେ ଯେ ସେହି ଦିନଟିକୁ ସପରିବାର 'ସେଲିବ୍ରେଟ୍' ମଧ୍ୟ କରିଥିଲେ।

ଏହା ଶୁଣି ଆମର ମନେପଡ଼ିଗଲା ଯେ 'ମାଗୁଣିର ଶଗଡ଼', 'ଆଚାର୍ଯ୍ୟେ ଥିଲେ ବୋଲି' ଓ 'ଶିକାର' ଭଳି କେତୋଟି କାଳଜୟୀ ଗଳ୍ପ ଓଡ଼ିଆ ଜନମାନସରେ ଏକ ଉଚ୍ଚ ଆସନ ପାଇସାରିଥିଲେ ସୁଦ୍ଧା ସେଗୁଡ଼ିକର ଲେଖକଙ୍କର ନାମ ଅନେକେ ଏବେ କହିପାରିବେ ନାହିଁ। ଏକଥା ସେହି ଲେଖକମାନଙ୍କର ଗରିମା ଆହୁରି ବହୁଗୁଣିତ କରିଛି।

ଅନ୍ୟପକ୍ଷରେ ନିଜ ଲେଖାର ବାସ୍ତବ ସ୍ତରଠାରୁ ନିଜର ବ୍ୟକ୍ତିତ୍ୱକୁ ଅଧିକତର ଏକ ଉଚ୍ଚତାରେ ଥୋଇ କୌଣସିମତେ ପ୍ରଶଂସା ହାତେଇବା ପାଇଁ ବ୍ୟଗ୍ର ଆଜିର ବହୁଜଣ ସାହିତ୍ୟିକ ଏକ ବୃଥା ଘୋଡ଼ାଦୌଡ଼ରେ ମାତିନାହାନ୍ତି କି ! ତୁଚ୍ଛା ଅହଂ ଓ କାମନା ଦ୍ୱାରା ଗ୍ରସ୍ତ ହୋଇଥିବା ଏଭଳି ସ୍ରଷ୍ଟାମାନଙ୍କର ଚିନ୍ତାଧାରାରେ ଉତ୍ତରଣ ନ ଘଟିବା ପର୍ଯ୍ୟନ୍ତ ଆମ ସାହିତ୍ୟର ସ୍ୱର୍ଣ୍ଣିମ ଯୁଗ ଆସିବ ନାହିଁ।

**ନିହାର ଶତପଥୀ**

## ସାହିତ୍ୟ ବିଚାର

**କମଳାକାନ୍ତ ରଥ**




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

### 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

### 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ
୧୬. ନାରାୟଣ ଚନ୍ଦ୍ର ପଣ୍ଡା
୧୭. ସୌମ୍ୟ ରଞ୍ଜନ ପଟ୍ଟନାୟକ
୧୮. ଧୀରେନ୍ଦ୍ର କର
୧୯. ନିଖିଳ ମୋହନ ପଟ୍ଟନାୟକ
୨୦. ଅଳକା ନନ୍ଦ
୨୧. ସୁକୋମଳ ଦାଶ
୨୨. ରାଜେନ୍ଦ୍ର ବର୍ମ୍ମା
୨୩. ଦିଲ୍ଲୀପ ପଣ୍ଡା
୨୪. ଅମ୍ରିତା ଶତପଥୀ



ପ୍ରବନ୍ଧ

# ଜୈବିକ ସାହିତ୍ୟ ଓ ଅଜୈବିକ ସାହିତ୍ୟ



ଦାଶ ବେନହୁର

ସାଧାରଣରେ ଜଣା ଯେ ସାହିତ୍ୟର ଦୁଇଟି ରୂପ । ମୌଖିକ ଓ ଲିଖିତ । ପୁନଶ୍ଚ ଆଉଏକ ଧାରଣା ଅଛି – ଲିଖିତ ସାହିତ୍ୟର ଜୀବନ ଲମ୍ବା ଏବଂ ମୌଖିକର କ୍ଷଣସ୍ଥାୟୀ । ଆହୁରି ମଧ୍ୟ କୁହାଯାଇପାରିବ ଯେ ସାହିତ୍ୟ ପ୍ରାକୃତିକ । ଅପ୍ରାକୃତିକ ହେଲେ ତାହା ସାହିତ୍ୟ ପଦବାଚ୍ୟ ହେବନାହିଁ ।

ଏ ସମସ୍ତ ଧାରଣା ଭୁଲ୍ ।

ଆଗକୁ ଯେଉଁ ଜୈବିକ ଏବଂ ଅଜୈବିକ ସାହିତ୍ୟର ଯୁଗ ଆସୁଛି, ତାହା ସାହିତ୍ୟର ପରିଭାଷାକୁ ସଂପୂର୍ଣ୍ଣ ବଦଳାଇଦେବ । ବହି ଦୋକାନରେ ପରିବା ଦୋକାନ ଭଳି ଦୁଇଟି ଫଳକ ଝୁଲିବ ଏବଂ ଦରଦାମରେ ବେଶ୍ ଭିନ୍ନତା ଆସିବ । ଅଜୈବିକ ସାହିତ୍ୟ ଶସ୍ତା ହେବ ଏବଂ ଜୈବିକ ସାହିତ୍ୟ ଦର କାହିଁ କେତେଗୁଣା ଅଧିକ ହେବ ।



**ରଚନାର ସ୍ଥାୟିତ୍ୱ**

ପ୍ରାକ୍ କଥନରେ ଥିବା ଅଭିବ୍ୟକ୍ତିଗୁଡ଼ିକୁ ପ୍ରଥମେ ତଦାରଖ କରିବା ଦରକାର । ସାହିତ୍ୟ ଲେଖି ହୋଇଗଲେ ସତରେ କ'ଣ ସ୍ଥାୟୀ ହୋଇଯାଏ ନା ତା'ର ଜୀବନ ଲମ୍ବା ହୁଏ । ବେଦ, ଉପନିଷଦ ସମୟରେ ଲିଖନ ପଦ୍ଧତି ହିଁ ନଥିଲା । ସେସବୁ ଏଯାଏ ବଞ୍ଚିଛନ୍ତି କେମିତି ? 'ସତ୍ୟମେବ ଜୟତେ', 'ତମସୋ ମା' ଜ୍ୟୋତିର୍ଗମୟ', 'ବସୁଧୈବ କୁଟୁମ୍ବକମ୍' ବା 'ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି ।' ଏସବୁ ଆମ ପାଖକୁ 'ମୁଣ୍ଡକ ଉପନିଷଦ', 'ବୃହଦାରଣ୍ୟକ ଉପନିଷଦ', 'ମହାଉପନିଷଦ' ତଥା 'ରକ୍‌ବେଦ' ଭଳି ମୌଖିକ ଧାରାରୁ ଆସିଛି । 'ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ' ବା "ଧୋ'ରେ ବାଇଆ ଧୋ" ଭଳି ଶିଶୁମନ ଉଲୁସା ଉଚ୍ଚାରଣ କିଏ କ'ଣ କେଉଁଠି ଲେଖିଦେଇଥିଲା କାନ୍ଥରେ ? ଲିଖିତ ସାହିତ୍ୟ ହଜିଯାଇପାରେ, ମାତ୍ର ଚିରନ୍ତନତା ଆଧାରିତ ସାହିତ୍ୟ ଲେଖା ନ ହେଲେ ବି ହଜିବ ନାହିଁ । ଗଣସ୍ମୃତି ତା'କୁ ଧରିରଖିବ । ମୂଳକଥା ଭଲ ସାହିତ୍ୟ ଅଲେଖା ହେଲେ ବି ସ୍ମୃତିକୁ ଧରେ । କୀର୍ତ୍ତିଃ ଅକ୍ଷର ସମ୍ବନ୍ଧା ସ୍ଥିରଭବତି ଭୂତଳେ । ଅକ୍ଷରର ବି ମୌଳିକ ସ୍ୱରୂପ ଅଛି ।

ସେମିତି ପ୍ରାକୃତିକ ସାହିତ୍ୟିକ, ଅପ୍ରାକୃତିକ ସାହିତ୍ୟ । ପ୍ରାକୃତିକ ସାହିତ୍ୟ ତାହା ଯେଉଁଥିରେ ଅନୁକରଣ ବା ଆଉ କେଉଁ ରଚନାର ପ୍ରଭାବ ନଥାଏ । ଯାହା ଷୋଳପଣେ ମୌଳିକ । ମାତ୍ର ଦେଖିବାକୁ ଗଲେ ସେମିତି ସାହିତ୍ୟ ବିରଳ । ଅନ୍ୟର ରଚନା ଓ ବିଚାରବୋଧକୁ ଚତୁରତାର ସହ ନିଜର ସୃଷ୍ଟି ଭାବେ ସାବ୍ୟସ୍ତ କରିପାରିବା ଗୋଟେ କଳା । ଟି.ଏସ୍. ଏଲିଅଟ୍ କହିଥିଲେ – କଞ୍ଚା କବି ଅନୁକରଣ କରେ; ମାତ୍ର ପାକଳ କବି ଚତୁରତାର ସହ ଅନ୍ୟର ଭାବ ଅପହରଣ କରେ । ('ଇମାଚିଉର୍ ପୋଏଟ୍ ଇମିଟେଟ୍‌ସ; ଦ ମାଚିଉର ପ୍ଲାଗିଆରାଇଜେସ୍') ମାର୍କ ଟ୍ୱେନଙ୍କ କହିବାକଥା ହେଲା, 'କେବଳ ପ୍ରଥମ ମାନବ ଆଦାମ୍ ବୋଧେ କିଛି ମୌଳିକ କଥା କହିଥିବେ କାରଣ ତାଙ୍କ ପୂର୍ବରୁ କେହିନଥିଲେ କହିବାକୁ ।' ସେ ଯାହାହେଉ, ସାହିତ୍ୟର ଅଧିକାଂଶ ଭାଗ ଅପ୍ରାକୃତିକ । ହସ କ'ଣ ସତରେ ଚୂନାଚୂନା ନା କାହାର ମୁହଁ ଚନ୍ଦ୍ର ବା ପଦ୍ମଫୁଲ ପରି ? ସାହିତ୍ୟ ପ୍ରାକୃତିକକୁ ଅପ୍ରାକୃତିକ କରେ । ପ୍ରାକୃତିକ ଉପାଦାନର ଉପମା ବା ରୂପକ ପ୍ରୟୋଗକରି ମଣିଷ ଯେଉଁ ଉଚ୍ଚାଙ୍ଗ ସାହିତ୍ୟ ରଚନାକରେ ତା'ର ସ୍ୱରୂପ ଅପ୍ରାକୃତିକ, ମାତ୍ର ତାହା ହିଁ ଜୀବନକୁ ଉପଭୋଗ୍ୟ କରେ ।

ଗୋଟିଏ ଉଦାହରଣ ରଖିବା । ସ୍ୱଭାବ କବି ଗାଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟରୁ ଗୋଟିଏ ପଦ ଉଦ୍ଧାର କରିବା – 'ମଙ୍ଗଳେ ଅଇଲା ଉଷା, ବିକଚ – ରାଜୀବ ଦୃଶା / ଜାନକୀ-ଦର୍ଶନ ତୃଷା ହୃଦୟେ ବହି / କରପଲ୍ଲବେ ନିହାର-ମୁକ୍ତା ଧରି ଉପହାର / ସତୀଙ୍କ ବାସ-ବାହାର ପ୍ରାଙ୍ଗଣେ ରହି / କଳକଣ୍ଠ କଣ୍ଠେ କହିଲା / ଦରଶନ ଦିଅ ସତୀ, ରାତି ପାହିଲା ।'

**ମଙ୍ଗଳକାମୀ ସକାଳ**

ସକାଳର କ'ଣ ଭଲ ମନ୍ଦ ଅଛି ? ମାତ୍ର ବର୍ଣ୍ଣିତ ହେଲା ଯେ ସକାଳ ମଙ୍ଗଳକାମୀ ହୋଇ ଆସିଲା । ସେମିତି କେଉଁ ସକାଳ ଫୁଟିଥିବା ପଦ୍ମଫୁଲ ପରି ଦିଶେ ନା କାହାର ହାତ ପତ୍ର ଭଳି ଓ କାକର ବୁନ୍ଦାଗୁଡ଼ିକ କେଉଁଠି ଅବା ମୁକ୍ତାପରି ? ସକାଳ ପୁଣି କୋଇଲି ଭଳି ସ୍ୱରକରି କଥା କହୁଛି ଯେ ରାତି ପାହିଲାଣି, ହେ ସତୀ ମତେ ଦେଖାଦିଅ । ଏ ସମସ୍ତ କଥା ପ୍ରାକୃତିକ ଉପାଦାନର ଅପ୍ରାକୃତିକ ପ୍ରୟୋଗ ।

ମନେପଡୁଛି ଗୁରୁପ୍ରସାଦ ମହାନ୍ତିଙ୍କର 'ଛୁଟିର ଖରା କବିତା'-

"ପାଛୁଡ଼ା ଧାନର ଚୋପା
ଛାଇଯାଏ ଆକାଶ ଆକାଶ
ହଳଦିଆ ସୋରିଷ କିଆରି
ଅଶ୍ୱତ୍‌ଥ ଗଛର ଖରା, ନିଛାଟିଆ
ଖଜୁରି ଗଛର
ପାଛୁଡ଼ା ଧାନର ଚୋପା ଆକାଶର ଏପାରି ସେପାରି ।
ନରମ ଆକାଶ ଆଉ ନାହିଁ କଇଁ ଶୂନ୍‌ଶାନ୍ ବେଣା ବାଲିରେ
ନିଛାଟିଆ ଯୋର ପାଣି ନିଛାଟିଆ ନେଳି ଶିଉଳିରେ
ହଳଦିଆ ଏ ଦି' ପହରେ ।"

କେତେ ଚମତ୍କାର ଲାଗୁଛି ପଢ଼ିବାକୁ ସବୁ । ନାନା ପ୍ରାକୃତିକ ବସ୍ତୁ ଉପମା ସାଜିଛନ୍ତି । ଦ୍ୱିପ୍ରହର ବି ହଳଦିଆ ଦେଖାଯାଉଛି ।

ଅସଲକଥା ହେଲା, ସାହିତ୍ୟ, ଲୋକକଥା, ଲୋକଗୀତରୁ ଆରମ୍ଭକରି ବେଦ, ଉପନିଷଦ, ପୁରାଣ ଏବଂ ଆଧୁନିକ କାବ୍ୟ କବିତାରେ ପ୍ରକୃତିକୁ ହିଁ ସର୍ବତ୍ର ଅପ୍ରାକୃତିକ କରିଛି । ଏ ଅପ୍ରାକୃତିକ ପ୍ରକ୍ରିୟା ହିଁ ରଚନାତ୍ମକତା । ଦେହ ଫୁଙ୍ଗୁଳା । ଫୁଙ୍ଗୁଳାପଣ ହିଁ ତା'ର ପ୍ରାକୃତିକତା । ତା'କୁ ବସନ ଭୂଷଣରେ ସଜାଇବା ଅଳଙ୍କାରରେ ମଣ୍ଡାଇବା ମଣିଷର ରଚନାତ୍ମକ କାର୍ଯ୍ୟ । କାଠ, ପଥର, ଧାତୁ, ଫୁଲ, ଫଳ, ପତ୍ର ସବୁକୁ ମଣିଷ ତା'ର ସୌନ୍ଦର୍ଯ୍ୟବୋଧରେ ଭିନ୍ନ ଭିନ୍ନ ଢଙ୍ଗରେ ଉପଯୋଗ କରିଛି । ପ୍ରାକୃତିକ ବିଭବଗୁଡ଼ିକୁ ନିଜ ବିଚାରରେ ଅଧିକ ସୁନ୍ଦର କରି ବିନିଯୋଗ କରିଛି । ଏଇ ବିନିଯୋଗ ପ୍ରକ୍ରିୟା ହିଁ ସଂସ୍କୃତି । ସେଇଥିରୁ ଯେତେସବୁ ନୃତ୍ୟ, ଗୀତ, ଅଭିନୟ ଓ ସାହିତ୍ୟ ।

ଅତଏବ କୁହାଯାଇପାରେ ଯେ ସାହିତ୍ୟ ଅଧିକତର ଭାବେ ଶୈକ୍ଷିକ ଏବଂ ପ୍ରାୟତଃ ଅପ୍ରାକୃତିକ ।

**କୃତ୍ରିମ ବୁଦ୍ଧିମତ୍ତା**

ଏବେ ଗୋଟିଏ ନୂଆ ପ୍ରୟୋଗ ସାରା ପୃଥିବୀ ସାମନାକୁ ଆସିଛି ବୋଲି ଚାରିଆଡ଼େ ପ୍ରଚାର । ଇଂରାଜୀ ଭାଷାରେ ତା'କୁ କୁହାଯାଉଛି 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ୍' ବା 'କୃତ୍ରିମ ବୁଦ୍ଧିମତ୍ତା' । ପ୍ରକୃତି, ଜୈବିକ ଏବଂ କୃତ୍ରିମତା ଅଜୈବିକ । ଏହାଫଳରେ ମଣିଷ ଯେଉଁ କାମ କରିବା ପାଇଁ ନିଜର ବୁଦ୍ଧି ଖଟାଉଥିଲା, ଏବେ ତାହା ସେ ମାଗିବା ମାତ୍ରେ ଅନ୍ୟ ଏକ ସୂତ୍ରରୁ ମିଳିଯାଉଛି । ହେଲେ ମଣିଷକୁ କୃତ୍ରିମ ବୁଦ୍ଧି ସାହାଯ୍ୟ କରିବା କଥାଟି କ'ଣ ସତରେ ନୂଆ ?

**ସ୍ମୃତି ପ୍ରାକୃତିକ, ମାତ୍ର ଲିଖନ ପଦ୍ଧତି ଅପ୍ରାକୃତିକ । ତାଳପତ୍ର ପ୍ରାକୃତିକ, ହେଲେ ପୋଥି ଅପ୍ରାକୃତିକ । ଅଭିଧାନ, ବ୍ୟାକରଣ ଏ ସମସ୍ତ ଅପ୍ରାକୃତିକ ।**

ସଭ୍ୟତା ଆରମ୍ଭରୁ ମାନବ ଯେବେ ସୃଷ୍ଟିଶୀଳ ହେଲା, ତା' ମନକୁ ପ୍ରଥମେ ଆସିଲା ଭାବନା । ସେଇ ଭାବନା ଧୀରେ ଧୀରେ ଭାଷା ରୂପନେଲା । ଭାଷା ପୁଣି ସୃଷ୍ଟିଶୀଳ ହୋଇ ଭାବନାକୁ କେତେ ବାଗରେ ସଜେଇଲା । ସେଇ ସଜେଇବାର ଅନବଦ୍ୟ ରୂପ 'ବେଦ' । ପ୍ରାକୃତିକ ଭାବେ ମଣିଷ ତାକୁ ସାଇତି ରଖିଥିଲା ସ୍ମୃତିରେ । ଏ ମୁହଁରୁ ସେ କାନ, ସେ ମୁହଁରୁ ଆଉ କେତେ କାନ ହୋଇ ବଞ୍ଚି ରହିଥିଲା ଶ୍ରୁତି ଆଧାରିତ ଏଇ ଜ୍ଞାନଧାରା । ଲିଖିତ ପଦ୍ଧତି ଆସିବା ପରେ ହିଁ ତାହା ଗ୍ରଥିତ ହୋଇ ଗ୍ରନ୍ଥ ହେଲା । ପୋଥିଗତ ହୋଇ ଏକ ନୂଆ ସ୍ୱରୂପ ପାଇଲା ।

ଭିତରେଇ ଦେଖିଲେ ସ୍ମୃତି ପ୍ରାକୃତିକ, ମାତ୍ର ଲିଖନ ପଦ୍ଧତି ଅପ୍ରାକୃତିକ । ତାଳପତ୍ର ପ୍ରାକୃତିକ, ହେଲେ ପୋଥି ଅପ୍ରାକୃତିକ । ଅଭିଧାନ, ବ୍ୟାକରଣ ଏ ସମସ୍ତ ଅପ୍ରାକୃତିକ । କଥାଟିଏ ଠିକ୍ ନ ଲାଗିଲେ ଆମେ ଧାଇଁଯାଉଛୁ ବ୍ୟାକରଣ

ପାଖକୁ । ସେମିତି ଗୋଟିଏ ଶବ୍ଦର ଅର୍ଥ ବୁଝି ନ ପାରିଲେ ଆମେ ଫିଟେଇ ବସୁଛୁ ଅଭିଧାନର ପୃଷ୍ଠା ।

ଶୁଣିବାକୁ ଅସହଜ ଲାଗିପାରେ, ମାତ୍ର ବ୍ୟାକରଣ ପ୍ରାକୃତିକ ନୁହେଁ କି ଅଭିଧାନ ପ୍ରାକୃତିକ ନୁହେଁ । ସାହିତ୍ୟ, ସଂଗୀତ, ନୃତ୍ୟ, ଅଭିନୟ, ଅଙ୍କନ ଓ ଭାସ୍କର୍ଯ୍ୟ ସବୁରେ ମିଶିଛି ମଣିଷର କୃତ୍ରିମ ବୁଦ୍ଧିମତ୍ତା ।

## ଅପ୍ରାକୃତିକ ପ୍ରୟୋଗ

ଏବର ଯେଉଁ ଡିଜିଟାଲ୍ ବା ସାଂଖ୍ୟିକ ପ୍ରୟୋଗ ତାହା ନୂଆ ହୋଇଥିବାରୁ ଆମେ ତା'କୁ ବୁଝିବାରେ ସହଜତା ଅନୁଭବ କରିପାରୁନାହୁଁ । ବିଦ୍ୟୁତ୍ ଶକ୍ତି ବା ଟେଲିଫୋନ୍, ରେଡିଓ, ଟିଭି, ସେଲଫୋନ୍ ମଧ୍ୟ ଆମକୁ ଦିନେ ହତଚକିତ କରିଥିଲା । ସବୁ ମଣିଷ କରିଛି । ପ୍ରକୃତିର ବିଭବକୁ କେତେ ନା କେତେ ନୂଆ ଢଙ୍ଗରେ କାର୍ଯ୍ୟକାରୀ କରୁଛି । ଆମେ ତାକୁ କହୁଛୁ ଅପ୍ରାକୃତିକ ।

ପୁନଶ୍ଚ ଅର୍ଥ ଦିଗରୁ ଦେଖିଲେ କୌଣସି କଥା ଅପ୍ରାକୃତିକ ନୁହେଁ । ତାହା ପ୍ରକୃତିର ବା ପ୍ରାକୃତିକ ବସ୍ତୁର ମଣିଷ ତିଆରି ଏକ ଭିନ୍ନ ରୂପ । ପ୍ଲାଷ୍ଟିକ୍, ସିନ୍ଥେଟିକ୍ ଆଦିକୁ ଆମେ ଅପ୍ରାକୃତିକ କହୁ ମାତ୍ର ତା'ର ମୂଳ ତ ପ୍ରାକୃତିକ ଉପାଦାନ । ପଲିଥିନ୍‌କୁ ଅପ୍ରାକୃତିକ କହି ଆମେ ଗାଳିକରୁ । ତାହା ପରିବେଶକୁ ନଷ୍ଟ କରୁଛି ନିଶ୍ଚୟ ହେଲେ ତା'ର ମୂଳ ସୂତ୍ର ତ 'କ୍ରୁଡ୍ ଅଏଲ୍' ବା ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ! ପଲିଥିନ୍ ପ୍ଲାଷ୍ଟିକର ଅନ୍ୟ ଏକ ରୂପ ମାତ୍ର ଏବଂ ପ୍ଲାଷ୍ଟିକ୍ କୋଇଲାର ଗୋଟିଏ ରୂପାନ୍ତର କେବଳ ।



ସେମିତି ସାହିତ୍ୟ । ପ୍ରାକୃତିକ ସାହିତ୍ୟ ବୋଲି କିଛି ନାହିଁ । ସବୁ ଅପ୍ରାକୃତିକ । କିନ୍ତୁ ଜୈବିକ ସାହିତ୍ୟ ଓ ଅଜୈବିକ ସାହିତ୍ୟ ଭିତରେ ଅଛି ଏକ ବିରାଟ ଫରକ । ଜୈବିକ ସାହିତ୍ୟକୁ ପ୍ରାକୃତିକ ଓ ଅଜୈବିକ ସାହିତ୍ୟକୁ ଅପ୍ରାକୃତିକ କହିଲେ ଆମେ ଭୁଲ୍ କରିବସିବା ।

## ଜୈବିକ ଓ ଅଜୈବିକ

ମନୁଷ୍ୟ ନିଜେ ବିଚାରକରି, ଆପଣା ବୁଦ୍ଧି ପ୍ରୟୋଗକରି ଓ ନିଜସ୍ୱ ଭାବ, ଭାବନା, ଭାଷା ଆଧାରରେ ଯେଉଁ ସାହିତ୍ୟ ସୃଷ୍ଟିକରେ, ତାହା ଜୈବିକ ବା ଜୀବନ ଆଧାରିତ, ଇଂରାଜୀରେ କହିଲେ 'ଅରଗାନିକ୍ ଲିଟରେଚର୍ ।' ଯେଉଁ ସାହିତ୍ୟ ମେସିନ ହେଉ ବା ଇଣ୍ଟରନେଟ୍‌ର ସହଯୋଗରେ ପ୍ରସ୍ତୁତ ହୁଏ ତାହା 'ଇନ୍‌ଅର୍ଗାନିକ୍' ବା ଅଜୈବିକ ସାହିତ୍ୟ । ସେ ସୃଷ୍ଟି ପଛରେ ଜୀବ ନାହିଁ ଅଜୀବ ଅଛି । ଏଠାରେ ପ୍ରଶ୍ନ ଉଠିପାରେ, ଆଗରୁ ଅନେକ ସାହିତ୍ୟ, ପ୍ରତିନିଧିମାନଙ୍କ ମାଧ୍ୟମରେ ସୃଷ୍ଟି ହୋଇଥିଲା, ଯାହା ପଛରେ ନିଜେ ସ୍ରଷ୍ଟା ହିଁ ନଥିଲେ, ଯେମିତି ଏ.ଆଇ. ମାଧ୍ୟମରେ ଆଜି ଗପ, କବିତା, ଉପନ୍ୟାସ ସୃଷ୍ଟି ହେଉଛି । ବିଷୟବସ୍ତୁ ଦେଇଦେଲେ ଏ.ଆଇ. ବିଭିନ୍ନ ଅଧ୍ୟାୟ ବି ତିଆରି କରିଦେଉଛି । ବରାଦ ଅନୁସାରେ ଲେଖିଦେଉଛି ଗପ, ଉପନ୍ୟାସ, ନାଟକ, ପ୍ରବନ୍ଧ । ବକ୍ତୃତା ପାଇଁ ଅନେକ ନେତା ଏବେ ଏ.ଆଇ.ର ସାହାଯ୍ୟ ନେଉଛନ୍ତି । ତଥ୍ୟ ଓ ତତ୍ତ୍ୱ ଆଧାରିତ ସେ ଲେଖାଗୁଡ଼ିକୁ ପଢ଼ିଲେ ମୋଟେ ଜାଣିହେବନାହିଁ ଯେ ବକ୍ତା ବା ଲେଖକ ସେସବୁ ନିଜେ ଲେଖିନାହାନ୍ତି । ପୂର୍ବରୁ ରାଜା, ମହାରାଜା, ଜମିଦାରଙ୍କ ନାମରେ ଭଣତି ହୋଇ ପ୍ରକାଶ ପାଇଥିବା ଅନେକ ଲେଖା ପ୍ରତିନିଧିମୂଳକ । ଲେଖକ ଅଲଗା କିନ୍ତୁ ଲେଖି ନଥିବା ସୃଷ୍ଟିର ମାଲିକ ସାଜେ ଆଉଜଣେ । ଠିକ୍ ଯେମିତି ବରାଦ ଦେଲେ ଆଜି ଏ.ଆଇ. ଆମ ପାଇଁ ଲେଖାଟିଏ ତିଆରି କରିଦେଉଛି; ଗୀତର ଭିନ୍ନ ଭିନ୍ନ ସ୍ୱର କରିଦେଉଛି । ଏତିକି ଫରକ ଯେ ସେତେବେଳେ ମଣିଷର ପ୍ରତିନିଧି ଥିଲା ଆଉ ଜଣେ ମଣିଷ । ଏବେ ପ୍ରତିନିଧି ସାଜିଛି ଏ.ଆଇ. ମାଇକ୍ରୋଚିପ୍ । ସମସ୍ତଙ୍କ ପାଇଁ, ସାରା ଦୁନିଆ ପାଇଁ । ଏ.ଆଇ. 'ଇନ୍‌ଅରଗାନିକ୍' ବା ଅଜୈବିକ ।

## ଜୈବିକ ହିଁ ମୌଳିକ

ବୁଝିବା ଆବଶ୍ୟକ ଯେ ମଣିଷ ନିଜ ବୁଦ୍ଧି ପ୍ରୟୋଗ କରି ସୃଷ୍ଟି କରିଥିବା ସାହିତ୍ୟ ହିଁ ଜୈବିକ । କାରଣ ଆପଣାର ବିଚାର, ଅବବୋଧ ଓ ସାମାଜିକ ଚେତନାର ଭିନ୍ନତା ଆଧାରରେ ତାହା ଗଢ଼ା । ତାହା ମୌଳିକ । ମାତ୍ର ଏ.ଆଇ.କୁ

ବରାଦ କରି ଯେଉଁ ସାହିତ୍ୟ ଏବେ ଲେଖାଚାଲିଛି ତାହା ଅଜୈବିକ । କାରଣ ସେଭଳି ସୃଷ୍ଟି ପଛରେ ଯେଉଁ ବୁଦ୍ଧି ପ୍ରୟୋଗ କରାଯାଉଛି, ତାହା ମୂଳରେ ମଣିଷ ଥିଲେ ବି ସେସବୁ ଜୀବନ ସହ ଅଙ୍ଗାଙ୍ଗୀ ନୁହେଁ । ଏକ କୃତ୍ରିମ ସୂତ୍ରରୁ ତା'ର ଜନ୍ମ ।

**ଅର୍ଗାନିକ୍ ଲିଟରେଚର୍ ବା ଜୈବିକ ସାହିତ୍ୟ ଯେ ଭବିଷ୍ୟତରେ ବିରଳ ଏବଂ ମହାର୍ଘ ହେବ ସେ କଥା ଅବଧାରିତ ।**

ମଣିଷ ତିଆରି ସାହିତ୍ୟ ଅପ୍ରାକୃତିକ ହୋଇପାରେ ମାତ୍ର ଜୈବିକ ହେବାକୁ ବାଧ୍ୟ । ତେଣୁ ତାହା ଅର୍‌ଗାନିକ୍ । ଏ.ଆଇ. ସୃଷ୍ଟ ସାହିତ୍ୟ ଅପ୍ରାକୃତିକ ହେଲେ ବି ଅଜୈବିକ । ତା' ପଛରେ ଜୀବନ ନାହିଁ । ଭାବରେ ଭିନ୍ନତା, ପରିବେଷଣ ଶୈଳୀରେ ନୂତନତ୍ୱ ସାଙ୍ଗକୁ ସାହିତ୍ୟର ଯେ ସୂକ୍ଷ୍ମ ନବଚେତନା, ତାହା ଏ.ଆଇ. ସୃଷ୍ଟି କରିପାରିବନାହିଁ । 'ଯାହା ଶିଖାଇଛି ଜଟାଧାରୀରେ ବରାଙ୍ଗୀ' ଭଳି ମଣିଷ ଯେତିକି ଭାବବସ୍ତୁ ଓ ଭାଷା ଆଧାର ଦେଇ କୃତ୍ରିମ ବୁଦ୍ଧି ତିଆରି କରିଛି ସେତିକିର ସୀମା ଭିତରେ ଏ.ଆଇ. କାମ କରିବ । ଏ.ଆଇ. ସସୀମ ମାତ୍ର ମଣିଷର ବୁଦ୍ଧି ବା ଜୈବିକ ବୁଦ୍ଧି ଅସୀମ ।

ଯୁଗେ ଯୁଗେ ମଣିଷ ନିଜେ ଆବିଷ୍କାର ଓ ଉଦ୍ଭାବନ କରିଥିବା ବିଷୟ ଓ ପଦାର୍ଥକୁ ନିଜ କବଳରେ ରଖିଆସିଛି । ସ୍ରଷ୍ଟାକୁ ତା' ନିଜର ସୃଷ୍ଟି ଡେଇଁଯିବା ଅସମ୍ଭବ । ଆଗକୁ ଗବେଷଣା, ସଂଗ୍ରହ, ସଂରକ୍ଷଣ ଓ ସଜେଇବା କ୍ଷେତ୍ରରେ ଏ.ଆଇ. ମଣିଷ ସମାଜକୁ ଉପକୃତ କରିବ ନିଶ୍ଚୟ ମାତ୍ର କୌଣସି ମୌଳିକ ଆଧାର ଦେଇପାରିବନାହିଁ । ମୌଳିକତା ମଣିଷ ପାଖରେ ହିଁ ରହିବ ।

'ଅର୍ଗାନିକ୍ ଲିଟରେଚର୍ ବା ଜୈବିକ ସାହିତ୍ୟ' ଯେ ଭବିଷ୍ୟତରେ ବିରଳ ଏବଂ ମହାର୍ଘ ହେବ ସେ କଥା ଅବଧାରିତ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
dashbenhur.53@gmail.com




*ପଢ଼ନ୍ତୁ !*

**ଶ୍ରୀମଭଗବଦ୍‌ଗୀତା**

(ମୂଳ ଶ୍ଳୋକ, ଅନ୍ୱୟ, ଶବ୍ଦାର୍ଥ, ଗଦ୍ୟାନୁବାଦ ଓ ଇଂରାଜୀ ଅନୁବାଦ ସହ)

ଉପସ୍ଥାପନା:
ବାମନ ଚନ୍ଦ୍ର ମହାପାତ୍ର

ପ୍ରକାଶକ :
**ବି.କେ. କ୍ଲାସିକ୍ସ**
**ବି.କେ. ପବ୍ଲିକେଶନ୍ସ ପ୍ରା.ଲି.**
**ଭୁବନେଶ୍ୱର**

**ମୂଲ୍ୟ: ଟ.୨୯୯/-**

ରମ୍ୟରଚନା

# ଝୁଲା ଦେ



ଗୋପାଳକୃଷ୍ଣ ଆଚାର୍ଯ୍ୟ

ଆପଣମାନେ ଏହି ଶୀର୍ଷକଟି ଦେଖି ଦୁନିଆ କଥା ଭାବି ସାରିବେଣି। ଆପଣ ଦେଖନ୍ତୁ, ମନେକର ଗୋଟିଏ ସଭା ହେଉଛି ମୁଣ୍ଡିଆଳମାନଙ୍କର। ତଳେ ବସିଥିବା 'ଅଭଦ୍ରମଣ୍ଡଳୀ' (କାରଣ, ମଞ୍ଚ ମୁଣ୍ଡେଇ ଥିବା ମଣିଷମାନେ ସବୁବେଳେ ବିବୁଧ ଓ ତଳେ ବସିଥିବା ନୁଖୁରାମାନେ ସବୁବେଳେ ନର୍ବୋଧ। ଏଣୁ, 'ମଞ୍ଚାସୀନ ଭଦ୍ରବ୍ୟକ୍ତିମଣ୍ଡଳୀ' ବୋଲି ମୋ' କାନ ଉଠିଲା ଦିନୁ ଶୁଣି ଆସୁଚି।) ସବୁବେଳେ ବୋକା ରକମ ଅନେଇଥେବେ ଅତିଥିଗଣଙ୍କୁ। ସେମାନେ ସାଧାରଣ କଥାଟେ କହିଲେ ବି ଆମକୁ ଅସାଧାରଣ ବୋଲି ଲାଗିବା ଥୟ। କାରଣ, ଅନେକ ଭାବନ୍ତି ମହାତ୍ମାମାନେ ଜନ୍ମ ହିଁ ହୋଇନଥାନ୍ତି। ଭୀମଭୋଇ ରକମ କିଆବୁଦା ମୂଳେ ଅଯୋନୀସମ୍ଭୂତ ହୋଇ ରଡ଼ି ଛାଡୁଥାନ୍ତି। ଓଡ଼ିଆ ଫିଲ୍ମ 'ଡୋରା' ଦେଖିନାହାନ୍ତି ଆପଣେ। ହଠାତ୍ ପାହାଡ଼ତଳ ଗାଁ'ରେ ବର୍ଷା ସହିତ କୁଆଁରୀ କନିଆଟେ ଖସିପଡ଼ିଲା। ସେଠିକା ଅଧିବାସୀ ଧାଇଁଲେ। ଆରେ ବାବା! ଏ ତ ଅନହୋନି।



ଗୀତ ବି ବାଜିଲା- କହ ମ ଇଏ କିଏ କି? ଏଣୁ, ବନ୍ଧୁବର୍ଗ! ଏମାନେ ଜନ୍ମ ହୁଅନ୍ତି ନାହିଁ। ହଗନ୍ତି ନାହିଁ, ମୂତନ୍ତି ନାହିଁ। ଅପାନବାୟୁ ଆନ୍ଦୋଳିତ କରନ୍ତି ନାହିଁ। ଆମେ ଓକାଳିଲେ ମନା। ସେମାନେ ଓକାଳିଲେ ମହମହ ଚନ୍ଦନ।

ପ୍ରତ୍ୟେକ ମାମୁଲିକଥାକୁ ମହକେଇ ଦେବାକୁ ଚାହାନ୍ତି ଚାଲାଖି ମଣିଷମାନେ। ଏଣୁ କ'ଣ ନାହିଁ କ'ଣ ହୁଏ। ହୁଏ ଧର୍ମ ପ୍ରଚାର ପାଇଁ। ବଡ଼ିମା ବଡ଼ପଣ ଦିଅଁ, ମକଦମଙ୍କର ବଢ଼େଇବା ପାଇଁ। ସାଆନ୍ତିଆ ଛାଞ୍ଚକୁ ମାଜିମୁଜି ହୀରାଖଚିତ କରିବା ପାଇଁ। ସେଇ ନେଖେ ସବୁ ଧର୍ମରେ କେତେ କଥାକଥାଣି। ବ୍ୟଥାବଥାଣି। କହିଲେ ଏଇନା ଗାଉଁକିନା ମାଡ଼ି ବସିବେ ଦଳେ କୀର୍ତ୍ତନିଆ। ଥାଉ ଲୋ ମା'। ଛାଲ ଉତୁରିବା ଥୟ। ଆମେ କାଳେକାଳେ ଟିକିଜୀବନିଆ। ସମାଳି ପାରିବୁନି। ଅସୁବିଧା ପଡ଼ିଲେ ସେଇ ଗୁହାରିଆଙ୍କ କୋରତଳକୁ ଆଘ୍ରାଣ କରି ଆମୋଦିତ ହବୁ। ଆମର ସାହାପକ୍ଷ କେହି ନାହାନ୍ତି। ହଜୁରଙ୍କ ପାଦୁକା ଶୀତଳ ଥାଉ।

**ମାମୁଲି ମଣିଷ**

ଏବେ ବୁଝିବେଣି ଆପଣମାନେ। ମୁଁ ମାମୁଲି ମଣିଷଟେ। ଛନ୍ଦଫନ୍ଦ ଜାଣେ ନାହିଁ। କେଉଁ ଦେ' ସାଙ୍ଗିଆଧାରୀକୁ ମୁଁ ଝୁଲାରେ ବସେଇବାର ନାହିଁ। ମୁଁ ବିବାକ ଡିହକୁତୀ। ଏଇଠି କ୍ୟାଉଁ କ୍ୟାଉଁ କରିବି।

ଏଣୁ ଝୁଲା, ମାନେ ଝୁଲାମୁଣି।

ଝୁଲାମାଲିକକୁ ଜଣେ ମାଗୁଛି-ଦେ ତୋ' ଝୁଲାଟା ଦେ!

ମାଲିକ ଅସରଣିଆଟେ। ସେ ଝୁଲା ଆଣିଥବ ଅଭିନୟ କରିବା ପାଇଁ। ବଳପୂରୁବା ହୋଇ କିଏ ଯଦି ତା' କାନ୍ଧରୁ ଝିକି ନେଇଗଲା। ସେ ଚିତ୍କାର କରୁଥିବ-ଦେ ମୋ' ଝୁଲା' ଦେ!

ଏଇ କଥାଟିକୁ ଆଉଟିକେ ଫଇସଲା କରିଦଉଚି। ଗାଁ'ରେ ଡ୍ରାମା ହବାର ଥାଏ। ବହିରେ ଗୋଟିଏ ଝୁଲା'ର ବିଶେଷ ଭୂମିକା ଥାଏ। କାରଣ, ସେ ଝୁଲା ଝୁଲାମୁଣି ନଥିଲା, ଥିଲା ପରଶମଣି। ସେଥିରେ ଚୋରି ହୋଇଥିବା ସୁନାର ଲକ୍ଷ୍ମୀ ଜନାର୍ଦ୍ଦନ ମୂର୍ତ୍ତି ରହିଥାଏ। ଚୋର ଜମିଦାରଙ୍କ ଘରେ କଳାକନା ବୁଲେଇ ଦେଇଥାଏ। ତଥାପି ସେ ଲକ୍ଷ୍ମୀ ଜନାର୍ଦ୍ଦନ ମୂର୍ତ୍ତିଟିକୁ ଖୋଜି ବୁଲୁଥାଏ। ସେ ମୂର୍ତ୍ତି ପାଇଁ ଜୀବନ ଦେଇ ଦେଇଛନ୍ତି ଘରମାଲିକ, ମାଲିକାଣୀ। ପଛ କବାଟ ଦେଇ ପୁଅ

ଝୁଲାରେ ପୂରେଇ ଠାକୁରଙ୍କୁ ନେଇ ପଳେଇ ଯାଇଥାଏ। ଏଣୁ, ଚୋରର ଅନୁସନ୍ଧାନ ନାଟକ ସାରା ଜାରି ରହିଥାଏ। ସେଇ ନାଟକର କଳାକାର ଚୟନ ଚାଲିଥାଏ। ଏଥିରେ ହାସ୍ୟରସ ପରିବେଷଣ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ଚୟନ କରାଯାଇଥାଏ। ତାଙ୍କ କାନ୍ଧରେ ସବୁବେଳେ ଝୁଲାମୁଣି ଥାଏ। ତାଙ୍କର କିନ୍ତୁ ପାଟି ଲାଗେ। ଏଣୁ, ଗୋଟିଏ ଦିନ ଅଭ୍ୟାସ ପରେ ତାଙ୍କୁ ନିର୍ଦ୍ଦେଶକ ସେ ଭୂମିକାରେ ରଖିବାକୁ ଚାହିଁଲେ ନାହିଁ। ତାଙ୍କ ଜାଗାରେ ଆଉଜଣକୁ ନିଆଗଲା। ତାଙ୍କର ବି ପାଟି ଲାଗୁଥାଏ। ତଥାପି ଅପେକ୍ଷାକୃତ କମ। ଏଣୁ, ସେ ସ୍ଥାୟୀ ଭାବେ ଏହି ଭୂମିକାରେ ଅଭିନୟ କଲେ। ଏହି କଳାକାରଙ୍କ ଅଭିନୟ ପାଇଁ କାନ୍ଧରେ ଝୁଲାମୁଣି ପକାଇବାର ଆବଶ୍ୟକତା ଥାଏ। ସେପଟେ ମୂଳବହିରେ ବି ଝୁଲାମୁଣି ସହ ଠାକୁରେ ଏ ହାତରୁ ସେ ହାତକୁ ସ୍ଥାନାନ୍ତରିତ ହେଉଥାନ୍ତି। ଏମିତି ବି କୋଥଳିରେ ଭରି କାଳେ ଶ୍ରୀ ଜୟଦେବ ମାଧବଙ୍କୁ ବୃନ୍ଦାବନ ଯାଏ ନେଇ ଯାଇଥିଲେ। ଆମ ଗାଁ'କୁ ଜଣେ କୁଁପେଟିଆ ବାବା ଏମିତି ବରଷକେ ଦୁଇଥର ଝୁଲା ପକେଇ ଆସନ୍ତି। ତା' ଭିତରେ ସେ କବିରାଜି ଓଷଦ ବି ରଖିଥାନ୍ତି। ଗାଁ' ଶେଷମୁଣ୍ଡ ମଶାଣି ପାଖରେ ତାଙ୍କର ଅସ୍ଥାୟୀ ଟୁଙ୍ଗୀ ଥାଏ। ସେଇଠି ସେ ଧୁନି ଜଳାନ୍ତି। ସଂଜେ ସକାଳେ ସୂର୍ଯ୍ୟ ପ୍ରଣାମ କରନ୍ତି। ଖଞ୍ଜଣି ପିଟି ଭୀମଗାଥା ଗାଆନ୍ତି। ଆମେ ଯେତିକି ସେ ଦୃଶ୍ୟ ଦେଖୁ, ସେତିକି ରହସ୍ୟମୟ ଲାଗୁଥାଏ ତାଙ୍କ ଝୁଲାମୁଣି। ପିଲାଦିନେ ଖରାବେଳେ ନ ଶୋଇ ପାଚିଲା ଆମ୍ବ ଗୋଟେଇବାକୁ ଆ' ବାରି ତା' ତୋଟା ସିଂଘାଣି ପେଣ୍ଟରେ ପୋଛି ବୋତାମଛିଡ଼ା ଜାଗାରେ ଜବର ଗଣ୍ଠି ମାରି ଦୋକାନ ଅଧାମେଲା କରି ଅନ୍ଧାରୁଆ ଦିଅଁ ଚହଲେଇ ଧାଡ଼ିପହଣ୍ଡିରେ ଦାଣ୍ଡିଆ ମାଇଲା ବେଳକୁ ବୋଉ ପଛରୁ ଚିଲଉଥାଏ: କୁଆଡ଼େ ଯାଉଚରେ! ପିଲାଧରା ବୁଲୁଚି। ଚକଲେଟ ଦେଖେଇ ମୁଣିରେ ପୂରେଇ ନେଇଯିବ।

**ଏମିତି ବି କୋଥଳିରେ ଭରି କାଳେ ଶ୍ରୀ ଜୟଦେବ ମାଧବଙ୍କୁ ବୃନ୍ଦାବନ ଯାଏ ନେଇ ଯାଇଥିଲେ।**

**କିଏ ଛାଡ଼େ**

ସତରେ ଏ ଝୁଲା କିଏ ଛାଡ଼େ?

ଅନିର୍ବାଚିତ କଳାକାରଟି କ୍ରୋଧରେ ଜଳୁଥାଏ। ଶପଥ ନିଏ ଆଉ ଆଖଡ଼ା ଦୁଆର ମାଡ଼ିବନି। ପୁଣି, ସଂଜକୁ ଝୁଲା ଗଳେଇ ସେ ପହଞ୍ଚି ଯାଏ। ସବୁଦିନ ସପନେଶ୍ୱରଙ୍କୁ ମନାସେ: ହେ ମାହାଦେବ! ନାଟ ଦି'ଦିନ ଆଗରୁ ମୋ' ବଦଳିଆର ଝାଡ଼ାବାନ୍ତି ହେଇଯାଉ। ମୁଁ ପାର୍ଟ ଘୋଷି ସାଇଲିଣି। ରାଗ ଶୁଝେଇବାକୁ ତା' ବଦଳିଆ ଅଭିନୟକୁ ସେ ଚିଲେଇ କି ସହନିର୍ଦ୍ଦେଶକ ଭଳି ଆକଟେ। ବାହାରେ ଦେଖେଇ ଦେଖେଇ ଅନ୍ୟ ଆଗରେ ଛିଗୁଲାଏ: ଯେଉଁ ରୋଲ୍‌ଟା କରୁଚି ତ! ତାକୁ କୁନିଆ ମାଷ୍ଟର ମୋ' ଜାଗାରେ ପୂରେଇ ଦେଲା। କେମିତି ଡାଇଲଗ୍ କୁହାଯାଏ ସେକଥା ତା' ଧାଡିକିରେ ଶିଖିଚି!

ସେ କିନ୍ତୁ ସେମିତି ନାକାଏ। ତା' ଆଶା ଆଶାରେ ହିଁ ରହିଯାଏ। କିନ୍ତୁ, ତା' ଝୁଲାଟି ବାରମ୍ବାର ଏ ହାତରୁ ସେ ହାତ ହେଉଥାଏ ଆଖଡ଼ାରେ। ସେ ଚିତ୍କାର କରେ: ଦେ ମୋ' ଝୁଲା ଦେ!

କେହି ଶୁଣନ୍ତିନି।

ଝୁଲା କିନ୍ତୁ ବୁଲୁଥାଏ ଏ ହାତରୁ ସେ ହାତ।

ସେ ନାଟ ଆଖଡ଼ା ଦିନ ଅଙ୍ଗାରରେ ଆଖଡ଼ାଘର କାନ୍ଥରେ ଗାରେଇ ଦିଏ: ନାଟ୍ୟକାର: ନୁଙ୍ଗୁଡ଼ା ନାହକ। ନିର୍ଦ୍ଦେଶକ: ଅବିଜା ଆଚାର୍ଯ୍ୟ।

ହାୟରେ ଝୁଲା!

ଝୁଲାରେ ତ ଝୁଲୁଝୁଲୁ ପରମାନନ୍ଦେ ଶ୍ରୀରାଧେ। ତମେ କ'ଣ ଏଡ଼େ ଓଲା!

ପିଲାଦିନେ ଗୋଟିଏ ପ୍ରହସନରେ ଦ୍ୱୈତନୃତ୍ୟ ଓ ସଂଗୀତ ଚାଲିଥାଏ। ନଟ ନଟୀ: ବେନୁଆ ବାପା। ବେନୁଆ ମା'।

ବେନୁଆବାପା ହାତଯୋଡ଼ି ନେହୁରା ନିମତ ହେଉଥବ ଘରଣୀ ଆଗରେ: ବେନୁଆ ମା' କର ତୁ ଦୟା ଯିବି ବାବାଜୀ ହେଇ।

ବେନୁଆ ମା' ପରିହାସ କରୁଥବ: ତୁମେ ଯଦି ନାଥ ବାବାଜୀ ହବ ତୁମ ଝୁଲାମୁଣି କାହିଁ?

ବେନୁଆବାପା ଶେଷରେ ବାଦବଚନରେ ହାରିଯିବ। ନିଜକୁ ଗୋଟାପଣେ ତା' ଘରଣୀର ନଖରା ଆଗରେ ସଅଁପି ଦେଇ ଦାନ୍ତ ନିକୁଟି ଗାଇବ: ତୋ ପିନ୍ଧାକାନି ମୋ' ଝୁଲାମୁଣି ଆଉ ଝୁଲାମୁଣି କାହିଁ?

ଝୁଲା' ବେଳେ ବେଳେ ଲେଙ୍ଗୁଟି ସହ ଯାଏ। ବେଳେବେଳେ ଖଦି ସହ ଯାଏ, ବେଳେବେଳେ ସାହିତ୍ୟ

ସମାଳି ଯାଏ, ବେଳେବେଳେ ଦାୟିତ୍ୱ ସମ୍ଭାଳି ଯାଏ। ଝୁଲା ଭିତରେ ଜନାର୍ଦ୍ଦନ ଥାଆନ୍ତି। ଜଗତ ଜଂଜାଳ ଥାଏ। ମହୌଷଧି ଥାଏ। ଝୁଲା ଝୁଲଉ ଥାଏ ବ୍ରହ୍ମାଣ୍ଡଗୋଟା।

ଏ ଦେ' ନେ' କାରବାରଟା ବି କୋଉଁ ନୂଆ କି? ପିଲାଦିନେ ଭୂତଗପଟେ ପଢ଼ିଥିଲି। ଅଧାକାନ୍ଥି ପାଖରେ ଘୋର ନିକାଞ୍ଚନରେ ମା' ଚୁଲି ଜଳେଇ ତତଲା ତାଉଆରେ ବିରି ଚାଉଳ ଆଣ ବୁଲେଇ ଚକୁଳି ବନଉଚି। ଅଧାକାନ୍ଥି ସେପଟୁ କଟାହାତଟେ ମାଗିଲା ଦେ'। ଛୋବ ଛାଡ଼ିଗଲା ମା'ର।

ମଶା କାନ ପାଖରେ ଭିଣିଭିଣି ହେଲାବେଳେ ବୋଉ କହେ: ମଶା ପା ଅଳି କରୁଚି: ଭିଣେଇ ଭିଣେଇ ହେଙ୍ଗୁ ଦେ। ଏଠି ହେଙ୍ଗୁଟା ଅନହୋନି। ଅସରପି। ସେଇଥିପାଇଁ ଢଗଟେ ଅଛି: ହେଙ୍ଗୁ କରାଟରେ ପଶିବ ନା ମହମହ ହେଇ ବାସିବ।

ଏ ଚକୁଳି ହେଉଚି ଗୋଲଗୋଲ ପୃଥିବୀ। ଏ ପୃଥିବୀକୁ ଜଣେ ବନଉଥାଏ। ଜଣେ ବିନା ପରିଶ୍ରମରେ ଅପହରଣ କରୁଥାଏ।



**ମାଆ ତ ଅନନ୍ୟ**

ସମସ୍ତେ ଦେ ଦେ ମାଗନ୍ତି। କେବଳ ମା'ଟିଏ ଚିରକାଳ ନେ ନେ କହୁଥାଏ। ଦେଲେ ଥାଉ ଥାଉ କହୁଥାଏ। ସେଇଥିପାଇଁ ମା' ଭଳି ପ୍ରତିମାଟିଏ ଦାଉଦାଉ ହୋଇ ଜଳୁଥାଏ।

ଏଇ ଦେବାନେବା ପ୍ରକ୍ରିୟାରେ ବଡ଼ ରୋଚକ ଘଟଣାମାନ ଘଟିଥାଏ। ପୂନିଅଁ ଖାଇବାକୁ ଜୋଇଁ ଡାକରା ହେଇଥାଏ। ଜୋଇଁ ଆସିଲେ ସ୍ୱଜନ ନିମନ୍ତ୍ରଣ କରି ନିଅନ୍ତି। ଭଲମନ୍ଦ ଖୁଆନ୍ତି। ଜାମାଯୋଡ଼ ଦିଅନ୍ତି। ଜୋଇଁଟି ଶଶୁରଘର ବିଷୟରେ ଗୋଟିଏ ଭଲ ଧାରଣା ନେଇଯାଏ। ଜଣେ ଶ୍ରେଷ୍ଠୀଙ୍କ ଘରକୁ ଏମିତି ଆସିଥିଲେ ଜୁଆଁଇ। ଶ୍ରେଷ୍ଠୀ ତାଙ୍କ ବଡ଼ଭାଇଙ୍କୁ ପଚାରିଲେ: ଭାଇନା। ମୋ' ଜୋଇଁକୁ ପୂନେଇଁ ଖାଇବାକୁ ଡାକିବନି?

ବଡ଼ଭାଇ କହିଲେ: ଡାକିବାକୁ ଢେର୍ ଇଚ୍ଛାରେ ବାଇଆ। କ'ଣ କରିବି। ଦରମା ପାଇନି ବା।

ଶ୍ରେଷ୍ଠୀ ବଡ଼ଭାଇ ହାତକୁ ଧରାଇ ଦେଲେ ମାଣିଆ। ଜୋଇଁ ଖାଆଣ ଖାଇଲେ। ଜାମା ତଉଲିଆ ପାଇଲେ। ହେଲେ ଶ୍ରେଷ୍ଠୀ ଯାହା ପାଇଲେ ପାଇଲେ।

ବୋହୂ ଦେଖିବାକୁ ଆସିଲେ ପିଉସୀନାନୀ। ଘରେ ନୂଆଉକୁ କହିଲେ: ଭାଉଜୋଉ। ଦେଲ ଦେଲ ଟଙ୍କା ଦି'ଶହ। ମୁଁ ଫେରେଇ ଦେବି।

ଭାଉଜ ଦେଲେ ନଣନ୍ଦକୁ ପଇସା। ପିଉସୀନାନୀ ହେଲେ ସରସା। ହେଲେ ଶାଶୁ ପଇସା ରହିଲା ବୋହୂ ପାଖରେ।

ନିର୍ବାଚନ ସମୟ। ଜଣେ ସରପଞ୍ଚ ପ୍ରାର୍ଥୀ ବୁଲିବୁଲି ପଇସା ବାଣ୍ଟିଲେ। ଫଳ ବାହାରିଲା ଫେଏଲ। ପରାଜିତ ପ୍ରାର୍ଥୀ ଘରଘର ବୁଲି ଯାହାକୁ ଦେଖିଲେ ତାକୁ ଛେଚିଲେ।

ଦେବା'ରେ ଆନନ୍ଦ ରହିଛି । କିନ୍ତୁ, ଆଜିକାଲି ବୋକାମି ବି ଢେର୍ ରହିଛି। କାରଣ ପାତ୍ର ଅପାତ୍ର କିଛି ଜଣାପଡୁନାହିଁ। ବଳି ଅଧିକ ଦାନ କଲେ। ଜଣେ କୃକଲାଶ ପାଲଟିଲା। ଜଣେ ସୁତଳକୁ ଚପିଗଲା।

ଏଣୁ, ଦେ କହିଲେ ଦେଲେ ମଲ। ନ ଦେଲେ ମଲ। ଦେଲେ ବୋକା। ନଦେଲେ ଏକାଏକା।

ଏ ଝୁଲା ବେଳେବେଳେ ପାଣ୍ଡୋରାର ବାକ୍ସ ପାଲଟି ଯାଏ। ନାମ ନଉଥା।

ଏମିତି କୁଆଡ଼େ ଡିସେମ୍ବର ଶେଷ ଆଡ଼କୁ ଜଣେ କିରସ୍ତାନୀ ସନ୍ଥ ନାଲିଆ ପୋଷାକ, ଲମ୍ୱ ପାକେଲା ଦାଢ଼ିରେ ଆସନ୍ତି। ଆସନ୍ତି ଝୁଲା' ପକେଇ। ଆଣିଥାନ୍ତି ନାନାରକମ ଉପହାର। ସମସ୍ତେ ମାଗନ୍ତି ଦିଅ ଦିଅ। ଦେବା ମଣିଷଟି ଯାଦୁଛଡ଼ି ଧରିଥାଏ। ହା ହା ହା ହା' ହସୁଥାଏ। ମହମହ ବାସୁଥାଏ। ମିଠାମିଠା ଭାଷୁଥାଏ। ପରଶୁଥାଏ। ଆନନ୍ଦ ବରଷୁ ଥାଏ।

ଏମିତି କାଳେ ଝୁଲା ପକେଇ ଜଣେ କରୁଣା ବରୁଣାଳୟ ଦୁଃଖୀମଣିଷଟେ ଆସିଥିଲେ। ଜିଉଁଥିଲେ ଭିକାରୀ ଜୀବନ। ଚାହୁଁଥିଲେ କାକୁସ୍ଥ କଟାକ୍ଷରେ ମହୀମଣ୍ଡଳକୁ। ମଣିଷ ପିଠିରେ ହାତ ବୁଲେଇ ପୋଛି ନେଉଥିଲେ ଯାବତୀୟ ଯାତନା। ପୂରାଉଥିଲେ ଅସରନ୍ତି ଯାଚନା। ଆଜି ତାଙ୍କର ଭକ୍ତଜନ ସାରା ପୃଥିବୀରେ ମାଳମାଳ।

## ଅମାପ ଯାତନା

ଦେବାନେବାର ପୃଥିବୀରେ ଅନେକ ଯାତନା ଅଛି, ଅମାପ ଯାତନା ଅଛି। ଏଠି ଏ ଓଳି ଭାଇ ହାତରେ ରାକ୍ଷୀ ବାନ୍ଧିଥିବା ଭଉଣୀଟି ଆର ଓଳି ଭାଇର ଝୁଲା ଅଣ୍ଡାଳୁଥାଏ। ଏଠି ରାଜାମହାରାଜା ଜମାନାର ବିଷକନ୍ୟା ବିଦେଶୀ ଗୁପ୍ତଚରଙ୍କୁ ପ୍ରଣୟ ଫାଶରେ ଅଟକେଇ ତା'ର ଝୁଲା ସଫେଇ କରିଦିଏ। ଏଠି ରେଳଗାଡ଼ିର ସହଯାତ୍ରୀଙ୍କ ଝୁଲାକୁ ତାର ସାମୟିକ ଅନୁପସ୍ଥିତି କଳାକନା ବୁଲାଇ ଦିଏ। ଏଠିକୁ ଖାଲି ଝୁଲା ଲୋଟା ଖଣ୍ଡିଏ ଧରି ଜଣେ ସଉଦାଗର ଆସେ। ଗଲା ବେଳେ କୋହିନୂର ହୀରା ସହ ସର୍ବସ୍ୱ ପୋଛି ନେଇଯାଏ। ଏଠି ଖାଳେଇ ମେଲେଇ ଧନୁଆ ବନିଶୀଖାଡ଼ି ପୋତିଥାଏ। ଜିଆଳ ଗୁନ୍ଥି ବାଳିଆ ଝାଙ୍କି ଆଣି ଝୁଲାରେ ଟାଉଟାଉ ଭରିଦିଏ। ଏଠି ପୁଣି ଶିରୀମନ୍ଦିରେ କିଏ ଝୁଲା ମେଲେଇ ଆଶିଷ କଣିକାଏ ପାଇଁ ହଜାର ନିଉଛାଳି ହେଉଥାଏ।

ସହଳ ସହଳ ଜାଗତିଆର ହୋଇ ରହିଥା'ରେ ବାଇମନ। ଯିଏ ଅଲୁଗୁଣିରୁ ଗାମୁଛା ଓଟାରିବ, ତାକୁ ଭଲକି ଛେକିବୁ।

ଏଇ ଏଇ ନଜରକୁ ଗୋଟିଏ ଦୃଶ୍ୟଶ୍ରାବ୍ୟ କଥା ଆସିଲା। ଜଣେ ନିର୍ବାଚନ ପ୍ରାର୍ଥିନୀ ଗୋଟିଏ ବୟସ୍କଙ୍କୁ ଜୁହାର ପକାଇଲା। ବୟସ୍କଟି ବୋଧେ ଆର ଦଳର ସମର୍ଥକ ଥିଲା ବୋଲି ମୁହଁ ବୁଲେଇଦେଲା। ତତ୍‌କ୍ଷଣାତ ଏକ ରୋଚକଦୃଶ୍ୟ ଘଟିଗଲା। ମାନ୍ୟା ମହିଳାଟି ଧାଏଁକିନା ସେ ମଉସାଙ୍କର ସାଇକଲକୁ ଟାଣି ନେଇ ସିଟରେ ବସି ପେଡାଲ ମାଇଲା। ପଛେ ପଛେ ଧ୍ୱଜାଧାରୀଗଣ 'ସାଇକଲ ଚିହ୍ନ ଜିନ୍ଦାବାଦ' କହି ଧାଇଁଲେ। ବିଚାରା ମଉସାଟି ପଛେ ପଛେ 'ସାଇକଲ ଦେ, ସାଇକଲ ଦେ' କହି ଧାଉଁଥିଲା। ତାକୁ ଥୋଡ଼େ ଅଟକଉଥିଲେ। ସେ ଛାଟିପିଟି ହେଉଥିଲା। କହୁଣୀ ମାରୁଥିଲା।

ତା'ର ସାଇକଲ ପାଇଁ ଯେତିକି ମନ ବିକଳ ହେଉନଥିଲା, ତା'ଠାରୁ ଅଧିକ ବିକଳ ହେଉଥିଲା ତା'ର ଭାବମୂର୍ତ୍ତିର ସୁରକ୍ଷା ପାଇଁ। କାରଣ, କାଲିଠାରୁ ସେ କାହାକୁ ମୁହଁ ଦେଖେଇ ପାରିବନି। ତା'ର ଝୁଲା ଥିଲା ସାଇକଲ। ସାଇକଲ ସହ ତା' ଦେଇପିଣ୍ଡି ଇଜ୍ଜତ ବି ଲୁଟି ହେଇଗଲା।

ଆପଣଙ୍କ ନୂଆ ଛ'ହାତି ଦିଅଁପହୁଡ଼ା ଗାମୁଛାରେ ଯଦି କିଏ ପୋଖରୀପାଣି ଚାଲିଯାଏ, ତାହେଲେ ଆପଣଙ୍କୁ କେମିତି ଲାଗିବ କହନି।

କାଲିକି ଆପଣଙ୍କୁ ଠାକୁର ଘରେ ଏଇ ଗାମୁଛାରେ ଦେଖିଲେ ଲୋକେ ବୋଲିବେ କ'ଣ?

ଏଣୁ, ସାବଧାନ! ସହଳ ସହଳ ଜାଗତିଆର ହୋଇ ରହିଥା'ରେ ବାଇମନ। ଯିଏ ଅଲୁଗୁଣିରୁ ଗାମୁଛା ଓଟାରିବ, ତାକୁ ଭଲକି ଛେକିବୁ। ଚିଲେଇବୁ: ଦେ ମୋ' ଗାମୁଛା ଦେ।'

ସବୁପରେ ବି ଆମେ ତ ପଡ଼ିଥାଉ ସେମିତି ପେଟେଇ ଝୁଲାପଛରେ। ପୋଖରୀରେ ମାଛ ଥାଉ କି ନଥାଉ ଠୋଠୋ ହାବୁକା ମାରି ପୋଖରୀ ଗୋଳି କରୁ। ପଙ୍କ କାଦୁଅ ଲଟପଟ ହେଇ ରଡା କି ବୋତଖାଡିଟିଏ ପାଇ ଲହୁଲୁହାଣ ଟିପ ଅଗରେ ଗୁଡ଼ାଖୁ ଲଗେଇ ଆହା ଉହୁ ହେଉଥାଉ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
gacharyalulu@gmail.com

ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା'
ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ।

Google Play Books

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

କବିତା

# ସଂସାରୀ



ସେନାପତି ପ୍ରଦ୍ୟୁମ୍ନ କେଶରୀ

ଦେଖ, କେଡ଼େ ସୁନ୍ଦର ଆଲୁଅର ଝଲମଲ ରୂପ
ଅନ୍ଧାରର ଚାଲବାଜି କଥା କଣ କହୁଛ ?

ସଂସାରର ମଥା ଉପରେ ପରା ନାଚୁଛି
ସୈତାନର କଳା ଛାଇ ?
ବଢ଼ିରେ ଝଡ଼ିରେ ଭୋକରେ ଶୋକରେ
ଜୀବନ ଦହଗଞ୍ଜ ହେଉଛି
ଭଙ୍ଗାଘରକୁ ସଜାଡ଼ିବାକୁ
ଗୋଟେ ଦମ୍ଭିଲା ହାତ କ'ଣ ମିଳୁଛି ?

ଯେବେ ଅସମୟ ଆସେ,
ଛୋଟିଆ ସଂସାରରେ ଲାଗିଯାଏ ମାୟାର ଖେଳ
ସେତେବେଳେ ଧୂଆଁମୟ ଦିଶେ ଆଖି
ଡର ଲାଗେ ଦେଖିଲେ ନିଜର ଛାଇ !

ତୁମ ପିଠିରେ ଲାଗିଥିବା ଦରଜରେ
କେହି ଟିକେ ମଲମ ନ ଘଷିଲା ତ କ'ଣ ଅଛି ?
ଧରିନିଅ, କେହି ନା କେହି ଅଦୃଶ୍ୟରେ ରହି
ଦୁନିଆକୁ ଖେଳଉଛି !

ସତରେ କ'ଣ ଆଉ କେହି ତୁମ ଘରେ
ଜଳେଇ ପାରନ୍ତା ଆଲୁଅ
ଲିଭିଲା ଚୁଲିରେ ପୂରେଇ ପାରନ୍ତା ନିଆଁଝୁଲ
ଭରି ଦେଇପାରନ୍ତା
ତୁମ ଜୀବନରେ ଭାତ ଡାଲିର ମହକ ?

ସେ ଅଛି ବୋଲି ତୁମ ବାଡ଼ିରେ ହସୁଛନ୍ତି ଫଳନ୍ତି ଗଛ
ନ ହେଲେ ଶିଆଳ ଭୁକନ୍ତେ ତୁମ ଡିହରେ



ସେ ଆଛି ବୋଲି ତୁମ ଜୀବନରେ ଅଛି
ଆଲୁଅର ଉତ୍ସବ ।

ତାକୁ ଯିଏ ଯାହା କହୁ
ଠକ କି ଚୋର, ଦଗାବାଜ କି ଟାଉଟର
ତୁମ ପାଇଁ ସେ ତ ଶୂନ୍ୟ ହାଣ୍ଡିର ଚାଉଳ
ଆଖିର ଲୁହଟୋପା ପୋଛି ଦେବା ପାଇଁ
ଗୋଟେ ଆଶ୍ୱାସନାର ହାତ
ନେଇଯାଉ ତୁମର କିଏ କ'ଣ ନେବ
ହୃଦୟର ପ୍ରେମରେ ସେ ତୁମକୁ
ବାନ୍ଧି ଥିବାଯାଏ ଅସମୟରେ କେବେ
ଭାସିଯିବନି ତୁମର ହସିଲା ସଂସାର ।

□□

କବିଙ୍କ ଇ-ମେଲ୍ ଠିକଣା:
pradyumna.spk@gmail.com



ଗଳ୍ପ

# ବେଲ୍‌ଟ

ବିବୁ ଦାସ

ଆରବର୍ଷକୁ ନିଶ୍ଚୟ ଫଳ ଯିବ, ଏଇ ଆଶା ବାନ୍ଧି ରଖିରଖି ବାଞ୍ଝ ଗାଈକୁ ଗୁହାଳରେ ବାନ୍ଧି ରଖିଲା ପରି ମୋ' ଗ୍ୟାରେଜ୍‌ରେ ବି ଗୋଟେ ନୂଆ ଗାଡ଼ି ସହ ମୋର ପୁରୁଣା ଗାଡ଼ିଟି ବି କୋଉଦିନୁ ବନ୍ଧାହୋଇ ରହିଛି। ଗାଈ କାଳେ ଫଳ ଯିବ ଭାବିଭାବି ତା' ଖାଇବା ପିଇବାର ଯତ୍ନ ନେଲାପରି ମୋ' ପୁରୁଣା ଗାଡ଼ି ନ ଗଡ଼ିଲେ ବି କ'ଣ ହେବ, ଆଗକୁ ମୋ' ସ୍ତ୍ରୀ ସେଇଟା ବ୍ୟବହାର କରିପାରେ ଭାବି ପ୍ରତିଦିନ ସେ ଝଡ଼ାପୋଛା ହେଇ ଥୁଆହେଇଛି।

ପୁରୁଣା ଗାଡ଼ି ଯେ ଜମା ଗ୍ୟାରେଜ୍‌ରୁ ବାହାରୁନି ତା' ନୁହେଁ, ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବର୍ଷରେ ଥରେ ଗଡ଼ିଲାପରି ପୁରୁଣା ଗାଡ଼ିର ଚକାରେ ହାଓ୍ୱା କମିଗଲେ ମତେ କୁହାଯାଏ ତାକୁ ନେଇ ପାଖ ପେଟ୍ରୋଲ ପମ୍ପରେ ହାଓ୍ୱା ଭରି ଆଣିବା ପାଇଁ। ପେଟ୍ରୋଲ ସରିବାର ପ୍ରଶ୍ନ ତ ଉଠୁନାହିଁ। ଗାଡ଼ି ଗଡ଼ିଲେ ତ ପେଟ୍ରୋଲ ପଡ଼ିବ। ତେଣୁ ହାଓ୍ୱା ଭରି ସାରିବା ପରେ ପାକେଲା ବୁଢ଼ୀଟିଏ ଲିପ୍‌ଷ୍ଟିକ୍ ଲଗେଇଲା ପରି ପୁରୁଣା ଗାଡ଼ି ଆମ ସେମିତି ସଜବାଜ ହେଇ ଗ୍ୟାରେଜ୍‌ରେ ଠିଆହେଇ ରହୁଛି।

"ମୁଁ କ'ଣ ତୁମ ଡ୍ରାଇଭର ? ସବୁବେଳେ ତମ କାମରେ ମୁଁ କାହିଁକି ତମକୁ ଗାଡ଼ି ନେଇ ଛଡ଼ାଅଣା କରିବି ?"

ବେଳେବେଳେ ବିଦେଶରେ ରହୁଥିବା ପିଲାମାନେ ପଚାରନ୍ତି- "ମାମା ! ତୁ ତ ଯୁଆଡ଼େ ବି ଯାଉଛୁ, ବାପା ତ ନୂଆ ଗାଡ଼ିରେ ତତେ ନେଇଯାଉଛନ୍ତି, ଅଯଥା ଗୋଟେ ଗାଡ଼ି କାହିଁ ଘରେ ପୋଷା ହେଇ ରହୁଛି ?' ନାଗସାପ ପରି ଫଁକି ଗର୍ଜି ସେ ପିଲାଙ୍କୁ କୁହେ- "ଅଧିକା ବାପ ସରାଗ ରଖିଦେଇଥା, ପୁରୁଣା ଗାଡ଼ି କୁଆଡ଼େ ବି ଯିବନି। ମୁଁ ଏକୁଟିଆ ବାହାରକୁ ଗଲେ ସେଇ ଗାଡ଼ି ନେଇକି ଯିବି। ତୋ' ବାପା କ'ଣ ମତେ ସବୁଆଡ଼େ ନେଇକି ଯିବେ ?"

ପ୍ରକୃତରେ କିନ୍ତୁ ପୁରୁଣା ଗାଡ଼ି ନେଇ ମୋ' ସ୍ତ୍ରୀ ଏକୁଟିଆ କୁଆଡ଼େ ଯିବା କେବେବି ଦେଖିବାକୁ ମିଳେନି।

ଯଦି ତା'ର ନିଜ କାମରେ କୋଉଠିକି ଯିବାର ଥିବ ମୋ' ସହିତ ସକାଳୁ କଟରକଟର ଲଗେଇଦେବ- "ତମ ଅମୁକ ମଉସାଙ୍କ ଦେହ ଖରାପ ଥିଲା, ତମେ ଟିକେ ଯାଇ ତାଙ୍କୁ ଦେଖାକରି ଆସୁନ କାହିଁକି ?" ଏସବୁ ଦରଦ ପ୍ରକୃତରେ ମଉସାଙ୍କ ପାଇଁ ନୁହଁ, ବରଂ ମଉସାଙ୍କୁ ଦେଖାକରିବାକୁ ଯିବା ସମୟରେ ତାକୁ ତା ନିର୍ଦ୍ଦିଷ୍ଟ ଜାଗାରେ ଛାଡ଼ି ପୁଣି ମୋ'ର ମଉସା ଦର୍ଶନ ପରେ ତାକୁ ପିକ୍‌ଅପ୍ କରି ଘରକୁ ଆଣିବାଟା ସମ୍ପୂର୍ଣ୍ଣ ମୋ'ର ଦାୟିତ୍ୱ। ଉଭୟେ ଘରକୁ ଫେରିବା ରାସ୍ତାରେ, ସ୍ତ୍ରୀ ମୋର ଅତି କୋମଳ ଗଳାରେ ପଚାରେ- "ମଉସା କେମିତି ଅଛନ୍ତି, କ'ଣ ସବୁ ପଚାରୁଥିଲେ ?"

ମୁଁ କିଛି ନ ଶୁଣିବା ପରି ନିରବ ରହିବାରୁ ସେ କହନ୍ତି- ବିରକ୍ତି ପ୍ରକାଶ କରନ୍ତି- "ତମକୁ ପଚାରୁଛି ପରା ମଉସା କେମିତି ଅଛନ୍ତି, ଗାଡ଼ି ଚଲେଇଲା ବେଳେ ତମେ ଏତେ ଅନ୍ୟମନସ୍କ କ'ଣ ?"

ମୁଁ ବିରକ୍ତ ହେଇ କହେ- "ମଉସାଙ୍କ କଥା ଛାଡ଼, ମୁଁ କ'ଣ ତୁମ ଡ୍ରାଇଭର ? ସବୁବେଳେ ତମ କାମରେ ମୁଁ କାହିଁକି ତମକୁ ଗାଡ଼ି ନେଇ ଛଡ଼ାଅଣା କରିବି ? ତମ ଗାଡ଼ିରେ ତମେ ନିଜେ ଯାଉନ !"

ଏବେ ମୋ' ସ୍ତ୍ରୀର ରାଗକୁ କିଏ ଆଉ ସମ୍ଭାଳେ ! ଚିଡ଼ିଯାଇ ସେ କହିବ- "କ'ଣଟା ଏମିତି ଜୀବନରେ ମୋ' ପାଇଁ କରିପକେଇଛ ଯେ କଥାକଥାରେ ଚିଡ଼ିଯାଉଛ ? ତମେ ଭଲକି ଜାଣିଛ, ମୁଁ ସହଜରେ କୋଉଠି ଗାଡ଼ି ପାର୍କ କରିପାରେନି, କେବଳ ସେଇ ଅସୁବିଧା ପାଇଁ, ନିଜେ ଗାଡ଼ି ନେଇ ଆସୁନି।"

ସତରେ ପାର୍କିଂ ସମସ୍ୟା ଖାଲି ତା'ର ଗୋଟେ

ବାହାନା। ପ୍ରକୃତ କାରଣ, ତା'ର ରାସ୍ତାଘାଟ ଜମା ବି ମନେ ରହେନି। ହେଲେ ରାସ୍ତା ଭୁଲିଯିବା ବେମାରିଟାକୁ କିନ୍ତୁ ସେ ମାନିବାକୁ ପୂରା ନାରାଜ। ମୁଁ ନଥିବାବେଳେ ନିଜେ ଗାଡ଼ିନେଇ ଗଲେ କୋଉଠି ସାତ ନମ୍ବର ଗଳି ବଦଳରେ ୩ ନମ୍ବର ନ ହେଲେ ୧୨ ନମ୍ବର ଗଳିରେ ଗଳିଯାଏ, ସେଠୁ ବାଁପଟକୁ ଯିବ କି ଡାହାଣପଟକୁ ଯିବ କିଛି ଜାଣିନପାରି, ଶେଷରେ ପିଛେମୁଡ଼୍ ଏବାଉଟ୍ ଟର୍ଣ୍ଣ କରେ ଘରକୁ।

ସେ ଅବଶ୍ୟ ଏକାଏକା ଆମେରିକା ବି ଯାଇପାରେ, ତା' ଝିଅ ପାଖକୁ। ହଁ ପ୍ରତିଥର ତା'ର ଟିକେଟ ଏକାଥରେ ଭୁବନେଶ୍ୱରରୁ ଆମେରିକାର ସାନ୍‌ଫ୍ରାନ୍‌ସିସ୍‌କୋ ପର୍ଯ୍ୟନ୍ତ କଟାହୁଏ। ଏଥିରେ ଗୋଟିଏ ସୁବିଧା, ଯାତ୍ରୀ ସାଙ୍ଗରେ ନଉଥିବା ଜିନିଷପତ୍ର ଭୁବନେଶ୍ୱର ଏୟାରପୋର୍ଟରେ ଜିମାଦେଇ ଆମେରିକାରେ ଏକାଥରେ ଓହ୍ଲାଇବା ପରେ ସଂଗ୍ରହ କରିବେ। ତା'ଛଡ଼ା ନିର୍ଦ୍ଦିଷ୍ଟ ବିମାନ ସେବାକାରୀ ସଂସ୍ଥା ଯାତ୍ରୀଙ୍କୁ ଦିଲ୍ଲୀ ଡୋମେଷ୍ଟିକ୍ ଏୟାରପୋର୍ଟରୁ ବାଟ କଢ଼େଇ ନେଇ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟରେ ଆମେରିକା ବିମାନରେ ବସେଇଦେଇ ଆସିବେ। କିନ୍ତୁ ଷ୍ଟପ୍ ଓଭର ଫ୍ଲାଇଟ୍‌ଗୁଡିକ ଦିଲ୍ଲୀରୁ ଛାଡ଼ି ମଝିରେ ପୁଣି ଆଉଗୋଟେ ଦେଶରେ ଅବତରଣ କରେ। ସେଠୁ ଅନ୍ୟ ଏକ ବିମାନରେ ଏ ବିମାନର କିଛି ଯାତ୍ରୀ ଓ ସେ ଦେଶର କିଛି ନୂଆ ଯାତ୍ରୀଙ୍କୁ ନେଇ ଆମେରିକା ଅଭିମୁଖେ ଯାତ୍ରା କରେ। ଏପରି କ୍ଷେତ୍ରରେ ଗୋଟେ ନୂଆ ଦେଶର ଏୟାରପୋର୍ଟରେ ତୁମ ନିଜ ଜିନିଷ ତମ ଫ୍ଲାଇଟରୁ କଲେକ୍ଟ କରି ଅନ୍ୟ ଏକ ଟର୍ମିନାଲକୁ ଯାଇ ଆଉ ଗୋଟିଏ ଫ୍ଲାଇଟ ଧରିବାକୁ ହୁଏ। କାଳେ ଏ ପରିସ୍ଥିତିରେ ମୋ' ସ୍ତ୍ରୀ ବାଟବଣା ହେଇଯିବ, ତେଣୁ ଏକଥାରେ ସେ ମୋଟରୁ ରାଜି ହୁଏନାହିଁ। କାରଣ ସେ ପାର୍ସଲ ଭଳି ଯିବାକୁ ଚାହେ, ଏଠି ସ୍ୱାମୀ ତାକୁ ନେଇ ଭୁବନେଶ୍ୱର ଏୟାରପୋର୍ଟରେ ପାର୍ସଲ କଲାଭଳି ଛାଡ଼ିଦେଇ ଆସିବ, ଆଉ ସେଠି ତା' ଝିଅ-ଜ୍ୱାଇଁ ଏୟାରପୋର୍ଟରୁ ତାକୁ ପାର୍ସଲ ଛଡ଼େଇବା ଭଳି ଆସି ପାଛୋଟି ନେବେ।




ଏଥର ମୋ' ସ୍ତ୍ରୀକୁ ଭୁବନେଶ୍ୱର ବିମାନବନ୍ଦରରେ ଛାଡ଼ିଦେଇ ଘରକୁ ଏକାଏକା ଗାଡ଼ିରେ ଫେରିବା ବେଳେ ମୋ' ଝିଅର ଆମେରିକାରୁ ଫୋନ୍ ଆସିଲା- "ବାପା! ମାମା ୩ ତାରିଖ ସକାଳୁ ଆସି ଏଠି ପହଞ୍ଚିବ ତ?"

ମୁଁ ବିଚଳିତ ହୋଇ କହିଲି- କ'ଣ? ୩ ତାରିଖ ସକାଳୁ...? ତତେ ପରା ମାମାର ଟିକେଟର କପି ପଠାଇଥିଲି? ତୁ ଦେଖୁନୁ କି? ସେ ୩ ତାରିଖ ନୁହଁ, ଆମେରିକାରେ ୨ ତାରିଖ ସକାଳେ ପହଞ୍ଚିବ।"

"ଓ... ସିଟ୍! କ'ଣ କହୁଛ ବାପା..! ମୁଁ ଏପର୍ଯ୍ୟନ୍ତ ଭାବିଚି ମାମା ୩ ତାରିଖରେ ପହଞ୍ଚିବ ବୋଲି? କ'ଣ କରିବି ଏଇନା? ମୁଁ କି, ଆୟୁଷ କେହି ବି ୨ ତାରିଖରେ ସିଟିରେ ନାହୁଁ, ୨ ତାରିଖ ରାତିରେ ଯାଇ ଫେରିବୁ। ମୁଁ କ'ଣ ଗୋଟେ ବ୍ୟବସ୍ଥା କରୁଛି, ତମେ ବ୍ୟସ୍ତ ହୁଅନି।"

- "କ'ଣ ଗୋଟେ କରିବୁର ଅର୍ଥ କ'ଣ? ବ୍ୟସ୍ତ ହେବିନି କେମିତି? ତୋ' ମାମା ତୁମକୁ ଏୟାରପୋର୍ଟରେ ନ ଦେଖିଲେ ନର୍ଭସ ହେଇଯିବ, ସିଏ ତୋ' ଘରକୁ କେମିତି ଯିବ?"

"ମୁଁ ବ୍ୟବସ୍ଥା କରୁଛି, ଗୋଟେ ଉବର୍‌ଗାଡ଼ି କରିଦେବି, ସେ ମାମାକୁ ଆଣି ଛାଡ଼ିଦେଇ ଯିବ।"

ଏତକ ଝିଅଠୁ ଶୁଣି, ମୁଁ ଟେନ୍‌ସନ୍‌ରେ ଗାଡ଼ି ଚଲେଇ ନପାରି, ସାଇଡ୍‌ରେ ଗାଡ଼ି ପାର୍କକଲି, ଗାଡ଼ିରେ ଏସି ଚାଲୁଥିଲେ ବି ମୁଁ ଝାଳରେ ବୁଡ଼ିଗଲିଣି। କହିଲି- "ଉବର୍ ଗାଡ଼ି କଥା ମତେ କହନା, ତୋ' ମୁଣ୍ଡରେ ଗୋବର ଥିଲା ବୋଲି ମୁଁ ଜାଣିନି, ତମ କଲୋନୀରେ ମାମାକୁ ଗାଡ଼ି ନେଇ ଛାଡ଼ିଦେଲେ ବି ମୁଁ ଜାଣିଛି ତା' ଭିତରୁ ତୋ' ଘରଟା କୋଉଟା ସେ ଜାଣିପାରିବ ନାହିଁ। କାରଣ ଏତେବଡ଼ ମିନିଟାଉନସିପ୍‌ରେ ସବୁ ଘରର ରଙ୍ଗ ଓ ଆକାର ସମାନ। ତୁ କି ଆୟୁଷ ତାକୁ ଏୟାରପୋର୍ଟରୁ ନ ଆଣି ଭଡ଼ାଗାଡ଼ି ଆଣି ଛାଡ଼ିଦେଇଗଲେ ସେ ଓଲିଙ୍କ ପରିକା କଲୋନୀଯାକ ତୋ' ଘର ଖୋଜିଖୋଜି

ବୁଲିବ। ତମେ ଗୋଟେଦିନ ପରେ ପହଞ୍ଚିଲେ, ଆଉ କୋଉଠି ମାମାକୁ ନ ଖୋଜି, ଇଣ୍ଡିଆନ ଆମ୍ବାସୀରେ ତାକୁ ଯାଇ ଦେଖାକରିବ।"

"ଇଣ୍ଡିଆନ ଆମ୍ବାସୀ କାହିଁକି ?"

"କାହିଁକିନା, ତମ ସେଠିକା ପୋଲିସିଙ୍କୁ ମୁଁ ଜାଣେ। କିଏ ଗୋଟେ ଏଠି ବାଲୁରିଭଳିଆ ବୁଲୁଛି ଦେଖି ତା' ଇଣ୍ଡିଆନ ପାସ୍‌ପୋର୍ଟ୍ ଚେକ୍‌କରି, ତାକୁ ସିଧାନେଇ ଇଣ୍ଡିଆନ ଆମ୍ବାସୀରେ ବସେଇ ଦେଇଥିବେ। ତେଣୁ ତମ ଦିହିଁଙ୍କ ଭିତରୁ ଆଟ୍‌ଲିଷ୍ଟ ଜଣେ କେହି ତାକୁ ଏୟାରପୋର୍ଟରୁ ନ ଆଣିବାକୁ ଗଲେ, ତା'ପରଦିନ ତାକୁ ଆମ୍ବାସୀରୁ ହିଁ ପାଇବ !"

ସେପଟୁ ଝିଅ ହସିହସି କହିଲା- "ତମେ ମାମାକୁ ଯେମିତି ଭାବୁଛ ସେ ସେମିତି ନୁହଁ। ତମେ ଘରକୁ ଯାଅ ! ମୁଁ କି ଆୟୁଷ କିଏ ବି ସାନ୍‌ଫ୍ରାନ୍‌ସିସ୍‌କୋରୁ ଫେରିଆସି ମାମାକୁ ଏୟାରପୋର୍ଟରୁ ଆଣିବାକୁ ଯିବୁ। ଏବେ ହେଲା ତ !"

ଆମେରିକାରେ ମୋ' ସ୍ତ୍ରୀ ଏକାଏକା ଘରୁ କୁଆଡ଼େ ବି ଯାଏନି, ମୁଁ ତା' ସହ ଯାଇଥିଲେ ଘରପାଖରେ ତିନିଚାରି କିଲୋମିଟର ଭିତରେ ଥିବା ବଡ଼ ବଗିଚା ବା ହ୍ରଦ ଏମିତିକି କିଛି ମଲ୍‌ରେ ତାକୁ ନେଇ ବୁଲେଇଆଣେ। ନତୁବା ଝିଅଜ୍ୱାଇଁ ତାଙ୍କ ଗାଡ଼ି ଛାଡ଼ିଯାଇଥିଲେ, ପାଖ ଜାଗାଗୁଡ଼ିକୁ ନିଜେ ଗାଡ଼ି ଚଲାଇ ତାକୁ ବୁଲେଇ ନେଇଥାଏ। ସେ ଏକା ଆମେରିକା ଯାଇଥିବା ସମୟରେ ତା'ର କିନ୍ତୁ ଅସୁବିଧା ବଢ଼ିଯାଏ। ଝିଅଜ୍ୱାଇଁ ନିଜନିଜ କାମରେ ବାହାରିଗଲେ, ସେ ପ୍ରାୟ ଗୃହବନ୍ଦୀଙ୍କ ପରି ଘରେ ରହିଥାଏ। ହଁ, ଝିଅର ଆଜଲାନ୍ ବୋଲି ଗୋଟାଏ ବଡ଼ କୁକୁର ଅଛି। ଦିନଯାକ ଘରେ କେହି ରହୁ ନଥିବାରୁ ମୋ' ସ୍ତ୍ରୀଙ୍କ ଟାଇମ୍ ପାସ୍ ହୁଏ, ଆଜ୍‌ଲାନ୍ ସହ। ଘରେ ଇଣ୍ଟରନେଟ୍ ଥିବା ଯୋଗୁ ହ୍ୱାଟ୍‌ସଆପ୍‌ରେ ସେ ଭାରତୀୟ ଟେଲିଫୋନ୍‌ରେ ମୋ' ସହ ବା କିଛି ପରିଜନଙ୍କ ସହ କଥା ହେଇପାରେ। ହେଲେ ତା' ଇଣ୍ଡିଆ ଫୋନ୍ ଘର ବାହାରକୁ ଗଲେ ସମ୍ପୂର୍ଣ୍ଣ ଅଚଳ।

ଝିଅର ଦାଣ୍ଡଦୁଆର ଖୋଲିବା ମାତ୍ରେ ଗୋଟେ ବଡ଼ ପାର୍କ। ଦିନରେ ଦୁଇଥର ସେ ଆଜ୍‌ଲାନ୍‌କୁ ନେଇ ପାର୍କରେ କିଛି ସମୟ କଟେଇଆସେ। ଆମେରିକାରେ ପୋଷାକୁକୁର ରଖିବାର ନିୟମ କାନୁନ୍ ବି ଅଲଗା। ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପାର୍କରେ ତମେ ପୋଷାକୁକୁରକୁ ଖୋଲାରେ ଛାଡ଼ିପାରିବ ନାହିଁ। ସବୁବେଳେ ମାଲିକ ତାକୁ ବେଲ୍‌ଟରେ ବାନ୍ଧି ରଖିବା ଦରକାର। ଆଉ ପ୍ରତି କୁକୁର ବେକରେ ଲଗାଯାଇଥିବା ବେଲ୍‌ଟରେ ଗୋଟେ ଚିପ୍‌ସ ଲଗାଇବା ବାଧ୍ୟତାମୂଳକ। କୁକୁରର ସେହି ଚିପ୍‌ସରେ କୁକୁର ନାଁ, ସେ କେଉଁ ପ୍ରଜାତିର, ତା'ର ବ୍ଲଡ଼ଗ୍ରୁପ୍ କ'ଣ, ଆଉ ସବୁଠୁ ବଡ଼ କଥା କୁକୁରର ମାଲିକର ନାଁ, ଘରର ଠିକଣା ଓ ଟେଲିଫୋନ୍ ନମ୍ବର ନିହାତି ରହିବା ଜରୁରି। କୁକୁରଟି ଅକସ୍ମାତ୍ ମାଲିକ ହାତରୁ ଖସିଗଲେ, ସେଠାକାର ପୋଲିସ ସେଇ ଚିପ୍‌ସ୍ ସହାୟତାରେ କୁକୁରକୁ ପୁଣି ଆଣି ନିର୍ଦ୍ଦିଷ୍ଟ ମାଲିକ ଘରେ ଛାଡ଼ିଦେଇ ଯାଆନ୍ତି।

ଏ ଭିତରେ ଦିନେ ମୁଁ ଗାଧେଇବାକୁ ଯିବା ସମୟରେ ମୋ' ଫୋନ୍‌ରେ ଗୋଟେ ଅପରିଚିତ ଟେଲିଫୋନ୍ ନମ୍ବରରୁ କଲ୍‌ଟିଏ ଆସିଲା। ନମ୍ବରଟିରୁ ଜାଣିପାରିଲି ଏହା ଏକ ଇଣ୍ଟରନ୍ୟାସନାଲ କଲ୍। ଟେଲିଫୋନ୍ ସ୍କ୍ରିନ୍‌ରେ ଗୋଟିଏ ବିଦେଶିନୀ ତରୁଣୀର 'ଫଟୋ, ସେଥିରେ ଲେଖାଥିଲା, "ଜ୍ୟାଫ୍ରି କଲିଙ୍ଗ୍...। ଫୋନ୍‌ଟି ଉଠାଇବାକୁ ଡରଲାଗିଲା। ଏକ୍‌ରେ କେଉଁ ସୁନ୍ଦରୀ ଜ୍ୟାଫ୍ରିକୁ ମୁଁ ଚିହ୍ନିନି କି ଜାଣିନି, ଦ୍ୱିତୀୟ କଥା ଏଇଟା ପୁଣି ଇଣ୍ଟରନ୍ୟାସନାଲ କଲ୍। ହୁଏତ ଫ୍ରଡ୍ କଲ୍ ହୋଇଥାଇପାରେ। ନତୁବା ହନିଟ୍ରାପ୍ ବି ହୋଇଥାଇପାରେ ! ଫୋନ୍‌ଟିକୁ ସେମିତି ରିଂ ଅବସ୍ଥାରେ ଛାଡ଼ି ମୁଁ ଗାଧୋଇବାକୁ ଚାଲିଗଲି। କିନ୍ତୁ ନା... ସୁନ୍ଦରୀ ଜ୍ୟାଫ୍ରି ମୋ' ପିଛା ଛାଡ଼ିଲାନି, ମୋ' ଫୋନ୍‌ଟି ବାଜି ଚାଲିଲା। ଜ୍ୟାଫ୍ରି କଲିଂ... ଜ୍ୟାଫ୍ରି କଲିଂ... ମୁଁ ଏଥର ନିଶ୍ଚିତ ହୋଇଗଲି, ଏଇଟା ଜ୍ୟାଫ୍ରିର ମୋତେ ଟ୍ରାପ୍ କରିବାର ପ୍ରୟାସ ବୋଲି ! ମୁଁ ଏଥିରେ କାହିଁକି ବା ଫସିବି, କାରଣ ବାରମ୍ବାର ଖବରକାଗଜରେ ସୁନ୍ଦରୀ ଝିଅଙ୍କ ଫୋନ୍ ଉଠାଇ ସାଧାରଣ ଲୋକେ କି କି ହିନସ୍ତା ହେଉଛନ୍ତି, ସେ ବିଷୟରେ ପଢ଼ିଛି ଓ ଜାଣିଛି ମଧ୍ୟ। ତେଣୁ ସଚେତନ ନାଗରିକଟିଏ ଏପରି ଭୁଲ୍ କେମିତି କରିବାକୁ ଯିବ ! ମୁଁ ଫୋନ୍ ନ ଉଠାଇଥିବାରୁ ଜ୍ୟାଫ୍ରି ଟ୍ରାପ୍‌ରୁ ନିଜକୁ ମୁଁ ମୁକ୍ତ କରିପାରିଲି

**ବାରମ୍ବାର ଖବରକାଗଜରେ ସୁନ୍ଦରୀ ଝିଅଙ୍କ ଫୋନ୍ ଉଠାଇ ସାଧାରଣ ଲୋକେ କି କି ହିନସ୍ତା ହେଉଛନ୍ତି, ସେ ବିଷୟରେ ପଢ଼ିଛି ଓ ଜାଣିଛି ମଧ୍ୟ।**

ବୋଲି ନିଶ୍ଚିନ୍ତ ରହିଲି ।

ଗାଧୋଇସାରି ଠାକୁର ଘରକୁ ଯିବା ସମୟରେ ମୋ' ଝିଅର ଫୋନ୍ ବାଜି ଉଠିଲା, ଝିଅ ଖିଲ୍‌ଖିଲ୍ ହସରେ ଫାଟି ପଡୁଥିଲା- "ବାପା, ତମେ ଠିକ୍ ତମ ସ୍ତ୍ରୀକୁ ଚିହ୍ନିଛ । ଜାଣିଚ, ତମ ସ୍ତ୍ରୀ ଏବେ ହଜିଯାଇଥିଲା ବୋଲି..." ଫୋନ୍‌ଟି ସ୍ପିକରରେ ଥିବାରୁ ମୋ' ସ୍ତ୍ରୀ ଓ ଝିଅ ଉଭୟେ ଶୁଣି ପାରୁଥିଲେ । ଏବେ ମୋ' ସ୍ତ୍ରୀ ମୋ' ଉପରେ ଗର୍ଜି ଉଠିଲେ- "ତମେ କେମିତି ଲୋକ କିଓ ? ମୁଁ ରାସ୍ତା ପାଉନି ବୋଲି, ତମକୁ ଏଇଠୁ ଗୋଟିଏ ଝିଅ ଫୋନ୍‌ରୁ ବାରମ୍ବାର କଲ୍ କରିଚାଲିଛି, ତମେ କିନ୍ତୁ ଫୋନ୍ ଉଠଉନ । ମଣିଷ ବିପଦରେ ପଡ଼ି ତମକୁ ଡାକ ଛାଡ଼ିଲା ବେଳକୁ, ତମେ ସିଆଡ଼େ ପୂରା ନିଶ୍ଚିନ୍ତ... !"



"ଆରେ ରୁହ ରୁହ ରୁହ... ସେଇ ଯୋଉ ଜ୍ୟାଫ୍ରି କଲିଂ... ମୁଁ ଭାବିଦେଲି ଅଚିହ୍ନା ସୁନ୍ଦରୀ ଝିଅଙ୍କ ଫୋନ୍ ଉଠାଇବା ବିପଦ ବୋଲି ମୁଁ ଫୋନ୍ ଉଠଉନି... ।"

"ସୁନ୍ଦରୀ ଝିଅଙ୍କ ତ କାମ ସରୁନଥିଲା ତମ ପରି ବୁଢ଼ାଙ୍କୁ ଖାଲି ଫୋନ୍ କରୁଥିଲେ !"

ମୁଁ ଏବେ ବ୍ୟସ୍ତ ହୋଇପଡ଼ି କହିଲି- "ସେ ଜ୍ୟାଫ୍ରିକୁ ଗୁଳିମାର ହୋ, ଆଗେ ତମେ ହଜିଗଲ କେମିତି କୁହ" ।

ଝିଅ କହିଲା- "ଆମ କଲୋନୀରେ ଆମେ ୱାକ୍ କରୁଥିଲୁ, ଆଉ ଗୋଟେ ପାର୍କରେ ମମିକି ବସେଇଦେଇ ଦୌଡ଼ିବା ପାଇଁ ଚାଲିଗଲି, ଗଲାବେଳକୁ ମୁଁ କହିଯାଇଥିଲି, ତୁ ଏଇଠୁ କୁଆଡ଼େ ଯିବୁନି, ମୁଁ ୧୦ମିନିଟ୍ ଟ୍ରାକ୍‌ରେ ଦୌଡ଼ିସାରିବା ପରେ ମିଶିକି ଘରକୁ ଯିବା ।"

"ସେଠୁ... ?"

"ମମି ଆଜ୍‌ଲାନ୍‌କୁ ଧରି ବସିଥିଲା, ଦୂରରୁ ଅନ୍ୟ ଏକ କୁକୁରକୁ ଦେଖି ଆଜ୍‌ଲାନ୍ ଜୋର୍‌ରେ କୁକୁର ପଛରେ ଯିବାକୁ ଟାଣି ହେଲା । ମମି ତା' ଟଣାରେ ଟାଣି ହୋଇ ଅନ୍ୟ ଏକ ପାର୍କରେ ଯାଇ ପହଞ୍ଚିଗଲା । ପାର୍କଗୁଡ଼ାକ ଏକାପରି, ତେଣୁ ସେ ଆଉ ଘରକୁ ରାସ୍ତା ପାଇଲାନି କି ଯୋଉ ପାର୍କରେ ମୁଁ ତାକୁ ଛାଡ଼ିଯାଇଥିଲି, ସେ ପାର୍କକୁ ସେ ଆଉ ଫେରି ଆସିପାରିଲାନି । ତା' ଫୋନ୍ ବି ଘର ବାହାରେ କାମ କରୁନି । ଶେଷରେ ଯୋଉ ପାର୍କରେ ମମିକୁ ଛାଡ଼ି ଯାଇଥିଲି, ସେଠି ତାକୁ ନପାଇ, ମୁଁ ଭାବିଲି, ମମି ବୋଧେ ଆପେ ଘରକୁ ଫେରିଯାଇଛି । କିନ୍ତୁ ଘରେ ମମିକୁ ନ ପାଇ ମୋ'ର ବି ଟେନ୍‌ସନ୍ ବଢ଼ିଗଲା । ଏକାପରିକା ପାର୍କ ତ ଏଠି ଅନେକ ଅଛି, ମୋ' ଆଜ୍‌ଲାନ୍‌କୁ ଏଠି ପ୍ରତିବେଶୀମାନେ ବେଶ୍ ଜାଣନ୍ତି, ତେଣୁ କିଛି କଲୋନୀ ଲୋକଙ୍କୁ ଏଠି ପଚାରିଲି ମୋ' ଆଜ୍‌ଲାନ୍‌କୁ ଦେଖିଛ କି ? ଜଣେ ମହିଳା ମୋତେ କହିଲେ ହଁ - 'ଜଣେ ଅପରିଚିତା ମହିଳା ଆଜ୍‌ଲାନ୍‌କୁ ଧରି ପାର୍କ ୨୨ରେ ବସିଥିବାର ମୁଁ ଦେଖିଛି ।' ଏଠି ଆସି ପହଞ୍ଚିଲା ବେଳକୁ ତମ ସ୍ତ୍ରୀ କାନ୍ଦୁଣୁମାନ୍ଦୁଣୁ ହୋଇ ଏକା ଗୋଟିଏ ବେଞ୍ଚରେ ବସିଚି ।"

ଝିଅ ହସିହସି ଏ କଥା ମୋତେ ଜଣାଇଦେଲା ଓ ଶେଷରେ ମୋତେ କହିଲା- "ସତରେ ବାପା ! ତମ ସ୍ତ୍ରୀକୁ ତମେ ହିଁ ଭଲରେ ଜାଣିଛ । ତମେ କହୁଥିଲନା ସେ ଘର ପାଇବନି ବୋଲି... ।"

ମୁଁ ବ୍ୟସ୍ତ ହୋଇ ଝିଅକୁ କହିଲି- "ଶୁଣ୍ ମା' ! ତୋ' ଆଜ୍‌ଲାନ୍‌କୁ ତମ କଲୋନୀରେ ସମସ୍ତେ ଜାଣନ୍ତି । ତେଣୁ ତୋ' ମମି ଯେତେଦିନ ଯାଏ ତମ ଘରେ ଏକା ଅଛି, ଆଜଲାନ୍‌ର ବେକରୁ ବେଲ୍‌ଟା କାଢ଼ି ବରଂ ତୋ' ମମି ବେକରେ ଗଳେଇଦେ । କିଛି ନହେଲେ ଆଗକୁ ତୋ' ମମି ହଜିଗଲେ, ସେଠିକା ପୋଲିସ୍ ବେଲ୍‌ଟରେ ଲାଗିଥିବା ଚିପ୍‌ସରୁ ତୋ' ଘର ଠିକଣା ପାଇ ତମ ଘରେ ଆଣି ଛାଡ଼ିଦେଇଯିବେ... ।"

ମୋର ଏଇ ସହଜ ଉପାୟଟି ଶୁଣି, ଝିଅ ତ ମୋର ହସରେ ଫାଟିପଡୁଥିଲା, ହେଲେ ମୋ' ସ୍ତ୍ରୀ ମୋ' ଉପରେ ରାଗରେ ଗର୍ଜିଉଠି କହିଲେ- "...." - ମୋ' ସ୍ତ୍ରୀ ମୋତେ କ'ଣ କହିଲେ ତାହା କହିହେବନି; କାରଣ ତାହା ମୋଟୁରୁ ପ୍ରସାରଣଯୋଗ୍ୟ ନୁହଁ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
bibudas58@gmail.com



ପ୍ରବନ୍ଧ

# ଶବ୍ଦ ଓ ଅର୍ଥର ମାୟାଜାଲରେ ଆମ ଭାଷା

**ବିପିନ ନାୟକ**

ଆମେ ଯାହା ଲେଖୁ ତାହା କିଛି ଅର୍ଥ ସଂଚାରକରେ । ଏକ ନୁହେଁ ଅନେକ । କାରଣ ଲେଖା ମାଧ୍ୟମରେ ବା ଶବ୍ଦ ମାଧ୍ୟମରେ ଆମେ କୌଣସି ଘଟଣା, ସତ୍ୟ ଅବା ପ୍ରସଙ୍ଗକୁ ପାଠକଙ୍କ ଅବବୋଧ ପାଇଁ ପ୍ରକାଶକରୁ । ପ୍ରତିଟି ଲେଖା ମୂଳତଃ କିଛି କହେ । ଗୋଟେ ପ୍ରସଙ୍ଗର ଅବତାରଣା କରେ । ଯେଉଁ ଲେଖାଟି ଆମେ ଶବ୍ଦ ମାଧ୍ୟମରେ ପ୍ରକାଶ କରୁ ବା ପ୍ରସଙ୍ଗଟି ଉତ୍ଥାପନ କରୁ ସେହି ପ୍ରସଙ୍ଗଟି କିନ୍ତୁ ବିଭିନ୍ନ ଲେଖକ ବିଭିନ୍ନ ଭାବରେ ଲେଖି ପାରନ୍ତି । ଗୋଟିଏ ପ୍ରସଙ୍ଗ ଭିନ୍ନ ଭିନ୍ନ ଭାବରେ ବିଭିନ୍ନ ପାଠକଙ୍କୁ ପ୍ରଭାବିତ କରିବା ହେଲା ଲେଖନ କଳାର ଏକ ବୈଚିତ୍ର୍ୟ । ଏଇଥି ପାଇଁ ପ୍ରେମ, ମୃତ୍ୟୁ, ମିଳନ, ବିଷାଦ ପରି ଗୋଟିଏ ପ୍ରସଙ୍ଗ ବିଭିନ୍ନ ଲେଖକଙ୍କ କଲମରେ ଭିନ୍ନ ଭିନ୍ନ ଭାବରେ ପରିବେଷିତ ହେଇ ପାଠକମାନଙ୍କ ହୃଦୟରେ ଭିନ୍ନଭିନ୍ନ ଭାବ ସୃଷ୍ଟି କରୁଥାଏ । ଅର୍ଥାତ୍ ସାହିତ୍ୟରେ ଲେଖା ମାଧ୍ୟମରେ ଗୋଟେ ମୂଳ ପ୍ରସଙ୍ଗ ପାଠକଙ୍କ ମନରେ ଅଲଗାଅଲଗା ଭାବ ଓ ଅଲଗା ଆନନ୍ଦ ସୃଷ୍ଟି କରିବା ଏକ କଳା, ଏକ ବୈଚିତ୍ର୍ୟ ।



### ଭାବର ବିବିଧ ଅର୍ଥ

ଏଇ ଏକ ପ୍ରସଙ୍ଗ ଓ ଅନେକ ଭାବ ଅନେକ ଅର୍ଥର ବୈଚିତ୍ର୍ୟ ସାହିତ୍ୟ ଲେଖନର ଗୋଟେ ମୂଳଭୂତ ବୈଶିଷ୍ଟ୍ୟ । ଏହି ବୈଶିଷ୍ଟ୍ୟ ପ୍ରତିଟି ଲେଖାକୁ ଭିନ୍ନତା ଦିଏ, ସାଧାରଣଠାରୁ ଅସାଧାରଣକୁ ଚିହ୍ନାଏ । ଭଲ ଆଉ ମନ୍ଦ ଭିତରର ପାର୍ଥକ୍ୟକୁ ଦର୍ଶାଏ । ପ୍ରେମ ପ୍ରସଙ୍ଗ ଲେଖିବା ବେଳେ ଜୟଦେବ କି ଜଗନ୍ନାଥ, ଅଭିମନ୍ୟୁ କି ଗୋପାଳକୃଷ୍ଣ, ମାନସିଂ କି ରମାକାନ୍ତ, ପରସ୍ପରଠାରୁ ଭାବରେ, ଆବେଦନରେ କିପରି ଭିନ୍ନ ତାକୁ ଚିହ୍ନାଏ ।

ଇଏ ବି ଚିହ୍ନାଏ ବାଲ୍ମିକୀ ଓ ତୁଳସୀଙ୍କ ରାମ ପ୍ରସଙ୍ଗର ଭିନ୍ନତା ଓ ସୌନ୍ଦର୍ଯ୍ୟକୁ ।

ପ୍ରଶ୍ନ ହେଲା ଗୋଟିଏ ପ୍ରସଙ୍ଗ ବିଭିନ୍ନ ଲେଖକଙ୍କ ଲେଖନୀରେ ଭିନ୍ନଭିନ୍ନ ଭାବ, ଭିନ୍ନଭିନ୍ନ ଅର୍ଥ ସୃଷ୍ଟିକରେ କିପରି ?

ସାହିତ୍ୟ ତତ୍ତ୍ୱରେ ଏ ବିଷୟରେ ପ୍ରାଚ୍ୟ ପାଶ୍ଚାତ୍ୟ ସାହିତ୍ୟର ପଣ୍ଡିତଗଣ ଅନେକ କଥା କହିଛନ୍ତି; କିନ୍ତୁ ଏକ ପ୍ରସଙ୍ଗ ଅନେକ ଭାବ ସମ୍ପର୍କରେ ଦାର୍ଶନିକ ଗଟ୍‌ଲବ୍ ଫ୍ରେଜ୍ ଯାହା କହିଛନ୍ତି ତାହା ଏଠି ପ୍ରଣିଧାନଯୋଗ୍ୟ ।

ଫ୍ରେଜ୍‌ଙ୍କ ମତର ସାରାଂଶ ହେଲା ଶବ୍ଦ ହେଉଛି ଭାବ ପ୍ରକାଶର ଏକ ମାଧ୍ୟମ । ଗୋଟେ ମୂଳ ପ୍ରସଙ୍ଗକୁ ବିଭିନ୍ନ ଭାବରେ ପ୍ରକାଶ କରିବା ପାଇଁ ସାମର୍ଥ୍ୟ ରହିଛି ଶବ୍ଦର । ଶବ୍ଦର ଏ ସାମର୍ଥ୍ୟକୁ ଚିହ୍ନିବା ପାଇଁ ଆମକୁ ମାନିବାକୁ ହେବ ଯେ ଶବ୍ଦ ଗୋଟେ ସଂକେତ । ଏହା ଆମ ଗଣିତର ସଂଖ୍ୟା ସାଙ୍ଗରେ ତୁଳନୀୟ ।

ପ୍ରକାରାନ୍ତରେ ଶବ୍ଦ ଗୋଟେ ସଂଖ୍ୟା । ଯେମିତି ସଂଖ୍ୟା ପାଞ୍ଚ, ସାତ, ପଚାଶ, ସେମିତି ଶବ୍ଦ । ସଂଖ୍ୟା ଓ ଶବ୍ଦ ଉଭୟ ସ୍ୱୟଂ ଅର୍ଥହୀନ କିନ୍ତୁ ପ୍ରତୀକାତ୍ମକ, ଅର୍ଥଦ୍ୟୋତକ । କଥାହେଲା ଏଇ ପ୍ରତୀକାତ୍ମକ ସଂଖ୍ୟା ପରି ପ୍ରତୀକାତ୍ମକ ଶବ୍ଦମାନଙ୍କର ପ୍ରୟୋଗ ବି ବଡ଼ ବିଚିତ୍ର, ଯେମିତି ସଂଖ୍ୟା ଦଶ । ଦଶ ସଂଖ୍ୟାକୁ ଆମେ ବିବିଧ ମାର୍ଗରେ ଲେଖିପାରୁ, ଯଥା:

୧୦= ୭+୩

ବା ୧୨-୨

ବା ୨ ଗୁଣନ ୫

ବା ୪୦ ହରଣ ୪ ଇତ୍ୟାଦି ।

ସଂଖ୍ୟା ଦଶକୁ ଆମେ ଗୁଣନ, ମିଶାଣ, ଫେଡ଼ାଣ, ହରଣ ମାଧ୍ୟମରେ ଅୟୁତ ବାଗରେ ପ୍ରକାଶ କରିପାରୁ ।

ଏଠାରେ ମୂଳ ପ୍ରସଙ୍ଗ ବା ବିଷୟ ହେଲା ଦଶ । କିନ୍ତୁ ଏହାର ପ୍ରକାଶଭଙ୍ଗୀ ଓ ଭାବ କିନ୍ତୁ ଅନେକ । ମିଶାଣ ଦଶର ଭାବ ଫେଡ଼ାଣର ଦଶଠାରୁ ଭିନ୍ନ । କାରଣ ଯୋଗଠାରୁ ବିଯୋଗ ଭିନ୍ନ । ଗୁଣନର ଦଶ ଭାବାତ୍ମକ ଭାବେ ହରଣର ଦଶଠାରୁ ଭିନ୍ନ । ଏଠାରେ ଏକ ମାତ୍ର ମୂଳଭୂତ ପ୍ରସଙ୍ଗ ବା ବିଷୟ ଦଶ ହେବା ସତ୍ତ୍ୱେ ଭିନ୍ନଭିନ୍ନ ପ୍ରକାରର ବିକଳ୍ପ ଓ ବୈଚିତ୍ର୍ୟ ଏଥିରେ ଭିନ୍ନ ଭିନ୍ନ ଭାବ ବା ଆବେଦନ ସୃଷ୍ଟି କରିପାରେ ।

### ଭିନ୍ନ ପ୍ରକାରର ବିମ୍ବ

ଶବ୍ଦ ବି ସେମିତି । ଗୋଟିଏ ବିଷୟ ଗୋଟିଏ ପ୍ରସଙ୍ଗକୁ ଭିନ୍ନଭିନ୍ନ ଭାବରେ ବିମ୍ବିତ କରିପାରେ । ଉଦାହରଣ ସ୍ୱରୂପ: ଯଦି ଆମେ ମଧୁବାବୁଙ୍କ କଥା ଲେଖୁ ଆମେ ହୁଏତ ଲେଖିପାରୁ

କ. ବାରିଷ୍ଟର ମଧୁସୂଦନ

ଖ. ଉତ୍କଳ ଗୌରବ ମଧୁସୂଦନ

ଗ. ପଗଡ଼ି ପୁରୁଷ ମଧୁସୂଦନ.

ଘ. ଜାତି ପ୍ରାଣ ମଧୁସୂଦନ,

ଙ. କୁଳବୃଦ୍ଧ ମଧୁସୂଦନ ଇତ୍ୟାଦି ।

ଏଠାରେ ପ୍ରସଙ୍ଗ ଏକ ମଧୁବାବୁ; କିନ୍ତୁ ଶବ୍ଦ ଓ ପ୍ରକାଶଭଙ୍ଗୀ ଅନେକ । ଏଣୁ ମୂଳ ପ୍ରସଙ୍ଗର ଆବେଦନ ବି ଅନେକ । ଏଠାରେ କିଏ କଚେରିର ଦକ୍ଷତାରେ ମୁଗ୍ଧ ତ, କିଏ ତାଙ୍କ ପଗଡ଼ିରେ, ଆଉ କିଏ ଜାତୀୟତାରେ ମୁଗ୍ଧ ତ, କିଏ ତାଙ୍କ ବାର୍ଦ୍ଧକ୍ୟର ଗାମ୍ଭୀର୍ଯ୍ୟରେ । ସମସ୍ତଙ୍କର ପ୍ରସଙ୍ଗ କିନ୍ତୁ ଏକ ସେହି ମଧୁବାବୁ ।

ସେମିତି ପଦ୍ମକୁ ପଙ୍କଜ କହିଲାବେଳେ କିଏ ପଙ୍କ କି ଭୂମି ସଂଲଗ୍ନତାର ଭାବରେ ଆନ୍ଦୋଳିତ ତ କମଳ କହି କିଏ ତା'ର କମନୀୟତାରେ ଆହ୍ଲାଦିତ । ଏଠାରେ ପ୍ରସଙ୍ଗ ଏକ, ଶବ୍ଦ ଆଉ ଆବେଦନ ଅନେକ । ଶବ୍ଦ ବ୍ୟବହାରର ଏଇ ଅନେକତା ହିଁ କଳା ଓ ସୌନ୍ଦର୍ଯ୍ୟର ଅନୁପମ ଅନ୍ତରାଳ, ଉତ୍କୃଷ୍ଟ ଆଉ ନିକୃଷ୍ଟ ଲେଖାର ପ୍ରଭେଦ ।

କିନ୍ତୁ ଅନେକ ସମୟରେ ଏମିତି ବି ହେଇପାରେ, ଗୋଟିଏ ପ୍ରସଙ୍ଗର କୌଣସି ଭାବାନ୍ତର ନ ଥାଇପାରେ । ସେଠାରେ ସ୍ୱୟଂ ପ୍ରସଙ୍ଗ ହିଁ ଭାବ ହେଇଯାଏ । ଏତିକି ବେଳେ ଲେଖକଟି ଗୋଟେ ନିଷ୍ଠୁର ବାସ୍ତବତା, ବସ୍ତୁନିଷ୍ଠତା ଆଗରେ ପରାଜିତ ହେଇ ଠିଆ ହେବାକୁ ବାଧ୍ୟ ହେଇଥାଏ । ଦଶ କେବଳ ଦଶ ହୁଏ, ପଥର ପଥରହେଇ ପଡ଼ିରହିଥାଏ ।

### ଭାବ ପ୍ରକାଶର ମାଧ୍ୟମ

ଆମେ ଜାଣୁ ଲେଖିବା ଭାବ ପ୍ରକାଶର ଏକ ମାଧ୍ୟମ । ହେଲେ ଲେଖା ଦ୍ୱାରା ଆମେ ଭାବ ପ୍ରକାଶ କରିବା ସହ ଭାବ ସଂଚାର ବି କରୁ; ଭାବକୁ ସ୍ଥାୟିତ୍ୱ ଦେଉ ।

କଥା ହେଲା ଏଇ ଭାବର ପ୍ରକାଶ, ସ୍ଥାୟିତ୍ୱ ଓ ଏହାର ସଂଚାର ହୁଏ କେମିତି ? ଲେଖକଟି ଯେତେବେଳେ ଲେଖେ ସେ ଶବ୍ଦ ମାଧ୍ୟମରେ ଚିତ୍ରଟିଏ ଚିହ୍ନିତକରେ । ଅର୍ଥାତ ପ୍ରତିଟି ଲିଖନ ଚିତ୍ରାଙ୍କନ । ପ୍ରତିଟି ଶବ୍ଦର ଅନ୍ତରାଳରେ ଏକ ଚିତ୍ର ବିଦ୍ୟମାନ । ଆମେ ଗଛ ଲେଖିଲାବେଳେ ଗଛର ଚିତ୍ରଟିଏ ନିହିତ ଥାଏ ସେ ଶବ୍ଦର ଆଢୁଆଳରେ । ସେମିତି ପକ୍ଷୀ କହିଲେ, ଗୋଟେ ପକ୍ଷବିଶିଷ୍ଟ ପ୍ରାଣୀକୁ ବୁଝାଏ । ବସିଛି କହିଲେ, ଏକ ନିର୍ଦ୍ଦିଷ୍ଟ ଭଙ୍ଗୀର ଚିତ୍ରଟିଏ ମନରେ ଫୁଟି ଉଠେ ।

**ଶବ୍ଦ ମାଧ୍ୟମରେ ଆମେ ସଂସାରକୁ, ଜୀବନକୁ ପ୍ରତ୍ୟକ୍ଷ କରୁ ଏବଂ ଅର୍ଥାନ୍ୱିତ କରୁ । ଚିତ୍ରକ୍ଷମ ଶବ୍ଦ ବିନା ସଂସାର ଓ ଘଟଣାର ଅର୍ଥ କି ଉପସ୍ଥିତି ନାହିଁ ।**

ଏଣୁ ପ୍ରତିଟି ଶବ୍ଦ ତା' ପଛରେ ଥିବା ସାଦୃଶ୍ୟ ଚିତ୍ରମାନଙ୍କୁ ଉଜାଗର କରି ଆମକୁ ଅର୍ଥ ଦିଏ । 'ଗଛରେ ପକ୍ଷୀଟି ବସିଛି'ର ଦୃଶ୍ୟ ଓ ଅବବୋଧଟି ଆମ ଭିତରେ ସୃଷ୍ଟି ହୁଏ ।

ବିଶ୍ୱାସ କରାଯାଏ ଯେ ଏ ପୃଥିବୀ ପଦାର୍ଥ ନୁହେଁ, ଘଟଣା ବହୁଳ ଏବଂ ସବୁ ଘଟଣାଗୁଡ଼ିକୁ ଆମେ ଶବ୍ଦ ବା ଚିତ୍ରମାନଙ୍କର ସାମୂହିକ ଦୃଶ୍ୟପଟ୍ଟ ଦ୍ୱାରା ଜାଣୁ । ଏଇ ଅବବୋଧଟି ସମ୍ଭବହୁଏ ଯେତେବେଳ ଶବ୍ଦ ବା ତା' ଭିତରେ ବିମ୍ବିତ ହେବା ଚିତ୍ରମାନଙ୍କୁ ପ୍ରାସଙ୍ଗିକ ଭାବେ ଆମେ ସଜାଡ଼ି ଲେଖୁ । ଶବ୍ଦର ଚିତ୍ରପଟଟିଏ ସୃଷ୍ଟିକରୁ ।

ଏଠାରେ ମନେ ରଖିବାକୁ ହେବ ଯେ ଆମର ଅର୍ଥବୋଧ ହୁଏ କେବଳ ଚିତ୍ର ସୃଷ୍ଟି କରୁଥିବା ଶବ୍ଦମାନଙ୍କ ମାଧ୍ୟମରେ । ପ୍ରତିଟି ଶବ୍ଦ ଯେହେତୁ ଏକ ଚିତ୍ର, ଏହା ଦେଖାଏ । ଏଣୁ ଲେଖା ଆମକୁ ଖାଲି ଶିଖାଏନି, ଦେଖାଏ ବି । ଆମେ ସଂସାରର ଯାବତୀୟ ସତ୍ୟ ଓ ଘଟଣାଗୁଡ଼ିକୁ ଲେଖା ମାଧ୍ୟମରେ ଦେଖୁ । ପ୍ରକାରାନ୍ତରେ ଶବ୍ଦ ମାଧ୍ୟମରେ ଆମେ ସଂସାରକୁ, ଜୀବନକୁ ପ୍ରତ୍ୟକ୍ଷ କରୁ ଏବଂ ଅର୍ଥାନ୍ୱିତ କରୁ । ଚିତ୍ରକ୍ଷମ ଶବ୍ଦ ବିନା ସଂସାର ଓ ଘଟଣାର ଅର୍ଥ କି ଉପସ୍ଥିତି ନାହିଁ ।

ସବୁ ଶବ୍ଦ ଯେତେବେଳେ ଚିତ୍ର, ସେତିକିବେଳେ

ଶବ୍ଦମାନେ ସ୍ୱଷ୍ଟ, ବସ୍ତୁନିଷ୍ଠ ଓ ଘଟଣାପୂର୍ଣ୍ଣ ହେବାକୁ ବାଧ୍ୟ ।

ଯଦି କୌଣସି ଭାବକୁ କଥାରେ ପ୍ରକାଶ କରାଯାଇପାରେ, ତେବେ ତାହା ସ୍ୱଷ୍ଟ ଭାବରେ କୁହାଯାଇପାରିବ; ଅନ୍ୟଥା ଏହା ନିରବତାର ଗହ୍ୱରକୁ ଚାଲିଯାଏ ।

ଅର୍ଥାତ ଆମେ ଯାହା ଲେଖୁ ତାହା ସବୁକାଳେ ସତ ହିଁ ଲେଖୁ । ଆମେ ଯାହା ଶବ୍ଦ ମାଧ୍ୟମରେ କହୁ ତାହା ସତ୍ୟ ଓ ସ୍ୱଷ୍ଟ । ଯାହା ଆମେ କହିପାରିନୁ ତାହା ଅପ୍ରକାଶ୍ୟ ।

**ସତ୍ୟ ଓ ଅସତ୍ୟ**

ପରୋକ୍ଷରେ ଲେଖା ମାଧ୍ୟମରେ ଆମେ ଯାହା କହିବାକୁ ଚାହୁଁ ତାହା ସତ୍ୟନିଷ୍ଠ ଭାବରେ କହୁ । ଯଦି କୌଣସି ଭାବକୁ ଆମେ ଶବ୍ଦ ମାଧ୍ୟମରେ ଲେଖି ନପାରୁ ଭାବିବାକୁ ହେବ ଯେ ତାହା ଅସତ୍ୟ, ଘଟଣାହୀନ ବା ଅପ୍ରାସଙ୍ଗିକ, ଅନୁପସ୍ଥିତ । ଅର୍ଥାତ୍ ଶବ୍ଦ ଏଠାରେ ଚିତ୍ର । ଚିତ୍ର ଏଠାରେ ଦୃଶ୍ୟପଟ୍ଟ ଏବଂ ଦୃଶ୍ୟପଟ୍ଟରୁ ବୋଧ ହୁଏ ଅର୍ଥ, ଅର୍ଥ ଭିତରୁ ଫୁଟି ଉଠେ ସତ୍ୟ ଓ ପ୍ରସଙ୍ଗ । ଭାଷା ଏ ସତ୍ୟକୁ ପ୍ରକଟ କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ଦର୍ପଣ ମାତ୍ର । ବର୍ତ୍ତମାନ କଥା ହେଲା ସବୁ ଶବ୍ଦଯଦି ଚିତ୍ର ଏବଂ ଗୋଟେ ବାକ୍ୟ ଯଦି ଗୋଟେଦୃଶ୍ୟ କି ଭୂଚିତ୍ର, ତେବେ କବିତାରେ ଏ ଚିତ୍ରକଳ୍ପର ବିଶେଷ ଭୂମିକା ସମ୍ପର୍କରେ ଆମେ ଏତେ ମୁଖର କାହିଁକି ? ସବୁ ଲେଖା ତ ଚିତ୍ରକଳ୍ପ ।




ପୁନଶ୍ଚ ପ୍ରଶ୍ନ ହେଲା ଯେଉଁ ଭାବ ଶବ୍ଦରେ ଚିତ୍ରାୟିତ ହେଇପାରିନି ସେପରି ବ୍ୟକ୍ତିନିଷ୍ଠ ଓ ବିମୂର୍ତ୍ତ ଭାବମାନଙ୍କୁ ଶବ୍ଦରେ ପ୍ରକାଶ କରିହେବ କିପରି ? ଶୋକ, ବିଷାଦ, ପ୍ରେମ ଓ ସୌନ୍ଦର୍ଯ୍ୟ ପରି ସୂକ୍ଷ୍ମ ଶବ୍ଦାତୀତ କି ଚିତ୍ରାତୀତ ଭାବକୁ ଅସ୍ୱୀକାର କରିହେବକି ?

ତୃତୀୟ କଥା ହେଲା ଶବ୍ଦ ଯଦି ସତ ଲେଖେ ତେବେ ମିଛ, କଳ୍ପନା, ଅତିକଳ୍ପନାଗୁଡ଼ିକୁ କିପରି ଲେଖିହେବ ଶବ୍ଦ ମାଧ୍ୟମରେ ?

ଭାଷା କ'ଣ ପରିମିତ, ସୀମିତ ? ଯଦିଓ କୁହାଯାଇଛି, "ଦି ଲିମିଟ୍ସ୍ ଅଫ୍ ମାଇଁ ଲାଙ୍ଗୁଏଜ୍ ମିନ୍ ଦି ଲିମିଟ୍ସ୍ ଅଫ୍ ଦି ୱାର୍ଲଡ ।"

ଏ ପ୍ରଶ୍ନର ଉତ୍ତର ଅବଶ୍ୟ ଅଛି ।

ଆଶ୍ଚର୍ଯ୍ୟର କଥା ଶବ୍ଦକୁ ଚିତ୍ର ଭାବେ ଚିତ୍ରଣ କରିଥିବା ଲେଖକ ପରବର୍ତ୍ତୀ ସମୟରେ ନିଜେ ହିଁ ସ୍ୱୀକାର କରିଥିଲେ ଯେ ଶବ୍ଦ ଚିତ୍ର ନୁହେଁ । ସବୁକଥା ସ୍ୱଷ୍ଟ ନୁହେଁ ଶବ୍ଦରେ । ଶବ୍ଦ ଅର୍ଥ ଦିଏନି, ଶବ୍ଦକୁ ଅର୍ଥ ସମ୍ପନ୍ନ କରିବାକୁ ହୁଏ । ଏମିତି ନିଜକୁ ନିଜେ ଅସ୍ୱୀକାର କରିଥିବା ମହାନ ମଣିଷ ଥିଲେ ଯୁଗାନ୍ତକାରୀ ଦାର୍ଶନିକ ୱିଟ୍‌ଜେନ୍‌ଷ୍ଟେନ୍ । ସେ ନିଜ ତତ୍ତ୍ୱକୁ ନିଜେ ହିଁ ଫିଙ୍ଗି ଦେଇଥିଲେ ଆଉ ଏକ ସମ୍ପୂର୍ଣ୍ଣ ଅସାଧାରଣ ବିକଳ୍ପ ପାଇଁ । ଚିତ୍ରରୁ କ୍ରୀଡ଼ା ଆଡ଼କୁ ଯାତ୍ରା ପାଇଁ । ଉପରୋକ୍ତ ସବୁ ପ୍ରଶ୍ନର ଉତ୍ତର ଦେବା ପାଇଁ ।

**ଚିତ୍ର ବନାମ ଶବ୍ଦ**

ଭାଷାର ଲିଖିତ ରୂପ ଦ୍ୱାରା ଗୋଟେ ଚିତ୍ର ଏବଂ ସାଦୃଶ୍ୟ ନିର୍ମାଣ କରି ଆମେ ପ୍ରସଙ୍ଗକୁ ଅର୍ଥାନ୍ୱିତ କରୁ ବୋଲି କହିଥିବା ୱିଟ୍‌ଜେନ୍‌ଷ୍ଟେନ୍ ପରବର୍ତ୍ତୀ ସମୟରେ ଉପଲବ୍ଧି କଲେ ଯେ, ଭାଷା ବା ଶବ୍ଦର ଚିତ୍ର ପ୍ରକୃତରେ ଅର୍ଥ ଉଜାଗର କରିପାରେନାହିଁ । ଚିତ୍ର ଗୋଟେ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ବା ଘଟଣାକୁ ଦେଖାଏ । କିନ୍ତୁ ଗୋଟେ ଶବ୍ଦ କି ବାକ୍ୟର ଅର୍ଥ ସେଇ ପ୍ରସଙ୍ଗ ଉପରେ ନିର୍ଭର କରେନି ।

ଧରିନିଅ ଯଦି ଲେଖାଯାଇଛି ଲୋକଟି ଗଛ ମୂଳେ ବସିଛି, ଏଇ ଗଛମୂଳେ ବସିଥିବା ଚିତ୍ରଟି ସମଗ୍ର ଅର୍ଥକୁ ଉଜାଗର କରିପାରୁନି । ଏଭଳି ଚିତ୍ରରେ ଅନେକ ସମ୍ଭାବନା, ଅନେକ ଅର୍ଥ ଥାଇପାରେ । ହୁଏତ ଲୋକଟି କ୍ଲାନ୍ତ, ହୁଏତ ରୁଗ୍‌ଣ । ହୁଏତ ସେଠି ସେ କାହାକୁ ଅପେକ୍ଷା କରୁଥାଇପାରେ, ଏମିତି ଗୋଟେ ଖିଆଲରେ ବସିଥାଇପାରେ ଇତ୍ୟାଦି । ଏଣୁ ଶବ୍ଦ ବା ଭାଷା ଚିତ୍ର ମାଧ୍ୟମରେ ସମଗ୍ର ବାସ୍ତବତାକୁ, ଅର୍ଥକୁ ପ୍ରକାଶ କରି ପାରେନାହିଁ । ଭାଷା ଚିତ୍ର କେବଳ ଗୋଟେ ଘଟଣାକୁ ଦର୍ଶାଏ କିନ୍ତୁ ଶବ୍ଦର ଅର୍ଥ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସୀମିତ ନୁହେଁ ।

ଭାଷାଚିତ୍ରର ଆଉ ଗୋଟେ ସମସ୍ୟା ହେଲା, ଏହା ଯେଉଁ ପ୍ରସଙ୍ଗ ବା ଘଟଣାଟିକୁ ଦେଖାଏ, ଯେଉଁ ବାସ୍ତବତାକୁ

ପ୍ରକାଶକରେ, ତାହା ସତ୍ୟ ନହେଇପାରେ । ମିଥ୍ୟା ବି ହେଇପାରେ ।

'ଯଦି ଲେଖାଯାଏ ଗଛ ଡାଳରେ ପକ୍ଷୀଟି ବସିଛି' ଆମ ମନରେ ଗଛ ଓ ପକ୍ଷୀର ଚିତ୍ରଟି ଫୁଟିବା ସତ୍ତ୍ୱେ, ଏହା ସତ୍ୟ ହେଇନପାରେ । 'ପକ୍ଷୀଟି ବସିଛି'ର ଲିଖିତ ରୂପ ପକ୍ଷୀ ବସିଥିବାର ସତ୍ୟକୁ ପ୍ରମାଣ କରିନପାରେ । ଏଣୁ ବାକ୍ୟରେ ବ୍ୟବହାର ହେଇଥିବା ଚିତ୍ର ଏବଂ ଚିତ୍ରରୁ ମିଳୁଥିବା ବାସ୍ତବତା ଅଭ୍ରାନ୍ତ ନୁହେଁ ।

ରସେଲ୍ ମଧ୍ୟ ଶବ୍ଦର ସତ୍ୟ ଉପରେ ସନ୍ଦେହ ପ୍ରକାଶ କରିଥିଲେ ଏବଂ 'ଏଟୋମିକ୍ ରିଅଲିଜିମ୍ ଏଣ୍ଡ୍ ଟ୍ରୁଥ୍ ଫଙ୍କସନାଲ୍ ଲଜିକ୍' ମାଧ୍ୟମରେ ଶବ୍ଦ ଓ ବାକ୍ୟର ମିଥ୍ୟା ଓ ଭ୍ରମ ସମ୍ପର୍କରେ ଉଲ୍ଲେଖ କରିଥିଲେ ।

ୱିଟ୍‌ଜେନ୍‌ଷ୍ଟେନ୍‌ଙ୍କ ମତରେ, "ଗୋଟିଏ ଛବି ବାସ୍ତବତା ସହିତ ସମ୍ମତ ହୋଇଥାଏ କିମ୍ବା ସମ୍ମତ ବି ନ ହୋଇଥାଏ । ଏହା ଠିକ୍ କିମ୍ବା ବେଠିକ୍ ହୋଇପାରେ, ଅର୍ଥାତ ସତ କିମ୍ବା ମିଛ ମଧ୍ୟ ହୋଇପାରେ । ଗୋଟିଏ ଛବି ସତ୍ୟର ପ୍ରକୃତ ପ୍ରତିଫଳନ କି ନୁହେଁ, ତାହା ଜାଣିବା ପାଇଁ ଆମେ ତାହାକୁ ବାସ୍ତବତା ସହିତ ତୁଳନା କରିବାକୁ ପଡ଼ିବ ।"

**ବାକ୍ୟରେ ବ୍ୟବହାର ହେଇଥିବା ଚିତ୍ର ଏବଂ ଚିତ୍ରରୁ ମିଳୁଥିବା ବାସ୍ତବତା ଅଭ୍ରାନ୍ତ ନୁହେଁ ।**

### ଶବ୍ଦର ଅର୍ଥନିଷ୍ପତ୍ତି

ତାହା ହେଲେ ଶବ୍ଦର ଅର୍ଥନିଷ୍ପତ୍ତି କିପରି ସମ୍ଭବ ?

ଏହା କହିବାକୁ ଯାଇ ୱିଟ୍‌ଜେନ୍‌ଷ୍ଟେନ୍, ଶବ୍ଦର ଅର୍ଥନିଷ୍ପତ୍ତିକୁ ଭାଷାର ବ୍ୟବହାର, ପ୍ରୟୋଗ, ସଂରଚନା, ପୃଷ୍ଠଭୂମି, ପ୍ରସଙ୍ଗ, କ୍ରିୟାଶୀଳତା ଦର୍ଶାଇ ଏହା କ୍ରୀଡ଼ା ଉପରେ ନିର୍ଭରଶୀଳ ବୋଲି କହନ୍ତି । ସେ ମନେକରନ୍ତି ଯେ ଶବ୍ଦ ହୁଏତ ଆମକୁ ବର୍ଣ୍ଣନା କରିବା ପାଇଁ ସାହାଯ୍ୟ କରିପାରେ, କିନ୍ତୁ ନିର୍ଦ୍ଦିଷ୍ଟ ନିଦାନ ଓ ଏହାର ଅର୍ଥ, ଶବ୍ଦର ଖେଳ ବା ଶବ୍ଦକ୍ରୀଡ଼ା ମାଧ୍ୟମରେ ହିଁ ସମ୍ଭବ ।

"ଲାଙ୍ଗୁଏଜ୍ ଇଜ୍ ଏ ଗେମ୍ ।" ୱିଟ୍‌ଜେନ୍‌ଷ୍ଟେନ୍‌ଙ୍କ ମତରେ, ଭାଷାର ଗୋଟେ କ୍ରୀଡ଼ାଧର୍ମ ଅଛି । ବିଭିନ୍ନ ଖେଳପରି ଭାଷାର ବି ଏକ ଖେଳ ଅଛି ।

ଚେସ୍, ଫୁଟବଲ୍, ହକି, ତାସଖେଳ କି କ୍ରିକେଟ ଖେଳର ଧର୍ମ ପରି ଭାଷା ବି ଗୋଟେ ଖେଳର ଧର୍ମ ଓ ନିୟମ ଦ୍ୱାରା ପରିଚାଳିତ ।

ଭାଷା ଖେଳର ବୈଶିଷ୍ଟ୍ୟ ହେଲା,

୧. ସବୁ ଖେଳପରି ଏହାର ଏକ ଅଭିପ୍ରାୟ ଓ ନିୟମ ଅଛି, ଯେମିତି ଫୁଟବଲ୍‌ରେ ଏଗାର ଜଣ ଖେଳାଳି, ଗୋଲ ପୋଷ୍ଟ, ଫରୱାର୍ଡ, ଗୋଲ୍ କିପର୍, ଡିଫେଣ୍ଡର୍ ଇତ୍ୟାଦି ।

୨. ଖେଳର ନିୟମଥିବା ସତ୍ତ୍ୱେ ପ୍ରତିଟି ଖେଳରେ ଜିତିବା ପାଇଁ, ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦିଷ୍ଟ କିଛି ନିୟମ କି କୌଶଳ ନାହିଁ ।

୩. ଭାଷା ଏକ ସଂକେତ (ସାଇନ୍) ଏହାର ସଂକେତାର୍ଥ ଓ ସୂଚୀତାର୍ଥ ଅଛି ।

ସଂକେତାର୍ଥ ଶବ୍ଦର ବା ସଂକେତର 'ଫିଜିକାଲ୍ ଫର୍ମ' ତଥା ଭୌତିକ ରୂପ । ଏହା ଇନ୍ଦ୍ରିୟଗ୍ରାହ୍ୟ । ଏହାକୁ ଆମେ ଶୁଣୁ, ଦେଖୁ । ଯେମିତି ଗୋଟେ ଗଛ, ଗୋଟେ ଟ୍ରାଫିକ ଛକର ନାଲିବତି, ଗୋଟେ ପତାକା ଇତ୍ୟାଦି । ସୂଚୀତାର୍ଥ ଶବ୍ଦ ସଂକେତର ମାନସିକ ବା ଚେତନାଗତ ପରିଭାଷା ଯେମିତି ନାଲିବତିଟି କେବଳ ନହେଇ ଆମକୁ ଅଟକିବାକୁ ନିର୍ଦ୍ଦେଶ ଦେଇପାରେ, ଗଛ ଗଛ ନ ହେଇ ଆମ ଜୀବନକୁ ପରିଭାଷିତ କରିପାରେ, ଆମ୍ବଟିଏ କେବଳ ଆମ୍ବ ନହେଇ ଶୈଶବ ହେଇପାରେ । ଏଠାରେ ମୋର ଗୋଟେ କବିତା 'ପଲ୍ଲବୀ'ର ଉଦାହରଣ ଦିଆଯାଇପାରେ ।

'ମାଟି ଭିତରେ ପୋତିଦେଇଚି ପାଦ
ମୁଣ୍ଡ ଉପରେ ଥାପିଦେଇଚି ଆକାଶ,
ପ୍ରତିଶ୍ରୁତି ଦେଉଛି ମୁଁ କିଛି ମାଗିବିନି
ଖରା ଆଉ ପାଣି ଖାଇ ବଞ୍ଚିବି
ଦ୍ରୁମାୟିତ ହେବି, ପଲ୍ଲବୀବି
ଦିନେନା ଦିନେ ନଇଁ ପଡ଼ିବି
ଫୁଲ ଭାରରେ ଫଳିବି ବି
ଯେ ପର୍ଯ୍ୟନ୍ତ ଥିବ କୁରାଢ଼ିର ନିରୀହ ଦୂରତ୍ୱ
ସେ ପର୍ଯ୍ୟନ୍ତ
ସଂତୃପ୍ତି ଓ ସମ୍ଭାବନା
ମହୁ ଆଉ ମହୁର ପୃଥିବୀ
ସବୁ ସୁରକ୍ଷିତ' ଇତ୍ୟାଦି ।

୪. ଭାଷାଖେଳ ସତ୍ୟ ଉଦ୍‌ଘାଟନ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା କେବଳ ଏକ ସମ୍ଭାବ୍ୟ ସତ୍ୟକୁ ସୂଚିତ କରେ ।

୫. ଶବ୍ଦର ନିର୍ଦ୍ଦିଷ୍ଟ ଅର୍ଥ ନାହିଁ; ଏଣୁ ଅଭିଧାନ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅର୍ଥର ନିର୍ମାଣ ହୁଏ, ନବୀକରଣ ହୁଏ, ବିଗଠନ ହୁଏ । ଶବ୍ଦର ଅର୍ଥ ସ୍ଥିର ନୁହେଁ । ଏହା ସାମାଜିକ ପରିପ୍ରେକ୍ଷୀ, ଭାଷାର ସଂରଚନା, ପରମ୍ପରା, ପ୍ରଣାଳୀ ତଥା ଶବ୍ଦର ବ୍ୟବହାର ଉପରେ ନିର୍ଭର କରେ ।

୬. ଶବ୍ଦର ଏକ ମୁକ୍ତକ୍ରୀଡ଼ା (‘ଫ୍ରି ପ୍ଲେ’) ଅଛି, ଅନିର୍ଦ୍ଦିଷ୍ଟତା ଅଛି ।

୭. ଭାଷା ଖେଳରେ ଶବ୍ଦ ପ୍ରସଙ୍ଗ ନିର୍ଦ୍ଧାରଣ କରିବା ଅପେକ୍ଷା ପ୍ରସଙ୍ଗ ଶବ୍ଦକୁ ଅର୍ଥାନ୍ୱିତ କରେ ।

ଯୁଦ୍ଧର ପ୍ରସଙ୍ଗ, ପ୍ରେମର ପ୍ରସଙ୍ଗ, ବ୍ୟବସାୟର ପ୍ରସଙ୍ଗ ଅର୍ଥନୀତିର ପ୍ରସଙ୍ଗ ଶବ୍ଦକୁ ଭିନ୍ନ ଭିନ୍ନ ଅର୍ଥ ଦିଏ । (ଉଦାହରଣ: ସୁନା)

୮. ଆମୋଦ ଓ ଆନନ୍ଦ, ନବ ନିର୍ମାଣ, ବିଗଠନ ହେଉଚି ଶବ୍ଦଖେଳର ଲକ୍ଷ୍ୟ ।

୯. ଶବ୍ଦ କ୍ରୀଡ଼ାରେ ସହଭାଗିତା ଓ ସବୁ ଖେଳାଳିଙ୍କ ସମ୍ପୃକ୍ତି ଓ ନିୟମ ପାଳନର ଇଛା ବା ସହମତି ରହିବା ଜରୁରି ।

**ଶବ୍ଦର ଅର୍ଥ ସ୍ଥିର ନୁହେଁ। ଏହା ସାମାଜିକ ପରିପ୍ରେକ୍ଷୀ, ଭାଷାର ସଂରଚନା, ପରମ୍ପରା, ପ୍ରଣାଳୀ ତଥା ଶବ୍ଦର ବ୍ୟବହାର ଉପରେ ନିର୍ଭର କରେ ।**

୧୦. ଶବ୍ଦ ଖେଳରେ ଭାଷାକୁ ଗୋଟେ ସଂକେତ ବୋଲି ଧରାଯାଏ । ଏଣୁ ଏହାର ସ୍ଥିର ଅର୍ଥ କିଛି ନଥାଏ ।

ଉଦାହରଣ, ଗୋଟେ ୦, ବା ଗୋଟେ ।

ହେନ୍‌ସ୍ ଲାଙ୍ଗୁଏଜ୍ ଗେମ୍ ଇଜ୍ ଏ ଗେମ୍ ଉଇଥ୍ ନୋ ଏସେନ୍‌ସ୍ ।

୧୧. ଖେଳପରି ଭାଷାଖେଳର ପ୍ରତିଟି ଖେଳ ପାଇଁ ନିୟମ ଅଲଗା । ତଥାପି ଗୋଟେ ଖେଳ ସହିତ ଅନ୍ୟ ଖେଳର ସାମଞ୍ଜସ୍ୟ ଥାଇପାରେ, (ଗଦ୍ୟ, ପଦ୍ୟ, ଇତିହାସ, ଉପନ୍ୟାସ ଇତ୍ୟାଦି) ।

୧୨. ଭାଷାଖେଳରେ ଅନ୍ୟ ସବୁ ଖେଳପରି ପରିସ୍ଥିତି ଅନୁଯାୟୀ ତାତ୍କାଳୀକ ନିୟମ ପରିବର୍ତ୍ତନ କରାଯାଇପାରେ ।

‘ଲାଙ୍ଗୁଏଜ୍ ଗେମ୍ କ୍ୟାନ୍ ବି ମେଡ୍ ଅନ୍ ଦି ସ୍ପଟ୍ ।’

୧୩. ଖେଳ ପରି ଭାଷାଖେଳ ପୂର୍ବାନୁମାନ, ପୂର୍ବ ଜ୍ଞାନ, ଇନଟୁଇସନ୍, ପରମ୍ପରା, ତଥାପି ତାତ୍କାଳିକତା ଉପରେ ନିର୍ଭରକରେ ।

୧୪. ଭାଷା ଖେଳ ସହମତି, ସକ୍ରିୟତା, ସହାଭାଗିତା, ସଜ୍ଞାନ, ସହାନୁଭବ ଉପରେ ପ୍ରତିଷ୍ଠିତ । ଭାଷାଖେଳରେ ପରସ୍ପର ପରସ୍ପରକୁ ବୁଝିପାରିବା ଆବଶ୍ୟକ । ନଚେତ ଭାବ ବ୍ୟାହତ ହେଇପାରେ । ଏହା ସଧର୍ମା ଓ ସମାନଧର୍ମାମାନଙ୍କ ଦ୍ୱାରା ସମ୍ଭବ ।

କୁହାଯାଏ “ଇଫ୍ ଏ ଲାୟନ୍ କୁଡ୍ ସ୍ପିକ୍ ୱି ଉଡ୍ ନଟ୍ ଅଣ୍ଡରଷ୍ଟାଣ୍ଡ୍ ।”

୧୫. ଭାଷା ଖେଳକୁ କୁହାଯାଏ ମିସ୍ତ୍ରୀର ଭାଷା ବା ବିଲ୍‌ଡରସ୍ ଲାଙ୍ଗୁଏଜ୍ ।

ମିସ୍ତ୍ରୀ ଯେମିତି ପାଣି, ପଥର, ବାଲି ଇଟା କହିଲେ ତା’ର ସହଯୋଗୀ ବୁଝିଯାଏ, ସେମିତି ଭାଷା ଖେଳର ଅଂଶୀଦାରମାନେ ପରସ୍ପରକୁ ବୁଝନ୍ତି, ଅର୍ଥାନ୍ୱିତ କରନ୍ତି ।

ଏଠାରେ ଗୋଟେ ଶବ୍ଦ, ଗୋଟେ ଉଚ୍ଚାରଣକୁ ବୁଝିହୁଏ ଯଦି ସହାଭାଗିତା ଥାଏ ।

ଗୋଟିଏ ବାକ୍ୟକୁ ବୁଝିବାର ଅର୍ଥ ହେଲା, ଭାଷାକୁ ବୁଝିବା ।

(ଉଦାହରଣ ମୋ’ କବିତା ‘ଚୁଲି’।

ଫୁଟୁଚି ଭାତ, ରକ୍ତ, ଜହ୍ନ, ଚୁଲିରେ,<br>
ଜ୍ୟୋତ୍ସ୍ନା ଉତୁରୁଛି,<br>
ବାସ ଚହଟୁଛି,<br>
କେହିଜଣେ କୁହୁକିନୀ<br>
ପାଦ ପୂରେଇ ବସିଛିଯେ ବସିଛି,<br>
ପାଦ ପଲଟି ଯାଉଚି,<br>
ପଦ୍ମ, ଅଙ୍ଗାର ଅକ୍ଷର, ନିଆଁ ନିର୍ବାଣ,<br>
ପରଷୁଣୀ ପରଷି ଚାଲିଚି ଅନ୍ନ,<br>
ମୁଠେ ବିସ୍ମୃତ ଫଗୁଣ )

୧୬. ଭାଷାଖେଳରେ ଯେହେତୁ ପରସ୍ପରର ଅଂଶ ଗ୍ରହଣ, ସହମତି, ସାମାଜିକତା ଅଛି, ଏଣୁ ଭାଷା ଏକାନ୍ତ ବ୍ୟକ୍ତିଗତ ନୁହେଁ ।

‘ଦେୟାର୍ ଇଜ୍ ନୋ ପ୍ରାଇଭେଟ୍ ଲାଙ୍ଗୁଏଜ୍ ।

ଲାଙ୍ଗୁଏଜ୍ ଇଜ୍ ସେୟାରିଙ୍ଗ୍ ।'

ଏପରକି ଆମେ ନିଜ ପରିସ୍ଥିତି, ନିଜ ଭାଷାକୁ ନିଜେ ବୁଝିବା ପାଇଁ ମଧ୍ୟ ଭାଷାକୁ ଅନ୍ୟ ସହିତ ବାଣ୍ଟିବାକୁ ପଡ଼େ ।

ଆମେ ନିଜକୁ ବୁଝିବା ଆମ ଭାଷା ଉପରେ ନିର୍ଭରଶୀଳ ।

୧୭. ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍କୃତିର ନିର୍ଦ୍ଦିଷ୍ଟ ଭାଷାଖେଳ ଅଛି । ଏଣୁ ଏହାର ବ୍ୟବହାର ସର୍ବତ୍ର ସମାନ ନୁହେଁ ।

> **ଗୋଟେ ନିର୍ଦ୍ଦିଷ୍ଟ ସଂସ୍କୃତିର ନିର୍ଦ୍ଦିଷ୍ଟ ଭାଷାଖେଳ ଅଛି । ଏଣୁ ଏହାର ବ୍ୟବହାର ସର୍ବତ୍ର ସମାନ ନୁହେଁ ।**

ସାରାଂଶରେ ଏତିକି କୁହାଯାଇପାରେ ଯେ ଭାଷା ଆମର ସାଧନ । ଏହା ବ୍ୟବହାର କରି ଆମେ କିଛି କରୁ । ଯାହାକରୁ ତାର ଔଚିତ୍ୟ ଅଛି, ଭିନ୍ନତା ଅଛି ।

ଅନ୍ୟ ସବୁ କାମ ପରି ଭାଷା ବି ଗୋଟେ କାମ, ଯାହା ଆମେ କେବେ ଦକ୍ଷତାର ସହ ତ କେବେ ଅପରାଗପଣରେ କରୁ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
poetbipin@rediffmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ। କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।

୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୭. ପତ୍ରିକାଟି ପ୍ରତିମାସ ନିୟମିତ ଭାବରେ ପ୍ରକାଶ ପାଏ। ଏଣୁ ଲେଖା ପଠାଇବାର ଶେଷ ତାରିଖ କିଛି ନାହିଁ।

୮. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୯. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୧୦. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୧୧. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୨. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୩. ଲେଖା ପଠାଇବାର ଦୁଇ ମାସ ମଧ୍ୟରେ ଆମଠାରୁ କୌଣସି ସୂଚନା ନ ପାଇଲେ ତାହା ପ୍ରକାଶନ ପାଇଁ ମନୋନୀତ ହୋଇନାହିଁ ବୋଲି ଧରିନେବାକୁ ଅନୁରୋଧ।

୧୪. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୫. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୬. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



ଅନୁଭୂତି

# ସେକାଳ ପଖାଳ

ଅଚ୍ୟୁତାନନ୍ଦ ପତି

ଏବେ ପଖାଳ ଦିବସ ଯାଇଛି । ଖୁବ୍ ପଖାଳ ଖିଆପିଆ ହେଲା । ପଖାଳ ଉପରେ ଆଲୋଚନା, ପର୍ଯ୍ୟାଲୋଚନା ଜମେଇକି ଚାଲିଲା ।

ଓଡ଼ିଆ ଜାତିର 'ହର୍ତ୍ତା କର୍ତ୍ତା ଦୈବବିଧାତା' ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ । ସେ ପଖାଳ ଖାଆନ୍ତି । ପଖାଳ ଦେହଦୁଃଖ, ମନଦୁଃଖର ମହୌଷଧି । ପଖାଳ କଂସା ଆମ ଜୀବନର ମହାନିଧି ।

ଉପରଓଳି ଖାଇବାକୁ 'ଦୋହଡ଼ା ଖିଆ' କୁହାଯାଉଥିଲା । ଛୁଆଦିନେ ଇସ୍କୁଲରୁ ଫେରି ଲୁଗାଖଣ୍ଡକ ଛୁଆସ୍ତା ଅଲଗୁଣିକୁ ଫିଙ୍ଗିଦେଇ ଲଙ୍ଗଳା ହେଇ ପିଢ଼ା ଉପରେ ବସିପଡ଼େ । ସେ ଲୁଗା ପିନ୍ଧି ଖାଇଲେ ମୋ' ବାସନ ଧୋଇ, ମାଆକୁ ଗାଧୋଇବାକୁ ପଡୁଥିଲା । ମାଆ ଅଧବେଳିରେ ପଖାଳ



ଆଣି ଥୋଇଦିଏ । ଜହ୍ନିହେଉ, ଭେଣ୍ଡିହେଉ, କ'ଣଟେ ପୋଡ଼ିକି ରଖିଥାଏ । ବୁଢ଼ୀ ମାଆ ପାଟିକରେ, "ଛୁଆଟା ଫଳା ରଟିରଟି ତା' ହଲକ ଶୁଖିଯାଇଥିବ । ପଖାଳ ଦି'ଟା ପେଟରେ ପଡ଼ିଲେ ଆତ୍ମାପୁରୁଷ ରାମ ରାମ ଡାକିବ । ଯେମିତି ହେଉ, ଜହ୍ନି କସିଟିଏ ହେଉ, ଭେଣ୍ଡି କସିଟିଏ ହେଉ, କି ମାଛ କସିଟି ହେଉ, ତା' ପାଖରେ ଥୋଇବୁ ।"

ବୁଢ଼ୀ ମାଆ ସ୍କୁଲପଢ଼ାକୁ ଫଳା ଡାକିବା କହେ, ସବୁ ଖାଇବା ଦରବରେ 'କସି' ଶବ୍ଦଟି ଲଗାଏ ।

ସେତେବେଳେ 'ପେଣ୍ଟପିନ୍ଧା' ନଥିଲା । ଚାରିହାତି ଧୋତି ପିନ୍ଧି ସ୍କୁଲକୁ ଯାଉଥିଲି । ବାବା ହାଟରୁ ଧୋତି କିଣିକି ଆଣୁଥିଲା । ଧୋତି ଗୋଟା ଥିଲା ଚଉଦ ପଇସା । ଗୋଟାଏ ଟଙ୍କା ଥିଲା ଚଉଷଠି ପଇସା ।

ମାମୁଁ ଘରେ ରହି ମୁଁ ପଞ୍ଚମ ଶ୍ରେଣୀରେ ପଢୁଥାଏ । ବୟସ ଖୁବ୍ ବେଶିରେ ଦଶ, ଏଗାର ।

ମାମୁଁ ଘର ଗାଆଁ ନାଆଁ ଅଡ଼ାଳପଙ୍କ । ପିଣ୍ଡାରୁ ଓହ୍ଲେଇଲେ କାଦୁଅ ଭଡ଼ଭଡ଼ । ଏବେ ସେ ଅବସ୍ଥା ନାହିଁ । ପକ୍କାରାସ୍ତା, ସ୍କୁଲ, କଲେଜ, ଡାକ୍ତରଖାନା, ବେଙ୍କ୍ ସବୁ ସେଠି ।

**ମହତାବଙ୍କ ଜିଗିରି ଦୋସ୍ତ**

ଟିକିଏ ମାମୁଁ କଥା କହେ । ତାଙ୍କ ଶୁଭନାମ ଥିଲା, ଉପେନ୍ଦ୍ର ପଣ୍ଡା । ମହତାବଙ୍କ ସେ ଥିଲେ ଜିଗିରି ଦୋସ୍ତ । ଏକା ସାଙ୍ଗରେ କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ମହତାବଙ୍କ ଗାଆଁ ଅଗରପଡ଼ା ।

ମାମୁଁ ଗାଆଁ 'ଅଡ଼ାଳପଙ୍ଗ'ର ପାଖାପାଖି ସେ ସମୟରେ ବାଲେଶ୍ୱରରୁ 'ପ୍ରଜାତନ୍ତ୍ର' ସାପ୍ତାହିକ ବାହାରୁଥିଲା । ମାମୁଁ ଥିଲେ 'ପ୍ରଜାତନ୍ତ୍ର'ର ସମ୍ପାଦକ ।

ମାମୁଁ ଉପେନ୍ଦ୍ର ପଣ୍ଡା କ'ଣ ନଥିଲେ ? ସେ ଥିଲେ, ବକ୍ତା, ଅଭିନେତା, ଲେଖକ, ସଂଗୀତଜ୍ଞ, ଇମିତି ଇମିତି କେତେ । 'ଗୋଲ୍‌ଡ୍‌ସ୍ମିଥ୍' ତାଙ୍କ ଭିଲେଜ ସ୍କୁଲ ମାଷ୍ଟର କବିତାରେ ଲେଖିଛନ୍ତି: "ତାଙ୍କର ଛୋଟ ମୁଣ୍ଡରେ ଏତେ ବୁଦ୍ଧି ପଶିଲା କେମିତି ?" ମୁଁ ବି ସେତେବେଳେ ସେଇମିତି କିଛି ଭାବୁଥିଲି ।

ମୋ'ର ମାମୁଁପୁଅ ପୂର୍ଣ୍ଣଚନ୍ଦ୍ର ମୋ'ଠୁଁ ବର୍ଷେବଡ଼ । ମୁଁ ତାକୁ 'ପୂର୍ଣ୍ଣନା' ବୋଲି ଡାକୁଥିଲି । ସେ ଆମ ଘରକୁ ଆସିଥିଲା । ଆମେ ତାଙ୍କ ଗାଁକୁ ବାହାରିଲୁ । ଦିନକରେ ସେଠି

ପହଞ୍ଚି ପାରିବୁନି । ବାଟରେ 'ମୁକ୍ତିଆନା' (ମୁକ୍ତିକାନ୍ତ ପତି)ଙ୍କ ଘରେ ରହୁ । ସକାଳୁ ସକାଳୁ ବାହାରିପଡୁ ।

ରାତିରେ ଗୋଟେ ଘଟଣା ଘଟିଲା । 'ପୂର୍ଣ୍ଣନା' ଓ ମୁଁ ବିଡ଼ି ପିଇବାକୁ ଭାବିଲୁ । ଗୋଟେ ବିଡ଼ି ଯୋଗାଡ଼କଲୁ । ବିଡ଼ି ପିଇବା ଜାଣୁନା । ଆମେ ଧୂଆଁ ଢୋକିଦେଲୁ । ହେଲା କାଶ । ଛୁଆଙ୍କର କ'ଣ ହେଲା ବୋଲି ସମସ୍ତେ ଉଠିଲେ । ବିଡ଼ି ତଳେ ପଡ଼ିଥାଏ । ବିଡ଼ି କିଏ ଆଣିଲା ବୋଲି ପଚରାଗଲା । ମୁଁ କହିଲି, ପୂର୍ଣ୍ଣନା ଆଣିଛି । ସେ କହିଲା ମୁଁ ଆଣିଛି । ତା'ପରେ ଦୁଇଜଣଙ୍କୁ ହେଲା ମାଡ଼ । ସେ ମାଡ଼ ବହୁତ କାମ ଦେଲା । ଆଜିଯାଏଁ ବିଡ଼ି କି ସିଗାରେଟ୍ ପିଇନି ।

**ଅଭୁଲା ପଖାଳ**

ସକାଳୁ ସକାଳୁ ଆମେ ବାହାରିଗଲୁ । ଗାଇଦାଣ୍ଡି ହିଡ଼ ଉପରେ ଚାଲୁଥାଉଁ । ଖରା ମାଡ଼ିଆସିଲା । ଭୋକରେ ପେଟ ଜଳୁଛି । ତଣ୍ଟି ଅଠାଅଠା । ପାଖରେ 'ଆଡ଼ିଆ' ବୋଲି ଗାଁଟେ ଅଛି । ମନେପଡ଼ିଲା, ମାମୁଁଙ୍କ ଥିଏଟରରେ ସେ ଗାଁର ଜଣେ ପାର୍ଟ କରୁଥିଲା । ଆମେ ଯାଇ ତାଙ୍କ ଦୁଆରେ ଢୁକିଲୁ । ସେ ଘରେ ନଥିଲେ । ତାଙ୍କ ସ୍ତ୍ରୀ ଆମକୁ ଘରକୁ ନେଇଗଲା । ବୁଢ଼ୀ ଆମକୁ ଓଦା ଗାମୁଛାରେ ପୋଛି ପକାଇଲା । ବାଡ଼ିରୁ ବାରମିଶା ଶାଗ କେରେ ଆଣି, ଖରଡ଼ି ଆମ ପାଖରେ ପଖାଳ ଆଣି ଥୋଇଲା । ବିନା କଥାବାର୍ତ୍ତାରେ ଆମେ ପଖାଳ ଗଣ୍ଡାକ ଟାଉଟାଉ ହୋଇ ଖାଇପକେଇଲୁ । ସେ ଖାଇବା ମୁଁ କେବେ ଭୁଲିନି କି ଭୁଲି ପାରିବିନି । ମୋ' ଜୀବନ-ସିଲଟରେ ସେକଥା କଣ୍ଟା ଗାର ପଡ଼ିଯାଇଛି । ପୂର୍ଣ୍ଣନା ଚାଲିଗଲାଣି । ମୁଁ ବହୁତ ଜାଗାରେ ଖାଇଛି । ଯେଉଁ ତୃପ୍ତି ପାଇଥିଲି, ଆଉ କେଉଁଠି ପାଇବିନାହିଁ ।

ଏବେ ପଖାଳ ଦିବସରେ କେତେ ରକମର ସାମଗ୍ରୀ ସହିତ ପଖାଳ ଖାଇଲି । ମନରେ ମୋର ଗୁମରି ଉଠିଲା, ହାୟ ମୋର ସେଦିନର ପଖାଳ । ସେଦିନ ପଖାଳର ସୁଖଦ ସ୍ୱାଦୁଭରା ସ୍ମୃତି ସତେ ମୋ' ଭିତରେ ଉଜ୍ଜୀବିତ ହେଇ ରହିଛି, ରହିବ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
utpalpati@gmail.com

ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ ।

*It's Easy !*

1. Download 'Google Play Books' from Play Store.
2. Register by using your Gmail ID and password.
3. In the Search box please type 'Sahitya Charcha'. Select the issue you wish to read.
4. Pay Rs.23.60 by using Google pay, UPI or any other payment mode.
5. Download the 'Sahitya Charcha' Magazine into your device.

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books

**ସାକ୍ଷାତକାର**

# ବର୍ଷୀୟାନ୍ ସାହିତ୍ୟିକ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସହ ଆଳାପ

**ବରିଷ୍ଠ ସାହିତ୍ୟିକ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କର ବୟସ ବର୍ତ୍ତମାନ ୮୦ ବର୍ଷ । ସେ ଏକାଧାରରେ ଜଣେ କବି, ଅନୁବାଦକ, ସମାଲୋଚକ ଓ ନାଟ୍ୟକାର। ୧୯୯୧ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ରେଭେନ୍ସା ମହାବିଦ୍ୟାଳୟ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ସମେତ ଅନେକ ପ୍ରମୁଖ ଶିକ୍ଷାନୁଷ୍ଠାନର ଓଡ଼ିଆ ବିଭାଗରେ ଅଧ୍ୟାପନା କରି ସେ ପ୍ରଫେସର ଭାବରେ ୨୦୧୦ ମସିହାରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** ଆପଣ ଜଣେ ପ୍ରବୀଣ କବି ଓ ସମାଲୋଚକ ଭାବରେ ପରିଚିତ ହେବା ସହିତ ସହିତ ଜଣେ ସୁଦକ୍ଷ ନାଟ୍ୟକାର ଭାବରେ ମଧ୍ୟ ଖ୍ୟାତ। ଆପଣଙ୍କର ସ୍ୱର୍ଗତ ପିତା ଜଣେ ବିଶିଷ୍ଟ ନାଟ୍ୟକାର ଥିଲେ। ନାଟ୍ୟକାର ହେବାର କଳା କ'ଣ ଆପଣ ତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଛନ୍ତି ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ନିଶ୍ଚୟ ତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଛି। କାରଣ ମୁଁ ଯେତେବେଳେ ପିଲାଦିନେ ପାଠ ପଢୁଥିଲି ସ୍କୁଲ୍‌ରେ, ସେତେବେଳେ ଘରେ ତା'ଙ୍କ ନାଟକର ପାଣ୍ଡୁଲିପି ପଡ଼ିରହିଥାଏ ଟେବୁଲ ଉପରେ। ସେସବୁ ମୁଁ ଲୁଚିକରି ପଢ଼ିନିଏ। ତା'ଙ୍କ କେତେକ ନାଟକର ରିହର୍ସାଲ୍ ମଧ୍ୟ ମୁଁ ଦେଖିଛି। ସେଗୁଡ଼ିକ ମୋ' ମନରେ ପ୍ରଭାବ ପକାଇଥିଲା।

**ସାହିତ୍ୟ ଚର୍ଚ୍ଚା:** ଏଣୁ ସେହି ପିଲାଦିନରୁ ନାଟକ ଲେଖିବାର ଇଚ୍ଛା ବୋଧହୁଏ ଜାଗରିତ ହେଲା ଆପଣଙ୍କ ମନରେ।

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ମୋ'ର ବଡ଼ ଇଚ୍ଛା ଥିଲା ଲେଖିବାକୁ; କିନ୍ତୁ ସେତେବେଳେ ଲେଖିବାକୁ ସମର୍ଥ ହୋଇନଥିଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ନିଜର ପ୍ରଥମ ନାଟକଟି ଆପଣ କେବେ ଲେଖିଲେ ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ମୋର ପ୍ରଥମ ନାଟକ, 'ସତ୍ୟ ସଂଶୟ ସାଲବେଗ' ପ୍ରକାଶ ପାଇଲା ୧୯୮୧ ମସିହାରେ।

**ସାହିତ୍ୟ ଚର୍ଚ୍ଚା:** ଏହି 'ସତ୍ୟ ସଂଶୟ ସାଲବେଗ' ଏବଂ ତା'ଛଡ଼ା ଆପଣଙ୍କର 'ଭୀମ ଭୋଇଙ୍କ ସନ୍ଧାନରେ', 'ଅଶ୍ୱିନୀ କୁମାରଙ୍କ ଶେଷ ଦିନ' ଓ 'କୁନ୍ତଳା କୁମାରୀ' ଭଳି ନାଟକଗୁଡ଼ିକରେ ମଧ୍ୟ ଆପଣ ବିଭିନ୍ନ ସାରସ୍ୱତ ସ୍ରଷ୍ଟାଙ୍କ ଜୀବନକୁ ଚିତ୍ରଣ କରିଥିବା ଆମେ ଦେଖିବାକୁ ପାଉ। ଏଗୁଡ଼ିକୁ

କ'ଣ ଜୀବନୀମୂଳକ ନାଟକ ଭାବରେ ଆମେ ନେଇପାରିବା ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ଏହାକୁ ଜୀବନୀମୂଳକ ନାଟକ ଭାବରେ ଆପଣ ଗ୍ରହଣ କରିପାରନ୍ତି; କିନ୍ତୁ ଏହି ସବୁଥିରେ ଗୋଟିଏ ବାର୍ତ୍ତା ଥାଏ ଏବଂ ଏଥିରେ ସେହି ମହାପୁରୁଷମାନଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ମଧ୍ୟ ପରିସ୍ଫୁଟ ହେଉଥାଏ।

**ସାହିତ୍ୟ ଚର୍ଚ୍ଚା:** ଯେତେବେଳେ ଗୋଟିଏ ଜୀବନୀକୁ ଆଧାର କରି ନାଟକଟିଏ ଲେଖାଯାଏ, ସେତେବେଳେ ନାଟକର କେତେକ ମୂଳ ତତ୍ତ୍ୱ, ଯେପରିକି ଉତ୍କଣ୍ଠା ଓ ନାଟକୀୟତା ଆଦି ତାହା ଭିତରକୁ ଆଣିବା କଷ୍ଟକର ହୁଏ କି ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ନା, କଷ୍ଟ ହୁଏନି; କାହିଁକି ନା ମୁଁ ଯେଉଁ ଲେଖକମାନଙ୍କୁ ନେଇ ନାଟକ ଲେଖିଛି, ସେମାନଙ୍କର ଜୀବନ ହିଁ ଗୋଟିଏ ଗୋଟିଏ ନାଟକ। ତେଣୁ ନାଟକଟିଏ ଗଢ଼ିବାର ଯେଉଁ ପରିକଳ୍ପନା, ତାହା ମୋ' ପାଇଁ ସମସ୍ୟା ହୋଇନାହିଁ।

**ସାହିତ୍ୟ ଚର୍ଚ୍ଚା:** ଡି.ଲିଟ୍‌ରେ ଆପଣଙ୍କ ସନ୍ଦର୍ଭର ବିଷୟ ଥିଲା 'ଆଧୁନିକ ଓଡ଼ିଆ ନାଟକରେ ବାସ୍ତବ ଓ ଉଦ୍ଭଟ ଚେତନା'। ଏହି ପ୍ରେକ୍ଷାପଟରେ ଆମେ ଜାଣିବାକୁ ଚାହିବୁ ଯେ ଆପଣ କ'ଣ ମନେକରନ୍ତି ଯେ ଉଦ୍ଭଟତାକୁ ଆପଣେଇବା ଫଳରେ ଓଡ଼ିଆ ନାଟକ ଗୋଟିଏ ସମୟରେ ସାଧାରଣ ଦର୍ଶକଙ୍କଠାରୁ ଦୂରେଇଗଲା ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ହଁ ଦୂରେଇଗଲା; କାହିଁକି ନା ଉଦ୍ଭଟ ନାଟକ ଗୋଟିଏ ନେତିବାଦୀ ଦର୍ଶନ ଉପରେ ପ୍ରତିଷ୍ଠିତ, ଯେଉଁଟା କି ତାହା ପରେ ଆସିଥିବା ଆଶାବାଦୀ ଚେତନାର ବିପରୀତ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଯେଉଁ ଆଶାବାଦୀ ଚେତନାର କଥା କହୁଛନ୍ତି, ତାହା କ'ଣ ସମସାମୟିକ, ଅର୍ଥାତ୍ ଏବର ନାଟକକୁ ଲକ୍ଷ୍ୟ କରି ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ନା ଏବର ନୁହେଁ; ମୁଁ ତ ୧୯୮୦ ଦଶକରୁ ଏହା ଲକ୍ଷ୍ୟ କଲିଣି।

**ସାହିତ୍ୟ ଚର୍ଚ୍ଚା:** ତେବେ ଏହାର ପୂର୍ବ ସମୟଟା ଥିଲା ଉଦ୍ଭଟ ନାଟକର ଯୁଗ।

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ହଁ ଏବଂ ଅଶୀ ପରବର୍ତ୍ତୀ ନାଟ୍ୟକାରମାନେ ଅତୀତକୁ ଫେରିଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ସମାଲୋଚନା ସାହିତ୍ୟ ପ୍ରତି ଦୃଷ୍ଟି ପକାଇଲେ ଆମେ ପାଉ ଯେ ସେଥିରେ ଆପଣ ପ୍ରାୟତଃ ଅଧ୍ୟାପକୀୟ ଶୈଳୀ ଅନୁସରଣ କରିଛନ୍ତି। ଏଥିସହିତ ଆପଣ ଏକମତ କି !

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ଅଧ୍ୟାପକୀୟ ଶୈଳୀ ହୁଏତ ଏ ଦୃଷ୍ଟିରୁ କୁହାଯାଇପାରେ ଯେ ସେହି ସମାଲୋଚନାଗୁଡ଼ିକ ସାହିତ୍ୟିକ ଭାଷାରେ ଲେଖାଯାଇଛି। ଏ ଧରଣର ଭାଷାକୁ ଛାଡ଼ି ସମାଲୋଚନା ଲେଖାଯାଇପାରିବ ନାହିଁ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ କୃତିର ବିଶ୍ଳେଷଣ ଓ ମେଥଡୋଲୋଜୀରେ ମଧ୍ୟ ଥାଏ କି ଏକ ଧରାବନ୍ଧା ଏକାଡେମିକ୍ ଶୈଳୀ ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ଏହି ଅନୁକୋଣରୁ ଅନ୍ୟମାନଙ୍କ ତୁଳନାରେ ମୁଁ ଅବଶ୍ୟ ଟିକିଏ ଆଧୁନିକ। କେତେଜଣ ସମାଲୋଚକ ଅଛନ୍ତି, ଯେଉଁମାନେ ଗତାନୁଗତିକ ପନ୍ଥାରେ ଲେଖନ୍ତି। କିନ୍ତୁ ମୁଁ ଯାହା କହିବାକୁ ଚାହିଛି, ସିଧାସଳଖ କହିଛି ଏବଂ ଯେତିକି କହିବାର କଥା ସେତିକି ମାତ୍ର କହିଛି।

> **ମୁଁ ଯେଉଁ ଲେଖକମାନଙ୍କୁ ନେଇ ନାଟକ ଲେଖିଛି, ସେମାନଙ୍କର ଜୀବନ ହିଁ ଗୋଟିଏ ଗୋଟିଏ ନାଟକ।**

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଗୋଟିଏ ସମାଲୋଚନାତ୍ମକ ପୁସ୍ତକ, 'ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ – ନୂତନ ପ୍ରେକ୍ଷାପଟ'ର ଗୋଟିଏ ଅଧ୍ୟାୟରେ ଆପଣ 'ଲାବଣ୍ୟବତୀ'ର ପ୍ରସଙ୍ଗକୁ ନେଇ ଉପେନ୍ଦ୍ର ଭଞ୍ଜଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଛନ୍ତି। ସେ ମଧ୍ୟଯୁଗୀୟ କାବ୍ୟ ହେଉ, ବା ଆଧୁନିକ, ଆପଣ କ'ଣ ଭାବନ୍ତି ଯେ କୌଣସି କବିଙ୍କର ବ୍ୟକ୍ତିତ୍ୱ ତାଙ୍କର ସୃଷ୍ଟି ଉପରେ ଏପରି ପ୍ରଭାବ ବିସ୍ତାର କରିଥାଏ ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ସେହି ବ୍ୟକ୍ତିତ୍ୱ ଅନୁସାରେ ହିଁ ତାଙ୍କର କବିତା ରୂପାୟିତ ହୋଇଥାଏ। ଆପଣ ଉପେନ୍ଦ୍ର ଭଞ୍ଜଙ୍କ କଥା କହିଲେ; ଉପେନ୍ଦ୍ର ଭଞ୍ଜ ରାଜପୁତ୍ର ଥିଲେ, ପଣ୍ଡିତ ମଧ୍ୟ ଥିଲେ। ସଂସ୍କୃତ ସାହିତ୍ୟ ଓ କାବ୍ୟ ଅଳଙ୍କାରର ସମକକ୍ଷ ସାହିତ୍ୟ ଆମ ଭାଷାରେ ସୃଷ୍ଟି କରିବା

ତାଙ୍କର ଲକ୍ଷ୍ୟ ଥିଲା।

**ସାହିତ୍ୟ ଚର୍ଚ୍ଚା:** ତାଙ୍କର କାବ୍ୟକୁଶଳତା ବିଷୟରେ କ'ଣ କହିବେ ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ସେ ଥିଲେ ଜଣେ ଅସାଧାରଣ କାବ୍ୟକୁଶଳୀ। କାବ୍ୟ ଗଠନ କରିବାକୁ ଯାଇ ସେ ଏଭଳି ଶବ୍ଦ ସଂଯୋଜନା କରିଛନ୍ତି ଯାହା ଆମକୁ ଅତୀବ ଅଭିଭୂତ କରିଦିଏ। ଆମ ଭାଷାର ଶବ୍ଦରାଜିକୁ ନେଇ ଯେ ଏଭଳି ଖେଳ ହୋଇପାରିବ ତାହା ସେ ନିଜ କାବ୍ୟକୃତିରେ ପ୍ରମାଣ କରିଦେଇଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ତେବେ କେବଳ ଭାଷାଡ଼ମ୍ବର ଭିତରେ ହିଁ ଆବଦ୍ଧ ହୋଇ ରହିଗଲା କି ତା'ଙ୍କର କବିତ୍ୱ ?




**ନୀଳାଦ୍ରିଭୂଷଣ ହରିଚନ୍ଦନ:** ଗୋଟିଏ କଥା ହେଲା, ତାଙ୍କର ଏହି ଯେଉଁ କାବ୍ୟକୌଶଳ, ତାହାକୁ ଗୁରୁତ୍ୱ ଦେବା ଫଳରେ ସେ ନିଜର କବିତ୍ୱ ବା କବିଭାବ ପ୍ରକାଶ କରିପାରିନାହାନ୍ତି। 'ଲାବଣ୍ୟବତୀ'ର ତିନି ବା ଚାରୋଟି ସ୍ଥାନରେ ଅବଶ୍ୟ ତାଙ୍କର କବିତ୍ୱ ପ୍ରତିଭାତ ହୋଇଛି। 'ବୈଦେହୀଶ ବିଳାସ' ଓ 'ପ୍ରେମ ସୁଧାନିଧି' ଭଳି କାବ୍ୟରେ ମଧ୍ୟ ତାଙ୍କର ଏଭଳି କିଛି କବିତ୍ୱ ଆମେ ଦେଖିବାକୁ ପାଉ। ମୁଁ ଚେଷ୍ଟା କରିଛି, ମୋ' ସମାଲୋଚନାରେ, ମଣିଷକୁ ଖୋଜିବାକୁ, ଜୀବନକୁ ଖୋଜିବାକୁ ଏବଂ ସେହି ଦୃଷ୍ଟିକୋଣରୁ କବିମାନଙ୍କର ଆକଳନ କରିଛି, ଉପେନ୍ଦ୍ର ଭଞ୍ଜଙ୍କ ସମେତ।

**ସାହିତ୍ୟ ଚର୍ଚ୍ଚା:** ଏଥର ଟିକିଏ ଭିନ୍ନ ପ୍ରସଙ୍ଗକୁ ଆସିବା। ଶୁଣିଛୁ, ଆପଣ ନିଜର ଆଦ୍ୟ ଅଧ୍ୟାପକୀୟ ଜୀବନରେ ଥରେ ଶୁଦ୍ଧ ଓଡ଼ିଆ ଲିଖନ ବିଷୟରେ ବହିଟିଏ ଲେଖିଥିଲେ। ସେଥିରେ କିନ୍ତୁ ବହୁତ କିଛି ଅଶୁଦ୍ଧତା ରହିଯାଇଥିଲା।

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ବହିଟିର ପ୍ରଥମ ସଂସ୍କରଣରେ ଅବଶ୍ୟ ଏଭଳି ପ୍ରୁଫ୍‌ଜନିତ କିଛି ତ୍ରୁଟି ରହିଯାଇଥିଲା। କିନ୍ତୁ ପରବର୍ତ୍ତୀ ସଂସ୍କରଣରେ ସେସବୁ ସଂଶୋଧନ କରିଦିଆଗଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ ଗୋଟିଏ ପ୍ରମୁଖ ରାଜନୈତିକ ପରିବାରରେ ଜନ୍ମ ହୋଇଥିଲେ ହେଁ ରାଜନୀତିରେ କେବେ ଭାଗ ନେଇନାହାନ୍ତି। କାରଣ କ'ଣ ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ରାଜନୀତି ପ୍ରତି ମୋ'ର ସଦାବେଳେ ବିତୃଷ୍ଣା। ମୁଁ ଚାହିଁଥିଲି ଯେ ଜଣେ ଆଦର୍ଶ ଅଧ୍ୟାପକ ହେବି, ପିଲାମାନଙ୍କୁ ପାଠ ପଢ଼ାଇବି, ଲୋକେ ମୋ' ବକ୍ତୃତା ଶୁଣି ମୁଗ୍ଧ ହେବେ। ଏହା ହିଁ ଥିଲା ମୋର ପ୍ରାଥମିକତା । ପିଲାଦିନୁ ତ ମନରେ କବିତା ପ୍ରତି ଗଭୀର ଆଗ୍ରହ ଥିଲା; ତେଣୁ ସାହିତ୍ୟିକ ହେବାର ଆଗ୍ରହ ସୃଷ୍ଟି ହେଲା। ଛାତ୍ର ଜୀବନରେ ପଢୁଥିଲି ପ୍ରବଳ। ଏହା ମୋତେ ଏ ଦିଗରେ ସାହାଯ୍ୟ କଲା।

**ସାହିତ୍ୟ ଚର୍ଚ୍ଚା:** ଏହି ସନ୍ଦର୍ଭରେ ଆମର ମନେପଡୁଛି ଆପଣଙ୍କର ଜଣେ ପୁରାତନ ସହପାଠୀ ଥରେ ଆମକୁ କହିଥିଲେ ଯେ ଆପଣ ଶ୍ରେଣୀରେ ସବୁବେଳେ ଧୀର, ନିରବ ଓ ଶାଳୀନ ଭାବରେ ରହୁଥିଲେ। ଉତ୍ତର-ଜୀବନରେ ମଧ୍ୟ ଆପଣ ଏହି ଗୁଣାବଳୀ ବଜାୟ ରଖିଛନ୍ତି । ଏହା କଣ ଆପଣଙ୍କ ସାରସ୍ୱତ ସାଧନାର ମୂଳ ମନ୍ତ୍ର ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ଏଥିପାଇଁ ସାଧନା ଦରକାର ପଡ଼ିନାହିଁ। ଏଇଟା ତ ମଣିଷର ସ୍ୱଭାବଗତ। ଆଉ ତା'ପରେ ମଧ୍ୟ ପାରିବାରିକ ଶିକ୍ଷା। ତେଣୁ ସାଧାରଣ, ସରଳ ଜୀବନଯାପନ ପାଇଁ ଗୋଟିଏ ପ୍ରବଣତା ବୋଧହୁଏ ମୋ'ର ଥିଲା। ନିଜକୁ କୁଟିଳତାରୁ ଦୂରେଇ ରଖିବାକୁ ଯଥାସାଧ୍ୟ ଚେଷ୍ଟା କରିଛି।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ କବିତାକୁ ଆପଣଙ୍କ ଅବଦାନ ମଧ୍ୟ କମ୍ ନୁହେଁ। ଆପଣଙ୍କର ଏ ଯାବତ୍ ଏଗାରଟି କବିତା ସଂକଳନ ପ୍ରକାଶ ପାଇଛି। ତେବେ ଟିକିଏ କହନ୍ତୁ, ନୀଳାଦ୍ରି ଭୂଷଣ ହରିଚନ୍ଦନ ମୁଖ୍ୟତଃ ଜଣେ ଗଦ୍ୟଭାବର ମଣିଷ ନା କବିଭାବର ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ମୂଳତଃ ମୁଁ ଗଦ୍ୟଭାବ ସମ୍ପନ୍ନ ମଣିଷ ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ନୁହନ୍ତି ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ମୁଁ ଯେହେତୁ ଜଣେ ଅଧ୍ୟାପକ ଥିଲି, ମୋ'ର ଏକ ସମାଲୋଚନାମୂଳକ ଦୃଷ୍ଟି ଥିଲା। ଗଦ୍ୟରଚନାର ସମ୍ଭାର ମଧ୍ୟ ବିସ୍ତୃତ ଥିଲା। ତାହା ଏକ ଭିନ୍ନ କଥା।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣଙ୍କର କବିତା ନ ପଢ଼ିଥିବା ଏବଂ କେବଳ ସମାଲୋଚନା-ସାହିତ୍ୟ ପଢ଼ିଥିବା କେହି କହିପାରିବେନି ଯେ ଆପଣ ଜଣେ କବି ଭାବର ମଣିଷ ମଧ୍ୟ।

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ମୁଁ ତ ତିନି ଭାଗରେ ବିଭକ୍ତ; ଜଣେ କବି, ଜଣେ ନାଟ୍ୟକାର ଓ ଜଣେ ସମାଲୋଚକ। ମୁଁ ଯେତେବେଳେ ନାଟକ ଲେଖେ ସେତେବେଳେ ସେଥିରେ ସମ୍ପୂର୍ଣ୍ଣ ମଗ୍ନ ହୋଇଯାଏ; ନାଟ୍ୟପ୍ରବଣତା ଜାଗ୍ରତ ନ ହେଲେ ମୁଁ ନାଟକ ଲେଖି ପାରିବିନି। ଯେତେବେଳେ କବିତା ଲେଖେ, ମୋର ମନକୁ କବିତ୍ୱ ଆସିବା ପରେ ହିଁ ତାହା କରିପାରେ। ପୁଣି ଯେତେବେଳେ ଅନେକ କିଛି ଅଧ୍ୟୟନ କରେ, ତାହାର ପରିଣାମରେ ସମାଲୋଚନା ଲେଖେ। ଏମିତିରେ ସମାଲୋଚନା ତ ଆମର ବୃତ୍ତିଗତ ।

> **ମୁଁ ତ ତିନି ଭାଗରେ ବିଭକ୍ତ; ଜଣେ କବି, ଜଣେ ନାଟ୍ୟକାର ଓ ଜଣେ ସମାଲୋଚକ।**

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଗୋଟିଏ କବିତା ଆମେ ପଢ଼ିଥିଲୁ, 'ପୁଣି ଥରେ ଜନ୍ମ ନେବି'। ସେଥିରେ ଆପଣ କହିଛନ୍ତି: 'ଏଇ ଶେଷ ଶେଷ ନୁହେଁ/ ପୁଣିଥରେ ଜନ୍ମନେବି ମୋର ମହିମାମୟୀ ମାଆ କୋଳରେ/ ସେତେବେଳେ ସବୁ ମଣିଷ ସୁନ୍ଦର ହେଇଯାଇଥିବେ/ ସବୁ ମଣିଷଙ୍କ ମୁହଁରୁ ଉତୁରିଆସୁଥିବ ବିମଳ ହସର ଚନ୍ଦ୍ରକାନ୍ତି।' ଜୀବନ ପ୍ରତି ଏହି ଯେ ସକାରାତ୍ମକ ଦୃଷ୍ଟିଭଙ୍ଗୀ ତାହା କ'ଣ ଆପଣଙ୍କର ଧୀର, ଶାନ୍ତ ଓ ଉଦାର ସ୍ୱଭାବର ଏକ ପ୍ରତିଫଳନ ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ସେଭଳି ଏକ ଭାବଦୃଷ୍ଟି ପ୍ରକୃତରେ ଏହି କବିତାରେ ଅଛି। ପ୍ରେମକବିତା ଓ ରସୋତ୍ତୀର୍ଣ୍ଣ କବିତା ଛଡ଼ା ମୁଁ ଆମର ଗ୍ରାମ, ରାଜ୍ୟ, ଦେଶ ଓ ବିଶ୍ୱ – ଏସବୁକୁ ମଧ୍ୟ ମୋ' କବିତାର ପରିସରକୁ ଆଣିଛି। ବିଶେଷ ଭାବରେ, ଆମ ସମାଜର ନିଛକ ସ୍ୱରୂପ ମଧ୍ୟ ସ୍ଥାନ ପାଇଛି ମୋ' କବିତାରେ।

**ସାହିତ୍ୟ ଚର୍ଚ୍ଚା:** ଯାହା ଲକ୍ଷ୍ୟକରୁ, ଆପଣଙ୍କ କବିତାରେ ଭାଷା ବା ଭାବଗତ ଉଦ୍ଭଟତା ନାହିଁ।

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ନା, ମୋ'ର ଶୈଳୀ ବରଂ ସୁସ୍ପଷ୍ଟ, ଯାହା ଉଦ୍ଭଟତାର ବିପରୀତ।

**ସାହିତ୍ୟ ଚର୍ଚ୍ଚା:** ଜଣେ ଆଦର୍ଶ ଅଧ୍ୟାପକ ଭାବରେ ଓଡ଼ିଆ ବିଭାଗର ଅଧ୍ୟାପନା ପ୍ରତି ଆପଣଙ୍କର ଅବଦାନ ଅନେକ। ଏ ଦୃଷ୍ଟିରୁ ଆମେ ଜାଣିବାକୁ ଚାହିବୁ, ଓଡ଼ିଆ ବିଭାଗରେ ଆପଣଙ୍କ ସମୟର ଅଧ୍ୟାପନା ଓ ଏବର ଅଧ୍ୟାପନାକୁ ତୁଳନା କଲେ ଆପଣ ଏହା ଅବକ୍ଷୟଗ୍ରସ୍ତ ହେଉଥିବା ଅନୁଭବ କରନ୍ତି କି ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ବହୁତ ପରିମାଣରେ ଅବକ୍ଷୟଗ୍ରସ୍ତ ହୋଇଛି ଏହା; ଗବେଷଣାରେ ମଧ୍ୟ ଏହା ଘଟିଛି। ଏହାର କାରଣ ହେଉଛି, ସେଭଳି ପ୍ରତିଭାସମ୍ପନ୍ନ ଶିକ୍ଷକ ଆଉ ଅଧ୍ୟାପନାକୁ ଆସୁନାହାନ୍ତି।

**ସାହିତ୍ୟ ଚର୍ଚ୍ଚା:** ଶୁଣିଛୁ ଯେ କେତେକ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସିଲାବସ୍‌ରୁ ବା ସ୍ପେଶାଲ ପେପରରୁ ଭଞ୍ଜ ସାହିତ୍ୟକୁ ହଟାଇ ଦିଆଯାଉଛି, କାରଣ ଏହା ପଢ଼ାଇବା ପାଇଁ ସୁଦକ୍ଷ ଅଧ୍ୟାପକ ନାହାନ୍ତି। ଏହା କ'ଣ ସତ ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ସେଇଟା ଠିକ୍ କଥା। କେତେକ ବିଶ୍ୱବିଦ୍ୟାଳୟରେ ସିଲାବସରେ ଥିବା ସତ୍ତ୍ୱେ ଦୀନକୃଷ୍ଣଙ୍କ 'ରସକଲ୍ଲୋଳ', ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ଓ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ବିଶେଷ ଭାବରେ ପଢ଼ା ହେଉନାହିଁ। ଛାତ୍ରମାନେ ମଧ୍ୟ ଏଥିପ୍ରତି ଆଗ୍ରହୀ ନୁହନ୍ତି।

**ସାହିତ୍ୟ ଚର୍ଚ୍ଚା:** ସମାଲୋଚନା ସାହିତ୍ୟର ଜଣେ ପ୍ରବୀଣ ସ୍ରଷ୍ଟା ଭାବରେ ଆପଣ ଅନୁଭବ କରନ୍ତି କି ଯେ ଆମ ସମାଲୋଚନା ସାହିତ୍ୟ ଧୀରେ ଧୀରେ ଦୁର୍ବଳ ହୋଇପଡୁଛି, ବା ନିଜର ସ୍ଥିତି ହରାଇବାକୁ ବସିଛି ?

**ନୀଳାଦ୍ରିଭୂଷଣ ହରିଚନ୍ଦନ:** ହଁ ଏହା କୁହାଯାଇପାରେ; କାରଣ ଉପଯୁକ୍ତ ସମାଲୋଚକ ଆଉ ବେଶି ଜଣ ନାହାନ୍ତି। ଏହାର ଗଭୀର ଅଧ୍ୟୟନ ପାଇଁ ମଧ୍ୟ ଦୃଷ୍ଟି ଦିଆଯାଉନାହିଁ। ଏବେ ତ ସମାଲୋଚନା ସାହିତ୍ୟ କେବଳ ଛାତ୍ର ଓ ଗବେଷକଙ୍କ ମଧ୍ୟରେ ହିଁ ସୀମିତ ହୋଇ ରହିଯାଇଛି।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପଯୋଗୀ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।



ଗଳ୍ପ

# ହାଣ୍ଡିଶାଳ

ଅଭିରାମ ମଣ୍ଡଳ

ମୁଁ ହାଣ୍ଡିଶାଳ, ଖଜୁରିଆପଡ଼ା ନିତେଇ ପଧାନର ହାଣ୍ଡିଶାଳ। ଖଜୁରିଆପଡ଼ା ଗାଁରେ ନିତେଇ ପଧାନର ଯେମିତି ଗୋଟେ ଖାତିରି ଅଛି, ସେଇଭଳି ଭାବେ ନିତେଇ ପଧାନ ଘରେ ମୋ'ର ବି ଖାତିରି କିଛି କମ୍ ନୁହେଁ। ଖଞ୍ଜାଟା ଭିତରେ ଖାଲି ଠାକୁର ଘରକୁ ଛାଡ଼ିଦେଲେ, ମୋ' ଭଳିଆ ପବିତ୍ର ଜାଗା ଆଉ କୋଉଠି ନାହିଁ। ଠାକୁର ଘରେ ଯେମିତି ଦେବାଦେବୀ ପୂଜା ପାଆନ୍ତି, ସେଇଭଳି ଭାବେ ମୋ' ଦିହରେ ବଡ଼ବଡୁଆମାନେ ପୂଜା ପାଆନ୍ତି। ଆଉ ଏଇଠି ମା' ଲକ୍ଷ୍ମୀ ବି ବାସ କରନ୍ତି। ସେଇଥିପାଇଁ ତ ପଧାନର ତିରିଲା, ମୋ' ପାଇଁ କେତେ ଚାରବାର କରେ।



ଖଞ୍ଜା ଭିତରେ ଆଉ କୋଉଠି କେମିତି ଖଣ୍ଡିଆଖାବରା ହେଇଗଲେ ଚଳିଯିବ, ହେଲେ ମୋ' ଦିହରେ ଖଣ୍ଡିଆ ଟିକେ ବି ଚଳିବନି। ସବୁବେଳେ ମୁଁ ଚିକ୍କଣଚାକଣ। ସତେ କି ସିନେମାର ଚିର ସବୁଜ ନାୟକ! ନିତେଇ ପଧାନର ଯେଉଁ ଖଞ୍ଜା ଘରେ ମୋ'ର ଅବସ୍ଥିତି, ସେଇ ଘରକୁ ତା'ର ଦୁଇ ପିଢି ଭୋଗ ଦଖଲ କଲେଣି। ନିତେଇ ପଧାନ ଏବେ ତିନି ପିଢ଼ିର ମଣିଷ। ମୋ'ର ବୟସ ତିନି ପିଢି ଚାଲିଥିଲେ ବି ମୋ' ଅବସ୍ଥାରେ ସେମିତି କିଛି ଦେଖାଣିଆ ପରିବର୍ତ୍ତନ ଘଟିନାହିଁ। ମୋ'ର ଶୁଭ ଦିଆଯିବା ବେଳେ ମୁଁ ଯେମିତି ଥିଲି, ଆଜି ବି ସେମିତି ଅଛି। ଖଞ୍ଜାର ପୂରୁବ ପଟ ବଖୁରାର ଗୋଟେ କୋଣକୁ ମୁଁ ଚକାମାଡ଼ି ବଇଛି। ମୋ'ର ଦୁଇ ପଟେ ଦୁଇ କାନ୍ଥ, ଆଉ ଗୋଟେପଟେ ଅଧା କାନ୍ଥି। ଆଗପଟଟା ପୂରା ଖୋଲା ମେଲା। ଯୋଉ ପଟେ ପଧାନ ତିରିଲା ମୋ'ଠାରୁ ସେବା ନେବାକୁ ଅଥବା ସେବା ଦବାକୁ ନଅରପଅର ହୁଏ।

ମୋ'ର ମନେ ଅଛି, ନିତେଇ ପଧାନର ଜେଜୀ ମା' ମତେ ଥାପନା କରିଥିଲା। ସେତେବେଳେ ନୂଆକରି ଖଞ୍ଜା ତିଆରି କରିଥିଲା, ନିତେଇର ଜେଜେ ବାପା। ସେଇ ଖଞ୍ଜାରେ ନିତେଇର ଜେଜୀ ମା' କେଡ଼େ ଆଦର ଯତନରେ ମୋ' ଦିହରେ ଜୀବନ ଭରି ନ ଥିଲା ସତେ! ନିଜେ କୋଡ଼ି ନେଇ ବେଣ୍ଟ ପୋଖରି ହୁଡ଼ାରୁ ବନ ମାଟି ତାଡ଼ିଥିଲା, ପୁଣି ତାକୁ ଟୋକେଇରେ ପୂରେଇ କାଖରେ କାଖେଇ ଘର ଯାଏ ବୋହି ଆଣିଥିଲା। ସେଇ ମାଟିକୁ ନିଜେ ପାଣିରେ ବତୁରେଇଦେଇ ପିଣ୍ଡି ଗଢ଼ିଥିଲା। ହଁ ଆଜ୍ଞା, ମଣିଷ ଦିହରେ ଯେମିତି ହୃଦଟା ହେଉଛି ମୁଖ୍ୟ ଅଙ୍ଗ, ସେମିତି ମୋର ମୁଖ୍ୟ ଅଙ୍ଗ ହେଲା ଦେଇପିଣ୍ଡି। ସେଇ ଦେଇପିଣ୍ଡିରେ ରୋଷେଇ ହାଣ୍ଡି ଥୁଆହୁଏ। ସେଇ ଦେଇପିଣ୍ଡିକୁ ଧୂପ ଦୀପ ଦେଇ ପୂଜା କରାଯାଏ ଆଉ ସେଇ ଦେଇପିଣ୍ଡିରୁ ବଡ଼ବଡୁଆମାନେ ପାଣି ପାଆନ୍ତି।

ହଁ, ନିତେଇର ଜେଜୀ ମା'କୁ ମାନିବାକୁ ପଡ଼ିବ। କେତେ ମତେ ଇଜ୍ଜତ ଖାତିରି ଦଉ ନ ଥିଲା! ଭାରି ଚାରବାର କରୁଥିଲା ସେ। ତା' ଜୀବନକାଳ ଭିତରେ ଏମିତି କୋଉ ଦିନ ଦେଖିବାକୁ ମିଳିବ ନାଇଁ, ଯୋଉ ଦିନ ସେ ଅଗାଧୁଆ ଅବା ଚପଲ ମାଡ଼ି ମୋ' ଭିତରେ ପଶିଥିବ। ସେ ତ ସେ, ତା' ପରିବାରର ବି ଆଉ କେହି ଏମିତି କରିବାର ମୁଁ କେବେ ଦେଖି ନାଇଁ। କେମିତି ବା କିଏ କରିବ? ନିତେଇର ଜେଜୀ ମା'ର ପରା ଚାରିଆଡ଼ିକି ନିଘା। ସମସ୍ତଙ୍କୁ ଗୋଡ଼େଗୋଡ଼େ ଜଗିଥିବ। ଯଦି ବା କିଏ ଅଗାଧୁଆ ମୋ ଆଖ ପାଖରେ ଦେଖାଦେଲେ, ତେବେ ସେ ତାଗିଦକରି କହିବ-“ଏଇ ତେଣେ କୁଆଡ଼େ? ଅଗାଧୁଆ

ଅଛବ, ମୋ' ଦେଇପିଣ୍ଡି ମାରା କରିବୁ ନା କଣ ? ଏ ଖଞ୍ଜାକୁ ନକ୍ଷ୍ମୀଛଡ଼ା କରିବୁ ? ଦୂର୍ ଦୂର୍... ଦୂର୍ ହ।"

ସତରେ ସେ ମୋ' ପାଇଁ କେତେ ଚିନ୍ତା କରୁ ନ ଥିଲା ! ମୋ' ପବିତ୍ରତା କେମିତି ନଷ୍ଟ ନ ହେବ, ମତେ ସମସ୍ତେ କେମିତି ଇଜ୍ଜତ କରିବେ, ସେଥିପାଇଁ ସେ ସବୁବେଳେ ଯତନ କରୁଥିଲା। ସତ କହିବାକୁ ଗଲେ, ସେ ମତେ ଖୁବ ଭଲ ପାଉଥିଲା। ହଁ ଭଲ ନ ପାଇବ ବା କେମିତି ? ଦିନର ଅଧେରୁ ଅଧିକ ସମୟ ତ ତା'ର ମୋ' ସହିତ ଭାବନାବ ଚାଲିଥିଲା। ମନ ଦୁଃଖ ହେଲେ ମୋରି କତିରେ ବସି ଲୁହ ଝରେଇବା ବେଳେ, ଖୁସିର ବେଳେ ମୋରି କତିରେ ହସୁଥିଲା। ମୁଁ ହିଁ ଥିଲି ତାର ଗତି ଓ ମୁକ୍ତିର ସାଧନ।

ନିତେଇର ଜେଜୀ ମା' ପାଇଁ ମୁଁ କଣ ଥିଲି, ସେ କଥା ଠିକ୍‌ରେ କହିପାରିବିନାହିଁ। ସେ କେବେ ବି ମତେ, ମାଟି କାଦୁଅ ନେସା ବଖୁରେ ଘର ବୋଲି କେବେ ଭାବିନି। ତେବେ ମୋ'ର ଯାହା ମନେ ହୁଏ, ସେ ମୋତେ କେତେବେଳେ ନିଜ ପିଲା ବୋଲି ଭାବେ, ତ ଆଉ କେତେବେଳେ ମା'। ପୁଣି କେତେବେଳେ ମତେ ଦିଅଁ ଭାବେ। ସକାଳେ ଯେତେବେଳେ ଗାଧେଇ ଆସି ମୋ' ଦେହରେ ଚଉକା ଦିଏ, ସେତେବେଳେ ମତେ ଲାଗେ ମୁଁ ହେଉଛି ତା' ପିଲା। ଅତି ଆଦରରେ ସେ ତା' ପଣତକାନିରେ ମୋ' ମୁହଁ ପୋଛିଦଉଛି। ଆଉ ଯେତେବେଳେ ମୋ' ଦିହରେ ରଖାହେଇଥିବା ହାଣ୍ଡିରୁ ଖାଇବା ପାଇଁ ଭାତ ବାଢ଼ିନିଏ, ସେତେବେଳେ ମୁଁ ତା'ର ମା' ପାଲଟି ଯାଏ। ଆଉ ସଞ୍ଜବେଳେ ସେ ଯେତେବେଳେ ମୋ' ଆଗରେ ସଞ୍ଜବତୀ ଥୁଏ, ସେତେବେଳେ ମୁଁ ହୋଇଯାଏ ତା'ର ଦିଅଁ।

**ଗୋଟିଏ କଥା ଦେଖି ଭାରି ଦୁଃଖ ଲାଗୁଛି, ଘରର ଅନ୍ୟମାନଙ୍କ ପାଖରେ ମୋ'ର ଖାତିରି ଧୀରେ ଧୀରେ କମିଯାଉଛି।**

ମୋ' ଦେଇପିଣ୍ଡିରୁ କେବେ ଖାଦ୍ୟ ସରେନି। ସବୁବେଳେ ମୁଁ ପରିପୂର୍ଣ୍ଣା। ସତେ କି ମା' ଅନ୍ନପୂର୍ଣ୍ଣା। ନିତେଇର ଜେଜୀ ମା'ର ଏହି ଭାବନା କି, ଯୋଉ ଦିନ ମୋ' ଦେଇପିଣ୍ଡି ଖାଲି ହେଇଯିବ, ସେଦିନ ଘରୁ ଲକ୍ଷ୍ମୀ ଛାଡ଼ିଯିବେ। ସେଇଥିପାଇଁ ତ ଭାତହାଣ୍ଡି ପଛେ ନ ହେଲା ନାଇଁ କାଞ୍ଜିହାଣ୍ଡି କିନ୍ତୁ ନିଶ୍ଚିତ ଥିବ। ଆଉ ପିଣ୍ଡ ଶ୍ରାଦ୍ଧ ଦିନର କଥା ତ ଅଲଗା। ସେଦିନ ନୂଆ ହାଣ୍ଡିରେ ଭାତ ରୋଷେଇ ହବ, ଆଉ ଆଗ ମୋତେ କଦଳୀ ପତ୍ରରେ ଭାତ ବାଢ଼ି ସମର୍ପଣ କରାହେବ, ତା' ପରେ ଯାଇ ଘର ଲୋକେ ଖାଇବେ।

ନିତେଇ ଜେଜୀମା'ର ଆଦର ସରାଗରେ ମୋ' ଦିନ ବହୁତ ଭଲରେ ବିତୁଥିଲା। ହେଲେ ବି ସମୟ ବଡ଼ ନିଷ୍ଠୁର। ଦିନ ଆସିଲା ଯୋଉ ଦିନ ନିତେଇର ଜେଜୀ ମା' ମୋ'ଠାରୁ ସବୁଦିନ ପାଇଁ ଅଲଗା ହେଇଗଲା। ସେଦିନ ମୋ' ମନ ବହୁତ ଦୁଃଖ ହେଲା, ହେଲେ କ'ଣ କରିବା ? ବିଧିର ବିଧାନ, କେ କରିବ ଆନ ! ତା' ପରେ ମୋ' ଦାୟିତ୍ୱ ବୁଝିବାକୁ, ନିତେଇର ବୋଉ ଆଗେଇ ଆସିଲା। କିଛିଦିନ ଭିତରେ ତା'ର ବି ମୋ' ସହିତ ଭଲ ପଟିଲା। ସେ ବି ନିତେଇର ଜେଜୀ ମା' ପରି ଖୁବ ଚାରବାର କଲା, ଆଉ ମୋ' ଆଦର ଯତନରେ ଆଦୌ ହେଳା କଲା ନାହିଁ। ଧୀରେ ଧୀରେ ମୁଁ ନିତେଇର ଜେଜୀମା'କୁ ହରାଇବାର ଦୁଃଖକୁ ଭୁଲି ଗଲି। ସମୟ କ୍ରମେ ନିତେଇର ବୋଉ ବି ମୋ' ଠାରୁ ବିଦାୟ ନେଲା। ଆଉ ଏବେ ମୋ' ମଙ୍ଗ ସମ୍ଭାଳିଛି ନିତେଇର ତିରିଲା।

ସେ ବି ନିଜ ଶାଶୂ ଓ ଗୋସେଇଁ ଶାଶୂ ଭଳି ମୋ'ର ଯତନ ନେବାରେ ଅବହେଳା କରୁନି। ହେଲେ ଗୋଟିଏ କଥା ଦେଖି ଭାରି ଦୁଃଖ ଲାଗୁଛି କି, ଘରର ଅନ୍ୟମାନଙ୍କ ପାଖରେ ମୋ'ର ଖାତିରି ଧୀରେ ଧୀରେ କମିଯାଉଛି। ଖାସ୍‌କରି ନିତେଇର ପିଲାମାନଙ୍କ ପାଖରେ। ସେଦିନର କଥା ଏବେ ବି ମୋ' ଆଖିଆଗରେ ନାଚି ଉଠୁଛି। ସେଦିନ ନିତେଇର ପୁଅ ଶଙ୍କରାକୁ ସକାଳୁ ସକାଳୁ ଭାରି ଭୋକ ଲାଗିଲା। ନିତେଇର ତିରିଲା ଗାଧେଇବାକୁ ଯାଇଥାଏ। ଏବେ ଶଙ୍କରା କରେ କଣ ? ସେ କ'ଣ କଲା ନା, ଅଗାଧୁଆ ଦେଇପିଣ୍ଡିରୁ ପଖାଳ ବାଢ଼ି ଆଣି ଖାଇବାକୁ ଲାଗିଲା। ନିତେଇର ତିରିଲା, ଗାଧେଇ ଆସି ଦେଖେ ତ ଶଙ୍କରା ବସି ପଖାଳ ଖାଉଛି। ସେ ତାକୁ ପଚାରିଲା, 'କିରେ ଭାତ କିଏ ବାଢ଼ି ଦେଲା ?'

ଶଙ୍କରା କହିଲା କି, ସେ ନିଜେ ଯାଇ ବାଢ଼ି ଆଣିଛି। ଏ କଥା ଶୁଣି ନିତେଇ ତିରିଲାର ମୁଣ୍ଡକୁ ପିତ୍ତ ଚଢ଼ିଗଲା। ଦାନ୍ତ କାମୁଡ଼ି ହାତକୁ ମୁଠିକରି ଶଙ୍କରା ଆଡ଼େ ମାଡ଼ି ଆସିଲା ଓ ତା' ପିଠିରେ ଦୁଲୁଦୁଲୁ କରି ଦି' ବିଧା ଥୋଇଦେଇ କହିଲା,

**ଯାହା ହେବ ଦେଖାଯିବ। ମରିବାର ଅଛି ବୋଲିକି କ'ଣ ଏବେ ଠୁଁ କତରା ଘୋଡ଼ି ଶୋଇବି ?**

'ହଇରେ ରଇଜଳା, ମୋ' ଦେଇପିଣ୍ଡିକି ତୁ ମାରା କଲୁ ? ସକାଳୁ ସକାଳୁ କାଉ ଘୁଅ ଖାଇନାହାନ୍ତି, ତୋ' ପେଟ ଏତେ ପୋଡ଼ିଗଲା ଯେ, ମୋ' ଆଇଲା ଯାଏ ଅନିଷା କରିପାରିଲୁନି ? ତୋର ଆଜି ପରଯନ୍ତ ରଖିବିନି।' ଏମିତି କହି ସେ ଶଙ୍କରାକୁ ଆହୁରି ମାରିବାକୁ ଗଲା ବେଳକୁ ଶଙ୍କରା ଭାତ କଂସା ଛାଡ଼ି ଦାଣ୍ଡକୁ ଦଉଡ଼ି ପଳାଇଗଲା। ତା' ପରେ ନିତେଇର ତିରିଲା ପୁଅକୁ ନାନା ଗାଳିଗୁଲଜ କରି ଶେଷକୁ ପଞ୍ଚାମୃତ ଛିଞ୍ଚି ଦେଇପିଣ୍ଡି ପବିତ୍ର କରେଇଲା।

ଏମିତି ଘଟଣା ଏଇ ଥରକ ନୁହଁ, ବାରବାର ଘଟି ଚାଲିଲା। ଯାହାକୁ ଦେଖି, ମୋର ମନେ ହେଲା କି, ଆଗକୁ ମୋର ଆଉ ଭଲ ଗତି ନାହିଁ। ଛାଡ଼, ଯାହା ହେବ ଦେଖାଯିବ। ମରିବାର ଅଛି ବୋଲିକି କ'ଣ ଏବେ ଠୁଁ କତରା ଘୋଡ଼ି ଶୋଇବି ? ଏମିତି ଏମିତି ସମୟ ବିତି ଚାଲିଲା। ଶଙ୍କରା ବଡ଼ହେଲା। ପାଠଶାଠ ପଢ଼ି ଚାକିରି କଲା, ବାବୁ ବୋଲାଇଲା। ତା' ପରେ ସେ ବାହା ସାହା ବି ହେଲା। ହେଲେ ତା'ର ଯୋଉ ତିରିଲା ଆଇଲା, ତା'ର ରଙ୍ଗ ଢଙ୍ଗ ଦେଖି ମତେ ଲାଗିଲାନାଇଁ କି ସେ ମୋତେ ଇଜ୍ଜତ ଦବ, ମୋର ଖାତିରି କରିବ। ହେଲେ ଯେ ଯାଏ ନିତେଇ ତିରିଲା ବଞ୍ଚିଛି, ସେ ଯାଏ ମୋର ଏସବୁ କଥା ଚିନ୍ତା କରିବା କଥା ନୁହେଁ।

ପୁଣି ସମୟ ବିତିଚାଲିଲା। ଦିନେ ନିତେଇର ତିରିଲା ଏ ସଂସାର ଛାଡ଼ିଲା। ତା' ପରେ ମୋ' ପାଇଁ ବିପଦ ଘନେଇଲା। ଛାତି ଭିତରଟା ଦୁକୁଦୁକୁ ହେବାରେ ଲାଗିଲା। ସତେ କ'ଣ ଏ ଶଙ୍କରାର ତିରିଲା ମୋର ଯତନ ନେବ ? ଛାଡ଼, ଯାହା ମୋ' ଭାଗ୍ୟ। ଦିନେ ଶଙ୍କରା ଆଉ ତା' ତିରିଲା ମସୁଧା କଲେ କି ମାଟି ଖଞ୍ଜାକୁ ଭାଙ୍ଗି ପକ୍କାଘର କରିବେ। ସେତେବେଳେ କିନ୍ତୁ ମୁଁ ମୋ' ଅସ୍ତିତ୍ୱକୁ ନେଇ ଚିନ୍ତିତ ହୋଇପଡ଼ିଲି। କାହିଁକିନା ମୁଁ ଶୁଣିଛି କି, ଯିଏ ପକ୍କାଘର କରେ, ସେ ଘରେ ଆଉ ହାଣ୍ଡିଶାଳ ରୁହେନି, ହାଣ୍ଡିଶାଳ ବଦଳେ ଗଢ଼ାହୁଏ କିଚେନ୍। ଯଦି ଏମିତି ହେଲା ତେବେ ମୁଁ କୁଆଡ଼େ ଯିବି ?

ତଥାପି ଆଉ ଯେତିକି ଦିନ ସମ୍ଭବ କର୍ମ ଆଦରି ପଡ଼ି ରହିଲି। ଶଙ୍କରା କିନ୍ତୁ ତା'କଥା ଅନୁସାରେ କାମକଲା। କିଛିଦିନ ଭିତରେ ମୂଲିଆ ଲଗେଇ ମାଟି ଖଞ୍ଜା ଭାଙ୍ଗିଦେଲା ଆଉ ତା' ସହିତ ମୋର ମୃତ୍ୟୁ ଘଟିଲା। ହେଲେ ବି ମୋ' ଆତ୍ମା ସେ ଜାଗା ଛାଡ଼ି କୁଆଡ଼େ ଗଲାନାହିଁ। ମଣିଷର ଆତ୍ମା ଘଟ ପରିବର୍ତ୍ତନ କଲା ପରି, ଯଦି ସମ୍ଭବ ହୁଏ ତେବେ ମୋ ଆତ୍ମା ବି ହାଣ୍ଡିଶାଳ ଘଟରୁ କିଚିନ ଘଟକୁ ପରିବର୍ତ୍ତନ ହୋଇଯିବ। ଶଙ୍କରାର ପକ୍କା ଘର ତିଆରି ସରିଲା, ସେଥିରେ କିଚିନ୍ ବି ହେଲା। ମୋ' ଆତ୍ମା ଭାବିଲା କି ସେ ଆଉ ଯେତେ ଚାହିଁଲେ ବି ହାଣ୍ଡିଶାଳକୁ ଫେରି ପାଇବନି, ତେଣୁ କିଚିନକୁ ଆପଣେଇ ନେବା ତା' ପାଇଁ ଶ୍ରେୟସ୍କର। ଏହା ଭାବି ସେ କିଚିନ ଭିତରେ ପଶିଲା। ହେଲେ ସେଠାରେ ସେ ଦେଇପିଣ୍ଡିର ଅସ୍ତିତ୍ୱ ଖୋଜୁ ଖୋଜୁ ତା'ର ନଜର ପଡ଼ିଲା କି, ଶଙ୍କରାର ତିରିଲା ଚପଲ ପିନ୍ଧି ରୋଷେଇ କରୁଛି। ଏସବୁ ଦୃଶ୍ୟକୁ ମୋ' ଆତ୍ମା କେମିତି ବରଦାସ୍ତ କରିଥାନ୍ତା ? ଆଗରୁ ମୋର ତ ମୃତ୍ୟୁ ହେଇ ସାରିଥିଲା, ଏବେ ମୋର ଯୋଉ ଆତ୍ମା ଟିକକ ବଞ୍ଚିଥିଲା, ସେ ବି ସେଇ କିଚିନରେ ଛଟପଟ ହେଇ ମରିଗଲା।

□□

ଲେଖକଙ୍କ ଇ-ମେଲ୍ ଠିକଣା:
abhi.kendrapadia@gmail.com

*ଲେଖକ -ବନ୍ଧୁମାନଙ୍କୁ ଅନୁରୋଧ*




**'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**

**ବିଶେଷ ସୂଚନା ପାଇଁ ଏହି ଲିଙ୍କ୍ ଦେଖନ୍ତୁ:**

www.sahityacharcha.com/submit-articles

ପ୍ରବନ୍ଧ

# 'ହାମ୍‌ନେଟ୍' ଓ 'କାନ୍ଦ ମାଷ୍ଟ୍ରେ': ବହୁବର୍ଣ୍ଣୀ କାନ୍ଦର ଚିତ୍ରାୟନ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ନିକଟରେ ମୁକ୍ତିଲାଭ କରିଥିବା ଇଂରାଜୀ ଚଳଚ୍ଚିତ୍ର 'ହାମ୍‌ନେଟ୍' ଓ ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦ ମାଷ୍ଟ୍ରେ' ମଧ୍ୟରେ ସାମ୍ୟ ବା ସଂପର୍କ ରହିଛି ବୋଲି ଯଦି କୁହାଯାଏ, ତେବେ ଅନେକ ହୁଏତ ବିସ୍ମୟ ପ୍ରକାଶ କରିବେ । କାରଣ ସଂପୂର୍ଣ୍ଣ ଭିନ୍ନ ବୌଦ୍ଧିକ ତଥା ସାଂସ୍କୃତିକ ପ୍ରେକ୍ଷାପଟରେ ନିର୍ମିତ ଏଇ ଦୁଇଟି ଚଳଚ୍ଚିତ୍ରର କାହାଣୀ ଭିନ୍ନ ଏବଂ ଉପସ୍ଥାପନା ଓ ପରିବେଷଣର ଶୈଳୀ ବି ଅନୁରୂପ ଭାବରେ ଭିନ୍ନ । ମାତ୍ର ସାମାନ୍ୟ ଗଭୀର ଦୃଷ୍ଟି ନେଇ ଆମେ ଯଦି ଏ ଦୁଇଟିର ଉଭୟ କେନ୍ଦ୍ରୀୟ ଓ ଅନ୍ତଃସ୍ରୋତୀୟ ଭାବବସ୍ତୁର ଅନୁଧାନ କରିବା, ଖୁବ୍ ସହଜରେ ଜାଣିପାରିବା ଯେ ଏଥିରେ ଅପୂର୍ବ କଳାତ୍ମକ ପାଟବତା ଜରିଆରେ ଗୋଟିଏ ଅତି ସାଧାରଣ ମାନବିକ ଆବେଗର କାବ୍ୟିକ ତଥା ସର୍ଜନଶୀଳ ଚିତ୍ରଣ କରାଯାଇଛି ଏବଂ ସେହି ଆବେଗର ମୁକ୍ତ ପରିପ୍ରକାଶ ସ୍ପୃହଣୀୟ କି ନୁହେଁ ତାର ଅନୁଶୀଳନ ମଧ୍ୟ କରାଯାଇଛି । ତତ୍‌ସହିତ ଦେଖାଇ ଦିଆଯାଇଛି ଯେ ସେହି ଆବେଗର ଖୋଲାମେଲା ପରିପ୍ରକାଶ ସ୍ପୃହଣୀୟ ହେଲେ ମଧ୍ୟ ସେ ପରିପ୍ରକାଶର ଭାଷା, ଢଙ୍ଗ, ଶୈଳୀ ଓ ସ୍ୱର ପାତ୍ର-ପାତ୍ରୀ ବିଶେଷରେ ଭିନ୍ନ ଭିନ୍ନ ହେବା ଅବଧାରିତ । ଅର୍ଥାତ୍, ପ୍ରତ୍ୟେକ ମାନବିକ ଭାବ-ଆବେଗର ଅଭିବ୍ୟକ୍ତି ଓ ପରିପ୍ରକାଶ ଅନେକ ସମୟରେ ବହୁବର୍ଣ୍ଣୀ ହେବା ଆଦୌ ଅସ୍ୱାଭାବିକ ନୁହେଁ ।




### ସେକ୍‌ସ୍‌ପିୟରଙ୍କ ବିଷାଦ

ଇଂରାଜୀ ଚଳଚ୍ଚିତ୍ର 'ହାମନେଟ୍'ଙ୍କ ଭାବବସ୍ତୁଟି ଆସିଛି ମହାନ୍ ନାଟ୍ୟକାର ସେକ୍‌ସପିୟରଙ୍କ ପାରିବାରିକ ଜୀବନରେ ଘଟିଥିବା ଏକ ଅତି ଦୁଃଖଦ ଘଟଣାରୁ । ଆନ୍ନା ହାଥାଓ୍ୱେ ଓ ସେକସ୍‌ପିୟରଙ୍କ ପୁତ୍ର 'ହାମନେଟ୍'ର ମୃତ୍ୟୁ ହୋଇଛି ମାତ୍ର ଏଗାର ବର୍ଷ ବୟସରେ । ବାଳୁତ ପୁତ୍ରର ଅକାଳ ମୃତ୍ୟୁଜନିତ ଶୋକରେ ଆନ୍ନାଙ୍କ ମାତୃହୃଦୟ ବିଦୀର୍ଣ୍ଣ ହୋଇଯାଇଛି ସ୍ୱାଭାବିକ ଭାବେ । ଅନବରତ ତାଙ୍କ ଆଖିରୁ ବହିଚାଲିଛି ଧାର ଧାର ଲୁହ । ସେ କାନ୍ଦୁଛନ୍ତି ସର୍ବସମ୍ମୁଖରେ – ସାମାନ୍ୟ ପ୍ରଚେଷ୍ଟା ସେ କେବେ କରିନାହାନ୍ତି ତାଙ୍କର ଉଚ୍ଛୁଳା ଶୋକୋଚ୍ଛ୍ୱାସକୁ ଚାପି ରଖିବାକୁ କି ଢାଙ୍କି ଦେବାକୁ । ସଭିଙ୍କ ଅଲକ୍ଷ୍ୟରେ ଗୃହାଙ୍ଗନର ନିଭୃତ କୋଣରେ ସେ କାନ୍ଦୁନାହାନ୍ତି । ପୁତ୍ରଶୋକରେ କେଉଁ ଅଧୀରା ମାଆ ଅନ୍ୟ କେଉଁ କାରଣରୁ ଅବା ଲୁଚାଇବାକୁ ଚାହିଁବ ତା'ର ଆଖିର ଲୁହ?

କିନ୍ତୁ ସେକ୍‌ସପିୟର? ପତ୍ନୀଙ୍କ ପରି ସେ କାନ୍ଦିନାହାନ୍ତି ପ୍ରକାଶ୍ୟରେ । ତେଣୁ ଆନ୍ନା ଭାବିଛନ୍ତି ସ୍ୱାମୀ ତାଙ୍କର ଶୋକାଭିଭୂତ ନ ହୋଇପାରିବାର କାରଣ ହେଉଛି ସେ ଅତି ସ୍ୱାର୍ଥପର ଭାବରେ ଯଶଃପ୍ରାର୍ଥୀ ଓ ଆତ୍ମଶ୍ଲାଘାଜନିତ ଅହଂବୋଧରେ ପୀଡ଼ିତ, ଯେଉଁଥିପାଇଁ ଖୋଲାଖୋଲି ଭାବରେ ନିଜର ସ୍ୱାଭାବିକ ଭାବାବେଗକୁ ପ୍ରକାଶ କରିବା ପାଇଁ ସେ କୁଣ୍ଠିତ । କିନ୍ତୁ ଚଳଚ୍ଚିତ୍ରରେ ଦେଖାଇ ଦିଆଯାଇଛି ଯେ ସେକ୍‌ସପିୟର ବି ଅନବରତ କାନ୍ଦିଛନ୍ତି – କାନ୍ଦିଛନ୍ତି ନିଃଶବ୍ଦରେ । ତାଙ୍କର ଶୋକର ଭାଷା ହେଉଛି ଗହନ ନିରବତାର ଅଶ୍ରୁତ ସ୍ୱର । ସେହି ଅଶ୍ରୁତ ସ୍ୱରର ପରିପ୍ରକାଶ ସେ କରିଛନ୍ତି 'ହାମଲେଟ୍' ପରି ଘନବିଷାଦପୂର୍ଣ୍ଣ,

ଘନକାରୁଣ୍ୟରସସିକ୍ତ ନାଟକରେ । ପୁତ୍ର 'ହାମନେଟ୍'କୁ ସେ ଅମରତ୍ୱ ଦେଇଛନ୍ତି 'ହାମ୍ଲେଟ୍' ନାଟକର ମହାନାୟକ 'ହାମ୍ଲେଟ୍'ର ଚରିତ୍ରରେ । ପତ୍ନୀ ଆନ୍ନାଙ୍କ ପରି କୈଣସି କୃତ୍ରିମ ସାନ୍ତ୍ୱାନ୍ତ୍ୟକୁ ଖାତିର ନକରି ପ୍ରକାଶ୍ୟରେ କାନ୍ଦିବି କି କାନ୍ଦିବି ନାହିଁ -ଏହି ଅନ୍ତର୍ଦ୍ୱନ୍ଦ୍ୱରେ ଘାରି ହୋଇଚାଲିଥିଲେ ସେକ୍ସପିୟର । ଏହାର ପ୍ରମାଣ ଆମେ ପାଇଛେ ନାୟକ ହାମଲେଟ୍‌ର ସେଇ ଅବିସ୍ମରଣୀୟ ଆତ୍ମସଂଳାପ 'ଟୁ ବି ଅର୍ ନଟ୍ ଟୁ ବି'ରେ, ଯା'ର ମର୍ମାନୁବାଦ ଏମିତି କେତୋଟି ବାକ୍ୟରେ କରାଯାଇପାରେ : 'ହଁ କି ନା', 'ଏ ପଥ କି ସେ ପଥ' କିମ୍ବା 'କ'ଣ ମୋ'ର ଏ ଅସ୍ତିତ୍ୱ, କିବା ମୂଲ୍ୟ ମୋର ଏ ଜର୍ଜରିତ ଅସ୍ତିତ୍ୱର' । ସେକ୍ସପିୟରଙ୍କ ଅନ୍ତର୍ଦ୍ୱନ୍ଦ୍ୱ ଏହିପରି କାଳଜୟୀ କଳାତ୍ମକ ଅଭିବ୍ୟକ୍ତି ପାଇଥିଲା ହାମ୍ଲେଟ୍‌ର ସଂଳାପରେ ଓ 'ହାମ୍ଲେଟ୍' ନାଟକର ପ୍ରତିଟି ଛତ୍ରରେ । ହାମ୍‌ନେଟ୍' ଚଳଚ୍ଚିତ୍ର ଆମକୁ ଯେଉଁ ଗୂଢ଼ ଗଭୀର ଅର୍ଥମୟ ବାର୍ତ୍ତାଟି ଦେଇଥାଏ, ତାହା ହେଉଛି – 'ଶୋକାନଳରେ ଭସ୍ମୀଭୂତ ହୃଦୟର ପାଉଁଶ ଭିତରୁ ସୃଷ୍ଟି ହୋଇପାରେ ମହତ୍ତର କଳାତ୍ମକ ଅଭିବ୍ୟକ୍ତି; ହୃଦୟର ଚାପା କାନ୍ଦଣାରୁ ସୃଷ୍ଟି ହୋଇପାରେ କଳାର କୋଣାର୍କ, ଝରି ଆସିପାରେ ଶ୍ରେଷ୍ଠ ନାନ୍ଦନିକ ରସବୋଧର ଝରଣା' । ଜୀବନର ପ୍ରତିଟି ଦୁଃଖାନ୍ତକ ମୁହୂର୍ତ୍ତରେ, ଜୀବନର ପ୍ରତିଟି ଶୋକାପ୍ଳୁତ ସରଣୀରେ ଅଦୃଶ୍ୟ ଭାବରେ ରହିଛି ଏହି ଦ୍ୟୁତିମୟ ସତ୍ୟ, ଯା'ର ରୂପାୟନ ହୋଇଥାଏ କବିତାରେ, ସଂଗୀତରେ, ଚିତ୍ରକଳାରେ । ଅଭିବ୍ୟକ୍ତ ହୋଇନଥିବା ଦୁଃସହ ଦୁଃଖ ଓ ସ୍ୱର ବା ଶବ୍ଦ ପାଇନଥିବା କାନ୍ଦରୁ ଅନେକ ସମୟରେ ଉତ୍ସରିତ ହୋଇଥାଏ ମହନୀୟ କାବ୍ୟିକ, ସାହିତ୍ୟିକ ଭାବସ୍ରୋତସ୍ୱତୀ । ହାମନେଟ୍ ଇଂରାଜୀ ଚଳଚିତ୍ରର ଏହା ହିଁ ହେଉଛି ଅନ୍ତଃସ୍ୱର ।




**କାନ୍ଦମାଷ୍ଟ୍ରେର ଅନ୍ତଃସ୍ୱର**

ଏହା ହେଉଛି ଆମ ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦ ମାଷ୍ଟ୍ରେ'ର ଅନ୍ତଃସ୍ୱର ମଧ୍ୟ । ଏହି ଦୃଷ୍ଟିରୁ ଏ ଦୁଇଟି ଯାକ ଚଳଚ୍ଚିତ୍ର ସଂପର୍କିତ, ଯଦିଓ ଉଭୟର କଳାତ୍ମକ ପରିବେଷଣୀୟ ଶୈଳୀ ମଧ୍ୟରେ ରହିଛି ଯଥେଷ୍ଟ ପାର୍ଥକ୍ୟ ।

ଏକ ଚଳଚ୍ଚିତ୍ରର ରୂପ ନେବା ପୂର୍ବରୁ 'କାନ୍ଦ ମାଷ୍ଟ୍ରେ' ଏକ ନାଟକ ଭାବରେ ପ୍ରକାଶିତ ହୋଇଥିଲା ୨୦୧୬ ମସିହାରେ । ଏହି ଉଭୟ ନାଟକ ଓ ଚଳଚ୍ଚିତ୍ରର ଭାବବସ୍ତୁ, କଥାବସ୍ତୁ ଓ ସଂଳାପ ଆଦି ମଧ୍ୟରେ ସାମଞ୍ଜସ୍ୟ ରହିଛି ବହୁଭାବରେ । 'କାନ୍ଦ ମାଷ୍ଟ୍ରେ'ର କାହାଣୀର ପରିସର ଖୁବ୍ ସୀମିତ । ଏହାର ଭାବବସ୍ତୁ ଆପାତଦୃଷ୍ଟିରେ ଖୁବ୍ ସରଳ, ତରଳ ବୋଧ ହେବା ନିଶ୍ଚିତ । ହଜିଯାଉଥିବା ଗୋଟିଏ ଅତି ଗ୍ରାମ୍ୟ, ପାରମ୍ପରିକ ସାମାଜିକ ପ୍ରଥା ଉପରେ ଏ ଚଳଚ୍ଚିତ୍ରଟି ପର୍ଯ୍ୟବସିତ । ସେଇଟି ହେଉଛି- ବିବାହ କରି ବରଘରକୁ ଯିବାକୁ ଥିବା ବା ଯାଉଥିବା ଝିଅମାନଙ୍କୁ କାନ୍ଦଣାଗୀତି ଶିଖାଇବାର ପ୍ରଥା, ଯାହା ଏଇ ମାତ୍ର ପଚାଶ କି ଷାଠିଏ ବର୍ଷ ତଳେ ପ୍ରଚଳିତ ଥିଲା ଓଡ଼ିଶାର ପୁରପଲ୍ଲୀମାନଙ୍କରେ । ଆଧୁନିକତା-ମନସ୍କ ବର୍ତ୍ତମାନର ତଥାକଥିତ ସୁସଭ୍ୟ ମଣିଷମାନଙ୍କୁ ଏପରି ଏକ ପ୍ରଥା ଯେତେ ହାସ୍ୟୋଦ୍ଦୀପକ କିମ୍ବା ଅମାର୍ଜିତ ଓ ଲଘୁ ଆବେଗାତ୍ମକ ମନେ ହେଲେ ବି ଏଥିରେ ପରିସ୍ଫୁଟ ହେଉଥିବା ଅନାବିଳ, ଅକୃତ୍ରିମ ଭାବ-ସୌନ୍ଦର୍ଯ୍ୟ ଅତୁଳ୍ୟ । 'କାନ୍ଦ ମାଷ୍ଟ୍ରେ' ସେଇ ଅତୁଳ୍ୟ ଭାବ-ସୌନ୍ଦର୍ଯ୍ୟର ଚିତ୍ରାୟନ କରିଛି ଅକୃତ୍ରିମ ଭାବରେ, ଖୁବ୍ ସାଦାସିଧା ଅଥଚ ହୃଦୟଛୁଆଁ ଚିତ୍ରନାଟ୍ୟ ମାଧ୍ୟମରେ । କାନ୍ଦ ମାଷ୍ଟ୍ରଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ଜଣକ ଗାଁକୁ ଗାଁ ଖଣ୍ଡିଏ ସାଇକେଲରେ ବୁଲିବୁଲି ଝିଅମାନଙ୍କୁ ଶିଖାଇ ଚାଲିଛନ୍ତି କେମିତି କେଉଁ ସୁରରେ, କେଉଁ ଗୀତି ଲହରରେ କାନ୍ଦିବାକୁ ହେବ ଶାଶୁଘରକୁ ଯାଉଥିବାବେଳେ । ଆପଣାର ଏଇ ବୃତ୍ତି ପ୍ରତି ସଂପୂର୍ଣ୍ଣ ସମର୍ପିତ ସେହି ମାଷ୍ଟ୍ରଙ୍କ ଚାଲିଚଳନ, କଥା କହିବାର ଭଙ୍ଗୀ, ତାଙ୍କର ଲଜ୍ଜାଶୀଳ ନମ୍ରତା -ସବୁଥିରେ ଦିଶିଯାଇଥାଏ ନାରୀସୁଲଭ ବ୍ୟକ୍ତିତ୍ୱର ମଧୁରତା । ମାତ୍ର ଆମର ଏ ସମାଜ, ଯେଉଁଠି ସଂଯତ ଶାଳୀନତା, ଭାବବିହ୍ୱଳତା, ଦରଦଭାବନା ଓ କୋମଳତା ପୁରୁଷପଣିଆ ନୁହେଁ ବୋଲି

ସର୍ବସ୍ୱୀକୃତ, ସେଇଠି ଝିଅମାନଙ୍କୁ କାନ୍ଦଣାଗୀତି ଶିଖାଉଥିବା 'ମାଷ୍ଟ୍ରେ' କିପରି ବା ଜଣେ ପୁରୁଷପୁଙ୍ଗବ ବୋଲି ବିବେଚିତ ହେବେ?

ମାଷ୍ଟ୍ରେ କିନ୍ତୁ ପୂରାପୂରି ନିରୁଦ୍‌ବିଗ୍ନ । କାନ୍ଦଣାଗୀତିମାନଙ୍କରୁ ନିଗିଡ଼ି ପଡୁଥିବା ଅମିୟ ମାଧୁରୀରେ ସଦା ବିମୋହିତ ସେ । ଗୀତ ଓ ସଂଗୀତ ସହ ତାଙ୍କର ଅନ୍ତରଙ୍ଗ ସଖ୍ୟତା ଯୋଗୁଁ ସେ ବି ପାଲଟି ଯାଇଛନ୍ତି 'ସୁରଟିଏ', 'ଧୁନଟିଏ' । କାୟ, ମନ ଓ ବାକ୍ୟ ସବୁଥିରେ ତାଙ୍କର ପଲ୍ଲୀଗୀତ, ପଲ୍ଲୀଜୀବନ ସଂଗୀତର ମହୁଆ ଝଙ୍କାର । ମାତ୍ର ଚଳଚିତ୍ରର ଶେଷ ଦୃଶ୍ୟଟି ନିଆରା ଓ ସବୁଠାରୁ ଅଧିକ ମର୍ମସ୍ପର୍ଶୀ, ଆବେଦନଧର୍ମୀ ଓ ଅର୍ଥମୟ । ଦର୍ଶକମାନେ ଦେଖୁଛନ୍ତି ମାଷ୍ଟ୍ରେ ଏକା ଏକା କାନ୍ଦୁଛନ୍ତି - କେତେବେଳେ ନଈକୂଳରେ, ତୋଟାମାଳରେ ଓ କେତେବେଳେ ପ୍ରକୃତିର କେଉଁ ବିଜନ ଅଗଂନରେ । ସତେ ଯେପରି ସେ ଏଥର କାନ୍ଦଣା ଶିଖାଉଛନ୍ତି ଘରିପାଖର ବୃକ୍ଷଲତାଙ୍କୁ, ନୀଳ ଆକାଶକୁ, ବିହଙ୍ଗମମାନଙ୍କୁ । ଯେଉଁ ବିଧବା ଜଣଙ୍କର କପାଳରେ ସିନ୍ଦୂର ଦେଇ ସେ ଜୀବନସାଥୀ କରିଥିଲେ, ଯିଏ ଦିନେ ତାଙ୍କରି କାନ୍ଦଣାଗୀତର ଲାଳିତ୍ୟକୁ ମନଭରି ଉପଭୋଗ କରି ନିଜ ମନଟିକୁ ତାଙ୍କୁ ଦେଇ ଦେଇଥିଲେ, ସେଇ ବାରଣ କରିଛନ୍ତି ସ୍ୱାମୀଙ୍କୁ କାନ୍ଦଣାଗୀତ ଶିଖାଇବାକୁ । ଭାଙ୍ଗି ଯାଇଛି ମାଷ୍ଟ୍ରେଙ୍କ ମନ । ଘନକୁହୁଡ଼ିର ଫିକା ଅନ୍ଧାର ଛାଇଯାଇଛି ତାଙ୍କ ଅନ୍ତରରେ । କାନ୍ଦଣାଗୀତି ନ ଶିଖାଇ ବା ସେ ବଞ୍ଚିପାରିବେ କେମିତି ।

**ଚଳଚ୍ଚିତ୍ର କାନ୍ଦ ମାଷ୍ଟ୍ରେ ଆମକୁ ଦେଖାଉ ଦେଉଛି ଆମରି ସଂସ୍କୃତିର ସୁନାସିନ୍ଦୁକର ଗୋଟିଏ ରତ୍ନର ସର୍ବକାଳୀନ ଔଜ୍ଜ୍ୱଲ୍ୟକୁ ।**

### ଆତ୍ମାର ସ୍ୱର

କାନ୍ଦ ତ ହେଉଛି ତାଙ୍କ ଆତ୍ମାର ସ୍ୱର; କାନ୍ଦ ତ ହେଉଛି ତାଙ୍କର ସମଗ୍ର ଅସ୍ତିତ୍ୱ ! ଚଳଚ୍ଚିତ୍ରର ଏହି ଚର୍ଚ୍ଚିତ ଶେଷ ଦୃଶ୍ୟଟି ଚହଲାଇ ଦେବ ପ୍ରତିଟି ଦର୍ଶକକୁ, କାରଣ ସେ ଦେଖିବ 'ମାଷ୍ଟ୍ରେ' ସିନା ଝିଅମାନଙ୍କୁ କାନ୍ଦଣାଗୀତି ଶିଖାଇ ନାହାନ୍ତି ଆଉ, କିନ୍ତୁ ଏବେ ଏକା ଏକା କାନ୍ଦି କାନ୍ଦି କାନ୍ଦଣାର ନୈସର୍ଗିକ ଆବେଦନକୁ ବିଞ୍ଚି ଦେଉଛନ୍ତି ପ୍ରକୃତିମାତାର ଶ୍ୟାମଅଙ୍କରେ, ତାରି ପଣତ କାନିରେ ଗଣ୍ଠି ପକାଇ ରଖି ଦେଉଛନ୍ତି 'କାନ୍ଦ'ର ମାଣିକ୍ୟଟିକୁ । ସତେ ଯେପରି ସେ ଜାଣନ୍ତି ଏ ମଣିଷ ନିଶ୍ଚୟ ଫେରିପାଇବ ସେ ମାଣିକ୍ୟ, ଯେତେବେଳେ ସେ ବର୍ତ୍ତମାନ ସମୟର ଶୂନ୍ୟଗର୍ଭା ଚାକଚକ୍ୟରୁ ମୁହଁ ଫେରାଇ ପୁଣି ଫେରି ଆସିବ ପ୍ରକୃତି ପାଖକୁ, ପ୍ରକୃତିମାତାର ପଣତ କାନିରେ ଆପଣାର ମୁହଁରେ ପରସ୍ତ ପରେ ପରସ୍ତ ଜମି ଯାଇଥିବା ବିଷରଙ୍ଗସବୁକୁ ପୋଛିଦେବାକୁ । ଏମିତି ଭାବରେ ଚଳଚ୍ଚିତ୍ର 'କାନ୍ଦମାଷ୍ଟ୍ରେ' ଆମକୁ ଦେଖାଇଦେଉଛି ଆମରି ସଂସ୍କୃତିର ସୁନାସିନ୍ଦୁକର ଗୋଟିଏ ରତ୍ନର ସର୍ବକାଳୀନ ଔଜ୍ଜ୍ୱଲ୍ୟକୁ; ଆମକୁ ଫେରାଇ ନେଉଛି ଆମ ଲୋକଜୀବନ, ଲୋକସଂସ୍କୃତିର ମଧୁଝରା ଅଗଂନକୁ ; ବାଢ଼ି ଦେଉଛି ଆମ ପାଖରେ ଆମ ପରମ୍ପରାର ପୁଷ୍ପସ୍ତବକମାନ ଏବଂ ଆମକୁ କହୁଛି, କାନ୍ଦିବା ଜମା ଏକ ପାପ ନୁହେଁ, ନୁହେଁ ଆଦୌ ଏକ ଦୁର୍ବଳତା । ମୁକ୍ତ ଭାବରେ ଯେ କାନ୍ଦିବା ପାଇଁ ସାହସ ଜୁଟାଇପାରେ, ସେ ଆଉ ଯାହାହେଉ କି ନହେଉ, ନିଶ୍ଚୟ ଏକ ସଚ୍ଚା, ନିଛକ, ଖାଦହୀନ ମଣିଷ ଜଣେ ।

ଚର୍ଚ୍ଚିତ ଏ ଦୁଇଟି ଯାକ ଚଳଚ୍ଚିତ୍ରରେ ପରିବେଷିତ ହୋଇଛି ଏହି ଗୂଢ଼ ଅର୍ଥଦ୍ୟୋତକ ସତ୍ୟଟି । ହାମନେଟ୍ ଚଳଚ୍ଚିତ୍ରରେ ଦୁଃଖ, ଶୋକ ଓ କାନ୍ଦ ସଂଯତ-ଏକ ଧୀରଗାମିନୀ ନଦୀ ପରି, ଯା'ର ପ୍ରବାହ ରହିଛି ଅନ୍ତର୍ଦ୍ଦେଶର ଅନ୍ଧାରରେ ଓ ଯାହା ଉତ୍‌ପ୍ରେରକ ହୋଇଛି ଏକ ମହାନ୍ ସୃଜନାତ୍ମକ ସାହିତ୍ୟିକ କୃତିର । 'କାନ୍ଦ ମାଷ୍ଟ୍ରେ'ରେ କାନ୍ଦଣା ଜମା ନିରବ ନିଥର ବ୍ୟାପାର ନୁହେଁ । ଏଥିରେ କାନ୍ଦ ଫୁଟି ଉଠିଛି କଦମ୍ବ ଫୁଲପରି, ଫାଟିପଡ଼ିଛି ମୌସୁମୀର ଧାରା ପରି ଓ ଝରିପଡ଼ିଛି ଶେଫାଳି ଫୁଲ ପରି- ପ୍ରକାଶ୍ୟରେ ଓ ବିନା ଆଡମ୍ବରରେ, ବିନା ଅତିରଂଜିତ ନାଟକୀୟ ଆଟୋପରେ । 'ହାମ୍‌ନେଟ୍' ଆମକୁ ବୁଝାଇ ଦେଇଥାଏ ଦୁଃଖ, ଶୋକ, ଲୁହଝରଣର ମହିମା । 'କାନ୍ଦମାଷ୍ଟ୍ରେ' ଆମକୁ ଅନୁଭବ କରାଇ ଦେଇଥାଏ କାନ୍ଦଣାର, ଲୁହଝରଣର ମିଠା-କାନ୍ଦଣା ସହ ଆମର ଆଜନ୍ମ ଆତ୍ମୀୟତା । 'କାନ୍ଦ ମାଷ୍ଟ୍ରେ' ଆମକୁ ସ୍ମରଣ କରାଇ ଦେଇଥାଏ ଯେ କାନ୍ଦଣାରେ ବି ମହକି ଉଠିଥାଏ ଆମର ମଞ୍ଜ ମନୁଷ୍ୟତା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
acharyadurgaprasad123@gmail.com



ଧାରାବାହିକ ବ୍ୟଙ୍ଗ

# ଖଡ଼ିଛୁଆଁ ପଞ୍ଚେଇ

**ଅଜୟ କୁମାର ମିଶ୍ର**

ପିଲାଦିନରୁ ନିପଟ ଅପାଣ୍ଡବା ମଫସଲ ଗାଆଁରେ ବଢ଼ିଥିବା ଘଣ୍ଟୁର ଥାନାନ୍ତରଣ ହେଲା, ଗାଆଁରୁ ସହର । ଗାଆଁରେ ସେ ଦେଖିଛି ଅନେକ ଅଘଟ-ଘଟଣା । ବହୁ ହଟଚମଟ । ହରିଆ ବଡ଼ାପା ବଡ଼ କଦରିଆ ମଣିଷ । କେତେ କେତେ ଫିକରିଆ, ବାବେନା, ପବନା, ବାନା, ବାଆସ୍ତରିଆଙ୍କୁ ନିଜ କଦରରେ ଠେକି ଠେକି ପାଣି ତେଣ୍ଟେଇ ଦେଇଛନ୍ତି । କେତେକେତେ ଟିପଦିଆଙ୍କ ଘରବାରି ଉଚ୍ଛନ୍ନ କରାଇ ତାଙ୍କୁ ବେଘର କରିଛନ୍ତି । ତାଙ୍କ ପାଲରେ ପଇଲେ ମଲି, ନ ପଇଲେ ବି ମଲି । ଏମନ୍ତ ପ୍ରକାରେ ଅଭିମନ୍ୟୁ ମାଆ ପେଟରୁ ଯୁଦ୍ଧ କାଇଦା ଶିଖି ଭୂଇଁରେ ପଇଲା ଭଳିଆ, ହରିଆ ବଡ଼ାପା-ମାଆ ପେଟରୁ ଖଳବା ବୁଦ୍ଧିକୁ ନିଜ ଦିହରେ ରୁନ୍ଧି କୁଆଁକୁଆଁ କରିଥିଲେ । ତେଣୁ ଯାବତ ପ୍ରକାର ଘରଭଙ୍ଗା ବୁଦ୍ଧି ନେଇ ତାଙ୍କ କାରନାମା ବଢ଼ନ୍ତା ହେବା ଯାଏ, ଅନାବନା ନଟା ଛାଆଁକୁ ନଟେଇବା ଭଳିଆ ନଟେଇଚି । ତାଙ୍କ ହରକତିଆ ବୁଦ୍ଧି ହେତୁ, ଅନେକ ଘାଇଲା ହେଇଛନ୍ତି । ଲୋକେ ତାଙ୍କ ମୁହଁରେ କିଛି ନ କହିଲେ ବି, ପଦାରେ ତାଙ୍କ ପାଇଁ ଗୋଟେ ଅଘୋଷିତ ଉପନାମ ଦେଇଛନ୍ତି ହରିଆ କିଳା । ଇଂରାଜୀ ସର୍ଟ ଫର୍ମରେ ହରିଆରୁ 'ହ' କିଳାରୁ 'କି' – ଏମନ୍ତ ପ୍ରକାର ଲୋକତୁଣ୍ଡରେ ସେ 'ହକି' ।




ତମାମ ଜୀବନ ବହୁ ଲୋକଙ୍କୁ କିଳା ଦେଇଦେଇ ବୁଢ଼ା ହେଲେ । ବାଧିକି ପଡ଼ିଲେ । ଚେମୀ ବଡ଼ଉକୁ ଡାକି ବାଧିକା ବେଡ୍ ପାଖରେ ଗୋଟାଏ ବାଉଁଶକିଳା ଓ ଗୋଟାଏ ପିଟଣା ଆଣି ରଖିବାକୁ କହିଲେ । ବୁଢ଼ୀ ବଡ଼ ଭାବନାରେ ପଇଲେ । ହଇଯେ, ଏ ନୁଉଛୁଣାକୁ ଯମ ଘରୁ ଇନ୍‌ଭାଇଟେସନ୍ ଆଇଲାଣି, ଆଉ ଘଡ଼ିକେ ଏ ନଥିବ । ତଥାପି କିଳା ଓ ପିଟଣା ଆଣି ରଖେଇଲାଣି । ଏକ ଦୁଇ ତିନି କରି ତିନିଟି ହେକାରେ ହରିଆ ବଡ଼ାପାର ହରିବୋଲ ହେଇଗଲା । ଧରମପତ୍ନୀ ବିଧିରେ ଚେମୀ ବଡ଼ଉ ଡକାପାରି କାନ୍ଦଣା କୁହାଟିଲା । ତା' କୁହାଟ ଆଗରେ ମାଇକି କ'ଣ ଡିଜେ ବି ହାର୍ ମାନିବା ଥୟ । କାନେ କାନେ ଏ ବାରତା ପ୍ରସରିଲା – ଓଃ ପୃଥ୍ୱୀ ମାଆକୁ ଉଶ୍ୱାସକରି, ହ.କି. ଆଜି ଯମଘର ଗଲେ । ମୁହଁରେ ଗାମୁଛା ଡାଙ୍କି ପଡ଼ିଶାଏ ହାଜର ହେଲେ । ସମସ୍ତେ ତ ହ.କି. କିଳାରେ ଉଚ୍ଛନ୍ନ । ତାଙ୍କୁ ଦେଖି ଦେଖି କାନ୍ଦଣା ଭଲ୍ୟୁମ୍‌କୁ ସ୍ଲୋ କରି ସକେଇଲା ଚେମୀ ବଡ଼ଉ ।

**ଗୋଟିଏ କଣ୍ଟା ଗଲା**

ହରକତିଆଟା ଚାଲିଗଲା ନି ଯେ ମୋର ଗୋଟାଏ କଣ୍ଟାଗଲା । ହରରୋଜ୍ ହରଦରରେ ସମସ୍ତଙ୍କୁ ହରକତ କରିକରି ଆଜି ହରିବୋଲ ହେଲା । ସମସ୍ତଙ୍କୁ ସେ ହରକତ କରିଚି । ସମସ୍ତଙ୍କୁ କିଳା ଦେଇଚି । ଭୟରେ ତେମେମାନେ ସିନା ତା' ମୁହଁରେ କିଛି କହିପାରୁ ନଥିଲ, କିନ୍ତୁ ସେ ତ ଗଲାଣି । ଏଣିକି ଭୟ କ'ଣ ? ମଲାଶେଯ ପାଖରେ ଥିବା କିଳା ଆଉ ପିଟଣାକୁ ଧରେଇଦେଲା ଲୋକଙ୍କୁ । କହିଲା– "ସମସ୍ତଙ୍କୁ ସେ କିଳା ଦେଇଚି, ତମେମାନେ ଏ କିଳା ନେଇ ତା' ପଛପାଖେ ପିଟି ଚାଲ । ତମ ମନର ଓହିମାନା ମେଣ୍ଟିଯାଉ ।" ଲୋକେ ତ ରାଗରେ କଡ଼ମଡ଼ ହେଉଥିଲେ । ଖପାତ୍ କିନା ବୁଢ଼ୀ ହାତରୁ କିଳା ଆଉ ପିଟଣା ନେଇ ବଡ଼ ଜୋସ୍‌ରେ ପଛ ପାଖରେ ମଜଭୁତ କରି ପିଟଣାରେ ପିଟି ଫୁଲ୍ ସଇ କରିଦେଲେ । ବଡ଼ ଉଚ୍ଛାହରେ ମତୁଆଲା ହେଇ, ଘୋଓଘାଆ କରି ଥାନଟିକୁ ଉଠାପକା କଲେ ।

ଘଟଣା ତିନିପା ଘଟୁ ନ ଘଟୁଣୁ ବୁଢ଼ୀ ପୁଣି କାନ୍ଦଣା ଭଲ୍ୟୁମ୍ ବଢ଼େଇ ଦେଇ ଚଉଗୁଣା ସୁରରେ ଡକାପାରି କାନ୍ଦିଲା । ଲୁହ ଅଳପ, କୁହାଟ ବେଶି । ଲୋକେ ଚକିତ । କିଓ ଏ

ବୁଢ଼ୀର ଏ କି ଭଙ୍ଗୀ କହିଲା କିଳା ମାର, ପୁଣି କାନ୍ଦୁଚି । ଡକାପାରି କହୁଚି – "ଇଲୋ ମୋ ମାଆଲୋ – ଏ ବାଡ଼ିପଡ଼ାଏ, ଯୋଗନିଖିଆଏ, ହାଡ଼ଗିଳାଏ, ଅଳପେଇସାଏ, ହେଡ଼ାଖିଆଏ – ମଢ଼ଖିଆଏ – ଏ ନିରୀହ ବୁଢ଼ାଟାକୁ କିଳା ପୂରେଇ ମାରିଦେଲେ ହୋ । ଦଉଡ଼ି ଆସ ହୋ କିଏ କେଉଁଠି ଅଛ ।" ବୁଢ଼ୀର ଏ କାନ୍ଦ କୁହାଟରେ ଗାଁ ଚଉକିଆ ବଇଦା ଆସି ହାଜର । ତା' ଠେଙ୍ଗେଣିରେ ଲୋକଙ୍କୁ ଆଡ଼ଆଡ଼ କରି ଭିତରକୁ ଗଲା । ଦେଖିଲା, ହ.କି. ପଛଆଡ଼େ ଅଢ଼େଇ ହାତିଆ କିଳା । ସେ ବି ଜାଣିଚି ହ.କି.ର ସବୁ କାରନାମା । ବୁଢ଼ୀ ହାଙ୍କିଲା– "ହେ ଚଉକିଆ ପୁଅ, ଥାନାକୁ ଖବରଦିଅ, ଗାଁ ଲୋକେ ମୋ' ଗିରସ୍ତକୁ ଏମିତି କିଳାମାରି ହରିବୋଲ କରିଦେଲେ ।

ବଇଦା ବି ପୁରୁଣା ମୂଷା । ହ.କି. ପ୍ରକୃତି ଜାଣେ । ତା' ଦୁର୍ବୁଦ୍ଧିରୁ ଏବେ ଗାଆଁ ଲୋକେ ଥାନା ଫାଣ୍ଡିକୁ ଯିବା ବ୍ୟବସ୍ଥା କରିଦେଇ ଯାଇଚି ହ.କି. । ତାକୁ ବି ହ.କି. ଦି'ଥର କିଳା ଦେଇଥିଲା । କହିଲା– "ଚେମାନାନୀ, ଡେରିକରନା, ତମେ ଏତାଲା ଲେଖ, ମୁଁ ନିଜେ ଫାଣ୍ଡିରେ ଦେଇଦେବି ।' ଚେମୀନାନୀ ଓ କେବଳ ଟିପଦେଇ ଜାଣନ୍ତି, ଶ୍ରୀ ଅକ୍ଷର ଅଜାଣନ୍ତ । କାଗଜରେ ଲେଖିବାକୁ ଯାହା ମୁହଁକୁ ଚାହିଁଲେ ସମସ୍ତେ ଜଣକ ପରେ ଜଣେ ଫେରାର୍ । ମଥା ଆଉଁଶି ତଳେ ପଡ଼ିଗଲେ । ବଇଦା କହିଲା– "ନାନୀ ତମ ଗିରସ୍ତକୁ କିଳା ଦେଇ ତେମେ ମାରିଦେଲ ! ତେମେ ତାଙ୍କ ଭାରିଜାଟି, ଏମନ୍ତ କାଣ୍ଡ କେମନ୍ତ କଲ ହେ । ଏଠି ତ କେହି ନାହାନ୍ତି, ଖୋଦ୍ ସରଜମିନ୍‌ରେ ତେମେ, ପାଖରେ ପିଟଣା । ଏମିତି କେମିତି କଲ ହେ ନାନୀ । ଫାଣ୍ଡିବାବୁଙ୍କୁ ଜଣେଇବି ଯାଉଚି, ହରିଆନାଙ୍କୁ ତାଙ୍କ ଭାରିଯା ଚେମିନାନୀ କେମିତି ପଛରେ ଗୋଜ ଯୋଖି ହରିବୋଲ କରିଦେଲେ ।"

ହ.କି. କୁବୁଦ୍ଧିରେ ନାଚୁଥିଲା ଚେମୀ । ଏଣିକି ବଇଦା ଚଉକିଆ ତାକୁ ଅକଳରେ ପକାଇଲା, ଗାଞ୍ଜିଆରୁ କେତେଖଣ୍ଡ ଗାନ୍ଧିମୁଣ୍ଡିଆ ନୋଟ୍ କାଢ଼ି ବଇଦା ହାତରେ ଗୁଞ୍ଜିଦେଇ, ଘଟଣାକୁ ଚପେଇ ଦେବାକୁ ତା' ହାତ ଓଠ ଧରି ନେହୁରା ହେଲା । ନିଜ ହାତରେ ଗାଁ ବାଲା ପିଟିଥିବା କିଳାକୁ ବଳ ଖର୍ଚ୍ଚକରି ସମୂଳେ ଉତ୍ପାଟନ କଲା । ବଇଦା ଗୋଟାଏ କାଗଜରେ ଚେମୀର ଟିପନେଇ ଫେରାର୍ । ଫାଣ୍ଡିବାଲାଏ ଆସି ବୁଢ଼ୀକୁ ଗାରଦକୁ ନେଲେ ।

### ମନସିଲଟର ଦାଗ

ଘଣ୍ଟୁଆ ମନସିଲଟରେ ଏଇ ଘଟଣାଟା ଦାଗ ହେଇ ରହିଯାଇଚି । ବେଳେବେଳେ ସେ ହରିଆ ବଡ଼ାପାଙ୍କ ପାଖକୁ ଯାଉଥିଲା, କିଛି କିଛି ଇଲମ୍ ବି ପାଇଥିଲା । ସେଇଆକୁ ପୁଞ୍ଜିକରି, ଧୋଇ ଶୁଖେଇ ଖାଉଚି ଏଯାଏଁ । ସେ ପିଲାକାଳୁ ଜାଣିଚି ବାଉଁଶରୁ କିଳା ତିଆରି ହୁଏ, ପୁଣି ବାଉଁଶରୁ କାଗଜ ତିଆରି ହୁଏ । ବାଉଁଶ କିଳା ବାହାରକୁ ଦୃଶ୍ୟହୁଏ, ଲୋକେ ବି ଏ କିଳା ପାଇଁ ସାବଧାନ ହୁଅନ୍ତି । ଏ କିଳା ସ୍ଥୂଳକିଳା, ମାତ୍ର ଏଥିରୁ ତିଆରି କାଗଜ କିଳାଟା ଅତି ସୂକ୍ଷ୍ମ, ଆଣବିକ କି ପରମାଣବିକ କିଳା । ଏ କିଳା ଭେଦୁଥିବ, ଭେଦଉଥିବ, ଏ କିଳା ଥରେ ଭେଦିଦେଲେ ଯମ କୁଆଟରକୁ ଗୁଗୁଲ୍ ମ୍ୟାପ୍ ଖୋଜିବାକୁ ପଡୁଥିବ ।

ଏସବୁ ମପାମପି କରି ଘଣ୍ଟୁ ଜାଇଁଲା ଏ ସୂକ୍ଷ୍ମ କାଗଜ କିଳାର ମୂଳଟା କେଉଁଠି ? ରାଜନୀତିଆ ଭାଷାରେ– 'ଗ୍ରାସରୁଟ୍ କୁତ୍ର ତିଷ୍ଠତି'। ସବୁ ଘୋରାଘୋରି କରି ଜାଇଁଲା ଯେ ଏ ମୂଳ ହେଉଛି ଶିକ୍ଷା କିଆରି । ସରସା ଜମି ପଛେ ପଡ଼ିଆପଡ଼େ, ଶିକ୍ଷା କିଆରି କେବେ ବି ପଡ଼ିଆ ନଥାଏ । ଏଠି ଚାଷୀ ନ ହେଲେ ଭାଗଚାଷୀ । ନ ହେଲେ କି, ଜଣେ ପିଲା ପାଇଁ ଆଉଜଣେ ତା' ନାଆଁ ନେଇ ପରୀକ୍ଷା ଦିଅନ୍ତା ? ସବୁଠୁ ସରସାକଥା, ରାଜ୍ୟରେ ସବୁ ବେପାରରୁ ଶିକ୍ଷା ବେପାରଟା ଅତି ଲାଭଜନକ । ସରକାରୀ ମଟର ଲସ୍ ଖାଏ, ସରକାରୀ ଶିକ୍ଷାକ୍ଷେତ ପଡ଼ିଆ ବେଶି, ଉଠିଆ କମ୍ । ତେଣୁ ବେସରକାରୀ ଶିକ୍ଷାକ୍ଷେତ ଆଡ଼େ ମନ ବଳେଇଲା ଘଣ୍ଟୁ । ଏଣେ କାଗଜରେ ବଡ଼ବଡ଼ ଅକ୍ଷରରେ ଖବରକାଗଜ ଛାପା ଦେଖିଲା "ଖଡ଼ିଛୁଆଁ ଉଛବ" । ଏମିତି ଉଛବ ନ ହେଲେ ଯେମିତି ପିଲା ଖଡ଼ି ଧରିବନି, ପାଠ ପଢ଼ିବନି । ଏଠି ଅକ୍ଷିତୃତୀୟାର ହଳକରଣ ବି ଉଛବ, ଏମିତିକି ବଡ଼ବଡ଼ିଆ ଘରେ ପିଲା ପେଟରେ ରହିଲେ ଉଛବ, ଅନ୍ତ୍ୟେଷ୍ଟିକ୍ରିୟାରେ ମଶାଣିସାରା ବାଲିଯାତ୍ରା, ଫଟୋ ଉଠାଣ, ଭଡ଼ାଟିଆ କାନ୍ଦୁଆ କାନ୍ଦୁଆଣୀଙ୍କ ଦ୍ୱାରା ସକସକାଣ, କଇଁକୟାଁଣ, ବୋବାଳି କାନ୍ଦଣା ଫଅଟ ଉଠାଣ ଓ

**ସରସା ଜମି ପଛେ ପଡ଼ିଆପଡ଼େ, ଶିକ୍ଷା କିଆରି କେବେ ବି ପଡ଼ିଆ ନ ଥାଏ । ଏଠି ଚାଷୀ ନ ହେଲେ ଭାଗଚାଷୀ ।**

ଭିଡିଓକରଣ । ଭିଡିଓବାଲା ନ ଆସିବା ଯାଏ, ନିଆଁବରିହା ପଛେ ଜଳିଜଳି ଯାଉ, ପୁଏ ମୁହଁନିଆଁ ଦବାକୁ କୁନ୍ଥାଣ କରୁଥିବେ । ଭିଡିଓବାଲା ଆଇଲେ, ମୁହଁ ନିଆଁଦିଆ କାମ ।

**ସିଜିନ୍ ବେପାର**

ରଜ, ଦୋଳ, ହୋଲି, ଦଶହରା ଭଳିଆ ଅନେକ ସିଜିନ୍ ବେପାର ସହିତ ଘଣ୍ଟୁ ଆଗରୁ ମଇତ୍ର ହେଇସାରିଚି । ଏବେ 'ଖଡ଼ିଛୁଆଁ' ଶିକ୍ଷା କିଆରିର ନୂଆ ଭିଆଣ । ସବୁଆଡ଼େ ହଇଚଇ । ଜିଲ୍ଲା ଉଆରି ଠାଆକୁ ଠାଆ ଶିକ୍ଷାକିଆରି ଠାବ, ଛାମୁଡ଼ିଆବନ୍ଧା, ଏଠି ଅବଧାନେ, ମାଷ୍ଟ୍ରେଙ୍କୁ ପଚାରେ କିଏ । ମାଷ୍ଟ୍ରଙ୍କ ଉପରିଆ ମାଷ୍ଟ୍ରେ, ତା' ଉପରିଆ ହାକିମ, ତା' ଉପରିଆ କମିଶନରିଆ, ତା' ଉପରିଆ ନେତା-ମନ୍ତ୍ରୀ ନ ଆଇଲେ 'ଖଡ଼ିଛୁଆଁ' ହବି କି? ହୋହୋ ନାଇଁ, ସଭାନାହିଁ, ଫଅଟ ଉଠାଣ ନାଇଁ, ଛାମୁଡ଼ିଆ ନାଇଁ, ମାଇକ୍ ବଜାଣ ନାଇଁ, କେମିତି ହବ ଯେ 'ଖଡ଼ିଛୁଆଁ'? ଅବଧାନ ଏବେ ସାବଧାନ ହେଲେଣି, କାହିଁକି ନା ଗାଁ, ଚାଟଶାଳୀ ନାଇଁ, ଇସ୍କୁଲ ପାଲଟିଗଲାଣି । ଜଣେ ଅଧେ ଅବଧାନ ଆମର ପିଲାକୁ ଖଡ଼ିଛୁଆଁର ଲିପା ମାଟିରେ ପିଲା ହାତରେ ମୁଣ୍ଡାଖଡ଼ି ଦେଇ ବ୍ରହ୍ମ-ବିଷ୍ଣୁ-ମହେଶ୍ୱର ଭଳି ତିନି ତିନୋଟି ମୁଣ୍ଡଳା ବୁଲା ମଡ଼ାଣ କରୁଥିଲେ । ପିଲା ବାପେ ମାଏ କିଛି ଦକ୍ଷିଣା ଦେଇ ତାକୁ ସାଷ୍ଟାଙ୍ଗ ହେଉଥିଲେ । ଏବେ କିନ୍ତୁ ଏ ନୂଆ ଖଡ଼ିମଡ଼ାଣରେ ଚକା ଓଲଟିଲାଣି । ମାଷ୍ଟ୍ରେ ଖଡ଼ିଛୁଆଁ କରିବେ କ'ଣ, ଘରଘର ବୁଲି ପିଲାଙ୍କୁ ମିଠେଇ ଦେଇ, ବାପା-ମାଆଙ୍କୁ ଖୋସାମତ ମରାମତ କରି ତେଲେଇ, ଘିଏଇ ପିଲା ଯୋଗାଡ଼ରେ ବ୍ୟସ୍ତ । ନୋକା ମାଷ୍ଟ୍ର ଏ ଖରାରେ ବୁଲି ବୁଲି ଥେୟା, ପନ୍ଦର ଦିନ ବୁଲିବୁଲି ଦିଇଟି ମାତ୍ର ପିଲା ଯୋଗାଡ଼ କରିଛି । ଚାକିରି ଯିବାଯିବା ଅବସ୍ଥା, ଅପ୍ରେଲ ଖରାଠାରୁ ଉପରବାବୁଙ୍କ ଧମକାଣ ଆଉ ଟାଆଁସା ।



ଛକର ବଟିଆ ଚା'ଖଟିରେ ଘଣ୍ଟୁ ସାଙ୍ଗେ ଲୋକନାଥ ଓରଫ୍ ନୋକା ସାଆରଙ୍କ ଭେଟଘାଟ । ନୋକାଙ୍କ ତିନ୍ତୁଳିମଖା ମୁହଁ ଦେଖି ଘଣ୍ଟୁ ବୁଝିନେଲେ ଘଟଣା, କି ଅବସ୍ଥା ଏ ମାଷ୍ଟ୍ରଙ୍କର । ହଇରେ ଦଇବ, ଏ ଶିକ୍ଷା କିଆରି କେମିତି ରହିବ? ନୋକା ଘଣ୍ଟୁର ସବୁ ଚତୁରିଆପଣ ଜାଣନ୍ତି, ଭରସାରେ ଆତୁରିଆ ହୋଇ ଘଣ୍ଟୁ ହାତଧରି ଏ ବିପଦରୁ ଉଦ୍ଧାର ପାଇବା ପାଇଁ ବାଟ ଖୋଜିଲେ । ଘଣ୍ଟୁଙ୍କୁ ଚା'ପାନ ଦେଇ ଆପ୍ୟାୟିତ କରିବା ପରେ ଘଣ୍ଟୁ ପ୍ରସନ୍ନ ମୁଦ୍ରାକୁ ଆଇଲେ । କହିଲେ, କ'ଣ ସାଙ୍ଗ ମାଷ୍ଟ୍ରେ, ଏତେ ଛାନିଆଁ ହେଲେ ଚଳିବ ନା? ବ୍ୟସ୍ତ ହୁଅନି, ସବୁ ଥୟ ହେଇଯିବ । ଖାଲି ତମେ ମୋ ଫିଜ୍ ଦାଖଲକଲେ କାମ ହେଇଗଲା ବୋଲି ଜାଣ । ନୋକା ମାଷ୍ଟ୍ରେ ତ ଅତି ଆତୁରିଆ, ପଚାରିଲେ ଫିଜ୍ କେତେ? ଘଣ୍ଟୁ ହାଙ୍କିଲେ ଚାକିରି ଚାଲିଗଲେ କ'ଣ କରିବ ମାଷ୍ଟ୍ରେ? ଫିଜ୍ ସେଇ ହିସାବରେ ଦିଅ । ନୋକା ଅକଲଗୁଡୁମ୍ । 'ପଳେଇ ପଶିଲି ମାଉସୀ ଘରେ, ମାଉସୀ ମାଇଲା ଦି'ପାହାରେ' ନ୍ୟାୟରେ ନୋକା ଅବସ୍ଥା ଆଉ ଅସମ୍ଭାଳ । ହଜାରେ ଟଙ୍କା ଘଣ୍ଟୁଙ୍କୁ ଦିଅନ୍ତେ, ଘଣ୍ଟୁ କହିଲେ ମାଷ୍ଟ୍ରେ କ'ଣ ଏତକ ବଇନା? ଆଉ କେତେ ଦେବ? ହଉ ତମେ ତ ଆମଲୋକ, ଆଉ ନ' ହଜାର ଦେଲେ ତମ କାମ ଚଳେଇନେବି । କାରଣ ଏ ଟଙ୍କାଟା ତ ମୋର ଏକା ନୁହେଁ, ଗ୍ରାସ୍‌ରୁଟାଣୀମାନଙ୍କୁ ନ ତୋଷିଲେ ପିଲା ଆସିବେ କେମନ୍ତେ? ହଁ, ଆଉ ଗୋଟାଏ କଥା ଶୁଣ - ତମେ ହେଲ ଆମ ଏଜେଣ୍ଟ୍ । ତମ ଭଳିଆ ବିନା ପିଲାରେ କେବଳ କାଗଜ ପତରରେ ବହୁ ଶିକ୍ଷା କିଆରି ଅଛି । ଅତି ଉଣାରେ ସେଇ କିସମ ଜମିର ଖେତୁଆଳ ଖେତୁଆଳିମାନଙ୍କୁ ଖବରଦେଇ, ମୋ' କାନଫୁଙ୍କାରେ ତାଙ୍କୁ ମୋ' ସହିତ ଯୋଡ଼ିବ । ହୁସିଆର ଏତକ, ନ ହେଲେ ତମକୁ ଆଉ ପାଞ୍ଚ ହଜାର ଦେବାକୁ ପଡ଼ିବ ।

ନୋକା ମାଷ୍ଟ୍ରଙ୍କ କାନମୁଣ୍ଡା ଭାଆଁ ଭାଆଁ ହେଉଥିଲା । କ'ଣ କରିବେ, କିଛି ଥଳକୂଳ ପାଉନଥିଲେ । ତାଙ୍କ ସାଙ୍ଗସରିସା ଟିଚର, ଟିଚରାଣୀଙ୍କୁ କାନଫୁଙ୍କାରେ ସବୁ ଯୋଡ଼ିଦେଲେ ଘଣ୍ଟୁ ସହିତ । ଘଣ୍ଟୁ ହିସାବିଲେ, ଗାଏ ମୋଟ

ନୋକାଙ୍କୁ ମିଶାଇ ହେଲେ ଡଜନେ ଟିଚର ଟିଚରାଣୀ । ଜଣକା ଦଶ, ଦଶ କରି ଦେଲେ ଏକ ଲକ୍ଷ କୋଡ଼ିଏ ହଜାର ହେବ । ହଉ, ମନ୍ଦ କ'ଣ ? ଖଡ଼ିଛୁଆଁରେ ଯଦି ଏତକ ହେଲା, ଆଗକୁ ଆଉ ଆଉ କିଆରିରେ ନୂଆ ନୂଆ ଭିଆଣ କରିବେ ।

**ଆରସନକୁ ଏ ଖଡ଼ିଛୁଆଁ ଉଚ୍ଛବ ପାଇଁ ଏମାନଙ୍କ ସହଯୋଗ କାଳ କାଳକୁ ଘଣ୍ଟୁ ମନେ ରଖିବାକୁ ବାଧ୍ୟ ।**

**ପାଞ୍ଚାଳୀଙ୍କ ପାଞ୍ଚସ୍ୱାମୀ**

ମହାଭାରତରେ ପାଞ୍ଚାଳୀଙ୍କର ପାଞ୍ଚସ୍ୱାମୀ କଥା ଅଛି । ମାତ୍ର ଘଣ୍ଟୁ ଏଥର ପଞ୍ଚେଇଙ୍କ କଥା ଭାଳିନେଲେ । ପଞ୍ଚେଇ ନମ୍ବର ୱାନ୍ ହେଲେ ବି. ଚଞ୍ଚଳା, ଆଶାଦିଦି । କେଉଁଠି କେଉଁମାସ, କେତେ ତାରିଖରେ ଛୁଆ ପେଟସ୍ଥ ହେଲେ ତାଙ୍କୁ ଜଣା । ଫୋନ୍‌ରେ ତାଙ୍କଠାରୁ ହିସାବ ନେଇ ଚିଠାକଲେ ଘଣ୍ଟୁ । ନମ୍ବର ଦୁଇ ପଞ୍ଚେଇ ହେଲେ କେ.ରେସମା – ଏ ହେଲେ ୱାରକରାଣୀ ଦିଦି । ଅଙ୍ଗନବାଡ଼ିକୁ ଛୁଆ ଯୋଗାଣକାରିଣୀ । ତାଙ୍କ ପରେ ରହିଲେ ମିସ୍ ହେଲ୍‌ପିଣୀ ଦିଦି । ସିଏ ତାଙ୍କ ଅଙ୍ଗନବାଡ଼ିରେ ଛୁଆଖୁଆଡ଼ ଜଗନ୍ତି । ତାଙ୍କ ଉପରକୁ ରହିଲେ ଗୁରାଳି ଦେଈ – ସେ ହେଲେ ଅଙ୍ଗନବାଡ଼ିର ସୁଆସ୍ଥ୍ୟ କର୍ମିଣୀ । ଚାରି ନମ୍ବର ପଞ୍ଚେଇ ସିଏ । ପାଞ୍ଚ ନମ୍ବର ପଞ୍ଚେଇ ହେଲେ ବିବାହିତା ହେଇଥିଲେ ବି ମିଠି ମିସ୍ । ତଳ ଖେତର ରଖୁଆଳିଣୀ ସେ ।

ନୋକା ମାଷ୍ଟ୍ରଙ୍କ ଠାରୁ ପାଇଥିବା ମାନଙ୍କ କାନଫୁଙ୍କା ନମ୍ବର ଆଣି ପଞ୍ଚେଇମାନଙ୍କୁ ପାଞ୍ଚ ପାଞ୍ଚଥର ଫୋନ୍‌ରେ କିଳିବିଳି କଲେ ଘଣ୍ଟୁ । ନିଜ ପରିଚୟ ଦେଲେ ଇନ୍‌ସ୍‌ପେକ୍ଟର । ଅଦେଖା ଅଜଣା ଇନ୍‌ସ୍‌ପେକ୍ଟର ନାଆଁ ଶୁଣି ପାଞ୍ଚ ପଞ୍ଚେଇମାନେ ହାରାହାରି ଛାନିଆଁ । କଳେ ବଳେ କଉଶଳେ ଘଣ୍ଟୁ ଘଣ୍ଟାଘଣ୍ଟି କରି ପିଲା ଜନମଠାରୁ ବିହନ ବେଳ, ଗଜାବେଳ, ତଳିରୁଆ ବେଳଠାରୁ ଆସି ଅଙ୍ଗନବାଡ଼ିରେ ରୁଆ ହେଇଥିବା ପିଲାଙ୍କ ଚିଠାଆଣି, ସବୁ ଠା' ଠିକଣା ଠାବକଲା । ଦି'ଦିନ ଭିତରେ ନୋକା ଓ ନୋକାଳିଆ ଆତୁରିଆ ଟିଚର, ଆତୁରିଆଣୀ ଟିଚରାଣୀମାନଙ୍କ ପାଖରେ ନିଜ ପ୍ରାପ୍ୟ ନେଇ ଚିଠା ଧରାଇଦେଲେ ।

କେବଳ ଫୋନ୍ ବିଲ୍‌ରେ ଯାହା ଯେମିତି ଖର୍ଚ୍ଚା, ଟିପାଖାତା ଖର୍ଚ୍ଚା ବାବଦରେ ଟଙ୍କା ଶହେଟା ଖର୍ଚ୍ଚା । ୟା' ବାଦ୍ ଏକଲକ୍ଷ, ଉଣେଇଶ ହଜାର ନଅ ଶହ ତାଙ୍କ ପକେଟ୍‌ରେ । ଖଡ଼ିଛୁଆଁକୁ ଆସନ୍ତା ସନକୁ ଘଣ୍ଟୁ ନିଜ ଯୋଜନା ପ୍ରସାରଣ ଚିନ୍ତାରେ ଥିଲେ । ପଞ୍ଚ-ପଞ୍ଚେଇ ତାଙ୍କର ଭରସା । ଘଣ୍ଟୁ ପାଇଁ ଏମାନେ ମଣିଷ ଦେହରେ ଗୋଟେ ଗୋଟେ ଦେବୀ ନା । ଆରସନକୁ ଏ ଖଡ଼ିଛୁଆଁ ଉଚ୍ଛବ ପାଇଁ ଏମାନଙ୍କ ସହଯୋଗ କାଳ କାଳକୁ ଘଣ୍ଟୁ ମନେ ରଖିବାକୁ ବାଧ୍ୟ । ଏମନ୍ତ ପଞ୍ଚେଇମାନଙ୍କୁ ତୋଷିଲେ, ଖଡ଼ିଛୁଆଁ ଉଚ୍ଛବ ଆଉ ଗାଢ଼ା ହେବ ସିନା ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
ajayamishraodia@gmail.com




## ଏହି ସଂଖ୍ୟାର ମଲାଟ ଚିତ୍ର

ଚଳିତ ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଫଟୋଚିତ୍ରଟିକୁ ଉତ୍ତୋଳନ କରିଛନ୍ତି ଓଡ଼ିଶାର ବିଶିଷ୍ଟ ସୌଖୀନ ଫଟୋଗ୍ରାଫର ସ୍ୱାତୀ ମହାପାତ୍ର ।



ରାଜସ୍ଥାନର ଉଦୟପୁରଠାରେ ଥିବା ପ୍ରାକୃତିକ ପରିବେଶର ଏହି ଦୃଶ୍ୟକୁ ସେ ନିଜର 'କ୍ୟାନନ୍ ୫-ଡି ମାର୍କ୍-୪' କ୍ୟାମେରାରେ ଉତ୍ତୋଳନ କରିଛନ୍ତି ।



ପ୍ରବନ୍ଧ

# ସର୍ଜନାତ୍ମକ ସାହିତ୍ୟ ସମାଲୋଚନା: ଏକ ସ୍ପଷ୍ଟୀକରଣ

ମଣୀନ୍ଦ୍ର କୁମାର ମେହେର

ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ସମାଲୋଚନା ଏକ ସ୍ୱତନ୍ତ୍ର ଧାରା। ମାତ୍ର ଏହାକୁ ସୃଜନଶୀଳ ସୃଷ୍ଟିର ମର୍ଯ୍ୟାଦା ବିଧିବଦ୍ଧ ଭାବରେ ଏ ପର୍ଯ୍ୟନ୍ତ ଦିଆଯାଇପାରିନାହିଁ। ସେଥିପାଇଁ ମନରେ ଏକ ପ୍ରଶ୍ନ ଉଠେ - ଏହାର କାରଣ କ'ଣ? ଏ ସମ୍ପର୍କରେ ସ୍ଥିର ଚିତ୍ତରେ ବିଚାର କରିବାର ପ୍ରୟୋଜନ ରହିଛି ନିଶ୍ଚୟ। ଏହି ପ୍ରବନ୍ଧଟିର ମୂଳ ଉଦ୍ଦେଶ୍ୟ ତେଣୁ ଉକ୍ତ ପ୍ରସଙ୍ଗ କୈନ୍ଦ୍ରିକ।

ସାହିତ୍ୟ କହିଲେ କଣ? ଏହାର ସୃଷ୍ଟି ପଶ୍ଚାତରେ ରହିଥିବା ଆଭିମୁଖ୍ୟ ଓ ଏହାର ସ୍ୱରୂପକୁ ନେଇ ଆଲୋଚନାର ଅନ୍ତନାହିଁ। କିନ୍ତୁ ଜଗତ ବିଖ୍ୟାତ ସାହିତ୍ୟ ସ୍ରଷ୍ଟାଙ୍କଠାରୁ ଆରମ୍ଭ କରି ସ୍କୁଲ କଲେଜରେ ପଢୁଥିବା କିଶୋର ବା ତରୁଣ କବି, ଲେଖକଙ୍କ ପର୍ଯ୍ୟନ୍ତ କେହି ମଧ୍ୟ ସାହିତ୍ୟ-ତତ୍ତ୍ୱ ଅଧ୍ୟୟନ କରି ଲେଖା ଆରମ୍ଭ କରିନଥାନ୍ତି। ତାହା ପାଠକରିବାର ଆବଶ୍ୟକତା ମଧ୍ୟ କେହି ଉପଲବ୍ଧି କରନ୍ତି ନାହିଁ।



କୌଣସି ତତ୍ତ୍ୱ ଯେତେ ଜ୍ଞାନ-ଗର୍ଭକ, ଶିକ୍ଷାପ୍ରଦ ବା ଉପାଦେୟ ହୋଇଥାଉ ନା କାହିଁକି, ପ୍ରାଣର ସୁଗଭୀର ପ୍ରେରଣାଠାରୁ ତାହା ଆଉ ଅଧିକ ପ୍ରଭାବଶାଳୀ ପ୍ରତିପାଦିତ ହୋଇନାହିଁ କେବେ। ତତ୍ତ୍ୱ ବା ଥିଓରୀ ଅଧ୍ୟୟନ କରି କବି କାବ୍ୟ କବିତା ଲେଖନ୍ତି ନାହିଁ। ଗାଳ୍ପିକ ଅଥବା ଔପନ୍ୟାସିକ ଗଳ୍ପ, ଉପନ୍ୟାସ ଲେଖି ନ ଥାନ୍ତି। ପ୍ରତ୍ୟେକ ବିଭାଗର ସ୍ରଷ୍ଟା ଅନୁପ୍ରାଣିତ ହୋଇଥାନ୍ତି ତାଙ୍କ ପୂର୍ବଜ କିମ୍ବା ସମକାଳୀନ କବି, ଲେଖକଙ୍କ ଦ୍ୱାରା। ତତ୍ତ୍ୱକୁ ଦୃଷ୍ଟି ଆଗରେ ରଖି କେହି କିଛି ଲେଖି ନ ଥାନ୍ତି। ଯଦି କେହି ସେପରି ସଚେତନତା ନେଇ ରଚନା କରନ୍ତି କାବ୍ୟ, ନାଟକ, ଗଳ୍ପ ବା ଉପନ୍ୟାସ, ତା'ହେଲେ ସେହି ସୃଷ୍ଟି ତାର ସ୍ୱାଭାବିକ ସୌନ୍ଦର୍ଯ୍ୟ ହରାଇ ଦେଇ କୃତ୍ରିମ ଓ ପ୍ରାଣହୀନ ଶବ୍ଦସଜ୍ଜା ହୋଇ ରହିଯାଏ।

## ସମାଲୋଚନାର ପ୍ରସ୍ତୁତି

ସମୁନ୍ନତ ଚେତନା ଓ ଗଭୀର ଜ୍ଞାନର ଅଧିକାରୀ ନ ହେଲେ ସାହିତ୍ୟ-ସମାଲୋଚକ ହେବା ସମ୍ଭବ ହୋଇପାରେ ନାହିଁ। ଲେଖକମାନେ ତତ୍ତ୍ୱ ଅଧ୍ୟୟନ କରିନପାରନ୍ତି। ସମାଲୋଚକ ତତ୍ତ୍ୱ ଅନୁଯାୟୀ ସାହିତ୍ୟକୃତିର ସଫଳତା ନିର୍ଣ୍ଣୟ କରିଥାନ୍ତି। ଏକ ସାଧାରଣ ପ୍ରଶ୍ନ ଏଥିରୁ ଉତ୍‌ଥାପିତ ହୋଇପାରେ। ତତ୍ତ୍ୱ-ସଚେତନ ନ ହୋଇ ଯେଉଁ କବି ଓ ଲେଖକମାନେ ସାହିତ୍ୟ ସୃଷ୍ଟି କରନ୍ତି ତାହା ସୃଜନଶୀଳ ନା ତତ୍ତ୍ୱାଶ୍ରୟୀ ବିଚାର ବିବେଚନା ସୃଷ୍ଟିଶୀଳ? ଏହା ନିର୍ଦ୍ୱନ୍ଦ୍ୱରେ ପ୍ରମାଣିତ ହୋଇ ସାରିଛି ଯେ ଯେଉଁ ଲେଖକ ଲେଖିକାମାନେ ନିଜ ଅନ୍ତରାତ୍ମାର ନିର୍ଦ୍ଦେଶରେ ପରିଚାଳିତ ସେମାନଙ୍କ ରଚନାରେ ମୌଳିକ ଅନୁଭବ ଅଧିକ ମାର୍ମିକ। ଅପରପକ୍ଷରେ ଯେଉଁ ସମାଲୋଚକବୃନ୍ଦ ଜ୍ଞାନତତ୍ତ୍ୱ ମଧ୍ୟକୁ ପ୍ରବେଶ କରି ବହୁ ଶ୍ରମସ୍ୱୀକାର କରି ଲେଖନ୍ତି ସାହିତ୍ୟ ସମାଲୋଚନା ତାହା ଯେତେ ପାଣ୍ଡିତ୍ୟପୂର୍ଣ୍ଣ ହେଉନା କାହିଁକି ସେଥିରେ ମୌଳିକ ଦୃଷ୍ଟିଭଙ୍ଗୀ ହୋଇଥାଏ ଏକାନ୍ତ ଦୁର୍ଲ୍ଲଭ। ମୌଳିକ ଚେତନାର ଅନୁପସ୍ଥିତି ସତ୍ତ୍ୱେ ଏକ ସମାଲୋଚନାତ୍ମକ ଲେଖାକୁ କିପରି ସୃଜନଶୀଳତାର ମର୍ଯ୍ୟାଦା ପ୍ରଦତ୍ତ ହେବା ସମ୍ଭବ?

ପୁଣି ସମାଲୋଚନାର ମଧ୍ୟ ବିଭିନ୍ନ ପ୍ରକାର ଭେଦ ନିରୂପିତ। ତା'ମଧ୍ୟରେ ଗୋଟିଏ ପ୍ରକାର ହିଁ 'କ୍ରିଏଟିଭ୍ କ୍ରିଟିସିଜମ୍' ଭାବରେ ନିର୍ଣ୍ଣିତ। ତେଣୁ ସମସ୍ତ ସମାଲୋଚନା ଯେ ସୃଜନାତ୍ମକ ନୁହେଁ, ଏହା ତ ସ୍ୱୟଂ ସମାଲୋଚକମାନେ ହିଁ ନିର୍ଦ୍ଧାରଣ କରିଛନ୍ତି। ତେଣୁ ତାହାକୁ ମୌଳିକ ସୃଷ୍ଟିର ମର୍ଯ୍ୟାଦା ନ ମିଳିବା ଫଳରେ, କେଉଁ କାରଣକୁ ନେଇ ଅତୃପ୍ତି, କ୍ଷୋଭ ବା ଅସନ୍ତୋଷ ପ୍ରକାଶିତ ହୁଏ ତାହା ବୁଝିବା ବା ବୁଝାଇବା ଦୁରୂହ ବ୍ୟାପାର।

ସାହିତ୍ୟ ସମାଲୋଚନା ସାଧାରଣ ପାଠକଙ୍କଠାରୁ ଦୂରବର୍ତ୍ତୀ ବୋଲି କେହି କେହି କହନ୍ତି ।

ଏହା ମଧ୍ୟ କୁହାଯାଏ ଯେ ଲେଖକ ଓ ପାଠକ ମଧ୍ୟରେ ଏକ ଯୋଗସୂତ୍ର ହେଉଛନ୍ତି ସମାଲୋଚକ। ମୂଳ ଲେଖାର ବ୍ୟାଖ୍ୟା, ଆଲୋଚନା, ଅନୁଶୀଳନ ସମାଲୋଚକ ଏପରି ଭାବରେ କରିବେ ଯେ, ପାଠକ ଅଧିକ ଗଭୀର ଭାବରେ ତାହାର ଅର୍ଥ ଓ ମହତ୍ତ୍ୱ ହୃଦୟଙ୍ଗମ କରିପାରିବେ। ମାତ୍ର ବାସ୍ତବ କ୍ଷେତ୍ରରେ ତାହା କେତେଦୂର ସମ୍ଭବ? ପାଠକମାନଙ୍କ ପାଇଁ ମୂଳ ସାହିତ୍ୟକୃତି ଅଧିକ ପ୍ରିୟ ନା ସମାଲୋଚନା? କେତେଜଣ ସାଧାରଣ ପାଠକ ମୌଳିକ ଲେଖାର ତାତ୍ପର୍ଯ୍ୟ ଅନୁଭବ କରିବା ପାଇଁ ସମାଲୋଚନାର ଆଶ୍ରୟ ନେଇଥାନ୍ତି? ଯେଉଁ ଛାତ୍ରଛାତ୍ରୀମାନେ ସାହିତ୍ୟ ବିଭାଗରେ ପ୍ରବେଶ କରନ୍ତି, ସେମାନେ ନିଜ ନିଜ ପରୀକ୍ଷା ସକାଶେ ଯେଉଁ ପୁସ୍ତକ ଉପଯୋଗୀ ବୋଲି ମନେ କରନ୍ତି, ତାହା ହିଁ ପଢ଼ିଥାନ୍ତି। ତାହା ପଢ଼ିବା ପରେ ବି ସେମାନେ ସୁସ୍ପଷ୍ଟ ଧାରଣାରୁ ହୋଇଥାନ୍ତି ବଞ୍ଚିତ। ଯେଉଁମାନେ ଉଚ୍ଚକୋଟୀର ସମାଲୋଚକ ସେମାନେ ଜଟିଳ ବିଷୟକୁ ସହଜ ଭାବରେ ବୁଝାଇ ଦିଅନ୍ତି। ପାଠ୍ୟକ୍ରମ କୈନ୍ଦ୍ରିକ ସମାଲୋଚନା ଜଟିଳକୁ ଅଧିକ ଜଟିଳତର ରୂପେ ଉପସ୍ଥାପନ କରି ଛାତ୍ରଛାତ୍ରୀମାନଙ୍କୁ ନାନା ଭାବରେ ବିଭ୍ରାନ୍ତ କରିଆସିଛନ୍ତି। ଏଭଳି ଅନେକ କାରଣରୁ ଉପଯୁକ୍ତ ଜ୍ଞାନଦୀପ୍ତ ସମାଲୋଚକଙ୍କ ଅଭାବ ହେତୁ ତାହା ସାହିତ୍ୟର ଏକ ବ୍ୟବସାୟ କୈନ୍ଦ୍ରିକ ବିଭାଗରେ ପରିଣତ ହୋଇଯାଇଛି।

**ସବୁ ବିଷୟ ନିମନ୍ତେ ଫର୍ମୁଲା ଗଢ଼ିତୋଳିବା ସତେ କି ମାନବ ବିଦ୍ୟାର ଶ୍ରେଷ୍ଠ ଦାୟିତ୍ୱ!**

## ସର୍ଜନାତ୍ମକ ସମୀକ୍ଷକର ସ୍ୱୀକୃତି

ଆମର ବିଜ୍ଞ ସମାଲୋଚକମାନେ ନିର୍ଦ୍ଦିଷ୍ଟ ଭାବରେ କେତେଜଣ ସମାଲୋଚକଙ୍କୁ ସୃଜନଶୀଳ ସମୀକ୍ଷକର ମର୍ଯ୍ୟାଦା ଦେଇଛନ୍ତି। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ଓଡ଼ିଆ ସାହିତ୍ୟରେ ମାୟାଧର ମାନସିଂହ, ସଚ୍ଚିଦାନନ୍ଦ ରାଉତରାୟ, ସୌରୀନ୍ଦ୍ର ବାରିକ ପ୍ରମୁଖ ଏହି ସ୍ୱୀକୃତିର ଅଧିକାରୀ। ଆଉ ଜଣେ ଜଣେ ସମାଲୋଚକଙ୍କ ସୁନିର୍ଦ୍ଦିଷ୍ଟ ଲେଖା ଏହି ସମ୍ମାନ ଅନ୍ତର୍ଭୁକ୍ତ। ଯେପରି ନଟବର ସମନ୍ତରାୟଙ୍କ 'ଲଳିତା', ଦାଶରଥି ଦାସଙ୍କ 'କବିସୂର୍ଯ୍ୟ ଓ ଗୋପାଳକୃଷ୍ଣ' ଆଦି।

ଦେଖାଯାଏ ଯେ ପାଶ୍ଚାତ୍ୟ ସାହିତ୍ୟତତ୍ତ୍ୱ ଅନୁସାରେ 'କ୍ରିଏଟିଭ୍ କ୍ରିଟିସିଜମ୍' ମଧ୍ୟ ଏକ ସ୍ୱତନ୍ତ୍ର ତତ୍ତ୍ୱ। ଯେଉଁ ସମାଲୋଚନା ତତ୍ତ୍ୱର ଜଟିଳତାଠାରୁ ମୁକ୍ତ, ତାହାକୁ ମଧ୍ୟ ନେଇ ଏକ ଜଟିଳ-ତତ୍ତ୍ୱ ପ୍ରସ୍ତୁତ। ସବୁ ବିଷୟକୁ ଗୋଟିଏ ଗୋଟିଏ ତତ୍ତ୍ୱରୂପ ପ୍ରଦାନ କରିଦେବା ଜ୍ଞାନୀମାନଙ୍କ ଏକ ଛାଞ୍ଚ ତିଆରି ମନୋବୃତ୍ତିର ପରିଚାୟକ। ଏହି ଛାଞ୍ଚ ଗଠନ ମନୋଭାବକୁ ସୃଜନଧର୍ମୀ ଆଖ୍ୟା ଦେବା କିପରି ସମ୍ଭବ?

ସମାଲୋଚନା ଯଦି ସୃଜନାତ୍ମକ, ଗବେଷଣା ପଦ୍ଧତି କାହିଁକି ତାର ଅନ୍ତର୍ଭୁକ୍ତ ହୋଇନପାରିବ?

ସମାଲୋଚନା ଓ ଗବେଷଣା ମଧ୍ୟରେ ପାର୍ଥକ୍ୟ ନିରୂପିତ। ତଥାପି ସମାଲୋଚନାର ପ୍ରକାରଭେଦ ଢାଞ୍ଚାରେ ଗବେଷଣାର ପ୍ରକାରଭେଦ ମଧ୍ୟ ପ୍ରସ୍ତୁତ। ଯଦି ସର୍ଜନାତ୍ମକ ସମାଲୋଚନା ବିଭାଗଟିଏ ରହିପାରିଲା, ତେବେ ସର୍ଜନାତ୍ମକ ଗବେଷଣା ନାମରେ କ'ଣ ଏକ ସ୍ୱତନ୍ତ୍ର ପ୍ରକାର ନିରୂପିତ ହୋଇପାରିବ ନାହିଁ? ଗବେଷଣା କ୍ଷେତ୍ରରେ ସୃଜନାତ୍ମକ ଭାଷା ବ୍ୟବହାରକୁ ଓଲଟା ନିଷିଦ୍ଧ କରାଯାଇଛି। ଗବେଷଣାତ୍ମକ ନିବନ୍ଧରେ ଯେପରି କୁତ୍ରାପି ଆବେଗସ୍ନାତ ବାକ୍ୟଟିଏ ସ୍ଥାନ ପାଇନପାଏ, ଏଥିପାଇଁ ସତର୍କବାଣୀ ଲିପିବଦ୍ଧ। ସବୁ ବିଷୟ ନିମନ୍ତେ ଫର୍ମୁଲା ଗଢ଼ିତୋଳିବା ସତେ କି ମାନବବିଦ୍ୟାର ଶ୍ରେଷ୍ଠ ଦାୟିତ୍ୱ!! ସାହିତ୍ୟ କଥା ଦୂରେଥାଉ, ସୁପ୍ରସିଦ୍ଧ ବୈଜ୍ଞାନିକମାନେ ଫର୍ମୁଲା ପକା ଜ୍ଞାନର ଗଡ଼ଣରୀତିକୁ ଭାଙ୍ଗିଛନ୍ତି। ଯେଉଁମାନେ ସାହସର ସହ 'ଥିଓରି'କୁ ଅତିକ୍ରମ କରିଯାଇଛନ୍ତି ସେମାନେ ହିଁ ଶ୍ରେଷ୍ଠ ବୈଜ୍ଞାନିକ, ଦାର୍ଶନିକ, ସାହିତ୍ୟିକ ଭାବରେ ଲାଭ କରିଛନ୍ତି ସ୍ୱୀକୃତି। ତା'ପରେ ଆମ ଜ୍ଞାନୀଗଣ ତାଙ୍କୁ କେନ୍ଦ୍ରକରି ପୁଣି ନୂଆ ତତ୍ତ୍ୱ ତିଆରି କରନ୍ତି। ସମସ୍ତ ବାଦକୁ ଅସ୍ୱୀକାର କଲା ଯେଉଁ ଚେତନା ତାହା ହୋଇଗଲା ଅସ୍ତିତ୍ୱବାଦ। ଧର୍ମକୁ ନେଇ ପଣ୍ଡିତମାନେ ଏହିପରି ତତ୍ତ୍ୱ ତିଆରିକରି ମାନବ ସମାଜ ଭିତରେ କେତେ ନା କେତେ ବିଭାଜନର ରେଖା ଟାଣି ଦେଇଛନ୍ତି। ମୌଳିକ ଚେତନାର ପରିଚୟ ଦେବା ବଦଳରେ ଯେଉଁ ସମାଲୋଚନା ତା'କୁ କେନ୍ଦ୍ର କରି ତତ୍ତ୍ୱ ସଂରଚନାରେ ଅଧିକ ଆଗ୍ରହୀ ତାହା ସୃଜନଧର୍ମୀ ହୋଇପାରିବ କିପରି?

ସର୍ଜନଶୀଳ ସମାଲୋଚନା ପାଇଁ ପ୍ରସ୍ତୁତ ପୃଥିବୀ ।

ବର୍ତ୍ତମାନ ଆମେ ଯେଉଁ ସମୟରେ ପାଦ ଦେଇଛୁ ସେଥିରୁ ଏତିକି ଅନ୍ତତଃ ବୁଝିନେବା ଆବଶ୍ୟକ ଯେ, ଏ ସଂସାରରେ ସମସ୍ତଙ୍କୁ ଓ ସବୁ ବିଷୟକୁ କୌଣସି ନିର୍ଦ୍ଧାରିତ ତତ୍ତ୍ୱ ଅନ୍ତର୍ଭୁକ୍ତ କରାଯାଇପାରେନା। ଜଗତର ନିୟମ ହେଉଛି ସବୁକିଛି ପରିବର୍ତ୍ତନଶୀଳ ଓ ବିଚିତ୍ର। ସମସ୍ତେ ସମାନ ହେବେ କାହିଁକି ? ସମାଲୋଚକ ନିର୍ଦ୍ଧାରିତ ତତ୍ତ୍ୱ ଆଧାରରେ ସାହିତ୍ୟକୁ ବିଶ୍ଳେଷଣ କରିବେ କାହିଁକି ? ସମାଲୋଚକ ଏକ ପ୍ରାଣବନ୍ତ ସତ୍ତା। ସେ ନିୟମକୁ ମାନିବା ପାଇଁ ନୁହେଁ, ନିୟମ ଭାଙ୍ଗିବା ସକାଶେ ଆସିଛନ୍ତି। ସ୍ୱକୀୟ ବିଚାର, ବିବେକ ଉପଲବ୍ଧି ଓ ଅନ୍ତଃଦୃଷ୍ଟି ବଳରେ ସେ ସାହିତ୍ୟକୁ ଯେତେବେଳେ ଅନୁଶୀଳନ କରିପାରିବେ, ସେତେବେଳେ ହିଁ ତାହା ମୌଳିକ ପ୍ରତିଭାର ହେବ ପରିଚାୟକ। ଆଉ ତାହାହିଁ ହେବ ସର୍ଜନାତ୍ମକ ସାହିତ୍ୟ ସମୀକ୍ଷା। ସୃଷ୍ଟିର ନିୟମ ହେଉଛି ସୃଷ୍ଟିଶୀଳତା।

**ସମାଲୋଚକ ଏକ ପ୍ରାଣବନ୍ତ ସତ୍ତା। ସେ ନିୟମକୁ ମାନିବା ପାଇଁ ନୁହେଁ, ନିୟମ ଭାଙ୍ଗିବା ସକାଶେ ଆସିଛନ୍ତି।**

ଏ ପୃଥିବୀରେ ଯେତେ ପ୍ରକାର କଳା ଅଛି ସବୁ ହେଉଛି ସୃଷ୍ଟିଶୀଳ। କଳା, ସାହିତ୍ୟ, ବିଜ୍ଞାନ ସବୁକିଛି ମଧ୍ୟରେ, ପ୍ରକୃତି ଓ ମହାକାଶ ମଧ୍ୟରେ ସୃଜନ ସଂଗୀତ ନିରନ୍ତର ଧ୍ୱନିତ। ତେଣୁ ଯେ କୌଣସି ବିଦ୍ୟା ସୃଜନ ପରିପନ୍ଥୀ ହୋଇ ପାରିବନି। ଯାହା ସୃଷ୍ଟିଧର୍ମୀ ନୁହେଁ ତାର ସ୍ଥାନ ଏ ସୃଷ୍ଟିରେ ରହିବ କିପରି ?

□□

ଲେଖକଙ୍କ ଇ-ମେଲ୍ ଠିକଣା:
mehermanindrakumar203@gmail. com




*ଖୁବ୍‌ଶୀଘ୍ର ପ୍ରକାଶ ପାଉଛି*

**ଦାଶ ବେନହୁର:**
**ସୃଷ୍ଟି ବୈଚିତ୍ର୍ୟ**

ସମ୍ପାଦନା :
**ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ**

ପ୍ରକାଶକ :
**ବିଦ୍ୟାପୁରୀ, କଟକ**

Vidyapuri

ଗଳ୍ପ

# ଦୂବଘାସ



ନର୍ମଦା ନୀଲୋତ୍ପଳା

ରାତିର ସହର ଖୁବ୍ ଚୁପ୍‌ଚାପ୍ । କିନ୍ତୁ ଭୟାଳୁ । ମିଞ୍ଜି ମିଞ୍ଜି ତାରାଙ୍କୁ ଅନେଇ ଯେତେବେଳେ ସହରକୁ ନିଦ ଆସିଯାଏ । କିଛି ଛଦ୍ମ ଆଲୁଅର ମୁହଁ ଖୋଲେ । ଏ ପୃଥିବୀ ଏମିତି ଶୋଇ ନଯାଉ, ଏ ଆକାଶ ଯେମିତି ତାରା ଫୁଟେଇବା ଭୁଲିନଯାଉ ।

ସେଦିନ ଶାନ୍ତି ନିକେତନରୁ ଫେରିଆସିଥାଏ ଘୁଙ୍ଗୁର । ଘରକୁ ଫେରିବା ପରେ ସେ ଦେଖିଲା, କୁଣ୍ଡର ଦୂବଘାସ ଓ ଅନ୍ୟାନ୍ୟ ଗଛଗୁଡ଼ିକର ଜୀବନ ନାହିଁ । ସବୁଜ ଛନଛନ ଦିଶୁଥିବା ଗଛଗୁଡ଼ିକ ବିନା ବର୍ଷା, ବିନା ପାଣିରେ ମରିଯାଇଛନ୍ତି । କୁଣ୍ଡର ମାଟି ଫାଟିକି ଆଁ କରିଛି ।



ଭଡ଼ାଘରେ ରହୁଥିବା ମଣିଷମାନେ କୁଣ୍ଡରେ ଲଗାନ୍ତି ଗଛ । କାଳେ ଘର ମାଲିକର ହୋଇଯିବ ଗଛରେ ଲୋଭ । ସେଥିପାଇଁ କେହି ମାଲିକର ବାଡ଼ିରେ ଗଛ ଲଗାନ୍ତିନି । ଗଛ କେତେ ବିବଶ ଓ କେତେ ଅସହାୟ ହୋଇପଡ଼େ । ଘୁଙ୍ଗୁରକୁ ବୁଝେଇ ହେବନି । ସେ ନିଜକୁ ବିଶ୍ୱାସ କରିପାରୁନି । ଆଠଦିନ ବି ହୋଇନି । ଗଛସବୁ ହରେଇଦେଲେ ଜୀବନ । ମାଟି ବି ତା'ର ଲୁତ୍‌ଫୁତ୍‌ପଣ ।

ଦୂବଘାସ, ଚଉଁରାର ତୁଳସୀଗଛ, ୧୫/୧୬ଟି କୁଣ୍ଡରେ ଥିବା ମନ୍ଦାର, ଟଗର, ଘିକୁଆଁରୀ, ମଲ୍ଲୀ, ଗୋଲାପ ଓ ଅନ୍ୟାନ୍ୟ ଗଛସବୁ ବଞ୍ଚି ନଥିଲେ ।

ମନସ୍ତାପରେ ଥିଲା ସେ । ସାଙ୍ଗସାଥୀ ବୁଝେଇଦେଲେ ତାକୁ । ମନ କଷ୍ଟ କାହିଁକି କରୁଛ ? ବର୍ଷା ନାହିଁ । ଅପ୍ରେଲ ମାସର ଗରମରେ ଆମ ସହର ପାଲଟିଯାଇଛି ଖଣ୍ଡେ ନିଆଁହୁଳା । ଜମି ଫାଟିକି ଆଁ କରିଛି । ଟ୍ରେନ୍‌ରେ କଲିକତାରୁ ଆସିଲା ବେଳେ କଟକ, ସେସବୁ ଦେଖିଲନି କି ତୁମେ ? ବନ୍ଧୁ ଜଣଙ୍କ କହିଲେ, ଏକର ଏକର ଜମି ତ ପଡ଼ିଆ ପଡ଼ିଛି । ଏଠି ତୁମ କୁଣ୍ଡରେ କିଲେ କି ୪ କିଲେ ମାଟି । ସେ ନ ଶୁଖି କ'ଣ ଆଉ ରହିଥାନ୍ତା ଓଦା ।

ଥରକୁ ଥର ତ ତାକୁ ଯିବାକୁ ପଡ଼ିବ ଘରଠୁ ବାହାରକୁ କୌଣସି ନା କୌଣସି କାମରେ । ଭଡ଼ାଘର ଓ ନିଜଘର ଭିତରେ ସେତିକି ଫରକ ।

ଏଥର ଯୁଆଡ଼େ ଯାଉଥିଲା ବୁଲିବାକୁ ଘୁଙ୍ଗୁର, ଫେରିଲା ବେଳକୁ ସାଙ୍ଗରେ ଗଛ ଆଣୁଥିଲା । ଯେହେତୁ ଗଛ କିଣିବା ଓ ତାକୁ ମାଟିରେ ଲଗେଇବା ତା'ର ଥିଲା ସଉକ । ତେଣୁ ସେ ଆଉ କୁଣ୍ଡ କିଣିନଥିଲା । ଯେଉଁ ଭଡ଼ାଘରେ ରହୁଥିଲା ସେ । ତାଙ୍କରି ବାଡ଼ିପଟ ବଗିଚାରେ ନେଇ ପୋତିଦେଇ ଆସୁଥିଲା ସେ । ବଗିଚା କାମ ପାଇଁ ଜଣେ ମାଳୀ ରହୁଥିଲା । ବର୍ଷା ନହେଲେ, କଳ ପାଣିରେ ସକାଳେ ଓ ସଂଜରେ ଗଛମାନେ ଗାଧୋଉଥିଲେ । ତେଣୁ ଭାରି ସବୁଜ ଛନଛନ ଦିଶୁଥିଲେ । ଗଛମାନେ ଯେଉଁଠି ରହିଲେ.... ରାସ୍ତା କଡ଼ରେ ହେଉ କି ବାଡ଼ିରେ । ସେମାନେ ଫୁଲ, ଫଳ, ପବନ ଓ ଛାଇ ଦେବେ । ତାଙ୍କ ଭିତରେ ଈର୍ଷା ନାହିଁ । ଶତ୍ରୁ ମନୋଭାବ ନାହିଁ । ପଡ଼ିଶା ଘର ସାଙ୍ଗରେ ଅପଡ଼ ଥିଲେ ବି ଯେମିତି ତରକାରି ବାସ୍ନାକୁ ଅଟକାଇ ହେବନାହିଁ, ସେମିତି ଗଛର ଛାଇ ଓ ପବନକୁ କେହି ଆବଦ୍ଧ କରିପାରିବେନି ।

ଗଛମାନଙ୍କ ପ୍ରତି ଗେହ୍ଲାପଣ ଓ ଭଲ ପାଇବା ଥିଲେ ତ ସେମାନେ ଆମକୁ ବର୍ଷା, ପବନ ଓ ଛାଇ ଦେବେ । ନାରୀଟିଏ ମଧ୍ୟ ଗଛପରି ଭାରି କୋମଳ । ଯେମିତି ଘୁଙ୍ଗୁରର

ଉତ୍ତର ଥିଲା ସେଦିନ । ଶାନ୍ତିନିକେତନରୁ ଟ୍ରେନ୍‌ରେ ଫେରୁଥିଲେ ସେମାନେ ସେଦିନ ।

ଟ୍ରେନ୍ ଭିତରେ ପ୍ରବଳ ଭିଡ଼ ଥିଲା । ତେଣୁ ସେମାନେ ସିଟ୍‌ରୁ ଉଠିଯାଇଥିଲେ କବାଟ ପାଖକୁ । ଖୋଲା ପବନ ବି ଆସୁଥିଲା ଓ ଆନନ୍ଦରେ ସେମାନେ ଗପସପରେ ମଗ୍ନ ହୋଇଯାଇଥିଲେ ।

କିଛି ସମୟରେ ଖୁବ୍ ଜୋର୍‌ରେ ପବନ ବହିବା ଆରମ୍ଭକଲା । କାଳବୈଶାଖୀ ବୋଧହୁଏ ହେବ । ଆକାଶରେ ମେଘ ଓ ଘଡ଼ଘଡ଼ି । କେଉଁଠି ଥିଲା ବାଉଳା ପବନଟା । ସେ ପବନ ପକେଟ୍ ଭିତରେ ହାତ ପୂରେଇ ଟଙ୍କା ଉଡ଼େଇ ନେଲା । ସମସ୍ତେ ବ୍ୟସ୍ତ ହୋଇପଡ଼ିଲେ । ସେମାନଙ୍କ ଆଖି ସାମ୍ନାରେ ଟଙ୍କା ଉଡ଼ିଯାଉଥିଲା ଦୂରକୁ ଆହୁରି ଦୂରକୁ । ଯେଉଁମାନେ ୱାଲେଟ୍‌ରେ ରଖିଥିଲେ କି ବ୍ୟାଗରେ ଟଙ୍କା ରଖିଥିଲେ, ସେମାନଙ୍କର ଟଙ୍କା ସୁରକ୍ଷିତ ଥିଲା ।

ଯେଉଁ ବନ୍ଧୁ ଜଣଙ୍କର ଟଙ୍କା ଉଡ଼ିଗଲା, ଅନ୍ୟ ବନ୍ଧୁମାନେ ଭିତରେ ବସିଥିବା ତାଙ୍କ ପତ୍ନୀଙ୍କୁ ଏ ବିଷୟରେ ଆସି କହିଥିଲେ । ହେଲେ ତାଙ୍କ ପତ୍ନୀଙ୍କର ଉତ୍ତର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ସେ ସହଜ ଢଙ୍ଗରେ କହିଥିଲେ, ପବନ ଉଡ଼େଇ ନେଇଛି ମାନେ ନିଶ୍ଚୟ ଜମିରେ ପକେଇବ । ଆଗକୁ ଅକ୍ଷିତୃତୀୟା । ଚାଷୀଟିକୁ ମିଳିଲେ ଏ ଟଙ୍କାରେ ସେ ବିହନ କିଣିବ । ତା' ଘରକୁ ଖୁସି ଆଣିବ । ଚାଷୀଟିଏ ଆତ୍ମହତ୍ୟା କଲେ ସେ ମର୍ମାହତ ହେଉଥିଲା । ତେଣୁ ସେ ଟଙ୍କା ଉଡ଼ିବା କଥା ଶୁଣି ଖୁସିଥିଲା ।

**ପବନ ଟଙ୍କା ଉଡ଼େଇ ନେଇଛି ମାନେ ନିଶ୍ଚୟ ଜମିରେ ପକେଇବ । ଆଗକୁ ଅକ୍ଷିତୃତୀୟା । ଚାଷୀଟିକୁ ମିଳିଲେ ଏ ଟଙ୍କାରେ ସେ ବିହନ କିଣିବ ।**

ବନ୍ଧୁଙ୍କ ପତ୍ନୀ ଜଣେ କଳାକାର ଥିଲେ । ସେଥିପାଇଁ ତାଙ୍କର ବିଚାରଶକ୍ତି ଉନ୍ନତ ଥିଲା । ଅନ୍ୟ ବନ୍ଧୁମାନେ କଥା ହେଉଥିଲେ, ଆମ ପତ୍ନୀ ହୋଇଥିଲେ ଝଗଡ଼ା କରିଥାନ୍ତେ । ଠିକ୍ ଭାବରେ ଟଙ୍କାକୁ ରଖିପାରିଲନି ବୋଲି କହିଥାନ୍ତେ । କାନ୍ଧରେ ଏତେବଡ଼ ବ୍ୟାଗ୍ ପକେଇଚ । କିନ୍ତୁ ପକେଟ୍‌ରେ ଟଙ୍କା କାହିଁକି ରଖୁଥିଲ । ଏମିତି ଅନେକ ପ୍ରଶ୍ନ କରିଥାନ୍ତେ ।

ଏତିକି ଫରକ ସେମାନଙ୍କର ବିଚାରଧାରାରେ । ସଂକ୍ଷିପ୍ତ ଓ ମହତ ଚିନ୍ତାଧାରା କେମିତି ହୋଇପାରେ ଭିନ୍ନ ଜଣଙ୍କଠାରୁ ଜଣଙ୍କର ।

କିଛି ସମୟ ପରେ ଷ୍ଟେସନରେ ଟ୍ରେନ୍ ରହିଲା । ଗରମ ବରା, ସିଙ୍ଗଡ଼ା, ଜିଲାପି ଆସି ପହଞ୍ଚିଗଲା । ଜଣେ ବନ୍ଧୁ ତାଙ୍କ ସାଙ୍ଗକୁ ଫୋନ୍‌କରି କହିଥିଲେ । ସେ ଆଣି ଟ୍ରେନ୍ ଭିତରେ ଦେଇଗଲେ ଗରମ ଗରମ ଜଳଖିଆ । ମନଖୁସିରେ ସମସ୍ତେ ଖାଇଲେ । ଭୋକ ବି ଜୋର୍‌ରେ ହେଉଥିଲା । ଛଅଜଣ ସେମାନେ ଥିଲେ । ଆନନ୍ଦରେ ଖାଇଲେ ।

ସେତିକିବେଳେ ବନ୍ଧୁ ପତ୍ନୀ କହିଲେ, ଯେତେଟଙ୍କା ପାଖରେ ଥିଲେ ବି ଯଦି ଖାଦ୍ୟ ନ ମିଳିବ ଟ୍ରେନ୍ ଭିତରେ, ଉପାସ ରହିବାକୁ ପଡ଼ିଥାନ୍ତା । ସମସ୍ତେ ଟିଫିନ୍ ଓ ପାଣି ପିଇସାରି ପ୍ରଫୁଲ୍ଲ ଦିଶୁଥିଲେ ।

ଅଳ୍ପ ସମୟ ପୂର୍ବରୁ ଟଙ୍କା ଉଡ଼ିଯାଇଥିବା କଥା ସମସ୍ତେ ଭୁଲି ଯାଇଥିଲେ । ଅନ୍ୟ ଗପରେ ବ୍ୟସ୍ତଥିଲେ । ଗୋଟେ ଘଟଣାକୁ ନେଇ କେତେ ସମୟ ଯେ କଥା ହେଇଥାନ୍ତେ । ପ୍ରତି ମୁହୂର୍ତ୍ତରେ ଘଟଣାରୁ ଘଟଣା ବଦଳି ଯାଇଥାଏ । କଥା ବି ଗପସପ ବି ।

"ଦୂବଘାସ" ଗଳ୍ପଟି 'ଧରିତ୍ରୀ' ଖବରକାଗଜର 'ସାହିତ୍ୟାୟନ'ରେ ପ୍ରକାଶିତ ହୋଇଥାଏ । ଅନେକ ପାଠକପାଠିକାମାନଙ୍କର ସେଦିନ ଫୋନ୍, ମେସେଜ୍ ସହ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସୁଥାଏ । ଏକ ଆନନ୍ଦର ମୁହୂର୍ତ୍ତ ତା' ପାଇଁ ଥିଲା ସେଦିନ ।

କିନ୍ତୁ ଗୋଟେ କଥା ନ କହିଲେ ଘୁଙ୍ଗୁର ଡେଇଁ ଯାଇପାରିବନି ଗପକୁ । ଗପଟି ପଢ଼ି ସେଦିନ ଶାନ୍ତିନିକେତନରୁ ଶର୍ମିଷ୍ଠା ଫୋନ୍ କରି କହିଥିଲେ, ଗଳ୍ପଟି ଖୁବ୍ ସୁନ୍ଦର ଓ ପ୍ରତୀକାତ୍ମକ ହୋଇଛି । ମୁଁ ଚାହୁଁଛି, ଦୂବଘାସ ଗପର ୨ୟ ଭାଗ ଆପଣ ଲେଖନ୍ତୁ । ତାଙ୍କର ଉତ୍ସାହଭରା ନିବେଦନ ହେଉ କି ଆହ୍ୱାନ ହୋଇପାରେ, ସେଥିପାଇଁ ଦୂବଘାସର ୨ୟ ଭାଗ ଲେଖିବାକୁ ପ୍ରୟାସ କରିଛି । ଶର୍ମିଷ୍ଠା ଓ ଶାନ୍ତିନିକେତନ ମୋ' ପାଇଁ ଅପରିଚିତ ଥିଲେ । କିନ୍ତୁ ଜଣେ ପାଠିକା ଓ ଶାନ୍ତିନିକେତନକୁ ଦେଖିବାର ଲୋଭ ମୋ' ମନରେ ଅନେକ ଦିନରୁ ବସା ବାନ୍ଧିଥିଲା ।

ଘୁଙ୍ଗୁରକୁ ଯିବାକୁ ପଡ଼ିଛି ଶାନ୍ତିନିକେତନ । ତିନିଦିନ

କଟେଇଛି ସେ ସେଠାରେ । ଭିଜିଛି, ମଜିଛି, ହେଲେ ଏତେ କମ୍ ଦିନରେ ଯେତିକି ପାଇଛି ଆନନ୍ଦ, ଅନୁଭବ, ସେ ତା' ସାଙ୍ଗରେ ଗୋଟେଇ ଆଣିଛି ।

ଶାନ୍ତିନିକେତନର ବାସ୍ନାରେ ବିମୋହିତ ହୋଇଛି ସେ । ଗୋଟେଗୋଟେ ଜାଗା ପରି ଗୋଟେ ଗୋଟେ ନିଆରା ହୃଦୟ ମଧ୍ୟ ଥାଏ ସେଇଠି । ସାରା ଜୀବନ ବିତେଇ ଦେବାକୁ ମନ ଚାହେଁ । ଅବହେଳା, ଅଣଦେଖା, ଅବିଚାର ସେ ଯେତେ କଲେ ବି, ମନଟି ପୋଷା ଜୀବଟି ପରି ଭାରି ଡହଳ ବିକଳ ହୁଏ ତା' ପାଖାପାଖି ରହିବାକୁ । ଖୋଜିହୁଏ, ଝୁରିହୁଏ ତାକୁ ମନ । ବାଉଲ ଗୀତ ପରିବେଷଣ ହେଉଥିବା ସମୟରେ ଭେଟହୁଏ ଘୁଙ୍ଗୁରର କେତନ ସହିତ । କେତନ କିଏ ଜାଣିନଥାଏ ଘୁଙ୍ଗୁର ।



ସିଂହ ସଦନରେ ସେଦିନ ବାଉଲ ଗୀତ ପରିବେଷଣ ହେଉଥିଲା । ଗୀତ ଶୁଣି ଦୁଇଜଣ ତଲ୍ଲୀନ ହୋଇଥିଲେ । ସେଦିନ ଅଲଗା ଅଲଗା ଧାଡ଼ିରେ ବସିଥିଲେ ଦୁଇଜଣ । ହେଲେ ନାଚୁଥିଲା ପାଦ ଓ ଝୁମୁଥିଲା ହୃଦୟ । ଯେମିତି ଲାଗୁଥିଲା, ରବୀନ୍ଦ୍ରନାଥ ଟାଗୋର୍ ଘୁଙ୍ଗୁର ସହିତ ବସି ବାଉଲ୍ ଗୀତ ଶୁଣୁଥିଲେ ।

କେତନ ପରି କେହି ଜଣେ ସେଠାରେ ସେଇ ସମୟରେ ଭେଟ ହୋଇନଥିଲେ ହୁଏତ, ଆକର୍ଷଣୀୟ ଲାଗିନଥାନ୍ତା । ତାକୁ କି ଉପଭୋଗ କରିପାରି ନଥାନ୍ତା ବାଉଲ୍ ଗୀତ ।

ସେଦିନ ଅନୁଭବ ହୋଇଥିଲା, ବାଉଲ୍ ଗୀତ ପରିବେଷଣ ସମୟରେ କେହି ଜଣେ ହୃଦୟ ବୁଝୁଥିବା ପ୍ରେମିକଟିଏ ଅତି ପାଖରେ ଥିବା ଉଚିତ୍ ।

କେତନ ସାଙ୍ଗରେ କି ପରିଚୟ ଘୁଙ୍ଗୁରର ସେ ଜାଣେନି । ଦୁହେଁ ଦୁହିଁଙ୍କ ପାଇଁ ଅଚିହ୍ନା । କିନ୍ତୁ ସ୍ୱର ମଧୁର ଝଙ୍କାର ତୋଳୁଥିବା ସମୟରେ ଚାରିଟି ଚକ୍ଷୁର ମିଳନ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ । କେତନର ଚାହାଣୀରେ ଥିଲା ଆପଣାପଣ । ସେ ଆଖି କହୁଥିଲା ଅନେକ କିଛି ।

କେତନ ବସିଥିଲା ଗୀତ ସରିବା ପର୍ଯ୍ୟନ୍ତ । ତା'ପରେ କିଛି ଫଟୋ ଉଠାହେଲା । ହେଲେ ଫଟୋ ଉଠାହେବା ସମୟରେ ସେ ଆଉ ପାଇନଥିଲା କେତନକୁ ।

ସଭାକକ୍ଷରେ ସଜା ହୋଇଥିବା ପ୍ଲାଷ୍ଟିକ୍ ଫୁଲକୁ ସେ କିଛି ଧରିଥିଲା ହାତରେ । ତା' ପାଖକୁ ଘୁଙ୍ଗୁର ଯାଇ ପଚାରିଥିଲା । ଏ ଫୁଲ ସବୁ କ'ଣ କରିବ? ସେ କହିଥିଲା ରୁମ୍‌କୁ ନେବି । ପ୍ଲାଷ୍ଟିକ୍ ଫୁଲ? ଆଶ୍ଚର୍ଯ୍ୟ ହୋଇ ପଚାରିଥିଲା ଘୁଙ୍ଗୁର । କେତନ ଟିକେ ହସିଦେଇଥିଲା । ତା' ପରେ କିଛି କଥା ନାହିଁ । ଘୁଙ୍ଗୁର ଚାଲିଯାଇଥିଲା ତା' ରୁମ୍‌କୁ ।

ତା'ପରଦିନ କେତେ ପାଖରେ ବସିଥିଲା କେତନ । ଗୋଟିଏ ଚେୟାରର ବ୍ୟବଧାନ ଥିଲା ମାତ୍ର । ପାଣି ବୋତଲ, ଟିଫିନ୍ ପୁଡ଼ିଆ ସବୁ ଆଣି ଦେଇଥିଲା ସେ । ଶେଷରେ ସାର୍ଟିଫିକେଟ୍ ଗୋଟେ ବଢ଼େଇଦେଲା ସେ । ଏତେ ଖିଆଲ କାହିଁକି ରଖିଥିଲା ସେ ସେଦିନ ଘୁଙ୍ଗୁରର ।

ସଭାକକ୍ଷରେ ୨ୟ ଅଧିବେଶନ ସରିଯାଇଥିଲା । ଟ୍ରେନ୍ ସମୟ ଥିଲା ତା' ପରଦିନ । ଟୋଟୋ ଗାଡ଼ିରେ ବସି ପହଞ୍ଚିଥିଲା ଘୁଙ୍ଗୁର ଭୁବନଡଙ୍ଗାରେ । ସେ ବଜାରର ନାମଥିଲା ଭୁବନଡଙ୍ଗା । ଦୋକାନ ଦୋକାନ ବୁଲି... ସେ ବ୍ୟାଗ୍, କପଡ଼ା, କିଛି ମାଳି କିଣିଥିଲା ।

ଆଦିବାସୀ ପଲ୍ଲୀରେ ବୁଲିଲା ବେଳେ ଅସରନ୍ତି ଖୁସିଥିଲା ତା' ମନରେ । ତା'ପରେ 'ଶିଶୁତୀର୍ଥ'କୁ ପାଦ ଛୁଇଁଲା ବେଳକୁ ଲୁହରେ ଗାଧୋଇଥିଲା ତା' ପ୍ରାଣ । କେମିତି ଭୁଲିପାରିଥାନ୍ତା ସେ ବୋଉର କୋଳ, ଅଭିମାନର ସ୍ୱର । ଜେଜୀ ମାଆକୁ ସେଇଠି ଭେଟିଥିଲା ଓ ସୁଗନ୍ଧରାଜ ଫୁଲକୁ ବି ପ୍ରକୃତି ଭବନରେ ।

ଶାନ୍ତିନିକେତନ, ଦୂବଘାସ- ୨ୟ ଭାଗ ଲେଖିବାର ପ୍ରେରଣା ଯୋଗେଇ ଦେଇଥିଲା ।

ବେଶି ଗୁରୁତ୍ୱପୂର୍ଣ୍ଣ ନଥିଲା ଦୂବଘାସ ଉପରେ ଲେଖିବା । ଧାନକ୍ଷେତ ଯେଉଁଠି ଅକାଳରେ ମୃତ୍ୟୁବରଣ କରୁଛି, ସେଠି ଦୂବଘାସର ଭୂମିକା ଅତି ନଗଣ୍ୟ । ତଥାପି ନିଜ ନିଜ ପରିଚୟରେ ସେମାନେ ଅଛନ୍ତି ।

ଧାନ କ୍ଷେତକୁ ଦେଖି ଅଧୀର ହୋଇପଡ଼ିଲା ଘୁଙ୍ଗୁର । ଯଦି ସେ ଟଙ୍କା ଉଡ଼ିଯାଇ ପଡ଼ିଥିବ ଜମିରେ, କୃଷକର ମନ କେତେ ଉଲ୍ଲାସ ହୋଇନଥିବ । ଟଙ୍କା ଫଳିଛି ଆଜି ଜମିରେ । ସେଇ ଟଙ୍କାରେ ବିହନ କିଣି ସେ ଫଳେଇଥିବ ଧାନ ତା' ଜମିରେ ।

ସେ ଫେରି ଆସିଥିଲା ଶାନ୍ତିନିକେତନରୁ । ଟ୍ରେନ୍ ଗଡ଼ି ଚାଲିଥିଲା । ପ୍ଲାଟଫର୍ମରେ କେତନକୁ ଖୋଜିଲା, ହେଲେ ପାଇଲାନାହିଁ । କେତନର ଆଚାର ବ୍ୟବହାର ଆକୃଷ୍ଟ କରିଥିଲା ଘୁଙ୍ଗୁରକୁ । କେତନ ଆସିଲାନାହିଁ । ଟ୍ରେନ୍ ଗଡ଼ି ଚାଲିଥିଲା ଆଗକୁ ଆଗକୁ ।

ସକାଳୁ ଉଠିଲା ବେଳକୁ ଘୁଙ୍ଗୁର ଦେଖିଲା, ସହର ବଦଳାଇ ଦେଇଥିଲା ତା'ର ଚେହେରା । ଆଜି ଗୋଟେ ନୂଆ ବେଶରେ ସେ ଠିଆ ହୋଇଥିଲା । ପୂର୍ବ ଦିନର ପରିପାଟୀ ନଥିଲା ତା' ଦେହରେ ।

**ଏତେସବୁ ଠିକଣା ପାଇସାରିବା ପରେ ସଂପର୍କରେ ଏତେ ଜଡ଼ତା କାହିଁକି ? ଏ ପ୍ରଶ୍ନ ଘୁଙ୍ଗୁରକୁ କ୍ଷତବିକ୍ଷତ କରିଛି ।**

ସତରେ କ'ଣ ଏମିତି ବଦଳିଯାଏ ସହର । ତାକୁ କିଏ ବଦଳାଇ ଦିଏ ନା କେତନ ପରି କେହି ଜଣେ ଅଚିହ୍ନା ଆଗନ୍ତୁକ ତା' ହୃଦୟରେ ଆସିଲା ପରେ ସବୁ ବଦଳିଯିବା ପରି ଅନୁଭବ ହୁଏ ।

ଧୀରେ ଧୀରେ ରୋମା ଉପରେ ସନ୍ଦେହ ଘନୀଭୂତ ହୁଏ ଘୁଙ୍ଗୁରର । ରୋମାର ଫୋନ୍ ନମ୍ବର ବ୍ୟତୀତ ଅନ୍ୟ କାହାର ଫୋନ୍ ନମ୍ବର ନଥିଲା ତା' ପାଖରେ ।

ରୋମା କ'ଣ କେତନକୁ ଭଲପାଉଥିଲା କି ? ଏଭଳି ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ମଧ୍ୟ ଆସିଥିଲା ଘୁଙ୍ଗୁର ମନରେ । ହ୍ୱାଟ୍ସଆପ୍‌ରେ ରୋମା ଅଛି । କେତନ ନିଶ୍ଚୟ ଥିବ । ବାରମ୍ବାର କେତନର ଫୋନ୍ ନମ୍ବର ଘୁଙ୍ଗୁର ମାଗିଥିଲେ ବି ରୋମା ଦେଇନଥିଲା । ତା'ହେଲେ ସେ କେତନର ଭଲପାଇବାକୁ ଜୟ କରୁ ।

ଗୋଟେପଟେ ଦୂବଘାସର ୨ୟ ଭାଗ, ଅନ୍ୟପଟେ ଧାନକ୍ଷେତର ଦୁଃଖ, ପୀଡ଼ା । କୃଷକର ଅଦିନରେ ଭାଙ୍ଗି ପଡୁଥିବା ସଂସାର ।

କ'ଣ ପଚାରିଥାନ୍ତା ସେ କେତନକୁ । ଏପର୍ଯ୍ୟନ୍ତ ଭାବିନାହିଁ ଘୁଙ୍ଗୁର । ତା' ବହି, ଫୋନ୍ ନମ୍ବର, ଇ-ମେଲ୍, ଠିକଣା ସବୁ ସେ କେତନକୁ ଦେଇଛି । ହେଲେ ଏତେସବୁ ଠିକଣା ପାଇସାରିବା ପରେ ସଂପର୍କରେ ଏତେ ଜଡ଼ତା କାହିଁକି ? ଏ ପ୍ରଶ୍ନ ଘୁଙ୍ଗୁରକୁ କ୍ଷତବିକ୍ଷତ କରିଛି ।

ଦୂବଘାସ ୨ୟ ଭାଗ ଲେଖିଲାବେଳେ ସେ ଭୁଲିଯାଇଛି ସବୁକଥା । ଯେମିତି ପ୍ରସବ ବେଦନା ସମୟରେ ଅନ୍ୟ କିଛି କଥା ମନେପଡ଼େ ନାହିଁ ।

ଏ ସହରକୁ ପ୍ରବେଶ କଲା ପରେ ପରେ କେତେ ସୁନ୍ଦର ଥିଲା ଏ ସହର । ଆପଣାପଣ ବି ଥିଲା । କେତନର ହୃଦୟ ବଦଳିଯିବା କଥା । ନିରବ ହୋଇଯିବା କଥା । ସହର ପିନ୍ଧିଥିବା ଛଦ୍ମମୁଖା ପରି ନୁହେଁ ତ ?

କେତନକୁ କେତେ ବା ବୁଝିଛି ଘୁଙ୍ଗୁର । ସେ ଛୋଟ ପିଲାଟିଏ । ଲାଜକୁଳା । ତାକୁ ଦୋଷଦେଇ କିଛି ଖରାପ ମନ୍ତବ୍ୟ ଦେଇ କିଛି ଲାଭନାହିଁ ।

ସମୁଦ୍ର ଖୁବ୍ ସୁନ୍ଦର । କେବଳ ଉପଭୋଗ କରିହୁଏ ତା' ଅତି ନିକଟରେ ବସି । କିନ୍ତୁ ତାକୁ ସାଙ୍ଗରେ ଆଣି ହୁଏନି । କେବଳ ଅନୁଭବକୁ ସାଙ୍ଗରେ ଆଣିବାଛଡ଼ା ।

କେତନର ଅନୁଭବ ଘୁଙ୍ଗୁର ହୃଦୟରେ ଥାଉ ଧାନକ୍ଷେତଟିଏ ହୋଇ । ସମସ୍ତଙ୍କ ହୃଦୟ ନିଶ୍ଚୟ ଜୟ କରିହେବ ।

ଦୂବଘାସଟିଏ ହିଡ଼ କଡ଼େ କଡ଼େ ନିଶ୍ଚୟ ଉଠିବ । ଘୁଙ୍ଗୁର ନିଶ୍ଚିନ୍ତ ଥିଲା । ଏହି ସମୟରେ ମୋବାଇଲ୍ ରିଙ୍ଗ ହେଲା । ଘୁଙ୍ଗୁର ଦେଖିଲା ଏହି ନମ୍ବରଟି ଅପରିଚିତ ଥିଲା । ସେ କେବେହେଲେ ଅଜଣା ନମ୍ବରରୁ ଆସିଥିବା କଲ୍‌କୁ ରିସିଭ୍ କରେନାହିଁ ।

କାହିଁକି କେଜାଣି ? ସେ ନମ୍ବରକୁ ଦେଖିଲା ପରେ ଖୁବ୍ ଆପଣାର ଲାଗୁଥିଲା କେହିଜଣେ !!

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
biswal.nami@gmail.com

ପ୍ରବନ୍ଧ

# ଏକବିଂଶ ଶତାବ୍ଦୀର ଗଳ୍ପସାହିତ୍ୟରେ ଆମ ସାମାଜିକ ଜୀବନ



ଜ୍ୟୋତ୍ସ୍ନାରାଣୀ କର

ସାହିତ୍ୟ ଏପରି ଏକ ମୁକୁର ଯେଉଁଥିରେ ସମାଜର ପ୍ରତି କୋଣ ଅନୁକୋଣ ସାବଲୀଳ ରୂପ ନେଇଥାଏ । ବାସ୍ତବତାର ରୂପାୟନ ମଞ୍ଜୁଳ ଭାବରେ ସାହିତ୍ୟରେ ଉକୁଟି ଉଠେ। ସମାଜରେ ପରିବର୍ତ୍ତନ ଆନୟନ କରିବାର ଏକ ମଙ୍ଗ ନିର୍ଦ୍ଧାରକର କାର୍ଯ୍ୟ କରେ ସାହିତ୍ୟ । ସଚେତନତାର ବାର୍ତ୍ତାବହ ହୋଇ ବାଟ କଢ଼େଇ ନିଏ ପ୍ରଗତିର ପଥରେ । ଗୋଟିଏ କାଳଖଣ୍ଡରେ ସଂଘଟିତ ଘଟଣାମାନ ସ୍ୱତଃ ନିଜର ସ୍ୱତନ୍ତ୍ର ପରିଚୟ ନେଇ ପ୍ରକଟିତ ହୋଇପାରନ୍ତି ସାହିତ୍ୟରେ । ଏଥିରେ ସମସ୍ତ ବିଭବ ମଧ୍ୟରୁ ଗଳ୍ପ ବିଭାଗଟି ପାଠକର ସୂକ୍ଷ୍ମ ତନ୍ତ୍ରୀରେ ଅଜଣା ସମ୍ମୋହନର ରାଗ ତୋଳିଧରେ। ଏଣୁ କୁହାଯାଏ, 'ଗଳ୍ପ ପ୍ରତୀକତାତ୍ମକ ଏକ ସାବଲୀଳ ଗଦ୍ୟର କାହାଣୀ। କୌଣସି ଘଟଣା, କୌଣସି ପରିବେଶ ଓ ମାନସିକ ଅବସ୍ଥାକୁ ନେଇ ଏହା ଏକ ନିର୍ଦ୍ଦିଷ୍ଟ ସୁସଙ୍ଗତ ଗଣ୍ଡି ମଧ୍ୟରେ ଭାବନାର ଘାତ ଓ ସଂଘାତ ସୃଷ୍ଟି କରେ।'(୧)



ଏକବିଂଶ ଶତାବ୍ଦୀର ସମୟ ଅନେକ ନୂତନ ପ୍ରାୟୋଗିକ ଚିନ୍ତାଧାରାକୁ ଧାରଣ କରି ଅଗ୍ରସର ହେଉଛି ଓଡ଼ିଆ ଗଳ୍ପ । ଦ୍ରୁତ ବୈଷୟିକ ପରିବର୍ତ୍ତନ, ବିଶ୍ୱ ସହ ଯୋଡ଼ି ହେବାର ପ୍ରୟାସ , ବିଭକ୍ତ ପରିଚୟକୁ ନେଇ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉପନୀତ ହୋଇଛି ସାମାଜିକ ଜୀବନ। ଆଜିର ସମୟରେ ବ୍ୟକ୍ତିଗତ ଜୀବନ ତଥା ସର୍ବଜନୀନ ଜୀବନଶୈଳୀ ଏପରି ଅବିଚ୍ଛେଦ୍ୟ ଓ ଅବିଭକ୍ତ ଭାବରେ ଯୋଡ଼ାହୋଇ ରହିଛନ୍ତି, ଯାହା ଅତି ସ୍ପଷ୍ଟ ତଥା ନିଖୁଣ ଭାବରେ ଗଳ୍ପର ପରିସରଭୁକ୍ତ ହୋଇପାରୁଛି । ବିଶ୍ୱ ବାଣିଜ୍ୟିକ ପରିବେଶ ପ୍ରସାର ଫଳରେ ଅଦୃଷ୍ଟପୂର୍ବ ସ୍ଥାନାନ୍ତରର ପ୍ରଭାବ ଅନୁଭୂତ ହେଉଛି ସାହିତ୍ୟରେ । ଏକ ବ୍ୟାପକ ରୂପାନ୍ତରୀକରଣ ମଧ୍ୟରେ ଓଡ଼ିଆ ସାହିତ୍ୟ ପାରମ୍ପରିକ ରୋମାଣ୍ଟିକ ଧାରାଠାରୁ ଦୂରେଇ ବାସ୍ତବଧର୍ମୀ ଚିତ୍ର ପରିବେଷଣ କରିବାରେ ଅଧିକ ସକ୍ଷମ ହୋଇପାରିଛି । ଆଧୁନିକ ଜୀବନଶୈଳୀର ପ୍ରାୟୋଗିକ ଅନ୍ୱେଷଣର ଦିଗ ଏକବିଂଶ ଶତାବ୍ଦୀର ଗଳ୍ପସାହିତ୍ୟର ପରିସରଭୁକ୍ତ ହେଲା । ମୂଲ୍ୟବୋଧକୁ ଜାବୁଡ଼ି ଧରିଥିବା ସଂସ୍କୃତି ସହ ବିଶ୍ୱାୟନର କଥା ଏ ସମୟର ସାହିତ୍ୟରେ ପ୍ରତିଫଳିତ ହେଲା । 'ଦୃଷ୍ଟିକୋଣର କାଉଁରୀ କାଠି ହେଉଛି ସୃଷ୍ଟି ଶକ୍ତିର ପ୍ରଧାନ ମାପକାଠି। ସମାଜ-ବିବର୍ତ୍ତନର ସ୍ୱରୂପକୁ ଯେଉଁ କଥାଶିଳ୍ପୀ ଯେତେ ଯଥାର୍ଥ ଭାବରେ ବୁଝିଥାଏ, ତା'ର ଶିଳ୍ପୀ-ଦୃଷ୍ଟି ସେତେ ସ୍ୱଚ୍ଛ ହୁଏ।'(୨)

**କାହାଣୀର ମୂଳାଧାର**

ଗ୍ରାମୀଣ କୃଷି ସଭ୍ୟତା ବଦଳରେ ସହରୀକରଣର ପ୍ରଭାବ, ଶିଳ୍ପ ଜଗତର ଆଧିପତ୍ୟ ଓଡ଼ିଆ ଗପର କାହାଣୀ ହେଲା । ପରିଚୟକୁ ନେଇ ମନରେ ଦ୍ୱନ୍ଦ୍ୱ, ନିଜର ମୂଲ୍ୟବୋଧ ସଂସ୍କୃତିକୁ ଛାଡ଼ି ପ୍ରଚ୍ଛନ୍ନ ଆଧୁନିକତାର ମରୀଚିକା ପଛରେ ଧାଇଁବା ମଧ୍ୟରେ ଗପର କାହାଣୀ ଭିନ୍ନ ମୋଡ଼ ନେଲା। ଆତ୍ମପ୍ରତିଷ୍ଠାର ଆତୁରପଣ ଆଜିର ଆତ୍ମକୈନ୍ଦ୍ରୀକ ମଣିଷକୁ କିପରି ସମାଜ-ଜୀବନ, ପରିବାର-ଜୀବନଠାରୁ ବିଚ୍ୟୁତ କରି ରଖୁଛି ତାହାର ଏକ ଚମତ୍କାର ମର୍ମୋକ୍ତି ମିଳେ ଗାଳ୍ପିକ ରବି ପଣ୍ଡାଙ୍କ ଗଳ୍ପରେ। 'ଉଧାର ଜୀବନ' ଗଳ୍ପରେ ସେ କହନ୍ତି, 'କିଛି ଖବର ନ ରଖିବା ବି ଏକ ଅପରାଧ, ପରିବାର ଜ୍ଞାତି ପରିଜନର। ଏମାନେ କୋଉ ମୋ' ପିଲା ପରିବାରର ଖୋଜ ରଖନ୍ତି। କାହାକୁ ଖୋଜାଲୋଡ଼ା ନ କରିବା ଏ ସମୟର ସଂସ୍କୃତି। ଏଥିରେ ସମସ୍ତେ ଆକ୍ରାନ୍ତ।'(୩)

ଅନେକ ଗପର କାହାଣୀରେ ଗ୍ରାମରୁ ବଡ଼ ବଡ଼ ସହରକୁ ସ୍ଥାନାନ୍ତରିତ ହେବା, ଏପରିକି ରାଜ୍ୟ ବାହାରକୁ ମଧ୍ୟ କର୍ମ ଅନ୍ୱେଷଣରେ ଯିବା ଆଦି ଦେଖିବାକୁ ମିଳିଥାଏ। ଏକୁଟିଆ ଅନୁଭବ କରିବା, ଭାବପ୍ରବଣତାର ଏକାନ୍ତ ଅଭାବ ଆଜିର ମଣିଷକୁ ରିକ୍ତ କରିଦେଇଛି । ଗୋଷ୍ଠୀଭିତ୍ତିକ ଜୀବନଶୈଳୀ ବଦଳରେ ଏକକ ପରିବାର ମଧ୍ୟରେ ଜୀବନଧାରଣ କରୁଛି ଆଧୁନିକ ମଣିଷ । ଉପଭୋକ୍ତାବାଦର ପ୍ରଭାବ ରହୁଛି ଗପରେ। ବିରଜା ରାଉତରାୟଙ୍କ 'ମଲାମେଘ' ଗପଟିରେ ମାନବିକ ଆବେଗ ଓ ଶବ୍ଦବୈଚିତ୍ର୍ୟର ଫେଣ୍ଟାଫେଣ୍ଟି ରୂପ ପରିସ୍ଫୁଟିତ। ସମକାଳୀନ ସମାଜର ଘଟଣାକୁ ସାବଲୀଳତାର ପୁଟଦେଇ ଚମତ୍କାର ଶୈଳୀରେ ସେ ପରିବେଷଣ କରିଛନ୍ତି। ଆବେଗର ଚିତ୍ରକଳ୍ପ ଉପଯୁକ୍ତ ଭାଷା ବିନ୍ୟାସ ମଧ୍ୟରେ ବର୍ଣ୍ଣିଳ ରୂପ ଧାରଣ କରିଛି ।

ସମାଜର ନିଷ୍ପେଷିତ, ଦଳିତ ଗୋଷ୍ଠୀଙ୍କର ସଂଘର୍ଷ, ଜମି ଅଧିକାର, ସାଂସ୍କୃତିକ ବିସ୍ଥାପନ ଆଦିର ଚିତ୍ର ଗପର କାହାଣୀ ପରିସରଭୁକ୍ତ ହେଲା। ଆଧୁନିକ ସମୟର ଗାଳ୍ପିକ ରାଜନୀତି ଏବଂ ସାମାଜିକ ଦୃଷ୍ଟିକୋଣରୁ ଦୃଢ଼ଭାବରେ ସମାଜର ବାସ୍ତବ ସ୍ଥିତିକୁ ଲୋକଲୋଚନକୁ ଆଣିବାରେ ପ୍ରୟାସୀ ହୋଇଛନ୍ତି। ଗାଳ୍ପିକା ମମତାମୟୀ ଚୌଧୁରୀଙ୍କ 'କାଚଘର' ଗପରେ ସମ୍ପର୍କ ବିଘଟନର ଚିତ୍ର ଦେଖିବାକୁ ମିଳେ। ବାହ୍ୟ ଦୃଷ୍ଟିକୋଣରୁ ମନୋରମ ମନେହେଉଥିବା ସଂସାର ମଧ୍ୟରେ ଅନ୍ତର୍ନିହିତ ଫାଟ ରହିଥାଏ। ବାହାରକୁ ସୁନ୍ଦର ମନେହେଉଥିବା ସଂସାରରେ ମାଇଲ ମାଇଲ ଦୂରତା ରହିଥାଏ । 'କାଚଘର'ର ସୌନ୍ଦର୍ଯ୍ୟ ବାହାର ଲୋକଙ୍କୁ ଚମତ୍କୃତକରେ, କିନ୍ତୁ ତା' ଭିତରେ ଥିବା ମଣିଷଟି ଜାଣେ ସେ କେତେ ସନ୍ତର୍ପଣରେ ପାଦ ପକାଉଛି ଯେମିତି କାଚରେ ଫାଟ ନ ପଡ଼େ।'(୪)

ଆଧୁନିକ ସମୟର ଗାଳ୍ପିକ ରାଜନୀତି ଏବଂ ସାମାଜିକ ଦୃଷ୍ଟିକୋଣରୁ ସମାଜର ବାସ୍ତବ ସ୍ଥିତିକୁ ଲୋକଲୋଚନକୁ ଆଣିବାରେ ପ୍ରୟାସୀ ହୋଇଛନ୍ତି।

**ବାମାବାଦୀ ଦୃଷ୍ଟିଭଙ୍ଗୀ**

ବାମାବାଦୀ ଦୃଷ୍ଟିଭଙ୍ଗୀର ଧାରା ଘରୋଇ ସମସ୍ୟାର ବଳୟକୁ ପାରକରି ନାରୀର ନିଜ ଶରୀର ଉପରେ ନିଜ ଅଧିକାର, ବୃତ୍ତି କ୍ଷେତ୍ରରେ ଥିବା ଉଚ୍ଚାଭିଳାଷ, ଆଧୁନିକ ଜୀବନ ଉପରେ ପିତୃକୈନ୍ଦ୍ରିକ ସମାଜର ମନୋବୈଜ୍ଞାନିକ ବିଶ୍ଳେଷଣ ଆଦିର ନିଚ୍ଛକ ଚିତ୍ର ଗପର କଳେବର ମଣ୍ଡନକଲା । ସଂଗୁପ୍ତ ଯୌନକାମନାର ନିଚ୍ଛକ ରୂପ, ନାରୀ ନିଜର ସ୍ୱଭାବ ସୁଲଭ ଲଜ୍ଜାଶୀଳ ରୂପ ପରିତ୍ୟାଗ କରି କେତେକ ଗପରେ ଖୋଲାଖୋଲି ଭାବରେ ଏହି ଆଲୋଚନା କରିଛି ଏବଂ ପରିଶେଷରେ ଏକ ଉତ୍ତରଣ ଅବସ୍ଥାକୁ ଯାଇପାରିଛି ଗପ। ସବୁ ଅବରୁଦ୍ଧ କାମନାକୁ ଜଳାଞ୍ଜଳି ଦେଇ ଚରିତ୍ରମାନେ ଏକ ଉତ୍ତୀର୍ଣ୍ଣ ସ୍ତରକୁ ଯାଇପାରିଛନ୍ତି । ଅନୀଲ କୁମାର ପାଢ଼ୀଙ୍କ 'ଝିଟିପିଟି' ଗପରେ ଅରୂପଲାଲ ଓ ବିଶାଳ ପଟ୍ଟନାୟକଙ୍କ 'ଲୋଲୁପ ଦୃଷ୍ଟି', ମିସ୍ ପ୍ରଧାନଙ୍କ ସାନ୍ନିଧ୍ୟ ପାଇବା ପାଇଁ ଅସମ୍ଭବ ବ୍ୟାକୁଳତା ପରିଶେଷରେ ସେମାନଙ୍କୁ ଝିଟିପିଟି ପରି ଭୂଇଁରେ ଲେପ୍‌ଟେଇ ହୋଇ ରହିବା ପାଇଁ ବାଧ୍ୟ କରିଛି । ମିସ୍ ପ୍ରଧାନ କହୁଥିଲେ, "କ'ଣ ପାଇଁ ପୁରୁଷଟିଏ ପାଗଳ ହୁଏ ନାରୀର ଦେହ ପାଇଁ ଜାଣିଛନ୍ତି ଆପଣମାନେ ? କାରଣ, ଶୁଷ୍କତା ହିଁ ପୁରୁଷର ପରିଚୟ। ନାରୀ ସବୁବେଳେ ଛଳଛଳ ଭାବପ୍ରବଣତାରେ। ପ୍ରାଣରେ। ସେହିଁ ପୁରୁଷର ପ୍ରାଣ। ଅମିତଙ୍କ ପରି ପୁରୁଷମାନଙ୍କୁ ମୁଁ ଜଣେଇ ଦେବାକୁ ଚାହେଁ ଯେ ସେ ସିନା ବର୍ଷବର୍ଷ ନଷ୍ଟ କରନ୍ତି ଝିଟିପିଟିମାନଙ୍କର ମାନସିକତାକୁ ପଢ଼ିବାରେ, ହେଲେ ନାରୀଟିଏ ଚୁଟକି ବଜେଇ ସମର୍ଥ ପୁରୁଷମାନଙ୍କୁ ଝିଟିପିଟିରେ ପରିଣତ କରିପାରେ -ଏ ହେଟେଡ୍ ଇନସେକ୍ଟ !"(୫) ଝିଟିପିଟି ଏଠାରେ ଯୌନଚେତନାର ପ୍ରତୀକ ଭାବରେ ବର୍ଣ୍ଣିତ ହୋଇଛି । ଶେଷରେ ଦୁହେଁ ଘୁଷୁରି ଘୁଷୁରି ମିସ୍ ପ୍ରଧାନଙ୍କ ପାଦକୁ ଛୁଇଁଛନ୍ତି ଏବଂ ମନରେ ଥିବା ସମସ୍ତ ମାୟା ମୋହ ଅନ୍ତର୍ହିତ ହୋଇ ମୋକ୍ଷ ଭାବନାରେ ଦେବୀଙ୍କ ପାଦ ତଳରେ ଆଶ୍ରିତ ହୋଇଛନ୍ତି । ସବୁ କାମନାର ଊର୍ଦ୍ଧ୍ୱରେ ଏକ ଉତ୍ତରିତ ଚେତନା ଗପକୁ ରସସିକ୍ତ କରିପାରିଛି। ସେହିପରି ତାଙ୍କର 'ବିବାହ ବାର୍ଷିକୀ' ଗପରେ ତଥାକଥିତ ଆଭିଜାତ୍ୟ ସମାଜର ଚିତ୍ର ସୁନ୍ଦର ଭାବରେ ପ୍ରତିଫଳିତ। ନୀଲମ ନିଜ ସ୍ଥିତିକୁ ନେଇ ସନ୍ଦିହାନ, ବାପାମାଆଙ୍କର ବ୍ୟବହାର ତା' ପ୍ରତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। 'ମିଛ ଚାକଚକ୍ୟରୁ ତାକୁ ମିଳୁଛି କ'ଣ ! ବରଂ ସେ ଅନୁଭବ କରୁଥିଲା ଯେ ତା'ର ସତ ପରିଚୟଟା ଛାଇପରି ତା' ପଛେପଛେ ଚାଲୁଛି।

ବେଳେବେଳେ କହୁଛି, ତୁ ଗୋଟିଏ ବିନା ବରାଦିଆ ଗହଣା !' ସାଙ୍ଗସାଥୀମାନଙ୍କ ଆଚରଣରେ ସେ ଜୀବନର ନିଷ୍ଠୁର ସତ୍ୟକୁ ଭେଟିଛି ।

ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ସାଧାରଣ ବ୍ୟକ୍ତିଟିଏ କିପରି ପେଷି ହୋଇଯାଏ, ସାମାଜିକ ନ୍ୟାୟ ପାଇବାରୁ କେମିତି ବଞ୍ଚିତ ହୁଏ ତା'ର ବାସ୍ତବ ଚିତ୍ର ଅନେକ ଗପର ପରିସରଭୁକ୍ତ । ରାଜନୈତିକ ବ୍ୟଙ୍ଗ ମାଧ୍ୟମରେ ସମାଜର ଚିତ୍ର ପରିବେଷିତ ହେଲା ।

ନାରୀବାଦୀ ଚିନ୍ତାଧାରା ଓ ନାରୀମନର ଅକୁହା କଥାକୁ କାହାଣୀରେ ସ୍ଥାନ ଦେଇଥିବା ସ୍ୱାଧୀନଚେତା ଲେଖିକା ଭାବରେ ସରୋଜିନୀ ସାହୁ ପରିଚିତ । ନାରୀ ଜୀବନର ଅନାଲୋଚିତ ଅଧ୍ୟାୟ, ତାର ଅନ୍ତର୍ଦ୍ୱନ୍ଦ୍ୱ, ଶାରୀରିକ ଓ ମାନସିକ ସ୍ଥିତି, ପାରମ୍ପରିକ ପ୍ରଚଳିତ ଧାରଣାକୁ ଦୂରେଇ ସଚେତନ ଚିନ୍ତାଧାରାର କଥା ସେକହିଛନ୍ତି । ତାଙ୍କର 'ଦୁଃଖ ଅପ୍ରମିତ' ଗଳ୍ପ ସଙ୍କଳନରେ ସ୍ଥାନିତ ଗଳ୍ପଗୁଡ଼ିକ ଜୀବନର ବିଭିନ୍ନ ଦିଗର କଥା କହିଥାନ୍ତି । ପରିବାର ଭିତରେ ନାରୀଟିଏ ନିଜକୁ କିପରି ଅନ୍ୟ ଇଚ୍ଛାର କ୍ରୀଡ଼ନକ ସଜେଇଥାଏ ତାର ସ୍ପଷ୍ଟଚିତ୍ର ଏଥିରେ ବର୍ଣ୍ଣିତ । ଆତ୍ମସମ୍ମାନ ନାରୀ ପାଇଁ ଏକ ପ୍ରମୁଖ ଆବଶ୍ୟକତା। ତାଙ୍କର 'ବିଷାଦ' ଗଳ୍ପର ଏକ ଉକ୍ତିକୁ ଗ୍ରହଣ କରାଯାଇପାରେ। "ବିଷାଦ କେବଳ ଏକ ମାନସିକ ଅବସ୍ଥା ନୁହେଁ, ଏହା ଏକ ଅଦୃଶ୍ୟ କାନ୍ଥ ଯାହା ମଣିଷକୁ ତା'ର ଆପଣାର ଲୋକଙ୍କଠାରୁ ବି ଦୂରେଇ ଦିଏ।' (ପୃଷ୍ଠା-୭୫)




ଶିଳ୍ପକରଣ ତଥା ଖଣିଜ ପଦାର୍ଥର ବ୍ୟାପକ ଉତ୍ତୋଳନ ଜଙ୍ଗଲର ବିଧ୍ୱଂସ, ନଦୀ ପ୍ରଦୂଷଣ ଆଦିର ଚିତ୍ର ପରିବେଶ ସମ୍ବନ୍ଧୀୟ ସାହିତ୍ୟ ବା ଇକୋଲୋଜିକାଲ ଲିଟେରେଚର୍ ଭାବରେ ସ୍ଥାନ ପାଇଲା। ଜୀବନର ଖଣ୍ଡିତ ଅଂଶ ଗପରେ ପ୍ରତିଫଳିତ ହେଉଛି । ବିବାହିତା ନାରୀ ଜୀବନର କିଛି ଗୋପନ ଇଚ୍ଛାକୁ ଅତି ନିରିଖେଇ ଶବ୍ଦରେ ତୋଳି ଧରିଛନ୍ତି 'ଘୁଟୁରୁ ଘୁଁ' ଗଳ୍ପରେ ଯୁବ ଗାଳ୍ପିକା ତନ୍ମୟୀ ପଣ୍ଡା। ବାନ୍ଧବୀ ଶୁଭ୍ରାର ସୁଖ ସ୍ୱାଚ୍ଛନ୍ଦ୍ୟ ବୈବାହିକ ଜୀବନ କଥା ଶୁଣି ହାହାକାର କରିଉଠିଛି ଶ୍ରାବଣୀର ନାରୀତ୍ୱ। ସ୍ୱାମୀ ଅମିତଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଅସହାୟତାରେ ବ୍ୟତିବ୍ୟସ୍ତ ହୋଇ ପଡୁଥିବା ଶ୍ରାବଣୀ ପାଇଁ ଦେହସୁହା ହୋଇଯାଇଛି ସଂପର୍କର ରୂପରେଖ। ଶ୍ରାବଣୀ ଏବେ ହାଲକା ହେଉଥିଲା ଅମିତ୍‌ଙ୍କ ଅସହାୟପଣରେ। ମୁଣ୍ଡ ବାଳକୁ ଆଉଁଶିଦେଇ ଶୁଏଇ ଦେଉଥିଲା ଅମିତ୍‌ଙ୍କୁ ନିଘୋଡ଼ ନିଦରେ। ତା'ସହ ସେ ଚେଇଁ ଚେଇଁ ଶୋଇରହି ଭୋଗୁଥିଲା ଏକ ଅଦମ୍ୟ ଇଚ୍ଛାକୁ। ଯେଉଁଠି ସେ ଭେଟୁଥିଲା ଏକ ସୌମ୍ୟଦର୍ଶୀ ପୁରୁଷକୁ। ଆଉ ନିଜକୁ ପାଉଥିଲା ତା' ବାହୁ ବନ୍ଧନରେ(୬) ସ୍କାଇଲାଇଟ୍‌ରେ ପାରା ଅଣ୍ଡାର ଆବିଷ୍କାର ତାକୁ ନୂତନ ସମ୍ଭାବନା ଆଣି ଦେଇଛି ଏବଂ ସେ ନିଜର ଦାମ୍ପତ୍ୟ ଜୀବନକୁ ବର୍ଣ୍ଣିଳ କରିବାକୁ ପ୍ରୟାସ କରିଛି। ସମାଜରେ ଚଳପ୍ରଚଳ ହେଉଥିବା ତଥାକଥିତ ବନ୍ଧୁମାନଙ୍କର ଅସଲ ମୁଖା ତା' ଆଗରେ ଖୋଲିଯାଇଛି।

### ମଧ୍ୟବର୍ତ୍ତୀକାଳୀନ ପରିବର୍ତ୍ତନ

ଏକବିଂଶ ଶତାବ୍ଦୀର ସମାଜ ଏକ ମଧ୍ୟବର୍ତ୍ତୀକାଳୀନ ପରିବର୍ତ୍ତନର ଅଂଶବିଶେଷ ହୋଇପାରିଛି । ଓଡ଼ିଆ ଅସ୍ମିତାକୁ ଜଡ଼େଇ ରଖିବା ସହ ପାରମ୍ପରିକ କୁସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ମଧ୍ୟ ଏଇ ସମୟରେ ଦେଖିବାକୁ ମିଳେ। ସଦାନନ୍ଦ ତ୍ରିପାଠୀଙ୍କ ଗପ 'ଅସ୍ମିତା' ଯେମିତି ଆମ ଅସ୍ମିତାର ଅନ୍ତଃସ୍ୱର ଉପରେ ପ୍ରଶ୍ନ ଚିହ୍ନଟିଏ ଠିଆ କରାଇଥାଏ। ଆମ ପ୍ରଦେଶରେ ଏ ନେଇ ଚାଲିଥିବା ଅନେକ ସଂସ୍କାରମୂଳକ କାମର ବିବରଣୀ ଏ ଗପରେ ରହିଛି । କେମିତି ଓଡ଼ିଆ ଉଚ୍ଚାରଣ କରି କିମ୍ବା ଲେଖି ଜଣେ ହୀନ ଭାବନାର ଶିକାର ହୁଏ, ତା'ର ନିଛକ ଚିତ୍ର ଏଥିରେ ରହିଛି । କିଛି ଛଦ୍ମ କର୍ମକର୍ତ୍ତା ଯେ ଓଡ଼ିଆ ଅସ୍ମିତା କଥା ପ୍ରଚାର କରନ୍ତି ଅଥଚ ନିଜ ଛୁଆଙ୍କୁ ଇଂରାଜୀ ମାଧ୍ୟମରେ ପଢ଼ାନ୍ତି ଏବଂ ଘରେ ଓଡ଼ିଆ ବହିଟିଏ ମଧ୍ୟ ରଖନ୍ତି ନାହିଁ । ସେମାନଙ୍କ ଛଦ୍ମବେଶୀ ମୁଖା ଖୋଲିଯାଇଛି ଗପ ମାଧ୍ୟମରେ। ନିଜ ବଡ଼େଇ

ଦେଖେଇବା ପାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ନିମନ୍ତ୍ରଣ ପତ୍ର ଇଂରାଜୀରେ ଛପା ହୋଇଥିବାରୁ ପୁରସ୍କାର ପ୍ରତ୍ୟାଖ୍ୟାନ କରିବା ବଡ଼ିମା ଦେଖାଇବାର ଏକ ଜ୍ୱଳନ୍ତ ନମୁନା। 'ଲଢ଼େଇ କରିବା ପାଇଁ ପ୍ରେରଣା ଯୋଗାଏ ଅସ୍ମିତା। ଏମିତି ଅବଶ୍ୟ କହିହେବନି ଯେ ଅସ୍ମିତାର ଅବଜ୍ଞା କରିବା ଦ୍ୱାରା ଜଣେ ପରାଜୟବରଣ କରିବା ସୁନିଶ୍ଚିତ ବା ତା'ର ଲାଙ୍ଗୁଡ଼ ଧରି କିଏ ଅକ୍ଳେଶରେ ସିଂହାସନ ଆରୋହଣ କରିବାର ବାଟ ପାଇଯିବ।'(୭)

ଲିଭ୍ ଇନ୍ ରିଲେସନ୍ ଆଜିର ସମାଜରେ ଏକ ବିକୃତ ସତ୍ୟ ଭାବରେ କାୟା ବିସ୍ତାର କରିବାରେ ଲାଗିଛି। ଆମ ପାରମ୍ପରିକ ସଂସ୍କୃତିର ବିରୋଧାଭାସରେ ଥିବା ଏହି ଧାରାଟିକୁ ଗ୍ରହଣ କରିବାକୁ ପିତାମାତାଙ୍କ ମନରେ ଥିବା ଅନିଚ୍ଛୁକତା ଅନେକ ଗପର ପୃଷ୍ଠଭୂମି ହୋଇପାରିଛି। ଓଡ଼ିଶା ବାହାରେ ନିଯୁକ୍ତି ସୁଯୋଗ ପାଇ ଅବସ୍ଥାନ କରିବା ଭିତରେ ସେଇ ପ୍ରବାସର ସାମାଜିକ ଜୀବନ ଅନେକ ଗପରେ ପ୍ରତିଫଳିତ ହୋଇଛି । ନିଜର ଗ୍ରାମ୍ୟ ପରିଚୟକୁ ଭୁଲି ଅନ୍ୟ ଏକ ମନ ମୁତାବକ ଜୀବନ ଜିଇବାର ପ୍ରଚେଷ୍ଟା କରୁଥାଏ ଆଧୁନିକ ମଣିଷ। କର୍ପୋରେଟ ସେକ୍ଟର ଓ ବାଙ୍ଗାଲୋରରେ ଜୀବନଶୈଳୀ, ଲିଭ୍ ଇନ୍ ସମ୍ପର୍କର କଥା ଆଦି ଗପର କାହାଣୀ ହୋଇଛି । ଗାଳ୍ପିକ ରବି ପଣ୍ଡାଙ୍କର 'ଅଧା ଲେଖା ଗପ' ଏହିସବୁ ଚିତ୍ରର ଯଥାର୍ଥ ପ୍ରତିଫଳନ । 'କର୍ପୋରେଟ ଜଗତର ମାୟାପରି ଏଠି ପ୍ରେମ ବି ଖୁବ୍ ରହସ୍ୟମୟ । ଏଭଳି କୁହୁଡ଼ିଆ ପ୍ରେମରେ ଦୁର୍ଘଟଣାର ସମ୍ଭାବନା ବେଶି।' (୮) ଏକବିଂଶ ଶତାବ୍ଦୀରେ ପରିଚୟ ସଂକଟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ନୂଆ ପରିଚୟ ସୃଷ୍ଟି କରିବାର ଆକାଂକ୍ଷା ନେଇ ପ୍ରବାସୀ ହୋଇଥିବା ବ୍ୟକ୍ତିଟି ନିଜର ପରିଚୟକୁ ଲୁଚାଇବାକୁ ଚେଷ୍ଟା କରି ବିଫଳ ହେଉଥାଏ। ସମସ୍ତଙ୍କ ଆଗରେ ନିଜର ଅସ୍ତିତ୍ୱ ଜାହିର କଲାବେଳେ କେମିତି ନିଃସ୍ୱ ହୋଇପଡ଼ିଥାଏ ଅନ୍ତରରେ । 'ଅନାବନା ଗଛର ଡାଳ ଯେତେ ପୁଷ୍ଟ, ସମୃଦ୍ଧ ହେଲେ ବି ଗଛର ପରିଚୟ ବଦଳେଇ ପାରେନା। ସହରରେ କେହି କାହାର ପରିଚୟକୁ ନଜର ଦିଏନା । ଗାଁରେ ପରିଚୟ ତମ ସାଙ୍ଗରେ ଚାଲିଥାଏ ।' (ପୃ - ୫୩ )

**ଅର୍ଥ ସର୍ବସ୍ୱ ଆଧୁନିକ ମଣିଷ ଧୀରେ ଧୀରେ ଜୀବନ ବଞ୍ଚିବା ପାସୋରି ଦେଉଛି।**

## ପ୍ରେମର ମାଦକତା

ପ୍ରେମର ଅପୂର୍ବ ମାଦକତା କାଳେ କାଳେ ସୃଜନ କଳାକୁ ଏକ ପ୍ରସାରିତ ରୂପ ପ୍ରଦାନ କରିଛି। କେତେକ ଗପରେ ଚରିତ୍ର ଚିତ୍ରଣର ଆବଶ୍ୟକତା ଅନୁଯାୟୀ ପ୍ରେମ ଉତ୍କୀର୍ଣ୍ଣ, ଆଉ କେଉଁଠି ସଂପୂର୍ଣ୍ଣ ଗପ ଏପରିକି ସଙ୍କଳନ ମଧ୍ୟ ପ୍ରେମ ପାଇଁ ସମର୍ପିତ ହୋଇଥାଏ। ମମତାମୟୀ ଚୌଧୁରୀଙ୍କର 'ଏକତରଫା', ଅରବିନ୍ଦ ରାୟଙ୍କର 'ଛାଇ ଆଲୁଅ', ରବି ପଣ୍ଡାଙ୍କର 'ହେନା ଫୁଲର ବାସ୍ନା' ଆଦି ସ୍ୱତନ୍ତ୍ର ଭାବେ ସ୍ୱର୍ଗୀୟ ପ୍ରେମ ପାଇଁ ଉତ୍ସର୍ଗୀକୃତ ଗଳ୍ପ ସଂକଳନ। ଅରବିନ୍ଦ ରାୟଙ୍କର 'ଛାଇ ଆଲୁଅ' ଗପରେ ସଭ୍ୟ ପ୍ରତିଷ୍ଠିତ ସମାଜରେ ଦାମ୍ପତ୍ୟ ଜୀବନରେ ପାରସ୍ପରିକ ବୁଝାମଣା ଅଭାବରୁ କିଭଳି ବିପର୍ଯ୍ୟୟ ଦେଖାଦେଇଛି, ତାର ନିଚ୍ଛକ ଚିତ୍ର ଦେଖିବାକୁ ମିଳେ। ସ୍ୱାମୀ ଓ ସ୍ତ୍ରୀ ଦୁହେଁ ଉଚ୍ଚଶିକ୍ଷିତ ହୋଇ ମଧ୍ୟ ସାମାନ୍ୟ କଥାରେ ମନୋମାଳିନ୍ୟ ସଂପର୍କରେ ସାମୟିକ ଭଙ୍ଗା ସୃଷ୍ଟି ହୋଇଛି। ସେହିପରି ରବି ପଣ୍ଡାଙ୍କର 'ହେନା ଫୁଲର ବାସ୍ନା' ଗଳ୍ପରେ ସିପ୍ରା ଓ ଅର୍ଣ୍ଣବ ଜୀବନରେ ପ୍ରାଚୁର୍ଯ୍ୟ ଥିଲେ ମଧ୍ୟ ପରିପୂର୍ଣ୍ଣତା ପାଇପାରି ନାହାନ୍ତି। ମଲ୍ଟି ନ୍ୟାସନାଲ କମ୍ପାନୀର କର୍ମଚାରୀର ସୁବିଧା ସୁଯୋଗ ସହ ଅଧିକ ସମୟ କର୍ମକ୍ଷେତ୍ରରେ ବିତେଇବା ମଣିଷକୁ ଏକ ଯନ୍ତ୍ର ମଣିଷରେ ପରିଣତକରେ। ଅର୍ଥ ସର୍ବସ୍ୱ ଆଧୁନିକ ମଣିଷ ଧୀରେ ଧୀରେ ଜୀବନ ବଞ୍ଚିବା ପାସୋରି ଦେଉଛି। ସବୁ ସୌଭାଗ୍ୟ ମଧ୍ୟରେ ରିକ୍ତ ହୋଇ ପଡିଛି ସିପ୍ରା। ଗାଁକୁ ବୁଲି ଆସିବା ସମୟରେ ସେ ଅନୁଭବ କରିଛି ଅନ୍ତରର କୋମଳ ଭାବନାକୁ। 'ତା'ର କୋଉ ଅତୀନ୍ଦ୍ରିୟ ଚେତନାର କୋମଳ ଆସ୍ତରଣ ଭିତରେ ସଞ୍ଚରି ଯାଉଛି ଗୋଟେ ମୃଦୁ ପଲ୍ଲବ ଶିହରଣ। ହେନା ଫୁଲର ନରମ ପାଖୁଡ଼ାରେ ଥୋପି ହେଇଯାଉଛି ତା' ଭିତରର କେଉଁ ନିଭୃତ କୋଣ ଅନୁକୋଣ।' (ପୃଷ୍ଠା -୧୯)

ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ ଗାଳ୍ପିକ ସୁବ୍ରତ କୁମାର ସେନାପତିଙ୍କ 'କଦମ୍ବବନ' ଗପରେ ଆଧୁନିକ ସାରସ୍ୱତ ଜଗତରେ ଘଟୁଥିବା ଘଟଣାର ନିରୁତା ସାବଲୀଳ ବର୍ଣ୍ଣନା ମୁଗ୍ଧ କରେ। ସାହିତ୍ୟ ସଭାର ଅନ୍ତର୍ନିହିତ ବିକୃତ ପରିବେଶର ଚିତ୍ରଣ, ବିଶିଷ୍ଟ ଆଖ୍ୟା ପାଇଥିବା ବ୍ୟକ୍ତିତ୍ୱଙ୍କ ଚାରିତ୍ରିକ ସ୍ଖଳନ, କବି

ପତ୍ନୀର ନୀରବ କୋହ, ସୃଜନ ଚୋରିର ବିକଳ ଚିତ୍ର, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଆଦି ମଧ୍ୟରେ ଆଧୁନିକ ସମୟର ପ୍ରତିଛବି ପ୍ରକାଶ ପାଇଛି। 'ପ୍ରଥମେ ପ୍ରଥମେ ଏ ସାହିତ୍ୟ ସଭା, ସାହିତ୍ୟ ଖଟି ସବୁ ଖୁବ୍ ଭଲ ଲାଗୁଥିଲା। କିନ୍ତୁ ଧୀରେ ଧୀରେ ଅନୁଭବ କଲି ଏଠି ସାହିତ୍ୟ ଚର୍ଚ୍ଚା କମ୍ ବରଂ ପରଚର୍ଚ୍ଚା ଅଧିକ। କିଛି ପ୍ରିୟ ବରିଷ୍ଠଙ୍କ ଆଖିରେ ବି ପଢ଼ିନେଲି କାମନାର ଅକ୍ଷର ସବୁ। ଆଉ କିଛି ନାରୀ କବି ଯେଉଁମାନଙ୍କ ଲେଖାରେ ନାରୀ ପ୍ରତି ଗଭୀର ସମବେଦନା ଓ ସମ୍ମାନ ଫୁଟିଉଠେ, ସେମାନଙ୍କ ମୁହଁରୁ ସମସାମୟିକ ନାରୀ କବିମାନଙ୍କର ଚରିତ୍ର ହନନର କାହାଣୀ ଶୁଣି ଆଉ ଭଲ ଲାଗିଲା ନାହିଁ ସାହିତ୍ୟ ସଭା, ସାହିତ୍ୟ ଖଟିକୁ ଯିବାକୁ।'(ପୃଷ୍ଠା-୭୧)

### ଦୁଇ ପିଢ଼ିର ଦାମ୍ପତ୍ୟ ଜୀବନ

ଚମତ୍କାର ଗଳ୍ପସ୍ରଷ୍ଟା ରବି ପଣ୍ଡାଙ୍କ 'କାଳାନ୍ତର' ଗଳ୍ପରେ ଦୁଇ ପୀଢ଼ିର ଦାମ୍ପତ୍ୟ ଜୀବନର ନିଛକ ଚିତ୍ର ଆକର୍ଷଣୀୟ ଭାବରେ ବର୍ଣ୍ଣିତ। ଅପସଂସ୍କୃତିକୁ ପ୍ରତିହତ କରିବା ପାଇଁ ସସ୍ନେହ ସାଂସ୍କୃତିକ ଛାଟର ଆବଶ୍ୟକତା ରହିଛି। ଯଦି ପୂର୍ବ ପିଢ଼ି ଦେଖିକି ସବୁ ନୀରବ ରହିଯିବେ, ତା'ହେଲେ ଉତ୍ତର ପିଢ଼ିକୁ ମାର୍ଗଦର୍ଶନ କରେଇବ କିଏ? ଗାଳ୍ପିକ ଏଇ କଥାକୁ ଧ୍ୟାନ ଦେଇଛନ୍ତି ଏବଂ ନବଦିଗନ୍ତର ମଙ୍ଗ ଧରେଇଛନ୍ତି ତଥାକଥିତ ଆଧୁନିକ ମଣିଷଙ୍କୁ। ପୂର୍ବରୁ ଚିରାଚରିତ ମନେ ହେଉଥିବା କାହାଣୀଟି ଶେଷ ପର୍ଯ୍ୟାୟରେ ରୋଚକ ତଥା ବ୍ୟାପକ ପରିବର୍ତ୍ତନର ସୂଚନା ଦେଉଛି। ମଧୁର ଦାମ୍ପତ୍ୟ ଜୀବନର ଚିତ୍ର ବେଶ୍ ଉପଭୋଗ୍ୟ। ଆଧୁନିକ ସମାଜରେ ଦାମ୍ପତ୍ୟ ଜୀବନରେ ପରଳ ପଡ଼ି ଆସୁଥିବା ସମୟରେ ଯୁବ ଗାଳ୍ପିକା ସଂଘମିତ୍ରା ପଣ୍ଡା ଏକ ଅନ୍ତରଙ୍ଗ କାହାଣୀର ଚିତ୍ରକୁ ପାଠକ ପାଇଁ ପରିବେଷଣ କରିଛନ୍ତି। ଅଭାବୀ ସଂସାରରେ ଜରୁରି ଆବଶ୍ୟକତା ପୂରଣ କରିବା ପାଇଁ ଅର୍ଥ ସାଜିଛି ପ୍ରତିବନ୍ଧକ। ବହୁତ ଚେଷ୍ଟା ପରେ ମଧ୍ୟ ଶ୍ରବଣ ଯନ୍ତ୍ରଟିଏ ପାଇଁ ପୁଅକୁ କହିପାରିଲେ ନାହିଁ। 'ବାରବାର ଚେଷ୍ଟା କରିବି କାହିଁକି କେଜାଣି ସମ୍ଭବ ହେଲାନି। ସ୍ୱାଭିମାନର ଚାପରେ ଭାରାକ୍ରାନ୍ତ ହେଇଯାଏ ମନଟା। କାହାକୁ କିଛି ନମାଗି ମୁଣ୍ଡ ଉଠେଇ ଚାଲିହୁଏ। ଜୀବନ ସଫଳ ହେଲା ଭଳି ଲାଗେ'। ପରିଶେଷରେ ନିଜର ଅତିପ୍ରିୟ ନବରତ୍ନ ମୁଦିଟିକୁ ବିକ୍ରି କରି ପତ୍ନୀଙ୍କ ପାଇଁ ଶ୍ରବଣଯନ୍ତ୍ର କିଣିଛନ୍ତି। ଏକ ବିରଳ ଦାମ୍ପତ୍ୟ ପ୍ରେମର ସାବଲୀଳ ଭାବ ପାଠକକୁ ଆନନ୍ଦ ଅନୁଭବ କରେଇଛି।

ଗାଳ୍ପିକ ଅମୀୟ ବେଜ୍ ଜଣେ ପ୍ରବୀଣ ଗାଳ୍ପିକ। ସହଜ ସରଳ ଭାବରେ ଜୀବନର ଅବୁଝା ଅଜଣା ଗ୍ରନ୍ଥି ଉନ୍ମୋଚନ କରି ପାଠକ ପାଖରେ ପହଞ୍ଚେଇ ପାରନ୍ତି। ସମାଜର ନିଛକ ଚିତ୍ର ଦେବାରେ ତାଙ୍କ ଗପ ପାଠକର ହୃଦୟକୁ ସ୍ପର୍ଶ କରେ। ତାଙ୍କ 'ସାମାନ୍ୟ କଥନ' ଗଳ୍ପରେ ତଥାକଥିତ ଧାରାର ବ୍ୟତିକ୍ରମରେ କାହାଣୀଟିଏ ଲକ୍ଷ୍ୟ କରିହୁଏ। ମାଆଟିଏ ନିଜ ଯୁବତୀ ଝିଅକୁ ବୁଝାଉଛି ପ୍ରେମର ଗଭୀରତା। ବନ୍ଧୁ ଭଳି କୋଳେଇ ନେଇ ଗୂଢ଼ ରହସ୍ୟର ସମାଧାନ କରୁଛି। 'ପ୍ରତି ସୁନ୍ଦରୀ ନାରୀ, ପ୍ରତିଟି ନଜରକୁ ଖରାପ ନଜର ବୋଲି ବିବେଚନା କରିନେବା ମଙ୍ଗଳ । କାରଣ ସେମାନେ ସଭିଏଁ ଅଭିଶପ୍ତ । ତୁମେ ଗଛ ଟିଏ ପରି ନୀରବ ରହି କୁରାଢ଼ିର ଚୋଟ ସହିଗଲେ, ସେମାନେ ତୁମକୁ କାଟି ଖଟପଲଙ୍କ ତିଆରି ଆରାମରେ ଶୋଇଯିବେ।'




ଯୁବ ଗାଳ୍ପିକା ରୋଜାଲିନ୍ ମୁଦୁଲିଙ୍କ 'ମାଂସ' ଗପରେ ଆଜିର ସମାଜରେ ଘଟୁଥିବା ନିଷ୍ଠୁର ମନୋଭାବର ପରିପ୍ରକାଶ ଘଟିଛି। ନାରୀର ଶାରୀରିକ ସୌନ୍ଦର୍ଯ୍ୟକୁ ବିକ୍ରୟ କରିବାର ଘୃଣ୍ୟ ମାନସିକତା ଗଳ୍ପକୁ କରୁଣ କରିଛି। ମାଙ୍ଗୀ ପ୍ରତି ଛଞ୍ଚର ଆନ୍ତରିକତା ପାଇଁ ହିଁ ସେ ପ୍ରତିବାଦ ନ କରି ନିଜେ କଥା ମାନି ନେଉଛି। ଲହୁ ଲୁହାଣ ହେଉଛି ପ୍ରତି ଥର। 'ମାଂସଟାକୁ ଭିତରେ ବାହାରେ ଭାରି କଷ୍ଟ ହୁଏ। ଲାଗେ ଅଇଛୁଣା ମରିଯିବ। XXXXX ହେଲେ ପାରେନା। ଆଖି ଆଗରେ ମାଙ୍ଗୀର ମୁହଁ ଦିଶେ। ତା'ରି କଥା ଭାବିଭାବି ଆପଣାର

ରକତରେ ହିଁ ଛଞ୍ଚ ଲୋଟିପଡ଼େ, ନିଜ ମାଂସକୁ ହସି ହସି ଏମିତି କେତେ ଶାଗୁଣାକୁ ବାଣ୍ଟିଦିଏ। ହଁ, ସେ ସବୁ କରିପାରେ..... ମାଙ୍ଗାର ଖୁସି ଲାଗି ଛଞ୍ଚ ସବୁ କରିପାରେ।' ପଚାଶ ହଜାର ଟଙ୍କାରେ ବିକ୍ରି ହେବା ପାଇଁ ମୂଲ୍ୟ ନିର୍ଦ୍ଧାରଣ ହୋଇଛି ଛଞ୍ଚର। ତାର ସବୁ ଅଭିମାନ ଅଳି ମାଙ୍ଗାକୁ ତୁଚ୍ଛ ମନେ ହୋଇଛି। ଛଞ୍ଚର ଅବର୍ତ୍ତମାନରେ ମାଙ୍ଗା ବୁଝି ପାରିଛି ନିଜ ଅନ୍ତରକୁ।

**ନୂତନ ସମ୍ଭାବନାର ସମ୍ଭାର ନେଇ ଗଳ୍ପ କ୍ଷେତ୍ରରେ ଲେଖନୀ ଚାଳନା କରୁଛନ୍ତି ଅନେକ ପ୍ରତିଶ୍ରୁତିସଂପନ୍ନ ଯୁବପିଢ଼ି।**

ସମଲିଙ୍ଗୀ ବା ଉଭୟଲିଙ୍ଗୀଙ୍କୁ ନେଇ ସାମାଜିକ ସମସ୍ୟା ସଂପର୍କରେ ଆଲୋଚନା ପ୍ରାୟ କମ୍ ହୋଇଥାଏ। ଶୁଭଶ୍ରୀ ସ୍ୱର୍ଣ୍ଣପ୍ରଭାଙ୍କ 'ସମାଧି' ଗପରେ ଏକ ଜୀବନ୍ତ ପ୍ରେମ କାହାଣୀର କରୁଣ ପରିଣତି ପାଠକକୁ ଭିଜେଇଦିଏ। ଆନନ୍ଦ ମଧ୍ୟରେ କଟୁଥିବା ଯୁଗ୍ମ ଜୀବନରେ ଝଡ଼ ସୃଷ୍ଟି ହୋଇଛି, ଯେତେବେଳେ ଅରୁଣିମା ଜାଣିଛି ନିଜ ସ୍ୱାମୀଙ୍କ ସମ୍ବନ୍ଧରେ। ଅରୁଣ ଯେ ଜଣେ ବାଇସେକ୍ସୁଆଲ ବା ଉଭୟଲିଙ୍ଗୀ, ଏକଥା ଜାଣିବା ପରେ ଚଳତଶକ୍ତିହୀନ ପରି ମନେ ହୋଇଛି ଅରୁଣିମାକୁ। ସ୍ୱାମୀଙ୍କୁ ପଚାରିବା ପରେ ଏକ ଆକ୍ରମଣାତ୍ମକ ପରିସ୍ଥିତିର ସମ୍ମୁଖୀନ ହୋଇଛି ଅରୁଣିମା। ସର୍ବଦା ଶାନ୍ତ ମନେ ହେଉଥିବା ଅରୁଣ ବିଦେଶୀ ମଦର ପ୍ରଭାବରେ ଯେପରି ଭୟଙ୍କର ହୋଇ ଉଠିଛି। 'ବଜାତ୍ ମାଇକିନା। ତୁ ମୋ' ଇଜ୍ଜତ ସାରିବୁ? ମୁଁ ପୁଅ, ପିଉଳମାଠିଆ। ମୁଁ ଯାହା ଚାହିଁବି ତାହା କରିପାରିବି। ତୋ' ଭଳି ମାଟି ମାଠିଆକୁ ଡରିବି ପୁଣି ମୁଁ?' ପ୍ରଚଣ୍ଡ ରାଗରେ ନିଜ ସ୍ତ୍ରୀକୁ ହତ୍ୟାକରି ଏକ ଜୀବନ୍ତ ପ୍ରେମ କାହାଣୀର କରୁଣ ସମାଧି ପାଠକ ପ୍ରାଣକୁ ଖଣ୍ଡଖଣ୍ଡ କରିପକାଇଛି।

ନୂତନ ସମ୍ଭାବନାର ସମ୍ଭାର ନେଇ ଗଳ୍ପ କ୍ଷେତ୍ରରେ ଲେଖନୀ ଚାଳନା କରୁଛନ୍ତି ଅନେକ ପ୍ରତିଶ୍ରୁତିସଂପନ୍ନ ଯୁବପିଢ଼ି। ସମାଜକୁ ନିରିଖେଇ ଦେଖିବା, ସମୟକୁ ଅନୁଭବ କରିବା, ସେଥିରୁ ଉତ୍ପନ୍ନ ଅଭିଜ୍ଞତାକୁ ନିଜସ୍ୱ ଶୈଳୀରେ ଜୀବନ୍ତ କରିବା ଆଜି ସମୟର ଗଳ୍ପକାରଙ୍କ ପକ୍ଷରେ ଏକ ଆହ୍ୱାନ ସଦୃଶ। ସ୍ୱର୍ଣ୍ଣିମ ସମୟର ପ୍ରତିଛବି ନବଦିଗନ୍ତର ନିର୍ଦ୍ଧାରକ ହେଉ।

ସଙ୍କେତ ସୂଚୀ:


୧) ଦାସ, ବାଞ୍ଛାନିଧି, ଆଧୁନିକ ଓଡ଼ିଆ ଗଳ୍ପର ସ୍ୱରୂପ, ଶ୍ରଦ୍ଧା ପବ୍ଲିକେସନ,୨୦୦୪, ପୃଷ୍ଠା -୬

୨) ଦାସ, ଗୌରହରି (ସଂ),ଭଲ ଗଳ୍ପ ଭୂମି ଓ ଭୂମିକା, ଭାରତ ଭାରତୀ, କଟକ,୨୦୦୪, ପୃଷ୍ଠା -୨୨

୩) ପଣ୍ଡା, ରବି, ଉଧାର ଜୀବନ, ଝଙ୍କାର ପତ୍ରିକା, ପୂଜା ବିଶେଷାଙ୍କ, ଅକ୍ଟୋବର ୨୦୨୪

୪) ଚୌଧୁରୀ, ମମତାମୟୀ, କାଚଘର, ଅରଣ୍ୟର ଚିତ୍ରକର, ବିଦ୍ୟାପୁରୀ,୨୦୦୬, ପୃଷ୍ଠା ୮୫,

୫) ପାଢ଼ୀ ଅନୀଲ କୁମାର,ଶ୍ରେଷ୍ଠ ଗଳ୍ପ, ଟାଇମ୍ ପାସ୍, ଭୁବନେଶ୍ୱର, ୨୦୨୨, ପୃଷ୍ଠା -୨୯

୬) ପଣ୍ଡା, ତନ୍ମୟୀ, ଦାଗ, ଟାଇମ୍ ପାସ୍,୨୦୨୩, ପୃଷ୍ଠା -୧୭

୭) ତ୍ରିପାଠୀ, ସଦାନନ୍ଦ, ଅସ୍ମିତା, ଝଙ୍କାର ପତ୍ରିକା , ଅକ୍ଟୋବର ୨୦୨୪

୮) ପଣ୍ଡା, ରବି, ଅଧାଲେଖା ଗପ, କଥା ପତ୍ରିକା, ପୃଷ୍ଠା -୫୧

୯) ପଣ୍ଡା, ରବି, ହେନାଫୁଲର ବାସ୍ନା, ପକ୍ଷୀଘର ପ୍ରକାଶନୀ, ୨୦୧୯, ପୃଷ୍ଠା -୧୯

୧୦) ସେନାପତି, ସୁବ୍ରତ କୁମାର, କଦମ୍ବବନ, ପେନ୍ ଇନ୍ ବୁକ୍,୨୦୨୫, ପୃଷ୍ଠା -୭୧


□□


ଲେଖିକାଙ୍କ ଇ-ମେଲ୍ ଠିକଣା:
jyotsnaranikar3@gmail.com





**ପଢ଼ନ୍ତୁ ! ବୈଷ୍ଣବ ଚରଣ ସାମଲଙ୍କ**

**ରମ୍ୟରଚନା ସମଗ୍ର**

ପୃଷ୍ଠାସଂଖ୍ୟା : ୧୪୨୮, ମୂଲ୍ୟ : ଟ.୧୩୫୦

**ଧାରା ଶ୍ରୀରାଧା ଟ୍ରଷ୍ଟ, ଭୁବନେଶ୍ୱର**



କବିତା

# ପୁଣି ଆସନ୍ତାକାଲି

ଯାଦବେନ୍ଦ୍ର ସାହା

ଲାପଟପ୍‌ର ୱାଲପେପର୍ ଓ
ସକାଳର ସିଟିବସ୍ ପରି ଚିରାଚରିତ ଜୀବନ !

ସହରର ପେନ୍ଥାପେନ୍ଥା ମନ ଲୋଭୁ ଥିବା ଚିତ୍ର
ରିଅଲ ଇଷ୍ଟେଟବାଲା ବିକ୍ରି କରୁଥିବା
ଉଚ୍ଚ ଅଟ୍ଟାଳିକା ପରି ମଧୁର ସ୍ୱପ୍ନ...
ହେଲେ, ତା'ର ନିଖୋଜ ହେବା
କେବେ ବି ଦେଖାଏନି ଏ ମିଡିଆବାଲା !

ଛେଳିପରି ସହରର ବଜାରରେ
ମୁଣ୍ଡ ବିକା ସରି ସାରିଛି ତା'ର
ଧୂ-ଧୂ ଦି-ପହରରେ
ଦୁଃଖର ପସରା ବସିଚି !





ଗ୍ଲାସରେ ଢାଳି ହୋଇଗଲା ପରେ
ବିଅର ବୋତଲର ଠିପି ପରି ଓ
ବାର୍‌ର ନାଚି-ନାଚି ଥକି ଯାଉନଥିବା
ନିରୀହା ଝିଅପରି ଜୀବନ !

ଆହା ସେ ବିଚାରୀ !

ପୁଣି, ଆସନ୍ତାକାଲି
କିଏ ଜାଣିଛି ଯେ'
କ'ଣ ସବୁ ହେବାର ବାକି ଅଛି !!

□□

କବିଙ୍କ ଇ-ମେଲ୍ ଠିକଣା:
sahajadabendra@gmail.com

ଭ୍ରମଣ କାହାଣୀ

# ସୁନାପୁର ସି-ବିଚ୍ ସୁନା



ଭାବଗ୍ରାହୀ ବଳ

ବସ୍‌ଟି ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବ୍ରହ୍ମପୁର ଯିବାକୁ ବାହାରୁଥିଲା । ତରତର ହୋଇ ଗାଡ଼ି ଭିତରକୁ ଉଠିଗଲି । ଖୋର୍ଦ୍ଧା କଲେଜରେ ଅଧ୍ୟାପକ ଚାକିରି । ଦୂରଗାମୀ ବସ୍‌ରେ ୨୦/୩୦ କିମି ଦୂର ଯାଉଥିବା ଯାତ୍ରୀମାନଙ୍କୁ ପ୍ରାୟତଃ ସିଟ୍ ମିଳେନାହିଁ । ଯୋଗକୁ ଗୋଟିଏ ତିନିଟିକିଆ ସିଟ୍‌ରେ ଦୁଇଜଣ ସମ୍ଭ୍ରାନ୍ତ ବୟସ୍କ ଯାତ୍ରୀ ବସିଥିଲେ । ସିଟ୍ ଫାଙ୍କା ଥାଇ ଜଣେ ଯାତ୍ରୀ ଠିଆ ହୋଇଯିବା ତାଙ୍କୁ ବୋଧେ ଭଲ ଲାଗିଲା ନାହିଁ । ମୋତେ ହାତଠାରି ବସିବାକୁ କହିଲେ । ବସୁବସୁ କଥା ଆରମ୍ଭ ହୋଇଗଲା । ସେମାନେ ମୋ' ଚାକିରି ବିଷୟରେ ଜାଣି ବହୁତ ଖୁସି ହେଲେ । ପଚାରି ଜାଣିଲି, ସେମାନେ ବଙ୍ଗାଳୀ ଭଦ୍ରଲୋକ । ଅବସର ପରେ କଲିକତା ମହାନଗରୀରେ ବସା ବାନ୍ଧିଛନ୍ତି । ଏବେ ଦୁଇବନ୍ଧୁ ଗୋପାଳପୁର ସି-ବିଚ୍‌ରେ କିଛିଦିନ ବିତାଇବାକୁ ଯାଉଛନ୍ତି । ଅଯାଚିତ ଭାବେ କହିଚାଲିଲି, ନିକଟରେ ଥିବା ଦର୍ଶନୀୟ ସ୍ଥାନ ସବୁ । ମୋ' କଥା ସରିବା ପରେ ସେମାନେ ଟିକେ ହସିଦେଇ କହିଲେ, ଆମେ ଜାଗା ବୁଲିବାକୁ ଆସିନାହୁଁ । ମୁଁ କହିଲି, ତେବେ ସି-ବିଚ୍‌ରେ ଥିବା ହୋଟେଲରେ ବସିବସି ଅଯଥାରେ ବୋର୍ ହେବେ ନିଶ୍ଚୟ । ଉତ୍ତରରେ ସେମାନେ କହିଲେ, ସମଗ୍ର ଚାକିରିକାଳ କୋଳାହଳପୂର୍ଣ୍ଣ ପରିବେଶରେ ରହି ଏମିତି ବିରକ୍ତି ଆସିଯାଇଛି ଯେ କିଛିଦିନ ନିରବରେ ବସି ଜୀବନକୁ ଅନୁଶୀଳନ କରିବାକୁ ଇଚ୍ଛା । ଏଥିପାଇଁ ନିରବ ନିର୍ଜନ ସମୁଦ୍ରବେଳା ହିଁ ଏକମାତ୍ର ଉପଯୁକ୍ତ ସ୍ଥାନ । ଜାଣିବାକୁ ପାଇଲୁ, ଗୋପାଳପୁରର ନିର୍ଜନ ସି-ବିଚ୍ ହିଁ ଆମ ପାଇଁ ସର୍ବୋତ୍ତମ ସ୍ଥାନ । ଘଟଣାଟି ପ୍ରାୟ ୧୯୮୫ ମସିହାର କଥା । ବୟସ ମୋର ତିରିଶ, ଇଂରେଜୀ ସାହିତ୍ୟର ଅଧ୍ୟାପକ । ମୋ'ର ଯୁବ ମାନସକୁ ସେମାନଙ୍କ ସମସ୍ୟା ଓ ତା'ର ସମାଧାନର ପନ୍ଥା ଭଲ ଭାବରେ ବୋଧଗମ୍ୟ ହେଲାନାହିଁ । ବୋଧେ ଦର୍ଶନଶାସ୍ତ୍ରର ଅଧ୍ୟାପକ ହୋଇଥିଲେ କିଛି ବୁଝିପାରିଥାନ୍ତି । ଆଜି କିନ୍ତୁ ଜୀବନର ସତୁରିଟି ଶରତ ବିତେଇବା ପରେ ସେ କଥାର ମାର୍ମିକ ଅର୍ଥ ଉପଲବ୍ଧ ହେଉଛି ।




ସୁସ୍ଥ ସବଳ ଥିଲାବେଳେ ସମୟ ବାହାରକରି ମୁଁ କେତେ କଅଣ ବୁଲାବୁଲି ନ କରିଛି ସତେ ! ଐତିହାସିକ ସ୍ଥାନଠୁ ଆରମ୍ଭକରି ତୀର୍ଥସ୍ଥାନ, ନଦୀ, ପାହାଡ଼, ଜଳପ୍ରପାତ, ଘଞ୍ଚଜଙ୍ଗଲ, ପ୍ରସିଦ୍ଧ ମନ୍ଦିର ସାଙ୍ଗକୁ ଦେଶବିଦେଶର ଅନେକ ମନୋରମ ବେଳାଭୂମି; କାହାର କାହାର ସ୍ମୃତି ସତେଜ ତ କେହିକେହି ଝାପ୍‌ସା ହୋଇ ଆସିଲେଣି । ସବୁଠି ଚଳଚଞ୍ଚଳ ଜନଜୀବନ, ଧାବମାନ ଅସଂଖ୍ୟ ଗାଡ଼ିଘୋଡ଼ା ଆଉ କୋଳାହଳମୟ ପରିବେଶ । ଆଜି ଯେତେବେଳେ ନିରବ ନିର୍ଜନତାକୁ ଖୋଜିବାକୁ ଯାଏ, ଅନ୍ୱେଷଣର ଦିଗ୍‌ବଳୟ କିନ୍ତୁ ଘୁଞ୍ଚିଘୁଞ୍ଚି ଯାଏ । ମୋ' ରାଜ୍ୟର (ଓଡ଼ିଶା) ପୁରୀ ସମୁଦ୍ର ବେଳାଭୂମି କଥା ନ କହିବା ଭଲ । ବର୍ଷର ଯେକୌଣସି ସମୟରେ ଯାଆନ୍ତୁ, ଅସୁମାରି ଲୋକଭିଡ଼ରେ ଅଣନିଃଶ୍ୱାସୀ ହୋଇଯିବେ ।

**ସବୁଆଡ଼େ ଭିଡ଼**

ପଶ୍ଚିମବଙ୍ଗର ଦୀଘାଠାରୁ ଆରମ୍ଭକରି ବାଲେଶ୍ୱରର ଚାନ୍ଦିପୁର, ଗଞ୍ଜାମର ଗୋପାଳପୁର ଯାଏ ସବୁଆଡ଼େ ଲୋକଙ୍କର ପ୍ରବଳ ଭିଡ଼ ସାଙ୍ଗକୁ ଦୋକାନ, ବଜାର, ହୋଟେଲର ଭିଡ଼ ମଧ୍ୟ ବଢ଼ି ଚାଲିଛି । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଟିକେ ଶାନ୍ତି ପାଇବା ଆଶାରେ ଲୋକେ ଧାଇଁ

ଯାଆନ୍ତି ଏସବୁ ଜାଗାକୁ । ସାମର୍ଥ୍ୟ ଅନୁସାରେ ଖର୍ଚ୍ଚକରି ଫେରିଆସନ୍ତି । ଦେଣା ପାଉଣାର ହିସାବ କହେ, ଦେବା ତୁଳନାରେ ପାଉଣା ଢେର୍ କମ୍ । ଗୋଆରେ ଥିବା ଅନେକ ପ୍ରସିଦ୍ଧ ବିଚ୍ କଥା କିଏ ବା ନ ଜାଣେ ? ଶୁଣିଥିଲି କେବଳ ଦେଶ ଭିତରୁ ନୁହେଁ, ବିଦେଶରୁ ମଧ୍ୟ ବହୁ ଟୁରିଷ୍ଟ୍ ଅଳ୍ପଦିନ ପାଇଁ ଆସି ଅନେକ ଦିନ ଏଠାରେ ଅଟକି ଯାଆନ୍ତି । ୫/୬ ବର୍ଷ ତଳେ ସପରିବାର ୮/୯ ଦିନ ପାଇଁ ଗୋଆ ଭ୍ରମଣରେ ଯାଇଥିଲୁ । ସେଠାରେ ଥିବା ବହୁତ ଜଣାଶୁଣା ବିଚ୍ ଯଥା: ବାଗା ବିଚ୍, କାଲାଙ୍ଗୁଟେ ବିଚ୍, ପାଲୋଲେମ୍ ବିଚ୍, କୋଲଭା ବିଚ୍, ଆରାମବୋଲ ବିଚ୍, ମୋରଜିମ୍ ବିଚ୍ ପ୍ରଭୃତିରେ ସମୟ ବିତାଇ ତଥାକଥିତ ଜନତା କିପରି ଜୀବନକୁ ଉପଭୋଗ କରୁଛନ୍ତି, ତାହା ନିରୀକ୍ଷଣ କରିଥିଲି । ବହୁଦିନ ପୂର୍ବରୁ ଯୌବନର ଉଦ୍ଦାମତା ପ୍ରଶମିତ ହୋଇସାରିଥିବା ପରେ ନିରବତାର ଶାନ୍ତକାନ୍ତ ପରିବେଶକୁ ଖୋଜି ବୁଲୁଥିଲା ବେଳେ ଗୋଆରେ ମୁଁ ନିରାଶ ହୋଇଥିଲି । କେବଳ ମୋବର ବିଚ୍ର ନିର୍ଜନତା ଓ ପ୍ରାକୃତିକ ପରିବେଶ କିଞ୍ଚିତ ସାନ୍ତ୍ୱନା ଦେଇଥିଲା । ଏହାର ବେଳାଭୂମିର ବାଲି ପାଉଡ଼ର ପରି, ଧଳା ଓ ବହୁତ ନରମ । ଗୋଟିଏ ଦିଗରେ ଆରବ ସାଗର ଓ ଅନ୍ୟ ଦିଗରେ ଶାଲ୍ ନଦୀ ସୂର୍ଯ୍ୟାସ୍ତକୁ ବେଶ୍ ମନଲୋଭା କରିଦିଅନ୍ତି । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କିଛି ସମୟ ପାଇଁ ସେଠାରେ ବସି ନିଜକୁ ଭୁଲି ଯାଇଥିଲି ।

**କେହି କେହି ମଧ୍ୟ ଏହାକୁ ପାତି ସୁନାପୁର ବିଚ୍ ବୋଲି କହିଥାନ୍ତି । ଗଞ୍ଜାମ ଜିଲ୍ଲାର ଏହି ବିଚ୍‌ଟି ଏକ ଅନନ୍ୟ ବିଚ୍ ।**

### ଅପୂର୍ବ ଶୋଭା

କେବଳ ଗୋଆ ନୁହେଁ, ବଙ୍ଗୋପସାଗର କୂଳରେ ଥିବା ରାମେଶ୍ୱରମ୍ ବିଚ୍ ଓ ତ୍ରିବେଣୀ ସଙ୍ଗମରେ (ଆରବ ସାଗର, ବଙ୍ଗୋପସାଗର, ଭାରତ ମହାସାଗର) କନ୍ୟାକୁମାରୀ ବିଚ୍ ମଧ୍ୟ ଯାଇଛି । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଶୋଭା ଦେଖି ପୁଲକିତ ହୋଇଛି । କିନ୍ତୁ ପ୍ରବଳ ଜନସମୁଦ୍ର ଓ କୋଳାହଳ ମଧ୍ୟରେ ନିରବତାର ଶାନ୍ତି ହଜିଯାଇଛି । ବର୍ଷର ଅଧିକାଂଶ ସମୟ ବାଙ୍ଗାଲୋରରେ (ବଡ଼ପୁଅ ସହିତ) ରହୁଥିବାରୁ କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ର, ଗୁଜରାଟ ଓ କେରଳର ଅନେକ ଦର୍ଶନୀୟ ସ୍ଥାନ ସହିତ ସି-ବିଚ୍ ମଧ୍ୟ ଦେଖିବାର ସୁଯୋଗ ପାଇଛି । ଗୁଜରାଟରେ ସୋମନାଥଙ୍କ ଦର୍ଶନ ଅବସରରେ ଦେଖିଥିବା ସମୁଦ୍ର ବେଳାଭୂମି ବିଶେଷ ଆକର୍ଷଣୀୟ ନଥିଲା । କେରଳର ସବୁଠୁ ପ୍ରସିଦ୍ଧ କୋଭଲମ୍ ବିଚ୍ (ବହୁ ବିଦେଶୀଙ୍କ ପ୍ରିୟ ଓ ଆୟୁର୍ବେଦ ଚିକିତ୍ସା କେନ୍ଦ୍ର) ଭଲ ଲାଗିଥିଲା; କିନ୍ତୁ ବହୁତ ଜନଗହଳି । ଏହାର ବେକାଲ୍ ବିଚ୍ (ଆରବସାଗର ତୀରେ, ବେକାଲ୍ ଫୋର୍ଟ ଅଛି) ବେଶ୍ ପରିଷ୍କାର ଓ ଭିଡ଼ କେତେକାଂଶରେ କମ୍ ।

ତା'ପରେ ମୁଁ ଦେଖିଥିବା କର୍ଣ୍ଣାଟକର କେତେକ ବିଚ୍ ଯେପରି ମାଙ୍ଗାଲୋର ସି-ବିଚ୍, ଉଡୁପିଠାରେ ଥିବା ମାଲ୍‌ପେ ବିଚ୍ ଓ ପାଡୁବିଦ୍ରିର ବ୍ଲୁ ଫ୍ଲାଗ୍ ବିଚ୍ ଅନ୍ୟତମ । କର୍ଣ୍ଣାଟକର ଅନ୍ୟାନ୍ୟ ବିଚ୍ ଅପେକ୍ଷା ପାଡୁ ବିଦ୍ରି ଟିକେ ବେଶି ପରିଷ୍କାର ଓ କମ୍ ଲୋକାରଣ୍ୟ । କିନ୍ତୁ କର୍ଣ୍ଣାଟକର ବିଚ୍ ତୁଳନାରେ ତାମିଲନାଡୁର ମାଉନା ବିଚ୍ ବହୁତ ପ୍ରଶସ୍ତ ଆଉ ସାଂଘାତିକ ଭାବରେ ଲୋକାରଣ୍ୟ । ଏମିତି ବୁଲିଯିବା କାଳରେ ଦେଖିଥିବା ଆନ୍ଧ୍ରପ୍ରଦେଶର କେତେକ ବିଚ୍ ମଧ୍ୟ ଉଲ୍ଲେଖନୀୟ । ଆନ୍ଧ୍ରପ୍ରଦେଶରେ ସବୁଠୁ ଆକର୍ଷଣୀୟ ହେଉଛି ଋଷିକୋଣ୍ଡା ବିଚ୍ । ଏହି ବ୍ଲୁ ଫ୍ଲାଗ୍ ବିଚ୍‌ରେ ଛୋଟପିଲାଙ୍କଠାରୁ ଆରମ୍ଭକରି ଯୁବକମାନଙ୍କ ପାଇଁ ମନୋରଞ୍ଜନର ସମସ୍ତ ସୁବିଧା ରହିଛି । ସମୁଦ୍ରର ପାଣି ପରିଷ୍କାର, ଉପକୂଳ କେତେକାଂଶରେ ପଥୁରିଆ କିନ୍ତୁ ଭିଡ଼ ବହୁତ ବେଶି । ସେହିପରି ଏଠାରୁ ମାତ୍ର ୭/୮ କିମି ଦୂରରେ ରହିଛି ବିଶାଖାପାଟଣାର ସବୁଠୁ ଜନଗହଳିପୂର୍ଣ୍ଣ ଆଉ ଜନପ୍ରିୟ ରାମକ୍ରିଷ୍ଣା ବିଚ୍ କୂଳରେ ରହିଛି ସବ୍‌ମାରିନ୍ ମ୍ୟୁଜିୟମ, ସୁନ୍ଦର ପାର୍କ ଓ ଗାର୍ଡେନ, ତେଣୁ ଗହଳି ହେବା ସ୍ୱାଭାବିକ । ମୁଁ ଦେଖିଥିବା ଆଉ ଗୋଟିଏ ସୁନ୍ଦର କିନ୍ତୁ ସର୍ବଦା ଲୋକାରଣ୍ୟ ଥିବା ଐତିହାସିକ ସହର ମହାବଳୀପୁରମ୍‌ର ବିଚ୍ ମଧ୍ୟ ଅନ୍ୟତମ ।

### ଓଡ଼ିଶାର ଏକ ଅନନ୍ୟ ବିଚ୍

ଓଡ଼ିଶାରେ ଆମେ ବେଶି ଜାଣିଥିବା ପୁରୀ ଓ ଗୋପାଳପୁର ବିଚ୍ ପରି ବିଶେଷ ଜଣାଶୁଣା ହୋଇନଥିବା କିନ୍ତୁ ମୁଁ ଦେଖିଥିବା ଆଉ ଗୋଟିଏ ସୁନ୍ଦର ବିଚ୍ ରହିଛି । ନାଁ ତା'ର ସୁନାପୁର ବା ସୋନାପୁର ସି-ବିଚ୍ । କେହି କେହି ମଧ୍ୟ ଏହାକୁ ପାତି ସୁନାପୁର ବିଚ୍ ବୋଲି କହିଥାନ୍ତି । ଗଞ୍ଜାମ ଜିଲ୍ଲାର ଏହି ବିଚ୍‌ଟି ଏକ ଅନନ୍ୟ ବିଚ୍ କାରଣ ଓଡ଼ିଶାର

ଏହା ଦ୍ୱିତୀୟ ବିଚ୍ ଯିଏ ବି.ଏଫ୍. ବା ବ୍ଲୁ ଫ୍ଲାଗ୍ ବିଚ୍‌ର ଯୋଗ୍ୟତା ହାସଲ କରିସାରିଛି । ୨୦୨୦ ମସିହାରେ ପୁରୀର ଗୋଲଡେନ ବିଚ୍ ବ୍ଲୁ ଫ୍ଲାଗ୍ ବିଚ୍‌ର ମାନ୍ୟତା ଲାଭ କରିବା ପରେ ଜାନୁଆରୀ ୨୦୨୪ରେ ସୁନାପୁର ବିଚ୍ ଏହି ତାଲିକାରେ ଯୋଡ଼ି ହୋଇଯିବା ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ନିଶ୍ଚୟ । ଏପର୍ଯ୍ୟନ୍ତ ଆମ ଦେଶରେ ୧୨ଟି ବିଚ୍ ଏଇ ବ୍ଲୁ ଫ୍ଲାଗ୍ ବିଚ୍ ହେବାର ସାର୍ଟିଫିକେଟ୍ ହାସଲ କରିଛନ୍ତି । ସେଗୁଡ଼ିକ ହେଲେ, ୧. ଶିବରାଜପୁର ବିଚ୍ (ଗୁଜରାଟ), ୨. ଘୋଘଲା ବିଚ୍ (ଡିଉ), ୩. କସରଗଡ଼ ବିଚ୍ (କର୍ଣ୍ଣାଟକ, ଗୋକର୍ଣ୍ଣା ନିକଟ ହୋନ୍ନାଭର), ୪. ପାଡୁବିଦ୍ରି ବିଚ୍ (କର୍ଣ୍ଣାଟକ, ଉଡୁପିଠାରୁ ୨୬ କିମି ଦୂର), ୫. କପ୍ପାଡ ବିଚ୍ (କେରଳ), ୬. ଋଷିକୋଣ୍ଡା ବିଚ୍ (ଆନ୍ଧ୍ରପ୍ରଦେଶ, ବିଶାଖାପାଟଣାଠାରୁ ୮ କିମି ଦୂର – 'ଜିଓ୍ୱେଲ ଅଫ୍ ଦି ଇଷ୍ଟ୍‌କୋଷ୍ଟ୍' ନାମରେ ପ୍ରସିଦ୍ଧ), ୭. ଗୋଲଡେନ ବିଚ୍ (ଓଡ଼ିଶା, ପୁରୀ), ୮. ରାଧାନଗର ବିଚ୍ (ଆଣ୍ଡାମାନ, ନିକୋବର ଦ୍ୱୀପ), ୯. କୋଭଲମ ବିଚ୍ (ଚେନ୍ନାଇଠାରୁ ପ୍ରାୟ ୪୦କିମି ଦୂର), ୧୦. ଇଡେନ ବିଚ୍ (ପଣ୍ଡିଚେରୀଠାରୁ ପ୍ରାୟ ୮/୧୦ କିମି ଦୂର), ୧୧. ମିନିକୟଥୁଣ୍ଡି ବିଚ୍ (ଲାକ୍ଷାଦ୍ୱୀପ), ୧୨. କାଡମାର୍ଟ ବିଚ୍ (ଲାକ୍ଷାବିଚ୍) ।



ଗାଡ଼ି ପାର୍କିଂ ସ୍ଥାନରେ କାର୍ ରଖିଦେଇ ସମୁଦ୍ରକୂଳ ଆଡ଼କୁ ଆଗେଇଲୁ । ଦେଖିଲୁ ବାଁ ପଟରେ ରହିଛି ଓଡ଼ିଶାର ଚିତ୍ରକଳା ଅଙ୍କିତ ଏକ ସୁନ୍ଦର ଗେଟ୍ । ଟିକେଟ୍ କରି ଭିତରକୁ ଗଲୁ । ଡାହାଣପଟ ସମୁଦ୍ରକୂଳ ସମସ୍ତଙ୍କ ପାଇଁ ଖୋଲା । କିନ୍ତୁ ବାମପଟର ତଟବର୍ତ୍ତୀ ଅଞ୍ଚଳ ଇକୋରିଟ୍ରିଟ୍‌ରେ ରହିବାକୁ ଆସୁଥିବା ପ୍ରକୃତିପ୍ରେମୀ ତଥା ନିରବ ବେଳାଭୂମି କୋଳରେ ସମୟ ଅତିବାହିତ କରିବାକୁ ଆସୁଥିବା ଲୋକଙ୍କ ପାଇଁ ସଂରକ୍ଷିତ । ସମୟ ବୋଧେ ପୂର୍ବାହ୍ନ ନଅଟା ହେବାକୁ ଯାଉଥିଲା । ମୋତେ ଲାଗିଲା ସତେ ଯେପରି ସେଠାରେ ଆମେ ଏକୁଟିଆ । ମାତ୍ର ଟିକିଏ ଆଗକୁ ଯିବାପରେ ଦେଖିଲୁ, ମଝିରେ ମଝିରେ ଥିବା ଛଣତଳେ ରଖାଯାଇଥିବା ଆରାମ ଚେୟାରମାନଙ୍କରେ ଅନେକ ଲୋକ ଚୁପ୍‌ଚାପ୍ ବସିଛନ୍ତି । ସମୁଦ୍ର କୂଳେକୂଳେ ଲମ୍ବିଯାଇଥିବା ଟାଇଲ୍ ରାସ୍ତାର କଡ଼େକଡ଼େ ଶୌଚାଳୟ, ଗାଧୁଆଘର, ପିଇବାପାଣି କେନ୍ଦ୍ର, ଲୁଗା ବଦଳାଇବା ଘର, ପୋଲିସ୍ ଓ ତଟରକ୍ଷୀ ଅଫିସ୍, ୱାଚ୍ ଟାୱାର ସହିତ ବୟସ୍କ ଲୋକମାନଙ୍କୁ ବୁଲାଇ ନେବାକୁ ଠେଲାଗାଡ଼ି ସହିତ ସାହାଯ୍ୟକାରୀ ଉପସ୍ଥିତ । ବେଳାଭୂମିର ଏ ଶାନ୍ତକାନ୍ତ ପରିବେଶ ସାଙ୍ଗକୁ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା ବେଶ୍ ଆକର୍ଷଣୀୟ ଲାଗିଲା । ଗୋଟିଏ ଅଠର/ଉଣେଇଶ ବର୍ଷର ଯୁବକ ଏତିକିବେଳେ ପାଖକୁ ଆସି ପଚାରିଲା, 'ସାର୍ ଆପଣ କ'ଣ ଜଣେ ସିନିଅର ସିଟିଜେନ୍ ?' ମୁଁ ହଁ କହିବାରୁ ସେ ମୋତେ ଚକଲଗା ଠେଲାଗାଡ଼ିରେ ନେବାକୁ ଆଗ୍ରହ ପ୍ରକାଶକଲା । ମୁଁ ପରୀକ୍ଷା ସ୍ୱରୂପ ସେ ଗାଡ଼ିରେ ବସିଲି । ପଚାରିଲି, ତମର ପଢ଼ାପଢ଼ି ସରିଯାଇଛି କି ? ସେ କହିଲା, ନାଇଁ ସାର୍, ଏବେ ମୁଁ ଖଲିକୋଟ କଲେଜରେ ବିଏ ପଢୁଛି । ଏଠାରେ କ୍ୟାମ୍ପ ପ୍ରାୟ ୫/୬ ମାସ ଚାଲେ । ସାମୟିକ ଏଠାରେ ସ୍ୱେଚ୍ଛାସେବୀ ଭାବରେ କାମକରି କିଛି ଅର୍ଥ ରୋଜଗାର କରି ପଢ଼ାଖର୍ଚ୍ଚ ଭରଣାକରେ ।

ତା'କଥା ଶୁଣି ମୋତେ ବହୁତ ଖୁସି ଲାଗିଲା । ତା'ପରେ ସେ ମୋତେ ପଚାରିଲା, 'ସାର୍ ଆପଣ କେଉଁ ଚାକିରି କରୁଥିଲେ ?' ଉତ୍ତରରେ ମୁଁ କହିଲି, ଜଣେ ଅଧ୍ୟାପକ ଭାବରେ ପ୍ରଥମେ ମୁଁ ତୁମର ଖଲିକୋଟ କଲେଜରେ ଜଏନ୍ କରିଥିଲି । ଅବସର ନେବା ପରେ ଭୁବନେଶ୍ୱରରେ ରହୁଛି । ସଂଗେ ସଂଗେ ସେ ମୋତେ ସମ୍ଭ୍ରମତା ସହକାରେ ନମସ୍କାର କଲା । ୱାଚ୍ ଟାୱାର ଉପରକୁ ନେଇ ଦୂରରେ ଥିବା ଦୃଶ୍ୟ ସବୁ ଦେଖାଇ ଅନେକ ତଥ୍ୟ ପ୍ରଦାନ କରିବାରେ ଲାଗିଲା । ଏଥର ମୁଁ ତା'ଠାରୁ ବିଦାୟ ନେଇ କୂଳରେ କିଛି ସମୟ ପଦଚାରଣା କରିବାରେ ଲାଗିଲି । ଏତେ ସଫାସୁତରା ବିଚ୍ ମୁଁ କ୍ୱଚିତ୍ ଦେଖିଛି । ନିରୋଳା ଜହ୍ନ ରାତିରେ କେତେ ସୁନ୍ଦର ଦିଶୁନଥିବ ସତେ । ନିର୍ଭୟରେ ଶତାଧିକ ବାଲିକଙ୍କଡ଼ାଙ୍କ ଅବାଧ ବିଚରଣ । ପାଖରେ ପଡ଼ିଥିବା ଏକ ଛତାତଳେ ପଡ଼ିଥିବା ଚେୟାରରେ ବସିପଡ଼ିଲି । ସ୍ୱାମୀ-ସ୍ତ୍ରୀ ଓ ଆଠବର୍ଷର ପୁଅ

ପାଖରେ ବସିଥାନ୍ତି । ପୁଅଟି ସମୁଦ୍ର ଢେଉରେ ଖେଳି ଦେହସାରା ପାଣି ଓ ବାଲିରେ ଜୁଡୁବୁଡୁ । ପଚାରି ବୁଝିଲି, ସେମାନେ ଆନ୍ଧ୍ରର ବାସିନ୍ଦା । ସେମାନେ ଚାଲିଯିବା ପରେ କଲେଜ ପଢୁଆ ସ୍ୱେଚ୍ଛାସେବୀଟି ପହଞ୍ଚି କହିଲା, ସାର୍ ଏଠି ଆନ୍ଧ୍ର, ଓଡ଼ିଶା ଅଞ୍ଚଳ ପାଖାପାଖି ମିଶାମିଶି ହୋଇ ରହିଛି । ଆନ୍ଧ୍ର ଲୋକଙ୍କର ଚେଷ୍ଟାଥିଲା, ଏହାକୁ ସୋନାପୁର ନାଁ ଦେଇ ଆନ୍ଧ୍ରର ବୋଲି ଦାବି କରିବା । ବହୁତ ଛକାପଞ୍ଝା ପରେ ଏହାର ନାମ ସୁନାପୁର ରହିଛି, ନହେଲେ ଓଡ଼ିଶା ତା'ର ନ୍ୟାଯ୍ୟ ଦାବିରୁ ବଞ୍ଚିତ ହୋଇଥାନ୍ତା । ସଂଧ୍ୟା ପାଖେଇ ଆସୁଥିଲା । ଇଲେକ୍‌ଟ୍ରିକ୍ ଆଲୋକମାଳାରେ ଇକୋରିଟ୍ରିଟ୍‌ର କୁଟୀରଗୁଡ଼ିକ ଜୀବନ୍ତହୋଇ ଉଠୁଥିଲେ । ଢ଼େଉଗୁଡ଼ିକ ଚମକି ଉଠିବା ସହିତ ବହୁତ ଖୁସିରେ ନାଚୁଥିବାର ମନେହେଲା ।



## ବ୍ଲୁ ଫ୍ଲାଗ୍ ବିଚ୍‌ର ମାନ୍ୟତା

ପ୍ରଶ୍ନଉଠେ, ଗୋଟିଏ ବିଚ୍‌କୁ ବ୍ଲୁ ଫ୍ଲାଗ୍ ବିଚ୍‌ର ମାନ୍ୟତା କିଏ ଓ କିପରି ପ୍ରଦାନ କରିଥାନ୍ତି । ଡେନମାର୍କରେ ଥିବା ଅନ୍ତର୍ଜାତୀୟ ସଂସ୍ଥା 'ଦି ଫାଉଣ୍ଡେସନ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ୍ ଏଜୁକେଶନ' ଏହି ମାନ୍ୟତା ପ୍ରଦାନ କରିଥାନ୍ତି । ସେଥିପାଇଁ ୩୩ଟି କଠିନ ସର୍ତ୍ତାବଳୀ ରଖାଯାଇଛି । ସେଗୁଡ଼ିକୁ ସଂକ୍ଷେପରେ ୪ଟି ପର୍ଯ୍ୟାୟରେ ବିଭକ୍ତ କରାଯାଏ । ଯଥା: ୧. ସ୍ଥାନୀୟ ପରିବେଶ ଆଧାରିତ ଶିକ୍ଷା ଓ ସୂଚନା, ୨. ସମୁଦ୍ର ଜଳର ସ୍ନାନ ଉପଯୋଗିତା, ୩. ପରିବେଶର ଉପଯୁକ୍ତ ପରିଚାଳନା ଓ ସୁରକ୍ଷା, ୪. ଲୋକଙ୍କ ସୁରକ୍ଷା ଓ ସେବା । ସୁନାପୁର ସି-ବିଚ୍‌କୁ ଏହିସବୁ ପରୀକ୍ଷାର ସମ୍ମୁଖୀନ ହେବା ପାଇଁ ଏପ୍ରିଲ୍ ୨୦୨୧ରେ ପ୍ରସ୍ତୁତି ଆରମ୍ଭ ହେଲା । ଏଥିପାଇଁ ଓଡ଼ିଶାର 'ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ୍ ଜୋନ୍ ପ୍ଲାନ୍' ଏବଂ ସ୍ଥାନୀୟ କମିଟି ମିଳିତ ଭାବରେ କାର୍ଯ୍ୟ ଆରମ୍ଭକଲେ । ଅନ୍ତର୍ଜାତୀୟ ସଂସ୍ଥା ଏଫ୍.ଇ.ଇ., ଡେନମାର୍କଙ୍କ ଗାଇଡ୍‌ଲାଇନ ଅନୁସାରେ ଦୁଇବର୍ଷ ମଧ୍ୟରେ ସୌରଶକ୍ତିଚାଳିତ ଲାଇଟ୍, ସିସିଟିଭି କ୍ୟାମେରା, ୱାଚ୍ ଟାୱାର, ଯଥେଷ୍ଟ ସଂଖ୍ୟକ ପାଇଖାନା, ଖୋଲା ଗାଧୁଆ ଘର, ଚେଞ୍ଜିଙ୍ଗ୍ ରୁମ୍, ପ୍ରାଥମିକ ଚିକିତ୍ସା ଗୃହ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ଯଥେଷ୍ଟ ସଂଖ୍ୟାରେ ବସିବା ବ୍ୟବସ୍ଥା, ଶିଶୁ ଉଦ୍ୟାନ, ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ଦୋକାନ, ଭିନ୍ନକ୍ଷମ ଓ ବୟସ୍କଙ୍କ ପାଇଁ ହୁଇଲ୍ ଚେୟାର, ଗାଡ଼ି ପାର୍କିଂ ଓ ଲାଇଫ୍ ଗାର୍ଡ ପ୍ରଭୃତିର ସୁବ୍ୟବସ୍ଥା କରାଗଲା । ତା'ପରେ ଏଫ୍.ଇ.ଇ., ଡେନମାର୍କଙ୍କ ତରଫରୁ କମିଟି ଏସବୁର ତଦାରଖକରି ସନ୍ତୋଷ ବ୍ୟକ୍ତକଲେ ଓ ୨୦୨୩-୨୪ ବର୍ଷ ପାଇଁ ଜାନୁଆରୀ ୨୯-୩୧, ୨୦୨୪ରେ ବ୍ଲୁ ଫ୍ଲାଗ୍ ବିଚ୍‌ର ମାନ୍ୟତା ପ୍ରଦାନକଲେ ।

ମୋର ସୌଭାଗ୍ୟ, ଦୁଇଥର ଏହି ବିଚ୍‌ରେ ସମୟ ଅତିବାହିତ କରିବାର ଅବସର ମିଳିଛି । ବିଚ୍‌ର ଗୋଟିଏ ଦିଗରେ ରହିଛି ବାହୁଦା ନଦୀ ଓ ଅନ୍ୟ ଦିଗରେ ଲମ୍ବିଯାଇଛି ବଙ୍ଗୋପସାଗରର ମୋତିଭଳି ଚମକୁଥିବା ସୈକତ ବେଳାଭୂମି । ସ୍ୱଚ୍ଛ ଜଳରାଶିର ସୁନୀଳ ଢ଼େଉ ସହିତ ନିର୍ଭୟରେ ବିଚରଣ କରୁଥିବା ବାଲି କଙ୍କଡ଼ାମାନଙ୍କର ଖେଳ । ମୋତେ ଠିକ୍ ଗୋଆରେ ଦେଖିଥିବା ମୋବର ବିଚ୍‌ର ପରିବେଶ ଭଳି ପ୍ରତୀୟମାନ ହେଲା ସୁନାପୁର ବିଚ୍ ।

ସେଠାରେ ସାଲ୍ ନଦୀ ବଦଳରେ ଏଠାରେ ରହିଛି ବାହୁଦା ନଦୀ, ଆଉ ଆରବସାଗର ଜାଗାରେ ରହିଛି ବଙ୍ଗୋପସାଗର । ସି-ବିଚ୍‌କୁ ଯିବା ପାଇଁ ବାହୁଦା ନଦୀ ଉପରେ ପୋଲ ତିଆରି ହୋଇଛି । ବିଚ୍ ନିକଟରେ ରହିଛି ବ୍ୟାକ୍ ୱାଟରର ହ୍ରଦ । ତେଣୁ ବୋଟିଂ ଓ ଅନ୍ୟ ବିଭିନ୍ନ ପ୍ରକାର ଜଳକ୍ରୀଡ଼ା ପାଇଁ ଯଥେଷ୍ଟ ବ୍ୟବସ୍ଥା ରହିଛି । ବିଚ୍‌ରେ ପହଞ୍ଚିବା ପୂର୍ବରୁ ଝାଉଁ ଜଙ୍ଗଲ ମଝିରେ ପିକ୍‌ନିକ୍ କରିବା ପାଇଁ ପାଣିର ବ୍ୟବସ୍ଥା ସହିତ ସିମେଣ୍ଟର ଅନେକଗୁଡ଼ିଏ ପିଣ୍ଡି ନିର୍ମାଣ କରାଯାଇଛି । ଫଳରେ ପିକ୍‌ନିକ୍ କରିବା ପାଇଁ ଆସୁଥିବା ଲୋକମାନେ ଆଉ ସମୁଦ୍ର କୂଳକୁ ଯାଇ ଅପରିଷ୍କାର କରିବାର ସୁଯୋଗ ନଥାଏ । ତା'ଛଡ଼ା ସେଠାରେ ଗୋଟିଏ ସୁଇମିଂପୁଲ୍ ମଧ୍ୟ ନିର୍ମାଣ କରାଯାଇଛି । ତା'ପରେ ଆସେ ବ୍ଲୁ ଫ୍ଲାଗ୍ ବିଚ୍‌କୁ ଯିବା ପୂର୍ବରୁ ଓଡ଼ିଶାର ସ୍ଥାପତ୍ୟ ଶୈଳୀରେ ନିର୍ମିତ ଏକ ସୁଦୃଶ୍ୟ ଗେଟ୍ । ପାଖରେ ରହିଛି ବୁକିଂ କାଉଣ୍ଟର । ଟିକେଟ୍ ନେଇ

ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ ପରି ଏକାଏକା ବସିଥିବା ଭାବୁକଟିଏ କେବେ ମନେ ପକାଇବାକୁ ଭୁଲେନାହିଁ, 'ବିଜନତା କାହିଁ ତୋ ବେଶ ମୋହନ, ଯେ ରୂପେ ମୋହିଲୁ ତୁ ମୁନି ନୟନ' । ବ୍ରହ୍ମପୁରଠାରୁ ପ୍ରାୟ ୨୦/୨୫ କିମି, ଗୋପାଳପୁର ସି-ବିଚ୍‌ଠାରୁ ୩୫ କିମି ଓ ରାଜଧାନୀ ଭୁବନେଶ୍ୱରଠାରୁ ୧୯୫ କିମି ଦୂରରେ ଥିବା ସୁନାପୁର ବିଚ୍ ସଡ଼କ ପଥରେ ବେଶ୍ ସୁଗମ୍ୟ । ଓଡ଼ିଶା ଓ ଆନ୍ଧ୍ରର ଲୋକମାନଙ୍କ ପାଇଁ ଏହା ଏକ ବିଶେଷ ବିଚ୍ ଓ ପର୍ଯ୍ୟଟନସ୍ଥଳୀ । ଗଞ୍ଜାମର ଐତିହାସିକ ପୋତାଗଡ଼ ଦୁର୍ଗ ପ୍ରାୟ ୫୦ କିମି ଦୂର । ତା'ଛଡ଼ା ବ୍ରହ୍ମପୁରରେ ଥିବା ପ୍ରସିଦ୍ଧ ସିଦ୍ଧଭୈରବୀ ପୀଠ, ମାଆ ମହୁରୀ କାଳୁଆ ମନ୍ଦିର ସହିତ ୪୦/୪୫ କିମି ଦୂରରେ ଥିବା ତାମ୍ପରା ହ୍ରଦ ମଧ୍ୟଜଣେ ଚାହିଁଲେ ବୁଲି ଦେଖିପାରିବେ । ନିଜର କାର୍ ଥିଲେ ୬୦/୬୨ କିମି ଦୂରରେ ପାକିନି ପାହାଡ଼ ପାଦଦେଶରେ ଥିବା ଚେରମାରିଆ ନେଚର କ୍ୟାମ୍ପ ମଧ୍ୟ ଭ୍ରମଣ କରିପାରିବେ ।

ଏହା କୃଷ୍ଣସାର ହରିଣ ପାଇଁ ବହୁତ ପ୍ରସିଦ୍ଧ । ଶହଶହ ହରିଣ ସହ ବହୁ ସଂଖ୍ୟକ ମୟୂରଙ୍କ ପାଇଁ ଏ ସ୍ଥାନଟି ଏକ ଅଭୟାରଣ୍ୟ ସଦୃଶ । ସ୍ଥାନୀୟ ଜନସାଧାରଣ ଏହି ବିରଳ ପଶୁପକ୍ଷୀଙ୍କୁ ସୁରକ୍ଷା ଦେଇଥାନ୍ତି । ସୁନାପୁର ସି-ବିଚ୍‌ର ମଧ୍ୟ ଏକ ଐତିହାସିକ ପୃଷ୍ଠଭୂମି ରହିଛି । ଗଞ୍ଜାମର ଜଉଗଡ଼ଠାରେ ଥିବା ଅଶୋକଙ୍କ ପ୍ରସିଦ୍ଧ ଶିଳାଲେଖରେ ଉଲ୍ଲେଖ ଅଛି, ଗଞ୍ଜାମ ଅଶୋକଙ୍କ ରାଜ୍ୟ ଦକ୍ଷିଣ କଳିଙ୍ଗର ଅଂଶବିଶେଷ ଥିଲା । ସେହିପରି ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ସୁନାପୁର ବିଚ୍ ଇଚ୍ଛାପୁର ରାଜ୍ୟର ଏକ ପ୍ରମୁଖ ନୌବାଣିଜ୍ୟ କେନ୍ଦ୍ର ଥିଲା ବୋଲି କୁହାଯାଏ । ଏହାର ପ୍ରମାଣ ନିକଟରେ ଥିବା କଷ୍ଟମ୍ ହାଉସ୍ ଓ ପିଲାରଗୁଡ଼ିକର ଭଗ୍ନାବଶେଷରୁ ମିଳିଥାଏ ।

ତେବେ ସେ ଯାହାହେଉନା କାହିଁକି, ସବୁ ଦୃଷ୍ଟିରୁ ସୁନାପୁର ଯେ ଏକ ଉଚ୍ଚକୋଟୀର ବିଚ୍ ଏଥିରେ କାହାର ସନ୍ଦେହ ନାହିଁ । ସବୁ ବର୍ଗର ଲୋକଙ୍କ ପାଇଁ ଏହା ଶାନ୍ତି ଓ ତୃପ୍ତି ପ୍ରଦାନ କରିବାରେ ଯଥେଷ୍ଟ ସହାୟକ ।

**ସବୁ ଦୃଷ୍ଟିରୁ ସୁନାପୁର ଯେ ଏକ ଉଚ୍ଚକୋଟୀର ବିଚ୍ ଏଥିରେ କାହାର ସନ୍ଦେହ ନାହିଁ ।**

ପ୍ରବେଶ କରିପାରିବେ । ଶୀତଦିନେ ଏଠାରେ (ନଭେମ୍ବର-ମାର୍ଚ୍ଚ) ପ୍ରାୟ ୩/୪ ମାସ ରାଜ୍ୟ ସରକାରଙ୍କ ତରଫରୁ ଇକୋ-ରିଟ୍ରିଟ୍ କ୍ୟାମ୍ପ୍ ଆୟୋଜନ ହୁଏ । ଟୁରିଜିମ୍‌କୁ ଉତ୍ସାହିତ କରିବା ପାଇଁ ବେଳାଭୂମି, ଜଳପ୍ରପାତ, ଜଙ୍ଗଲ ପ୍ରଭୃତି ସ୍ଥାନରେ ଆଜିକାଲି ନେଚର କ୍ୟାମ୍ପ ଓ ଇକୋ-ରିଟ୍ରିଟ୍ କ୍ୟାମ୍ପ୍‌ର ବ୍ୟବସ୍ଥା ହେଉଛି । ଫଳରେ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଟୁରିଷ୍ଟ ଓ ପ୍ରକୃତିପ୍ରେମୀଙ୍କ ସମାଗମ ହୁଏ । ସେମାନଙ୍କ ରୁଚିକୁ ଆଖି ଆଗରେ ରଖି ରହିବା ପାଇଁ ଅନେକ କଟେଜ୍ ଓ ଡବଲ ବେଡରୁମ୍‌ର ବ୍ୟବସ୍ଥା କରାଯାଏ । ସବୁଥିରେ ଗାଧୁଆଘର ସହିତ ଘର ସାମ୍ନାରେ ବସାଉଠା ପାଇଁ ଖୋଲା ଜାଗାର ମଧ୍ୟ ବ୍ୟବସ୍ଥା ରହିଛି । ଡବଲ୍ ଡବଲ୍ ବେଡରୁମ୍‌କୁ ପ୍ରାୟ ଚାରିହଜାର ଟଙ୍କା ଭଡ଼ା ସହିତ ବ୍ରେକ୍‌ଫାଷ୍ଟ, ଲଞ୍ଚ ଓ ଡିନର ଫ୍ରି । ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ପ୍ରସିଦ୍ଧ ନୃତ୍ୟଗୀତ ସବୁ ପରିବେଷଣ କରାଯାଏ । ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ହୁଇଲ୍ ଚେୟାରର ମଧ୍ୟ ବ୍ୟବସ୍ଥା ରହିଛି । ବେଳାଭୂମିରେ ବସି ମଜା ନେବା ପାଇଁ କାଠ ବାଉଁଶର ଅନେକ ବଡ଼ବଡ଼ ଛତା ରଖାଯାଇଛି । ତା'ତଳେ ରହିଛି ଆରାମଦାୟକ ଚେୟାର । ଏଗୁଡ଼ିକ ବର୍ଷସାରା ଥାଏ । ସମୁଦ୍ରକୂଳରେ ଚାଲିଚାଲି ଥକିଗଲେ କିମ୍ବା ଏକାଏକା ପ୍ରକୃତିକୁ ନିରବରେ ବସି ଦେଖିବାକୁ ବେଶ୍ ସହାୟକ ।

**ନଦୀ ଓ ସମୁଦ୍ରର ମିଳନ**

ନଦୀ ଓ ସମୁଦ୍ରର ମିଳନ ସ୍ଥଳୀରେ ଅବସ୍ଥିତ ସୁନାପୁର ବା ପାତିପାତି ସୁନାପୁରର ଭୌଗୋଳିକ ସ୍ଥିତି ଅନିର୍ବଚନୀୟ । ସେଥିପାଇଁ କାହିଁ କେତେ ଦୂରରୁ ଶୀତଦିନେ ଅଲିଭ୍ ରିଡ୍‌ଲେ କଇଁଛମାନେ ଏଠାକୁ ନିର୍ଭୟରେ ଅଣ୍ଡାଦାନ କରିବାକୁ ଆଗେଇ ଆସନ୍ତି । କେବଳ ଶୀତଦିନର କୋଳାହଳମୟ ପରିବେଶକୁ ଛାଡ଼ିଦେଲେ ଅନ୍ୟ ସମୟରେ ସ୍ଥାନଟିରେ ନିରବଚ୍ଛିନ୍ନ ନିରବତା ବିରାଜମାନ କରେ । ପ୍ରକୃତି ବେଶ୍ ଶାନ୍ତ ଓ ନିରବ ରହେ । ତେଣୁ ଭାବୁକ ଓ କୋଳାହଳଠାରୁ ଦୂରେଇ ରହିବାକୁ ଚାହୁଥିବା ଲୋକେ କାହିଁ କେତେ ଦୂରରୁ ଏଠାକୁ ଛୁଟି ଆସନ୍ତି । ନଦୀ, ସମୁଦ୍ରରେ ବୋଟିଂ କିମ୍ବା ନଦୀ ସମୁଦ୍ରର ସଙ୍ଗମରେ ପ୍ରାକୃତିକ ଆନନ୍ଦ କ୍ୱଚିତ୍ ମିଳିଥାଏ ।

□□

ଲେଖକଙ୍କ ଇ-ମେଲ୍ ଠିକଣା:
bal.bhabagrahi@gmail.com



**ଅନୁବାଦ**

# ନିଲାମ

ମୂଳ ରୁଷ: ବୋରିସ ପାଷ୍ଟରନାକ ଅନୁବାଦ: କନକ ମଞ୍ଜରୀ ସାହୁ



ଯେଉଁ ସମୟର ଏହି ଘଟଣା, ସେତେବେଳେ ରୁଷରେ ଆଜି ଭଳି ସାମାଜିକ ପରିସ୍ଥିତି ଥିଲା ଏବଂ ଛୋଟ ଛୋଟ କଥା ବି ବଡ଼ ଆକାରରେ ପ୍ରଚାର ହେଉଥିଲା। ଦିନେ କୌଣସି ବଡ଼ ସହରରେ ଏକ ଗୁଜବ ପ୍ରଚାର ହୋଇଗଲା ଯେ ଜଣେ ଯୁବକ ନିଜେ ନିଜକୁ ନିଲାମ କରିବାକୁ ବାହାରିଛନ୍ତି। "ନିଲାମ ଦିନ ଲୋକମାନେ ବହୁ ସଂଖ୍ୟାରେ ସହରରୁ ଯିବାକୁ ଲାଗିଲେ। ଏହି ଘଟଣା ସହରଠାରୁ ଦୂର ସେଇ ଘରେ ଘଟିଲା, ଯେଉଁଠିକୁ ଏହା ପୂର୍ବରୁ କେହି ଯାଇନଥିଲେ।" ଲୋକେ ଜମା ହୋଇ ଯାଇଥିଲେ, ଯାହାକି ସମସ୍ତେ ଗୋଟିଏ ଶ୍ରେଣୀର ଥିଲେ। ଆଭିଜାତ୍ୟ ବର୍ଗର, ଧନୀ କଳାପ୍ରେମୀ, ଓକିଲ ଇତ୍ୟାଦି। ସେଠାରେ ଚେୟାର ସବୁ ପଡ଼ିଥିଲା। ମଞ୍ଚରେ ଏକ ବଡ଼ ପିୟାନୋ



ରଖାଯାଇଥିଲା ଏବଂ ତା' ପାଖ ମେଜ ଉପରେ ଏକ କାଠର ହାତୁଡ଼ି ପଡ଼ିଥିଲା। ଝରକା ସବୁ ଖୋଲାଥିଲା। ଶେଷରେ ସେଇ ଯୁବକ ମଞ୍ଚକୁ ଆସିଲେ। ତାଙ୍କର ଯୁବକ ସୁଲଭ ଉତ୍ସାହ ମୁହଁରେ ଫୁଟି ଉଠୁଥିଲା। ସେ କିଏ, କେଉଁଠିକାର, କ'ଣ କରୁଛନ୍ତି ? ଏମିତି ପ୍ରଶ୍ନ ଉଠିବା ସ୍ୱାଭାବିକ ଥିଲା। "ବୀଜଗଣିତର ଶୈଳୀରେ ଆମେ ତାଙ୍କୁ ବର୍ତ୍ତମାନ 'କ' କହି ଡାକିବା।" 'କ' ନିଜ ଭୂମିକାରେ କହିଲେ, "ମୁଁ ନିଜକୁ ନିଜେ ବିକ୍ରି କରିବାକୁ ଚାହୁଁଛି। ଯେଉଁ ବ୍ୟକ୍ତି ସବୁଠୁ ବେଶୀ ଅର୍ଥ ଦେବେ, ତାଙ୍କର ମୋ ଉପରେ ସମ୍ପୂର୍ଣ୍ଣ ଅଧିକାର ରହିବ। କିନ୍ତୁ ନିଲାମ ପରେ ମୋତେ କିଣିଥିବା ବ୍ୟକ୍ତିଙ୍କୁ ଚବିଶ ଘଣ୍ଟା ସମୟ ଦେବାକୁ ହେବ, କାରଣ ବିକ୍ରିରୁ ପ୍ରାପ୍ତ ଧନକୁ ମୁଁ ବାଂଟି ପାରିବି। ମୁଁ ନିଜ ପାଇଁ କିଛି ବି ରଖିବିନି। ତା'ପରଠାରୁ ମୋ'ର ଗୋଲାମୀ କରିବା ସମୟ ଆରମ୍ଭ ହେବ। ମୋ ମାଲିକ ମୋ'ଠାରୁ କେବଳ କାମ ହାସଲ କରିବେନି, ମୋ' ଜୀବନ ନେବା ବି ତାଙ୍କର ଅଧିକାରଭୁକ୍ତ ହେବ।" "ତା'ପରେ 'କ'ର ବନ୍ଧୁମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମଞ୍ଚକୁ ଉଠିଲେ ଏବଂ ମେଜ ପାଖ ଚେୟାରରେ ବସିଗଲେ। ତାଙ୍କର କାମ କେବଳ ଏତିକି ଥିଲା ସବୁଠୁ ବେଶୀ ନିଲାମ ଡାକିଥିବା ବ୍ୟକ୍ତିଙ୍କଠାରୁ ଅର୍ଥ ଅସୁଲ କରି 'କ'କୁ ସମର୍ପି କରି ଚାଲିଯିବେ।"

ନିଲାମ ଡକା ଆରମ୍ଭ ହେଲା। 'କ' ଘୋଷଣା କଲେ, "ପ୍ରଥମେ ମୁଁ ଆପଣମାନଙ୍କ ସାମନାରେ ସଙ୍ଗୀତ ପରିବେଷଣ କରିବି... ଏମିତି ସଙ୍ଗୀତ, ଯାହା ଆପଣମାନେ ଆଜିଯାଏ କେବେ ବି ଶୁଣିନଥିବେ। ଏହି ସଙ୍ଗୀତ ମୋ' ଆତ୍ମାର ସଙ୍ଗୀତ।" ସେତେବେଳେ ବାହାରେ ବର୍ଷା ହେବାକୁ ଲାଗିଲା। ଝରକାବାଟେ ବାହାର ପବନ ବହିବାକୁ ଲାଗିଲା। ତା'ପରେ ଅନ୍ଧକାର ଛାଇଗଲା। ବାଦଲର ପ୍ରଥମ ଘଡ଼ଘଡ଼ି ସହିତ 'କ' ସଙ୍ଗୀତ ଆରମ୍ଭ କରିଦେଲେ। ସଙ୍ଗୀତର ଲୟ ଏବଂ ଗୀତର ସ୍ୱରର ପ୍ରେରଣା 'କ'କୁ ସେଇ ବିଶାଳ ନୀଳଗଗନରୁ ମିଳୁଥିଲା, ଯେଉଁଠି ଧଳା ବାଦଲ ଘୂରି ବୁଲୁଥିଲେ। ବର୍ଷା ଧୂଆଁଳିଆ ତାରାର ମୁହଁ ଧୋଇ ଦେଉଥିଲା, ଯାହା ଦ୍ୱାରା ତାରାଗୁଡ଼ିକ ଆହୁରି ଉଜ୍ଜ୍ୱଳ ଦେଖାଯାଉଥିଲେ।

"ପିୟାନୋ ଉପରେ ଚାଳନା କରୁଥିବା ଆଙ୍ଗୁଳିଗୁଡ଼ିକୁ 'କ' ଝଟ୍‌କରି ତାଙ୍କ ହାତରେ ଝିଙ୍କିନେଲେ। ସଙ୍ଗୀତ ରହିଗଲା। କିନ୍ତୁ ସେତେବେଳେ 'କ'ର ମଧୁର କଣ୍ଠର ଧ୍ୱନି ଶୁଣାଗଲା। ଝରକାର କାଚ ଉପରେ ପାଣି ପଡ଼ି ନୃତ୍ୟ କରୁଥିଲା। ଗଛର ଡାଳସବୁ ଦୋହଲୁଥିଲେ, ପବନ ବହୁଥିଲା ଆଉ ସେଇ ଗୀତ ଚାରିଆଡେ ଗୁଞ୍ଜରି ଉଠୁଥିଲା।" ଶେଷରେ 'କ' ଉଠି

**ବଜାରରେ ମନୁଷ୍ୟରୂପୀ ମୁଦ୍ରାର ଯାହା ବ୍ୟାବହାରିକ ମୂଲ୍ୟ ଅଛି, ସେଇ ଦୃଷ୍ଟିରୁ ମୋ'ର ମୂଲ୍ୟ କମିଯାଇଛି ।**

ଛିଡ଼ାହେଲେ ଏବଂ ଲୋକଙ୍କୁ ସମ୍ବୋଧିତ କରି କହିଲେ, "ଆପଣମାନଙ୍କ ସ୍ନେହ ପାଇଁ ମୁଁ କୃତଜ୍ଞ, କିନ୍ତୁ ଏତିକିରେ ମୁଁ ସନ୍ତୁଷ୍ଟ ନୁହେଁ । ମୁଁ ମୋ' ଯୋଜନା ଆପଣମାନଙ୍କ ପାଖରେ ପ୍ରକାଶ କରିବିନି, କାରଣ ସେତେବେଳେ ଆପଣମାନେ ସେଥିରେ ହସ୍ତକ୍ଷେପ କରିବାକୁ ଚାହିଁବେ ଏବଂ ସମସ୍ୟାର ସମାଧାନ ପାଇଁ କୌଣସି ଅନ୍ୟ ଉପାୟ ଆପଣାଇବାକୁ କହିବେ । ଆପଣଙ୍କ ସହାୟତା ସେ କେତେ ବି ଉଦାର ହୋଇଥାଉ, ମୋ' ମନର ଅନୁକୂଳ ହେବନି... ଆଜିକାର ବଜାରରେ ମନୁଷ୍ୟରୂପୀ ମୁଦ୍ରାର ଯାହା ବ୍ୟାବହାରିକ ମୂଲ୍ୟ ଅଛି, ସେଇ ଦୃଷ୍ଟିରୁ ମୋ'ର ମୂଲ୍ୟ କମିଯାଇଛି । ମୁଁ ନିଜେ ନିଜକୁ ବିକ୍ରି ଯୋଗ୍ୟ ଦ୍ରବ୍ୟ ବୋଲି କହୁଛି ।"

"ପୁଣି ସଙ୍ଗୀତର ସ୍ୱର ଆରମ୍ଭ ହେଲା ଏବଂ ମଝିରେ ମଝିରେ ନିଲାମ ଡକା ଯାଉଥିଲା । ଶେଷରେ ଜଣେ ତତ୍ତ୍ୱଜ୍ଞାନୀ, କଳାପ୍ରେମୀ 'କ'କୁ କିଣିନେଲେ ।" କିନ୍ତୁ କାହାଣୀ ଏଇଠି ଶେଷ ହୋଇନଥିଲା । ନିଲାମର ତିନି ଚାରି ଦିନରେ ସେଇ ଧନୀ ବ୍ୟକ୍ତିଙ୍କର 'କ'ଠାରୁ ମନ ଛାଡ଼ିଗଲା । ସେ ତାଙ୍କ ପାଇଁ ଗୋଟିଏ ଭଲ ସ୍ଥାନରେ ରହିବାର ବ୍ୟବସ୍ଥା କରିଦେଲେ । ତାଙ୍କୁ ଖୁସିରେ ରଖିବାର ଚିନ୍ତାରେ ସେ ଆନ୍ଦୋଳିତ ହେଲେ । ଦିନେ ତାଙ୍କୁ ଡାକି କହିଲେ, "ମୁଁ ଏପର୍ଯ୍ୟନ୍ତ ବୁଝିପାରୁନାହିଁ ଯେ ତୁମଠାରୁ କି କାମ ହାସଲ କରିପାରିବି ? ଏଥିପାଇଁ ମୁଁ ତୁମକୁ ମୁକ୍ତ କରିବାକୁ ଚାହୁଁଛି, ତୁମେ ଯେଉଁଠିକୁ ବି ଯାଇପାର ।"

"'କ' ପ୍ରସ୍ତାବକୁ ଅସ୍ୱୀକାର କରିଦେଲେ । କିନ୍ତୁ ସେତେବେଳେ ଏହି କଥା ଗୁଜବ ହୋଇ ସେଇ ଇଲାକାରେ ଖେଳିଗଲା, ଯେଉଁଠି 'କ' ତାଙ୍କ ବିକ୍ରି ପଇସା ବାଣ୍ଟିଥିଲେ । ସେଠାରେ ହୁଲସ୍ଥୁଲ ହୋଇଗଲା । ସେଥିପାଇଁ ଦୁହିଁଙ୍କୁ ଗଭୀର ଦୁଃଖ ହେଲା, ବିଶେଷଭାବେ 'କ'କୁ, କାରଣ ତାଙ୍କ ନଜରରେ ପୁଣି ମୁକ୍ତି ପାଇବା ଅର୍ଥ ଥିଲା, ପୂର୍ବଭଳି ପରିସ୍ଥିତିକୁ ଫେରିଯିବା । ସେ ସେଥିପାଇଁ ପ୍ରସ୍ତୁତ ନଥିଲେ ।"

□□

ଅନୁବାଦିକାଙ୍କ ଇ-ମେଲ୍ ଠିକଣା:
sahukanakmanjari@gmail.com




*ପ୍ରକାଶ ପାଇଲା !*

**ଆମ ସମୟର ଶ୍ରେଷ୍ଠ କଥା:**

# କଥା ଦଶକ

**ଲେଖିକା: ବନଜ ଦେବୀ**

*ଲେଖିକାଙ୍କର ୧୦ଗୋଟି ମୂଳ ଗଳ୍ପ ସହିତ ବିଶିଷ୍ଟ ସମୀକ୍ଷକମାନଙ୍କ ଦ୍ୱାରା ପ୍ରତ୍ୟେକଟି ଗପର ମନୋଜ୍ଞ ସମୀକ୍ଷା ।*

ପ୍ରକାଶକ: ଅନନ୍ୟ ପ୍ରକାଶନ
ଭୁବନେଶ୍ୱର, ମୋ: ୯୪୩୯୪୭୭୯୯୯
ମୂଲ୍ୟ: ଟ. ୧୦୦/- ମାତ୍ର

ପ୍ରବନ୍ଧ

# ଦଣ୍ଡଗୀତର ସାରସ୍ୱତ ସୌନ୍ଦର୍ଯ୍ୟ

ଧର୍ମେନ୍ଦ୍ର ନାଥ ପାତ୍ର



ଆର୍ଯ୍ୟ-ଦ୍ରାବିଡ଼ ମାନବ ଗୋଷ୍ଠୀ ଦ୍ୱୟର ସାମାଜିକ-ସାଂସ୍କୃତିକ ସମନ୍ୱୟ, ବୌଦ୍ଧ-ଶୈବ-ଶାକ୍ତ ତନ୍ତ୍ରର ସମ୍ମିଳିତ ଉପାସନା ବିଧି, କାୟ-ମନ-ବାକ୍ୟ ତ୍ରୟୀର ଶୁଚିତା, ସଂଯମ ଆଦି ଆଚରଣରୁ ରୂପ ପରିଗ୍ରହଣ କରିଥିବା 'ଦଣ୍ଡନାଟ' ଓଡ଼ିଶାର ଲୋକନାଟକ ପରମ୍ପରାର ଏକ ସୁପ୍ରାଚୀନ କଳାନୁଷ୍ଠାନ । ଓଡ଼ିଶା ବ୍ୟତୀତ ଆସାମ, ପଶ୍ଚିମବଙ୍ଗର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳମାନଙ୍କରେ ମଧ୍ୟ ଏହି ପରମ୍ପରାର ପ୍ରଚଳନ ରହିଛି । ଓଡ଼ିଶାର ଅବିଭକ୍ତ ଗଞ୍ଜାମ ଜିଲ୍ଲା ସହ କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ଦଶପଲ୍ଲା, ନୟାଗଡ଼ ଆଦି ଅଞ୍ଚଳରେ ଏହାର ପରିବ୍ୟାପ୍ତ ରୂପ ବେଶ୍ ଲକ୍ଷଣୀୟ । ଦକ୍ଷିଣ ଓଡ଼ିଶାର ଲୋକନାଟ୍ୟ ଧାରାରେ ଯେଉଁ ଦୁଇ ଶ୍ରେଣୀର ନାଟ୍ୟରୂପ ପ୍ରଚଳିତ, ତାହା ହେଲା ନୃତ୍ୟାଶ୍ରୟୀ ଓ ଲୋକାଶ୍ରୟୀ । 'ଦଣ୍ଡନାଟ' ଉପରୋକ୍ତ ଦୁଇଟିରୁ ଦ୍ୱିତୀୟ ପର୍ଯ୍ୟାୟର । ଏହା ଏକ ପ୍ରଦର୍ଶନଶୀଳ କଳା (ପରଫରମିଙ୍ଗ୍ ଆର୍ଟ) ହେବା ସଙ୍ଗେ ସଙ୍ଗେ ମିଶ୍ରକଳା (କମ୍ପୋଜାଇଟ୍ ଆର୍ଟ) ମଧ୍ୟ, କାରଣ ଏକ ସଙ୍ଗରେ ଗାୟନ, ବାଦନ ଓ ଅଭିନୟ ଆଦି ସମସ୍ତ କଳାର ସୁସମ୍ମିଶ୍ରଣ ଏଥିରେ ନିହିତ ।



କଳାର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୌନ୍ଦର୍ଯ୍ୟବୋଧାତ୍ମକ ଆନନ୍ଦ ବିଧାନ । ଯେକୌଣସି କଳା କ୍ଷେତ୍ର ପ୍ରତି ଏକଥା ପ୍ରଯୁଜ୍ୟ । ଏହି ପରିପ୍ରେକ୍ଷୀରେ 'ଦଣ୍ଡନାଟ'ରେ ପ୍ରଯୁକ୍ତ ଗୀତର ସାରସ୍ୱତ ସୌନ୍ଦର୍ଯ୍ୟ ସଂପର୍କରେ ଏକ ନାତିଦୀର୍ଘ ବିଶ୍ଳେଷଣ ଏହି ପ୍ରବନ୍ଧରେ କରାଯାଉଅଛି ।

**ସଂଳାପ ଆଧାରିତ ଗୀତ**

'ଦଣ୍ଡନାଟ'ରେ ଯେଉଁ ଗୀତଗୁଡ଼ିକ ପ୍ରଯୁକ୍ତ, ତାହା ବିଭିନ୍ନ ପାତ୍ରପାତ୍ରୀ ବା ଚରିତ୍ରମାନଙ୍କର ମୁଖରୁ ସଂଳାପ ଭାବରେ ସ୍ଫୁରିତ । ଏହାର ମୁଖ୍ୟ ଚରିତ୍ରଗୁଡ଼ିକ ହେଉଛନ୍ତି ଶିବ, ପାର୍ବତୀ, ଚଢ଼େୟା, ଚଢ଼େୟାଣୀ, ବୀଣାକାର-ବୀଣାକାରିଆଣୀ, ଯୋଗୀ-ଯୋଗୀଆଣୀ । ସେହିପରି ଗୌଣ ଚରିତ୍ରଗୁଡ଼ିକ ମଧ୍ୟରେ ହାଡ଼ି-ହାଡ଼ିଆଣୀ, ଗଉଡ଼-ଗଉଡୁଣୀ, ଜ୍ୟୋତିଷ-ବ୍ରାହ୍ମଣ, ଶବର-ଶବରୁଣୀ, ବାଣୁଆ, କେଳା-କେଳୁଣୀ, ଧୋବା-ଧୋବଣୀ ଇତ୍ୟାଦି ରହିଥାନ୍ତି । ଏହି ଚରିତ୍ରଗୁଡ଼ିକ ଲୀଳାତ୍ମକ ଭାବରେ ବାହ୍ୟତଃ ଏପରି ଦୃଶ୍ୟମାନ ହେଉଥିଲେ ମଧ୍ୟ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏମାନେ ସମସ୍ତେ ରୁଦ୍ରଙ୍କର ଜଣେଜଣେ ବା ଗଣଙ୍କର ପ୍ରତୀକ ବୋଲି କେହି କେହି ବିଦ୍ୱାନ ଆଲୋଚନା କରିଥାନ୍ତି । 'ଦଣ୍ଡନାଟ' ପୁସ୍ତକରେ ଲକ୍ଷ୍ମୀ ନାରାୟଣ ସାହୁ ଏ ସଂପର୍କରେ ଆଲୋଚନା କରି କହନ୍ତି: "ରୁଦ୍ରଙ୍କର ଦଶଟି ଗଣ ଶୃଙ୍ଗ, ଭୃଙ୍ଗୀ, ରିଟିସ୍ତୁଣୀ, ନନ୍ଦିକୋ, ନନ୍ଦିକେଶ୍ୱର, ସଦାନଳୋ, ରଜୋମୂର୍ତ୍ତି, ସତକୋ, ହଂସବାହନ ଇତ୍ୟାଦି । କିନ୍ତୁ ଲୋକ ସମ୍ମୁଖରେ ଯେଉଁମାନେ ବାହାରନ୍ତି, ସେମାନେ ଫକୀର ଫକୀରାଣୀ, ବାବାଜୀ-ବାବାଜିଆଣୀ, ଯୋଗୀ-ଯୋଗୀଆଣୀ, ଚଢ଼େୟା-ଚଢ଼େୟାଣୀ, ଶବର-ଶବରୁଣୀ, ପତ୍ର ସଉରା - ପତ୍ର ସଉରାଣୀ ଓ ବାଇଧନ ଏହିପରି ଭାବରେ ବାହାରନ୍ତି ।"

'ଦଣ୍ଡନାଟ'ର ଚରିତ୍ରଗୁଡ଼ିକ ମଧ୍ୟରେ ଶିବପାର୍ବତୀ ଓ ବୀଣାକାର ପରି ପୌରାଣିକ ଚରିତ୍ର ବ୍ୟତୀତ ଅନ୍ୟ ସମସ୍ତ ଚରିତ୍ର ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ଗ୍ରାମୀଣ ନିରକ୍ଷର ଶ୍ରମଜୀବୀ ।

ସେମାନଙ୍କର ଦାମ୍ପତ୍ୟ ପ୍ରେମ, କଳହ, ଅଭିମାନ, ସଂସାରଜଞ୍ଜାଳ, ଦାରିଦ୍ର୍ୟ, ଦୁଃଖର ଅନାବିଳ ଅବିମିଶ୍ର ଅଭିବ୍ୟକ୍ତି ହିଁ ଦଣ୍ଡଗୀତର ଆତ୍ମିକ କଳାତ୍ମକ ସ୍ୱରୂପ । ଏଠାରେ ସେହିପରି କିଛି ଚରିତ୍ର ମୁଖରେ ପ୍ରକାଶିତ ଗୀତଗୁଡ଼ିକ ସଂପର୍କରେ ବିଶ୍ଳେଷଣ କରାଯାଇପାରେ :-

କନ୍ଧମାଳର ଦଣ୍ଡନାଟରେ ଗଉଡ଼-ଗଉଡୁଣୀଙ୍କ ନୃତ୍ୟ-ଅଭିନୟ ସହ ଗୀତରେ ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ ପାରସ୍ପରିକ ସଂଳାପ ବିନିମୟ ଦ୍ୱାରା ସେମାନଙ୍କର ଦାମ୍ପତ୍ୟ ପ୍ରେମ ଓ ପାରିବାରିକ ଜୀବନର ତିକ୍ତ ମଧୁର ପ୍ରାତ୍ୟହିକ ଅନୁଭୂତି ଅତ୍ୟନ୍ତ ଚିତ୍ତଗ୍ରାହ୍ୟ ଭାବରେ ବର୍ଣ୍ଣିତ । ଗଉଡ଼ ଗାଈ ଚରାଇବାକୁ ଯାଏ, ପର୍ବତବେଷ୍ଟିତ ଗାଁ ପାଖ ବନସ୍ତକୁ । ଖରାବେଳ ଦି'ପହରେ ଅପେକ୍ଷାକରେ ଗାଁ'ରୁ ଘରଣୀ ତା' ପାଖକୁ ମୁଣ୍ଡରେ ଘୋଟଣା (ଆହାର) ଧରି ଆସି ପହଞ୍ଚିବ । ପିଲାଛୁଆଁଙ୍କ ଜଞ୍ଜାଳ ହେତୁ ଘରଣୀର ବିଳମ୍ବ ହୁଏ । ଭୋକରେ ଆଉଟୁପାଉଟୁ ଗଉଡ଼ ଡାକ ପକାଏ :

ଗଉଡ଼ : "ଗାଈ ପଳାଇଲେ ପରବତକୁ
ମଣିଆର ମା' ଲୋ
ତୁ ଭାତ ଆଣିଦେବୁ କେତେବେଳକୁ
ମଣିଆର ମା'ଲୋ...

**ଗୀତରେ ଉକ୍ତି-ପ୍ରତ୍ୟୁକ୍ତି ମାଧ୍ୟମରେ ପାରସ୍ପରିକ ସଂଳାପ ବିନିମୟ ଦ୍ୱାରା ଦାମ୍ପତ୍ୟ ପ୍ରେମର ତିକ୍ତ-ମଧୁର ଅନୁଭୂତି ଚିତ୍ତଗ୍ରାହ୍ୟ ଭାବରେ ବର୍ଣ୍ଣିତ ।**

ଗଉଡୁଣୀ ବିଳମ୍ବରେ ପହଞ୍ଚି ଉତ୍ତର ରଖେ:-
ଗଉଡୁଣି: ଆମ୍ଭ ପଡ଼ିଅଛି ଦଳାକୁ ଦଳା
ମଣିଆର ବା'ଗୋ (ବା'ର ଅର୍ଥ ବାପା)
ଦଇବ ଦେଇଚି ତିନିଟା ପିଲା
ମଣିଆର ବା'ଗୋ
ଗାଧି ଯାଇଥିଲି ନଦୀ ଘାଟକୁ
ମଣିଆର ବା'ଗୋ
ପିଲା କାନ୍ଦି କାନ୍ଦି ଅଧାବାଟକୁ
ମଣିଆର ବା' ଗୋ ।

ଏହାପରେ ପାରସ୍ପରିକ ସମବେଦନା ସମବେଦନା ବିନିମୟ ହୁଏ ଉଭୟଙ୍କ ମଧ୍ୟରେ, ଗୀତିମୟ ସରଳ ଶବ୍ଦ ମାଧ୍ୟମରେ ଯାହା ଗଭୀର ହୃଦୟସ୍ପର୍ଶୀ:-

ଗଉଡ଼: ବଡ଼ ଉଚ୍ଚକୁଳ ଗଉଡ଼ ଜାତି
ମଣିଆର ମା'ଲୋ
ଗାଈ ଚରାଇବା ଆମରି ବୃତ୍ତି
ମଣିଆର ମା'ଲୋ
ଗଉଡୁଣୀ: ବଣ ଜଙ୍ଗଲରେ ବୁଲୁଚ ନିତି
ମଣିଆର ବା'ଗୋ
ବାଘଭାଲୁ ସାପ ଆମରି ସାଥୀ
ମଣିଆର ବା'ଗୋ
ଗଉଡ଼: କଣ୍ଟାଖୁଣ୍ଟା ମାଡ଼ି ଗୋଡ଼ ଦରଜ
ମଣିଆର ମା'ଲୋ
ପିପଳି ବଣରେ ବୁଲିଲି ଆଜି
ମଣିଆର ମା'ଲୋ
ଗଉଡୁଣୀ: କଣ୍ଟାଝଣ୍ଟା ପରା ଆମ ସଙ୍ଗାତ
ମଣିଆର ବା'ଗୋ
ଗୋଡ଼ ଦରଜକୁ କିଆଁ ଡରୁଚ
ମଣିଆର ବା'ଗୋ

'ଦଣ୍ଡନାଟ'ରେ ଉଭୟ ଲିଖିତ ଓ ମୌଖିକ ଗୀତ ରହିଛି । ଲିଖିତ ଗୀତଗୁଡ଼ିକ କେଉଁ ପ୍ରାଚୀନକାଳରୁ (ସ୍ଥାନ ଅନୁସାରେ ସାମାନ୍ୟ ଭିନ୍ନ ହେବା ସତ୍ତ୍ୱେ) ନିରବଚ୍ଛିନ୍ନ ପ୍ରଚଳିତ ହୋଇଆସିଥିବା ବେଳେ ମୌଖିକ ଗୀତଗୁଡ଼ିକ ଶୁଣିଶୁଣି ମୁଖରୁ ମୁଖକୁ ପରିବ୍ୟାପ୍ତ ହୋଇ ସଂରକ୍ଷିତ ରହିଛି । ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକ ମୌଖିକ ।

**ଧୂଳିଦଣ୍ଡ**

ଦିବାକାଳରେ ଧୂଳିଦଣ୍ଡ ଅନୁଷ୍ଠିତ ହେବା ସମୟରେ ଦଣ୍ଡ ଅନୁଷ୍ଠାନର ଅଧିକାରୀ ଧୂଳିରେ ଗଡୁଥିବା ଭୋକ୍ତାମାନଙ୍କୁ ସମ୍ବୋଧନ କରି ପ୍ରଶ୍ନ କରିଥାନ୍ତି । ଯାହା ପଦ୍ୟାତ୍ମକ ଏବଂ ଉପଭୋଗ୍ୟ ।

ହେ ଋଷିପୁତ୍ରେ !
କରିଲ କି ସେବା
ପାଇଲ କି ବର
ଅନ୍ୟ ସେବା ଛାଡ଼ି
ଏହି ସେବାକର ।

ଭୋକ୍ତା ପ୍ରଶ୍ନ କରନ୍ତି, ଏହି ସେବା କଲେ କି ଫଳ ପାଇ ?

ଉତ୍ତର ମିଳେ:

ଅନ୍ଧ ଚକ୍ଷୁଦାନ ପାଇ
ବାଂଝ ପୁତ୍ରଦାନ ପାଇ
ଖଣ୍ଡିଆ କାମଦେବ ହୋଇ
ଶୁଖିଲା କାଠ କଞ୍ଚାହୋଇ
ଉଷୁନା ଧାନ ଗଜାହୋଇ... ।

'ଦଣ୍ଡନାଟ'ରେ ବିଭିନ୍ନ ସମୟରେ ଶିବ ଓ କାଳୀଙ୍କ ବନ୍ଦନା ହୁଏ । ଏହି ବନ୍ଦନା ଗୀତରେ ପୁରାଣ ଲିଖନଶୈଳୀ ଅନୁସୃତ ହୋଇଥିବା ଦେଖିବାକୁ ମିଳେ । ବୀଣାକାର, ଚଢ଼େୟା ଆଦି ଚରିତ୍ର ଏସବୁ ବନ୍ଦନା କରିଥାନ୍ତି । କେତେକ ଦଣ୍ଡଗୀତର କବି ଏସବୁକୁ ଆଦ୍ୟଠାରୁ ପ୍ରାନ୍ତ ଅକ୍ଷର କ୍ରମରେ ପ୍ରାଚୀନ ଚଉତିଶା ରୀତିରେ ରଚନା କରିଥାନ୍ତି । ଗୋଟିକର ଉଦାହରଣ ଏଠାରେ ପ୍ରଦତ୍ତ ହେଲା:



କାଳିକା ପରାଣଧନ,
କରପତ୍ର ଯୋଡ଼ି କରେ ଜଣାଣ
କୃତ୍ତିବାସ ବାରେ
ମୋ'ଠାରେ ହୁଅ ପ୍ରସନ୍ନ ।୧।
ଖଗ ମାରଇ ମୁଁ ନିତି
କ୍ଷମାକର ଦୋଷ କୈଳାସପତି
ଖଣ୍ଡ ପରଶୁ ହେ ! ଏତିକି
ମୋର ବିନତି ।୨।
ଗଙ୍ଗାକୁ କଲ ଧାରଣ,
ଗରଳକୁ ତୁମେ କରିଛ ପାନ
ଗଉରୀପତି ହେ ! ଦିଅ
ବାରେ ଦରଶନ । .....

'କ', 'ଖ', 'ଗ' ଅକ୍ଷରକ୍ରମ ସାଙ୍ଗକୁ ଏସବୁ ବ୍ୟଞ୍ଜନ ବର୍ଣ୍ଣର ପୁନରାବୃତ୍ତି ପଦଗୁଡ଼ିକୁ ଆନୁପ୍ରାସିକ ତଥା ଶ୍ରୁତି-ସୁଖଦ କରିପାରିଛି ।

ଗଞ୍ଜାମ ଅଞ୍ଚଳର 'ଦଣ୍ଡନାଟ'ରେ ହାଡ଼ି-ହାଡ଼ିଆଣୀ ଚରିତ୍ରର ଅଭିନୟ ବେଶ୍ ଲୋକପ୍ରିୟ । ଗ୍ରାମ୍ୟ ସମାଜର ସାମନ୍ତବାଦୀ ଆଭିମୁଖ୍ୟ ପୋଷଣକାରୀ ବଡ଼ପଣ୍ଡାମାନଙ୍କ ଆଗରେ ମଥା ଉଠାଇପାରୁ ନଥିବା ହାଡ଼ି ପେଟେ ମଦ ପିଇଦେଲା ପରେ ତା'ର ଅବଦମିତ ପ୍ରତିକ୍ରିୟା ଅବଚେତନ ସ୍ତର ଖୋଲିଦେଇ ପ୍ରକାଶିତ ହୋଇଯାଉଛି ।

ରାସ୍ତା ଛାଡ଼ ସାଆନ୍ତେ
ହାଡ଼ି ଟୋକା ଯାଉଚି
ରାସ୍ତା ନ ଛାଡ଼ିଲେ ହାଡ଼ି ଛୁଇଁ ଦେବଟି ।

ମଦ୍ୟପ ହାଡ଼ି ପ୍ରତି ହାଡ଼ିଆଣୀର ଦୁଃଖଦ ପ୍ରତିକ୍ରିୟା ମଧ୍ୟ ଦଣ୍ଡଗୀତରେ ବଡ଼ ମାର୍ମିକ:-

ପୁରୁଷମ ମୋର ନାଇଁ
ଯାଇଅଛି ମଦ ପାଇଁ
ମଦ ଖାଇ ଆସେ ଧାଇଁ
ନିଶିରେ ଗୋ
ଚମ୍ପାଫୁଲକୁ ଡାକେ କେହୁ...
ପୁରୁଷ ମୋର ଦୁର୍ଦ୍ଦଣ୍ଡ
ଜାଣିଲେ ସେ ଦେବେ ଦଣ୍ଡ
ନିତି ମରୁଥାଏ ମୁହିଁ
ନିଶିରେ ଗୋ...
ଚମ୍ପା ଫୁଲକୁ ଡାକେ କେରୁ...

**କୃଷିଭିତ୍ତିକ ସମାଜର ଚିତ୍ର**

ଏକ କୃଷିଭିତ୍ତିକ ଗ୍ରାମୀଣ ସମାଜରୁ ଦଣ୍ଡନାଟର ଉନ୍ମେଷ ହୋଇଥିବାରୁ ଏହାର ଗୀତ ଓ ଅଭିନୟରେ ଧାନରୁଆ, ଫସଲ ଅମଳ, ଫସଲ ଖଳାକୁ ବୁହା ଇତ୍ୟାଦିର ଚିତ୍ର ରୂପାୟିତ ହୋଇଥିବା ଦେଖିବାକୁ ମିଳେ । ଏହି ସମୟରେ ଯେଉଁ ଗୀତ ବୋଲାଯାଏ, ତାହା ଗଞ୍ଜାମ ଅଞ୍ଚଳର ଦଣ୍ଡନାଚରେ ବେଶ୍ ସୁନ୍ଦର ଭାବରେ ପରିସ୍ଫୁଟ, ଯେପରିକି:

ଦାଆରେ କାଟିଲି ବେଣା
ନାଇଁ କରୁ କରୁ ହେ ବର ଧରିଲ ଡେଣା
ଧରିଲ ଡେଣା ହେ ବର କଅଁଳ ବୟସ ଊଣା
ଖଟତଳେ ପାଣି ପିଞ୍ଛା (ପାତ୍ର)
କୋଉଠି ରହିଲେ ଲୋ ନାନୀ ମୋ' ମନ ମୁରୁଛା
ମନ୍ ମୁରୁଛା ଲୋ
ମୋ'ର ପଲଙ୍କ ପଡ଼ିଛି ତୁଚ୍ଛା (ବେକାର) ।

ଏହି ପଦରେ ଗଞ୍ଜାମର ଆଞ୍ଚଳିକ ଭାଷା 'ପିଞ୍ଛା' ଓ 'ତୁଚ୍ଛା' ବ୍ୟବହୃତ ହୋଇଛି ।

କେଳା-କେଲୁଣୀ ଦଣ୍ଡନାଟର ଚରିତ୍ରଙ୍କ ମଧ୍ୟରେ ବେଶ୍ ଜଣାଶୁଣା ଓ ଲୋକପ୍ରିୟ । ଅଭାବରେ ସ୍ୱଭାବ ନଷ୍ଟ । କେଳାର କେଲୁଣୀ ପ୍ରତି ଚାରିତ୍ରିକ ସନ୍ଦେହ ଗୀତ ରୂପେ ଘେନିଛି । କେଲୁଣୀ ଯେତେବେଳେ କହିଛି:

"ଗର୍ଭଣା ସଂକ୍ରାନ୍ତି ଦିନ, ଗର୍ଭବାସ ମୁହିଁ ହୋଇଲି ଜାଣ
କେଳା କିରେ ! ଗଣିଆ ଦେଲି ତା' ନାମ ।"

ତା'ର ପ୍ରତ୍ୟୁତ୍ତରରେ କେଳାର ଉକ୍ତି:

ଘରେ ମୁଁ ନଥିଲି ସହି, ଘଟାଇଲୁ ଏଡ଼େକାଣ୍ଡ କିପାଇଁ
କେଲୁଣୀ ଲୋ ! ଘରବୁଡ଼ା କିଏ ସେହି ।

ସେହିପରି ଶବର-ଶବରୁଣୀ ଗୀତରେ ମଧ୍ୟ ଯୁଗଳ ପ୍ରେମ, ଆକଟ, ଅଭିମାନ ବଡ଼ ସୁନ୍ଦର ଭାବରେ କଥୋପକଥନ ଶୈଳୀରେ ରୂପାୟିତ:

ଶବରୁଣୀ: ଚଢ଼େଇ ଗଲେ ବଣକୁରେ ଶବର
ଚଢ଼େଇ ଗଲେ ବଣକୁ
ଆଜି ତୋ'ର ମୋର ଯିବା ବଣକୁ
ଶବରରେ ଫେରିବା ସଞ୍ଜବେଳକୁ ।

ଶବର: ଚାଉଳ ଭାଜିଲୁ ଝାଇଁ ଶବରୀ ଲୋ
ଚାଉଳ ଭାଜିଲୁ ଝାଇଁ
ତୋ'ର ମୁଣ୍ଡରେ ତ ଉଢ଼ୁଣା ନାଇଁ
ଶବରୀ ଲୋ ତୁ ଦାଣ୍ଡକୁ ଆସିଲୁ ଧାଇଁ ।

ହାସ୍ୟରସ ସମ୍ବଳିତ ଗୀତ ମଧ୍ୟ ରହିଥାଏ 'ଦଣ୍ଡନାଟ'ରେ । କନ୍ଧମାଳ ଜିଲ୍ଲାର ଅନେକ ଅଞ୍ଚଳରେ ଅନୁଷ୍ଠିତ ଦଣ୍ଡରେ ବାଣୁଆ ସଂପର୍କିତ ଗୀତ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରିଥାଏ । ବିଶେଷକରି ଶିଶୁ କିଶୋରମାନେ ଏ ଗୀତର ଅଭିନୟକୁ କୌତୂହଳୋଦ୍ଦୀପକ ଦୃଷ୍ଟିରେ ଅନାଇ ରହିଥାନ୍ତି । ଜଙ୍ଗଲକୁ ଜାଳକାଠ ଆଣିବାକୁ ଯାଇଥିବା ମଣିଷକୁ ବାଘ ଖାଇଯିବାରୁ ବାଘକୁ ମାରିବା ପାଇଁ ବାଣୁଆକୁ ଡକାପଡ଼ିଛି । ନଳୀବନ୍ଧୁକ ଧରି ବୀର ଦର୍ପରେ ବାଣୁଆ ପହଞ୍ଚିଛି ଯା'ର ନାମ୍ ବଡ଼ା ମାତ୍ର କାମ୍ ଥୋଡ଼ା, ତାକୁ ଦେଖି ସମସ୍ତେ ହସି ଉଠନ୍ତି । ସେ ଗାଏ:-

ଜଗାଲି ବାଣୁଆ ବୋଲି କିଏ ଡାକୁଛି ହୋ
ଜଗାଲି ବାଣୁଆ ବୋଲି
ବାଘ ଭାଲୁ ମାରିପାରେ
ବିଲୁଆ ଦେଖିଲେ ଡରେ
ପିମ୍ପୁଡ଼ି ଦେଖିରେ ମୋ'ର ଛାତି ଥରୁଛି ହୋ
ବାରିରେ ଧୋଇଲି ଶାଗ
ମାରିପାରେ ବୁଢ଼ା ବାଘ
ବାରିରେ ରୋଇଲି ଆଳୁ
ମାରିପାରେ ବୁଢ଼ା ଭାଲୁ...

ଚଢ଼େୟା ଚଢ଼େୟାଣୀର ପ୍ରେମାଳାପ ମଧ୍ୟ ଦଣ୍ଡଗୀତରେ ସୁନ୍ଦର ମୂର୍ଚ୍ଛନା ତୋଳେ । ଚଢ଼େୟା ଚଢ଼େୟାଣିକୁ ପ୍ରେମ ସମ୍ବୋଧନ କରି କହେ:

ବାରିଜାକ୍ଷି ହେମା ଜେମା
ମୋ'ର କୁଳ ଚନ୍ଦ୍ରମା,
ଆସ ଆସରେ
ତୋର କିଙ୍କିଣି ନିନାଦ
ମୋ'ର ଅମର ଔଷଧ
ଆସ ଆସରେ... ।

**କନ୍ଧମାଳ ଜିଲ୍ଲାର ଅନେକ ଅଞ୍ଚଳରେ ଅନୁଷ୍ଠିତ ଦଣ୍ଡରେ ବାଣୁଆ ସଂପର୍କିତ ଗୀତ ଦର୍ଶକଙ୍କର ଭରପୂର ମନୋରଞ୍ଜନ କରିଥାଏ ।**

ଚଢ଼େୟାଣୀ ଚଢ଼େୟାର ଶୁଭ ମନାସେ:

ଚଢ଼େଇଆ ମୋର ବର
ଚଢ଼େଇଆ ଲାଗି ମନାସି ଥିଲି ମୁଁ ଦଣ୍ଡ, ଚଢ଼େୟାରେ
ଚଇତ ମଙ୍ଗଳବାର ।

**ଚଢ଼େଇଆ-ଚଢ଼େୟାଣୀ କଳହ**

ଯେତେବେଳେ ଚଢ଼େଇଆ ସହ ଚଢ଼େୟାଣୀର କଳହ ହୁଏ, ସେତେବେଳେ ଚଢ଼େୟାଣୀ କର୍କଶ ପ୍ରତିକ୍ରିୟା ରଖେ ଚଢ଼େୟା ପ୍ରତି:

ସଜନା ଗଛର ଛାଲି
କାଠମୁହଁଟାକୁ ଘଇତା କଲି
ମାଡ଼ ଖାଇ ଖାଇ ମଲି ।

ଠକ ଜ୍ୟୋତିଷ, ବ୍ରାହ୍ମଣ ଆସନ୍ତି ଦଣ୍ଡର ଅନ୍ୟତମ ଚରିତ୍ର ଭାବରେ ଗୀତ ଗାଇ ଗାଇ । ଯାହା ହାସ୍ୟ ଉଦ୍ରେକ କରେ:-

ବୁଢ଼ା ବାମୁଣ କହୁଚି ଶୁଣ
ପାଞ୍ଜି ଦେଖିବାକୁ ପଇସା ଆଣ
କିମ୍ବା

ଶିବ ଦ୍ୱାରକୁ ଯାଉଛୁ ପାଞ୍ଜି ଶୁଣାଇହେ
ଶିବ ଦ୍ୱାରକୁ ଯାଉଛୁ...
କୁମ୍ଭ ଅନ୍ତେ ମୀନ ମାସ
ନୂତନ ପାଞ୍ଜି ପ୍ରବେଶ
ବାହାର ହେଲେ ଜ୍ୟୋତିଷ
ପାଞ୍ଜି ଶୁଣାଇ ହେ...
ଧାଙ୍ଗୁଡ଼ି ଭେଣ୍ଡିଆଙ୍କର
ନାହିଁ ଏ ବର୍ଷ ମଙ୍ଗଳ
ଗର୍ବ ଖର୍ବ କରି ସର୍ବେ ଯିବେ ପଳାଇ ହେ...
ସେହିପରି ଶିବ ଆସନ୍ତି ଡମ୍ବରୁ ବଜାଇ ଗୀତ ଗାଇ ଗାଇ
ଅଇଲେ ହର ମନ ସନ୍ତୋଷେ ମାଗ ବର
ଅଇଲେ ହର...

ଆଉ ଏକ ମୁଖ୍ୟ ଚରିତ୍ର ବୀଣାକାର ବେଣୁଦଣ୍ଡ ଧରି ଗାଏ:

କରୁଛି ଜଣାଣ ଶୁଣ ଶଙ୍କର
କରିନାହିଁ କିଛି ଜୀବନେ ମୋର
କର୍ମ ମୋର ବାମ ହେଲା ଏଥର
କରୁଣା କରିବ ପାର୍ବତୀବର
କରିବ ମୋତେ ଉଦ୍ଧାର ।



କନ୍ଧମାଳର 'ଦଣ୍ଡନାଟ'ର ଆଉ ଏକ ଗୌଣ ଚରିତ୍ର ହେଉଛି ଛାଟିଆ ବା ଚୌକିଦାର, କିନ୍ତୁ ଏହା ବଡ଼ ଲୋକପ୍ରିୟ ଉକ୍ତ ଅଞ୍ଚଳରେ ତା'ର ଗୀତ ଓ ନୃତ୍ୟ ପାଇଁ । ସେ ଦେବୀ ଦେବତାଙ୍କର ବନ୍ଦନା ଗାଇସାରି ଆତ୍ମ ପରିଚୟ ବିନମ୍ରତା ସହକାରେ ପ୍ରକାଶକରେ । ତା'ର ଗୀତରେ ଗ୍ରାମ୍ୟ ସମାଜର ବର୍ଣ୍ଣ ବ୍ୟବସ୍ଥାର ମାନବ ବିଭେଦଧାରୀ ସାଂଘାତିକ ଚିତ୍ର ଦେଖିବାକୁ ମିଳିଥାଏ ।

ଏ ନିଶା ରାତ୍ରରେ କିଏ ସେ ଡାକୁଚି
ଚୌକିଦାର ଚୌକିଦାର
ନୂଆ ଛାଟିଆ ଗୋ ତେର ଦିନର ଜାଗର
ଜୟ ମା' ସାରଳା ନ ବୁଡୁ ମୋ ଭେଳା
ତୋ' ପାଦରେ ମୋର ଶରଣ
ପାଠ ଜାଣିନାହିଁ ଶାଠ ପଢ଼ିନାହିଁ
ପଦ ହେଉ ଉଚ୍ଚାରଣ
ନ ଜାଣିବା ପଦ କହିଦେବୁ ମାଆ
ଏତିକି ମୋ' ନିବେଦନ
ନୂଆ ଛାଟିଆ ଗୋ
ଜାତିରେ ମୁଁ ହରିଜନ ।

ପୌରାଣିକ ଯୁଗ କି ମଧ୍ୟଯୁଗୀୟ କବିଙ୍କ ନିର୍ବିଘ୍ନ କାବ୍ୟ ପରିସମାପ୍ତି ପାଇଁ ଯେଉଁ ମଙ୍ଗଳାଚରଣ ଓ ବିନମ୍ରତା ତାହା ଏଥିରେ ଲକ୍ଷ୍ୟ କରିବାର କଥା ।

ବାସ୍ତବରେ ଦଣ୍ଡନାଚରେ ବ୍ୟବହୃତ ଗୀତଗୁଡ଼ିକରେ ପୁରାଣ ଲିଖନ ଶୈଳୀ, ଓଡ଼ିଆ ମଧ୍ୟଯୁଗୀୟ ଶବ୍ଦର ପ୍ରଭାବ, ଢଗଢ଼ମାଳିର କଥନଭଙ୍ଗୀ ଆଦି ବେଶ୍ ଲକ୍ଷଣୀୟ । ଶିବ-ପାର୍ବତୀଙ୍କ କଥୋପକଥନ, ବୀଣାକାରର ଦଣ୍ଡ ବୃତ୍ତାନ୍ତ ବ୍ୟାଖ୍ୟାନ ଆଦି ପୁରାଣ ଲିଖନ ଶୈଳୀକୁ ଅନୁସରଣ କରିଥିବା ବେଳେ ବିଭିନ୍ନ ଶବ୍ଦର ପ୍ରୟୋଗ ଯେପରି 'ବାରିଜାକ୍ଷି', 'ଡାଳିମ୍ବଦନ୍ତୀ' ଇତ୍ୟାଦି ଓଡ଼ିଆ ରୀତିକବିଙ୍କ ଶବ୍ଦ ଚୟନକୁ ସ୍ମରଣ କରାଇଦିଏ । ପତ୍ରସଉରା ମୁଖରେ ପ୍ରଯୁକ୍ତ ଗୀତରୁ ଦେଖାଯାଉ:-

ଡମ୍ବରୁ ମଧମା ପୂରଛେ ରସ,
ଡର ଭୟ ଛାଡ଼ି ମୋ' କୋଳେ ବସ
ଡାଳିମ୍ବଦନ୍ତୀ ଲୋ ବଚନ ଭାଷ, ଡରି ପଳେଇବ ମାର ନରେଶ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକକବି ଦଣ୍ଡଗୀତମାନ ରଚନା କରିଥିବାର ଜଣାଯାଏ । ତନ୍ମଧ୍ୟରେ ଚିନ୍ତାମଣି ଶିବବାଙ୍କ, ଦେବାର୍ଚ୍ଚନ, ବିଦ୍ୟାଧର, ଗୋବିନ୍ଦ ନୀଳାମ୍ବର, ଭରତ ଚନ୍ଦ୍ର ବିଶି, ଯୋଗୀନ୍ଦ୍ର ମଲ୍ଲିକ, ସନ୍ନ୍ୟାସୀ ନାୟକ, ଶ୍ରୀନିବାସ, ଆନନ୍ଦ, କବିଚନ୍ଦ୍ର, ଆନନ୍ଦ ଭୂୟାଁ, ନୀଳକଣ୍ଠ ପଟ୍ଟନାୟକ, ରଘୁନାଥ ପଟ୍ଟନାୟକ, ରଙ୍ଗନାଥ ଦାଶ, ନୀଳାମ୍ବର ମିଶ୍ର, କିଶୋର ଚନ୍ଦ୍ର ଦେବ, ରମେଶ ଚନ୍ଦ୍ର ବଳିୟାରସିଂହ, ଉସତ ସାହୁ, ରତ୍ନାକର ସାହୁ, ବଳରାମ ସାହୁ ଇତ୍ୟାଦି ସ୍ମରଣୀୟ ।

**ଗ୍ରାମୀଣ ସଂସ୍କୃତିର ଅଭିବ୍ୟକ୍ତି**

ଦଣ୍ଡଗୀତଗୁଡ଼ିକରେ ସାଧାରଣତଃ କୃଷିପୁଷ୍ଟ ଗ୍ରାମୀଣ ସଂସ୍କୃତିର ବିବିଧରୂପ ସହଜ ସାବଲୀଳ ଅଭିବ୍ୟକ୍ତି ପାଇଛି । ଯେମିତି ଗୋଟିଏ କ୍ଷୁଦ୍ର ପରମ୍ପରା ଓ ବୃହତ୍ ପରମ୍ପରା ମଧ୍ୟରେ ପାର୍ଥକ୍ୟ ରହିଥାଏ, ଠିକ୍ ସେହିପରି ପ୍ରବୀଣ ଦାର୍ଶନିକ, ସାହିତ୍ୟିକ କିମ୍ବା ଧର୍ମତତ୍ତ୍ୱବିତ୍ ପରି ସଚେତନଶୀଳ ବ୍ୟକ୍ତିବିଶେଷଙ୍କ ଉଦ୍ୟମରୁ ନୁହେଁ, ବରଂ ସରଳ ଜୀବନବୋଧରେ ବିଶ୍ୱାସ ରଖୁଥିବା ସାଧାରଣ ମଣିଷର ଜୀବନଚର୍ଯ୍ୟାରୁ ସୃଷ୍ଟ କ୍ଷୁଦ୍ର ପରମ୍ପରା (ଲିଟିଲ୍ ଟ୍ରାଡିସନ୍)ର ଅଂଶବିଶେଷ ଏସବୁ ସ୍ୱତଃସ୍ଫୂର୍ତ୍ତ ଗୀତ, ତାହା କିନ୍ତୁ ବୃହତ୍ ପରମ୍ପରା (ଗ୍ରେଟ୍ ଟ୍ରାଡିସନ୍)ର ବାଧକ ନୁହେଁ କି କଠୋର ନିୟମର ଅନ୍ତର୍ଭୁକ୍ତ ମଧ୍ୟ ନୁହେଁ ।

**‘ଦଣ୍ଡନାଟ’ ଭଳି ସୁନ୍ଦର ଲୋକନାଟ୍ୟ ପରମ୍ପରା ଅନେକ ନୂଆ ଆହ୍ୱାନର ସମ୍ମୁଖୀନ ହେଲାଣି, ଯାହା ଏହାର ଭବିଷ୍ୟତ ପ୍ରତି ଆଶଙ୍କା ସୃଷ୍ଟିକଲାଣି ।**

ଦଣ୍ଡଗୀତରେ ଯେଉଁସବୁ ଗ୍ରାମୀଣ ସାମାଜିକ ପରିବେଶର ଚରିତ୍ର ଆସନ୍ତି, ସେମାନେ ସମସ୍ତେ ଜଣେଜଣେ ଦାର୍ଶନିକ । ଏଣ୍ଟୋନିଓ ଗ୍ରାମସ୍କି ତାଙ୍କ ‘ପ୍ରିଜନସ୍ ନୋଟ୍‌ବୁକ୍’ ପୁସ୍ତକରେ ଯେଉଁ ‘ସବ୍-ଅଲଟର୍ଣ୍ଣ’ ଶବ୍ଦ ବ୍ୟବହାର କରିଛନ୍ତି, ତାହା ଏମାନଙ୍କ ପାଇଁ ବେଶ୍ ପ୍ରଯୁଜ୍ୟ । ସାମାଜିକ ଶ୍ରେଣୀ ବ୍ୟବସ୍ଥାରେ ଯେଉଁମାନେ ନିମ୍ନରେ ସ୍ଥିତ ସେମାନଙ୍କ ସାମଗ୍ରିକ ଜୀବନ ଦଣ୍ଡଗୀତର ବିଷୟବସ୍ତୁ । ଡ. କୁଞ୍ଜବିହାରୀ ଦାଶଙ୍କ ଏକ ଯୁକ୍ତିଯୁକ୍ତ ମନ୍ତବ୍ୟ ମାଧ୍ୟମରେ ଏହି କଥାର ସତ୍ୟତା ପ୍ରମାଣିତ କରାଯାଇପାରିବ । “ରଚିତ ଗୀତ ଛଡ଼ା ଦଣ୍ଡୁଆମାନେ ମୌଖିକ ଗୀତ ମଧ୍ୟ ବୋଲନ୍ତି । ଏହା ସ୍ଥାନେ ସ୍ଥାନେ ଅଶ୍ଳୀଳତା ଦୋଷଦୁଷ୍ଟ ହେଲେ ହେଁ ରସାଳ, ସ୍ୱାଭାବିକତାରେ ମନୋହର । ଏହି ଗୀତମାନଙ୍କରେ ନିମ୍ନଶ୍ରେଣୀର ସମାଜ ଚିତ୍ର ଫୁଟିଅଛି । ଦାମ୍ପତ୍ୟ କଳହର ଅଭିନୟ ଯୁଗ ରୁଚିରେ ପ୍ରୀତିକର ହେଲେ ହେଁ ସାଧାରଣଙ୍କ ଉପଭୋଗ୍ୟ ହୋଇଅଛି । ଘର ସଂସାରର ଛୋଟଛୋଟ ଅଭାବ, ସ୍ୱାମୀ ଓ ସ୍ତ୍ରୀର ପରସ୍ପର କର୍ତ୍ତବ୍ୟରେ ତ୍ରୁଟି ରୂପ ପାଇଅଛି । ଏଥିରେ ଶିବ ନାହାନ୍ତି, ନିତିଦିନିଆ ସଂସାରର ନଗ୍ନ ବାସ୍ତବ ଦେବତା ଅଛନ୍ତି ।”

ସଂପ୍ରତି ‘ଦଣ୍ଡନାଟ’ ଭଳି ସୁନ୍ଦର ଲୋକନାଟ୍ୟ ପରମ୍ପରା ଅନେକ ନୂଆ ଆହ୍ୱାନର ସମ୍ମୁଖୀନ ହେଲାଣି, ଯାହା ଏହାର ଭବିଷ୍ୟତର ନିରାପଦ ସ୍ଥିତି ପ୍ରତି ଅନେକ ଆଶଙ୍କା ସୃଷ୍ଟିକଲାଣି । ଏହି ପବିତ୍ର ନାଟ୍ୟ ପରମ୍ପରାରେ ଅବକ୍ଷୟର ଏକ ଧାରା ଆରମ୍ଭ କଲାଣି ବୋଲି କୁହାଯାଇପାରେ । ଗଞ୍ଜାମ ଅଞ୍ଚଳରେ ରାତ୍ରିକାଳରେ ଦଣ୍ଡ ଅନୁଷ୍ଠାନର ଷୋଳ ସୁଆଙ୍ଗ ପରିବର୍ତ୍ତେ ଯାତ୍ରାପାର୍ଟିଙ୍କୁ ଆଣି ସାମାଜିକ, ପୌରାଣିକ ନାଟକ ପ୍ରଦର୍ଶନ ସହ ରେକର୍ଡ ଡ୍ୟାନ୍ସ ଇତ୍ୟାଦି ପ୍ରତି ଗୁରୁତ୍ୱ ଦିଆଯାଉଛି । ଅଶ୍ଳୀଳ ଭାବଭଙ୍ଗୀ ସୀମାଲଂଘନ କରିବା ଭଳି ପରିସ୍ଥିତି ସୃଷ୍ଟି କଲାଣି । ଏହି ଲକ୍ଷ୍ୟହୀନ ଆଧୁନିକ ଫେଶନ୍ ଆପଣାଇବା ଫଳରେ ଦଣ୍ଡନାଟର ପାରମ୍ପରିକ ଗୀତ, ନୃତ୍ୟ, ଅଭିନୟ ବିସ୍ମୃତି ଗର୍ଭକୁ ଚାଲିଯିବାର ସମ୍ଭାବନା ସୃଷ୍ଟି ହେଲାଣି । କନ୍ଧମାଳର ଅନେକ ଅଞ୍ଚଳରେ ଦଣ୍ଡନାଟରେ ଗଞ୍ଜାମ ଜିଲ୍ଲାର ପ୍ରଭାବରେ ରେକର୍ଡ ଡ୍ୟାନ୍ସର ପ୍ରଚଳନ ଦେଖିବାକୁ ମିଳୁଛି । କିନ୍ତୁ ସୁଖର କଥା ଯେ କନ୍ଧମାଳର ବାଲିଗୁଡ଼ାରେ ଦଣ୍ଡ ସଂସ୍କୃତିକୁ ସଂରକ୍ଷିତ ରଖିବାରେ ସେଠାକାର ଦଣ୍ଡୁଆ ଓ ଜନସାଧାରଣଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ତେବେ ଦଣ୍ଡଗୀତର ସାହିତ୍ୟିକ ମୂଲ୍ୟ ଯଥେଷ୍ଟ ରହିଥିବାରୁ ଏବଂ ଏଗୁଡ଼ିକ ଅନେକାଂଶରେ ମୌଖିକ ଭାବରେ ଥିବା ଯୋଗୁଁ ଏଗୁଡ଼ିକୁ ସଂଗ୍ରହକରି ଲିପିବଦ୍ଧ ଓ ମୁଦ୍ରିତ କରିନେବାର ଆବଶ୍ୟକତା ରହିଛି।

ସହାୟକ ଗ୍ରନ୍ଥସୂଚୀ:


୧. ଓଡ଼ିଆ ଲୋକଗୀତ ଓ କାହାଣୀ : ଡକ୍ଟର କୁଞ୍ଜବିହାରୀ ଦାଶ

୨. ଲୋକ ସଂସ୍କୃତିର ତାତ୍ତ୍ୱିକ ଓ କଳାତ୍ମକ ବିଭବ : ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ

୩. ଦଣ୍ଡନାଟ : ଆନନ୍ଦ କବିଚନ୍ଦ୍ର

୪. ଦଣ୍ଡନାଟ : ଲକ୍ଷ୍ମୀନାରାୟଣ ସାହୁ

୫. ପିଜାଣ୍ଟ୍‌ସ୍ ସୋସାଇଟି ଏଣ୍ଡ୍ କଲଚର୍: ରବର୍ଟ ରେଡ୍‌ଫିଲ୍ଡ୍ ।

୬. ପ୍ରିଜନସ୍ ନୋଟ୍‌ବୁକ୍‌ସ୍: ଏଣ୍ଟୋନିଓ ଗ୍ରାମସେଇ ।


□□

ଲେଖକଙ୍କ ଇ-ମେଲ୍ ଠିକଣା:
dharmendrapatra068@gmail.com

ଗଳ୍ପ

# ଦୁଇଟି ଅଣୁଗପ

ସ୍ନିଗ୍ଧା ସାହୁ



## ଭତ୍ତା

କେଳୁ ବୁଢ଼ାର ଏବେ ଭାରି ଖାତିରି। ଦିନ ଥିଲା ମୁଢ଼ି ଗଣ୍ଡେ ଖାଇ ପାଣି ପିଇ ଦେଇ ରାତି ପୁହେଇ ଦେଉଥିଲା।

କିନ୍ତୁ ଏଇ କେଇଦିନ ହେଲାଣି ବୋହୂମାନେ ଭାରି ଆଦରୁଛନ୍ତି। ନଅ ତିଅଣ ଛଅ ଭଜା କହିବା ଆଗରୁ ପରଷି ଦେଉଛନ୍ତି। ବୁଢ଼ାକୁ ଏ ସନ ୮୦ବର୍ଷ ପଶିଲା ବୋଲି ସରକାର ଫି' ମାସ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ହାତକୁ ଦେବେ।

ବୋହୂମାନେ ଏବେ ଧରାପରା ଯେ ଭଲ ଖାଇବାକୁ ଦେବେ ନା ସେବାକରି ବୁଢ଼ା ମନ ତୋଷିବେ। ଗଲା ମାସ ବଡ ବୋହୂ ହାତେଇ ଥିଲା। ଏ ମାସ କିଏ ନେବ କେଜାଣି!!

କେଳୁ ବୁଢ଼ା ଭାବୁଛି ଏତକ ଦେଖିବାକୁ ବୁଢ଼ୀଟା ହେଲେ ବଞ୍ଚି ଥାଆନ୍ତା!



## ଜନ୍ମଦିନ

'ସକାଳୁ ସକାଳୁ କୁଆଡ଼େ ବାହାରିଲ ସୁମିତ୍ରା? କାଲି ପରା ଯାଇଥିଲ ମନ୍ଦିର। ଆଜି ପୁଣି କୋଉ ଓଷା?' ପତ୍ନୀଙ୍କ ହାତରେ ଭୋଗ ଡାଲା ଦେଖି ଅବିନାଶ ପଚାରିଲେ।



'ଓଷା ନୁହେଁ ମ! କାଲି ସିପୁନାର ଜନ୍ମଦିନ ଥିଲା ବୋଲି ଯାଇଥିଲି। ଆଜି ପରା ସାନ ନାତି ରୋହନର ଜନ୍ମଦିନ। ବାପ ପୁଅ ଦୁହିଁଙ୍କର ଆଗ ପଛ ହେଇ ପଡ଼େ ବୋଲି ଭୁଲିଗଲ କି!'

'ବୁଝିଲ ସୁମିତ୍ରା! ବର୍ଷ ବର୍ଷ ଧରି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଜନ୍ମଦିନରେ ମଙ୍ଗଳ ମନାସିବାକୁ ତୁମେ ମନ୍ଦିର ଯାଉଛ। ଠାକୁର ନିଶ୍ଚୟ ଜାଣି ଯିବେଣି କାହାର କୋଉଦିନ।' ହସି ହସି କହିଲେ ଅବିନାଶ।

'ହଁ, କେବଳ ମୋର ଜାଣିନଥିବେ। ସେଦିନ କିଏ ଗଲେ ତ!!'

ହତବାକ୍ ହୋଇ ଚାହିଁ ରହିଥିଲେ ଅବିନାଶ।

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
snigdha1962@gmail.com

ଶିଶୁ ଗଳ୍ପ



# ସାଙ୍ଗ

ରଜନୀକାନ୍ତ ପାଢୀ

କଲ୍ୟାଣୀର ଘର ପଛକୁ ବଗିଚାଟିଏ। ବଗିଚାରେ ନାନାଦି ଫୁଲ ଗଛ। ଗେଣ୍ଡୁ, ଟଗର, ଡାଲିଆ, ଚମ୍ପା, ମନ୍ଦାର, ଇତ୍ୟାଦି। ବିଭିନ୍ନ ପ୍ରକାର ଫୁଲ ଫୁଟି ବଗିଚାଟି ସୁନ୍ଦର ଦେଖାଯାଉଛି। ସେଥିରେ ମହୁମାଛି, ଭଅଁର, ପ୍ରଜାପତିମାନେ ଉଡ଼ି ବୁଲନ୍ତି ଏ ଫୁଲରୁ ସେ ଫୁଲକୁ। ବଗିଚାର ଚାରିକଡ଼ରେ ବଡ଼ବଡ଼ ଗଛ କେତେ ମୁଣ୍ଡ ଟେକି ଛିଡ଼ା ହୋଇଛନ୍ତି। ବିଭିନ୍ନ ପ୍ରକାର ପକ୍ଷୀ ଆସି ବସନ୍ତି ସେ ଗଛମାନଙ୍କରେ। ସେମାନଙ୍କ ରାବରେ ମୁଖରିତ ହେଉଥାଏ ପରିବେଶ। କଲ୍ୟାଣୀ ଛୋଟ ଝିଅଟିଏ। ତାକୁ ଆଠ ପୂରି ନଅ ଚାଲିଲା। ସେ ନିତି ପ୍ରାତଃକାଳରେ କୁଆ ରାବିବା ବେଳେ ଉଠିପଡ଼େ ଶେଯରୁ। ବଗିଚା ଭିତରେ ମନ ଭରି ଘେରାଏ ବୁଲୁଥାଏ। କେଉଁଠି ଘାସ ଉଠିଥିଲେ ଉପାଡ଼େ, କାଠି, କୁଟା, ଅଳିଆ ପଡ଼ିଥିଲେ ଡଷ୍ଟବିନରେ ନେଇ ପକାଏ। ଢାଳରେ ପାଣି ନେଇ ସବୁ ଗଛ ମୂଳରେ ଦିଏ। ତା'ପରେ ଚାଙ୍ଗୁଡ଼ିରେ ଫୁଲତୋଳି ମାଆଙ୍କୁ ନେଇ ଦିଏ। ଏହା କଲ୍ୟାଣୀର ନିତିଦିନିଆ କାମ। ମାଆ ଠାକୁର ପୂଜା କରନ୍ତି।



ନିତ୍ୟକର୍ମ ସାରି କଲ୍ୟାଣୀ ଟିଉସନ ଯାଏ। ସକାଳ ନଅଟା ବେଳେ ଟିଉସନରୁ ଫେରି ଅଧଘଣ୍ଟା ବସି ହୋମୱାର୍କ କରେ। ତା'ପରେ ସ୍କୁଲକୁ ଚାଲିଯାଏ। ସ୍କୁଲରୁ ଫେରି ବଗିଚାରେ କିଛି ସମୟ ବୁଲେ। ତା'ପରେ ପୁଣି ଟିଉସନ। କଲ୍ୟାଣୀ ପାଠପଢ଼ାରେ ଯେମିତି, ତାର ରୂପ ଗୁଣ ମଧ୍ୟ ସେମିତି। ଗୁରୁଜୀ ଗୁରୁମା ତାକୁ ବହୁତ ସ୍ନେହ କରନ୍ତି। ଘରେ ସମସ୍ତେ ତାକୁ ଭାରି ଭଲପାଆନ୍ତି। ମାଆ ତାକୁ ପାଖରେ ବସାଇ ବହୁତ କଥା କହନ୍ତି। ମାଆ କହନ୍ତି, "ମୋ କଲ୍ୟାଣୀ ସରଗର ପରୀଟିଏ। ଦିନେ ରାଜା ପୁଅ ବର ହେଇ ଆସିବ। ତାକୁ ପକ୍ଷୀରାଜ ଘୋଡ଼ାରେ ବସାଇ ଫୁର୍‌ର୍ କିନା ଉଡ଼ିଯିବ।" କଲ୍ୟାଣୀ କହେ, "ଏ ମା' ତମେ ଏମିତି କ'ଣ କହୁଛ? କେଉଁ ରାଜା ପୁଅ ଆସି ମତେ ନେଇଯିବ। ତମେ ଦେଖୁ ଦେଖୁ ମତେ ଛାଡ଼ି ଦେବ ତା' ସାଥିରେ।" ମାଆ କହିଲେ, "ଛାଡ଼ିବୁନି ଆଉ କ'ଣ ତତେ ଟାଣି ଧରିବୁ? ଆଲୋ ତୁ ବଡ଼ ହେଲେ ଶାଶୂଘରକୁ ଚାଲି ଯିବୁନା, ମୁଁ କ'ଣ ମିଛ କହୁଛି!"

ମତେ ସେମିତି କୁହନା ମାଆ, ଭାରି ଡର ମାଡୁଛି। ମାଆର ପଣତ ତଳେ ନିଜେ ମୁହଁ ଲୁଚାଇ କହେ କଲ୍ୟାଣୀ। ମା' କହନ୍ତି, "ଆଲୋ ମା। ତୁ ଯେତିକି ସୁନ୍ଦର, ତତେ ଦେଖି ସମସ୍ତେ ଖୁସି ହୁଅନ୍ତି। ତତେ ପାଖକୁ ନେଇ ଗେଲ କରିବାକୁ ସମସ୍ତେ ଚାହାନ୍ତି। ଶୁଣ ତୁ ଯିବୁନି କାହା ପାଖକୁ। କାହା ସହିତ ମିଶିବୁନି। କେଉଁ ପିଲା ସହ ସାଙ୍ଗ ହେବୁନି। କେଉଁ ବଡ଼ଲୋକ ହେଉ ବା ପିଲାଲୋକ ହେଉ କିଏ ଡାକିଲେ ବି ତୁ କାହା ପାଖକୁ କେବେ ଯିବୁନି। ସ୍କୁଲ ଛୁଟି ହେଲେ ସିଧା ଘରକୁ ଆସୁଥିବୁ।" କଲ୍ୟାଣୀ ଗୁରୁଜନମାନଙ୍କୁ ଭକ୍ତିକରେ। ଗୁରୁଜନମାନଙ୍କ କଥା ପାଳନକରେ। ମାଆଙ୍କ କଥା ଶୁଣି ସେ ଘରୁ ତା' ବିଦ୍ୟାଳୟକୁ, ବିଦ୍ୟାଳୟରୁ ଘରକୁ ଆସୁଥିଲା। ବାଟରେ କିଏ ଖୁସିରେ ଡାକିଲେ କାହା କଥା ଶୁଣୁନଥିଲା। ସେ ସ୍କୁଲରେ ତା' ସହପାଠୀମାନଙ୍କ ସହିତ ମଧ୍ୟ ସାଙ୍ଗ ହେଉନଥିଲା, କାହା ସହିତ କଥା ହେଉନଥିଲା।

ମାଆଙ୍କ ଉପଦେଶ ସେ ସିନା ପାଳନ କରୁଥିଲା, ମାତ୍ର

ତାକୁ ଜମା ଭଲ ଲାଗୁନଥିଲା। ସବୁ ପିଲା ସାଙ୍ଗେ ସାଥୀ ହୋଇ ହସ ଖୁସିରେ ଥିବା କଲ୍ୟାଣୀ ମନ ମାରି ବସି ରହୁଥିଲା। ତା'ର ସେଇ ଅଭ୍ୟାସ ଯୋଗୁଁ ସେ ଘରେ ମଧ୍ୟ ବେଶି କଥାବାର୍ତ୍ତା ହେଉନଥିଲା। ରବିବାର ସ୍କୁଲ ଛୁଟି, ଟିଉସନରୁ ଆସିଲେ ଘରେ ତାକୁ ବେଶି ସମୟ ମିଳିନଥାଏ ବଗିଚାରେ ବୁଲିବା ପାଇଁ। ବଗିଚାରେ ବୁଲି ବୁଲି ସୌନ୍ଦର୍ଯ୍ୟ ଉପଭୋଗ କରେ ସେ। ଗୁଣ୍ଡୁଚି, ଏଣ୍ଡୁଅ ଗଛମାନଙ୍କରେ ଚଢ଼ନ୍ତି, ପୁଣି ତଳକୁ ଖସନ୍ତି, ଗୋଡ଼ାଗୋଡ଼ି ଖେଳନ୍ତି। ସେମାନଙ୍କ ଏହି ଖେଳ ଦେଖି ଭଲ ଲାଗେ ତାକୁ। ଇଚ୍ଛା ହୁଏ ଗୁଣ୍ଡୁଚିଟିକୁ ଧରି ଆଉଁଶିଦେବାକୁ। ଶୁଣିଛି ଭଗବାନ ରାମଚନ୍ଦ୍ର ସେତୁବନ୍ଧ ବାନ୍ଧିଲା ବେଳେ ଗୁଣ୍ଡୁଚି ନିଜ ଶରୀରକୁ ଓଦାକରି ସମୁଦ୍ର ବାଲି ଦେହରେ ବୋଳି ହୋଇ ସେତୁବନ୍ଧରେ ଝାଡ଼ି ହୋଇଯାଏ, ପ୍ରଭୁଙ୍କ ସେତୁବନ୍ଧରେ ବାନର ସେନା ପରି ସହଯୋଗ କରି ନ ପାରିଲେ ବି କିଛି ତ ସହଯୋଗରେ ଆସିବ ଭାବି କାମ କରୁଥିବା ଦେଖି ପ୍ରଭୁ ତା'ର ପିଠିକୁ ଖୁସିରେ ଆଉଁଶି ଦେଇଥିଲେ, ସେହି ଦିନଠୁଁ ଗୁଣ୍ଡୁଚି ଦେହରେ ତିନୋଟି ଗାର ରହିଛି। ସେମିତି କଲ୍ୟାଣୀ ହାତ ପ୍ରସାରି ଗୁଣ୍ଡୁଚିକୁ ଡାକେ 'ଗୁଣ୍ଡୁଚି ଲୋ ଆ, ଟିକିଏ ଆଉଁଶିଦେବି'। ସେତିକିବେଳେ ଗୁଣ୍ଡୁଚି ଦି ଗୋଡ଼ରେ ଛିଡ଼ା ହୋଇ ନିଶ ହଲାଇ ଯେମିତି କେତେ କଥା କହି ପକାଏ ତାକୁ। କଲ୍ୟାଣୀ ଦେଖିଲା କି ସୁନ୍ଦର ଛୋଟ ବଣି ଚଢ଼େଇଟିଏ ଆସି ବସିଲା ଗଛ ଡାଳରେ। ଚଢ଼େଇଟିକୁ ସେ ଆଗରୁ କେବେ ଦେଖିନଥିଲା। ଭାରି ଖୁସି ହୋଇଗଲା କଲ୍ୟାଣୀ।



ସେପଟ ଗଛମାନଙ୍କରେ ବଗ, କାଉ, ପାରା, କଜଳପାତି ଏବଂ ଆହୁରି କେତେ ପ୍ରକାର ପକ୍ଷୀ ଭିନ୍ନ ଭିନ୍ନ ଭାବର ଆଦାନ ପ୍ରଦାନ କରିଥାନ୍ତି। କିନ୍ତୁ ସେ ଗଛ ଡାଳରେ ବଣି ଚଢ଼େଇଟି ଏକା ବସିଛି ମନ ଦୁଃଖରେ। କଲ୍ୟାଣୀ ତାକୁ ପଚାରିଲା ଆଲୋ ବଣି, ତୁ କାହିଁକି ଏକା ବସିଛୁ। ତୋର କିଏ ସାଙ୍ଗ ନାହାନ୍ତି କି, ତୋ' ମାଆ ତୋତେ ମନା କରିଛି କି କାହା ସହିତ ମିଶିବୁନି ବୋଲି, କାହା ସହିତ କଥା ହେବୁନି ବୋଲି ? ତୋ' ରୂପ ଯେତିକି ସୁନ୍ଦର ତତେ ସମସ୍ତେ ଟାଣି ନେବେ ପାଖକୁ। ବଣିଲୋ, ମୋତେ ବି ମାଆ କହିଛନ୍ତି କାହା ସହ ନ ମିଶିବାକୁ, କାହା ସହିତ କଥା ନ ହେବାକୁ। ମୁଁ କୁଆଡ଼େ ଭାରି ସୁନ୍ଦର, ମୋତେ କିଏ ଟାଣି ନେଇଯିବ। ମତେ ଏକାଏକା ଭାରି କଷ୍ଟ ଲାଗୁଛି ଲୋ ବଣି। ଏକାଏକା ଜମା ଭଲ ଲାଗୁନି। ଏକାଏକା ତତେ ବି ଭଲ ଲାଗୁନଥିବ। ରହ, ତୋ' ପାଇଁ ଗୋଟେ ସାଙ୍ଗ ମୁଁ ନେଇ ଆସୁଛି।

କଲ୍ୟାଣୀ ଘରକୁ ଗଲା, ତା ମାମୁଁ ଯାତ୍ରାରୁ ତା' ପାଇଁ ବଣି ଚଢ଼େଇ ଖେଳଣାଟିଏ ଆଣି ଦେଇଥିଲେ। ସେଇ ଖେଳଣାଟିକୁ କଲ୍ୟାଣୀ ସାଇତି ରଖିଥିଲା ଟି.ଭି. ଉପରେ, ତାକୁ ନେଇ ଗଛ ଡାଳରେ ସୂତାରେ ବାନ୍ଧି ଝୁଲାଇ ଦେଇ ଘରକୁ ଆସିଲା।

କିଛି ସମୟ ପରେ ସେହି ଗଛ ପାଖକୁ ଯାଇ ଦେଖେତ ବଣି ଚଢ଼େଇଟି ସେହି ବଣି କଣ୍ଢେଇ ସହ ଖେଳୁଛି। ଭାରି ଖୁସି ହୋଇଗଲା କଲ୍ୟାଣୀ। ମାଆଙ୍କୁ ଡାକି ସେ ଦେଖାଇଲା, ଦେଖ ମା', ସାଙ୍ଗଟିଏ ପାଇବାରୁ ବଣି ଚଢ଼େଇ କେତେ ଖୁସିରେ ଖେଳୁଛି। ମୁଁ ମଧ୍ୟ ଆମ ସ୍କୁଲରେ ପିଲାମାନଙ୍କ ସହିତ ସାଙ୍ଗ ହେବି। ମୋତେ ମନା କରିବନି, ମୁଁ କହି ଦେଉଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
padhirajanikanta@gmail.com




'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଅନେକ ଲେଖା ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି:

www.sahityacharcha.com

**ପୁସ୍ତକ ସମୀକ୍ଷା**



# ମେଘା ଦାସର କବିତା

କବି : ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ
ପ୍ରକାଶକ: ପଶ୍ଚିମା ପବ୍ଲିକେସନ୍ସ, ଭୁବନେଶ୍ୱର
ପୃଷ୍ଠା: ୧୧୬, ମୂଲ୍ୟ: ୧୪୯/-

କବି ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସଙ୍କ 'ମେଘା ଦାସର କବିତା' ସଂକଳନସ୍ଥ କବିତାଗୁଡ଼ିକ ପଢ଼ିଲେ ପ୍ରଥମେ ଯେଉଁ ଜିଜ୍ଞାସାଟି ପାଠକକୁ ଅସ୍ତବ୍ୟସ୍ତ କରେ, ତା' ହେଲା, 'କିଏ ଏଇ ମେଘା ଦାସ ? ଜଣେ ସାଧାରଣ ନାରୀ, ନା ବ୍ୟତିକ୍ରମୀ ଏକ କାବ୍ୟ ନାୟିକା ?' କିନ୍ତୁ ଏ ପ୍ରଶ୍ନାକୁଳତାର ଉତ୍ତରଟିଏ ମଧ୍ୟ ମିଳେ; ମେଘା ଦାସ ଏକ ନିରବ ଜ୍ୱାଳାମୁଖୀ, ଏକ ଅନ୍ତର୍ମୁଖୀ ଆକୁଳତାର ଆକାର। ଯିଏ ସ୍ୱପ୍ନ ଦେଖିପାରେ, ପୁଣି ସ୍ୱପ୍ନଭଙ୍ଗର ପୀଡ଼ାକୁ ଗରଳ ପରି ମଧ୍ୟ ପିଇପାରେ। ଯିଏ ପ୍ରେମରେ ବତୁରିପାରେ ପୁଣି ବିରହକୁ ବି ପିନ୍ଧିପାରେ ନିତିପିନ୍ଧା ଶାଢ଼ିପରି। ମେଘା ଦାସ ସିଏ, ଯେ କବିତାରେ ନଈ ହୁଏ ତ କେବେ ପୁଣି ଆଗ୍ନେୟଗିରି।

କବିତାରେ ପ୍ରିୟଙ୍କା ଘୋଷଣା-ସର୍ବସ୍ୱ ସ୍ୱରୋଦୟର ଦିଗବଳୟ ନୁହନ୍ତି, ବରଂ ଉତ୍ସାହ ଓ ଉପଲବ୍ଧିର ଶାଶ୍ୱତ ଧ୍ୱନି। କବି ପ୍ରିୟଙ୍କା ଅନୁଭବର ତୀବ୍ର ଦହନରୁ କବିତା ଲେଖନ୍ତି, କୌଣସି ଆଡ଼ମ୍ବରମୟ କବି-ଭଙ୍ଗିମାରୁ ନୁହେଁ। ଏହି ବହିରେ ସନ୍ନିବେଶିତ କବିତାଗୁଡ଼ିକ ଯୋଜନାବଦ୍ଧ ଭାବେ ଲେଖାହୋଇଥିବା ପରି ଲାଗେ ନାହିଁ, ଅଧିକନ୍ତୁ ଲାଗେ ସେସବୁ ଅର୍ଜିତ ଭାବମୟତାରୁ ନିର୍ମିତ। ଏକ ଆତ୍ମସଂଲଗ୍ନ ଚେତନା ଦ୍ୱାରା କବିସତ୍ତା ପରିଚାଳିତ ହୋଇଥିବା ପରି ହୃଦ୍‌ବୋଧ ହୁଏ। କହି ହେବ, ସ୍ମୃତିସତେଜତା, ଏକାକୀତ୍ୱ, ନାରୀଭାବ, ଆକାଂକ୍ଷା, ନିରବତା ଓ ନୈତିକ ଅସ୍ୱସ୍ତି- ଏସବୁକୁ କବି କେବଳ ଏକ 'ଥିମ୍' ଭାବେ ପ୍ରୟୋଗ କରିନାହାନ୍ତି; ବରଂ ଏସବୁ ସ୍ୱାଭାବିକ ଭାବେ ଜୀବନାବସ୍ଥା ଭଳି ଉପସ୍ଥିତ ପ୍ରିୟଙ୍କାଙ୍କ କବିତାରେ। ସେଇଥିପାଇଁ ପ୍ରିୟଙ୍କା ଏକ ଭିନ୍ନ କାବ୍ୟସ୍ୱର। ଲକ୍ଷ୍ୟକଲେ ଜାଣି ହେବ, ସେ ତ୍ୱରାନ୍ୱିତ ବ୍ୟାଖ୍ୟାକୁ ଆପଣାନ୍ତି ନାହିଁ କବିତାର ଚକ୍ଷୁଦାନ ବେଳେ। ବସ୍ତୁତ୍ୱ, ଶୂନ୍ୟତା, ବିରହ ଓ ନିରବତାକୁ କଥା କହିବା ପାଇଁ ସ୍ଥାନ ଦିଅନ୍ତି, ସ୍ୱାଧୀନତା ଦିଅନ୍ତି। ଏହାହିଁ ହିଁ ପୁସ୍ତକର ମୂଳ ଶକ୍ତି।

ପ୍ରଥମ ଦୃଷ୍ଟିରେ କଥୋପକଥନମୂଳକ (କନଭରସେସନାଲ୍) ଲାଗୁଥିବା କବିଙ୍କ ଶବ୍ଦବିନ୍ୟାସକୁ ଆପଣ ପୁନଃ ପୁନଃ ପରୀକ୍ଷା କଲେ ତା' ମଧ୍ୟରେ ପାଇବେ ଗଭୀର ଭାବନାର ତଳସ୍ତରଟିକୁ। ଯେମିତି ଜଳର ସ୍ତର ଯେତେ ତଳସ୍ତରକୁ ଯାଏ ସେତେ ବିଶୁଦ୍ଧ ହୁଏ, ଠିକ୍ ସେମିତି ପ୍ରିୟଙ୍କାଙ୍କ ଅନ୍ୱେଷା ବିଶୁଦ୍ଧତା ଆଡ଼କୁ।

ପ୍ରିୟଙ୍କାଙ୍କ କବିତା ଭିତରକୁ ଯିବା ପାଇଁ ଅକ୍ସିଜେନର ଆବଶ୍ୟକତା ନାହିଁ କାରଣ ସେ କବିତାରେ ଥାଏ ଅମ୍ଳଜାନ ଭଳି ଜୀବନବାହିକା ଶକ୍ତି। ଅନେକ କବିତା ତାଙ୍କର ନିରବ ସ୍ୱୀକାରୋକ୍ତି ଭଳି ଖୋଲିଯାଏ ସ୍ୱତଃ। ତାଙ୍କର କତିପୟ ଚିତ୍ରକଳ୍ପ ଦୈନନ୍ଦିନ ଜୀବନ, ଘରୋଇ ପରିସର, ଆଖପାଖର ବାତାବରଣ, ଜୀବନଯାତ୍ରା ଓ ଦେହରୁ ଉଦ୍ଭବ। ଏହି ଚିତ୍ରରୂପଗୁଡ଼ିକ ଆଳଙ୍କାରିକ ନୁହେଁ; ସେମାନେ ଭାବନାର ଭାର ବହନ କରନ୍ତି। ଅନେକ କବିତା ଅଧାଅଧି ପରେ ବାହ୍ୟଦୃଷ୍ଟିରୁ ଅନ୍ତର୍ମୁଖୀନତାକୁ ଆବୋରି ନେବାର ଦେଖାଯାଏ। ଏହା ହିଁ ସମଗ୍ର କବିତା ସଂଗ୍ରହକୁ 'ଏକତା'ରେ ବାନ୍ଧିଛି କହିଲେ ଭୁଲ୍ ହେବନି।

'ମେଘା ଦାସର କବିତା' ଜଟିଳତାରେ ପାଠକକୁ ପ୍ରଭାବିତ କରିବାକୁ ଚାହେ ନାହିଁ। ବରଂ ଏହା ପାଠକଙ୍କୁ ଏକ ସାମୂହିକ ଭାବନାତ୍ମକ ଆକାଶରେ ବିଚରଣ କରିବାକୁ ଆମନ୍ତ୍ରଣ କରେ।

ଅବଶ୍ୟ ଏହି ସଂକଳନର କେତେକ ସ୍ଥାନରେ ଭାବ ଓ ଶୈଳୀର ପୁନରାବୃତ୍ତି, କବିତାମାନଙ୍କ ମଧ୍ୟରେ ଆବଶ୍ୟକ ଭିନ୍ନତାକୁ କ୍ଷୀଣ କରାଏ। ସରଳ ଓ ସଂଯମୀ ଭାଷା ତାଙ୍କର ଶକ୍ତି ହେଲେ ମଧ୍ୟ, କେତେକ କବିତାରେ ଏହା ଅତ୍ୟଧିକ ସାଧାରଣତାକୁ ସ୍ପର୍ଶ କରିବା ଫଳରେ ଗଭୀରତାର ପ୍ରଭାବ କିଛି ମାତ୍ରାରେ ହ୍ରାସ ପାଇଛି।

**- କୃଷ୍ଣ କୁମାର ମହାନ୍ତି**

# ଭାଷା ଓ ସାହିତ୍ୟ ସମାଚାର

## ସୁସାହିତ୍ୟିକ ଓ ସୁସମ୍ପାଦକ ରବୀନ୍ଦ୍ରପ୍ରସାଦ ପଣ୍ଡାଙ୍କ ଦେହାନ୍ତ



ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ରବୀନ୍ଦ୍ରପ୍ରସାଦ ପଣ୍ଡା ଏପ୍ରିଲ ୧୮ ତାରିଖରେ କଲିକତାଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା। ସେ ଭଦ୍ରକ ଜିଲ୍ଲାର ଘଣ୍ଟେଶ୍ୱର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ପ୍ରଶାସନିକ ଅଫିସର ପଦରେ ଥାଇ ୧୯୯୫ ମସିହାରେ ଅବସର ଗ୍ରହଣ କରିଥିଲେ। ସ୍ୱର୍ଗତ ପଣ୍ଡା ଏକାନ୍ତ ଜୀବନଯାପନ କରୁଥିଲେ ଏବଂ କୌଣସି ସଭାସମିତି କିମ୍ବା ପୁରସ୍କାରର କୋଳାହଳରେ ନଥିଲେ। ସେ ଏକମାତ୍ର ଓଡ଼ିଆ ଲେଖକ ଥିଲେ, ଯେ ନିଜର ଲେଖାଲେଖି ପାଇଁ ପାଞ୍ଚ ଦିନ ଜେଲରେ ରହିଥିଲେ। ଜେଲର ଅନୁଭୁତିକୁ ନେଇ ସେ 'ଚୌଦ୍ୱାର ଜେଲରେ ପାଞ୍ଚଦିନ' ନାମକ ଏକ ଅନୁଭୂତିମୂଳକ ପୁସ୍ତକ ରଚନା କରିଯାଇଛନ୍ତି।

ତାଙ୍କ ରଚନାରେ ମୌଳିକ ଚିନ୍ତନ ଓ ଯୁକ୍ତିସିଦ୍ଧ ଭାବନା ପ୍ରତିଫଳିତ ହେଉଥିଲା। 'ବାଟହୁଡ଼ି ବାଟଖୋଜି', 'ମଧ୍ୟବିତ୍ତର ଆତ୍ମବିଚାର', 'ନିୟତି ସହିତ ଅଭିସାର' ଶୀର୍ଷକ ତାଙ୍କର କେତୋଟି ପ୍ରବନ୍ଧ ରଚନା ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ସେ ମଧ୍ୟ ସକ୍ରେଟିସ୍, ଆରିଷ୍ଟୋଟଲ୍, ପ୍ଲାଟୋ, ବୁଦ୍ଧ ଓ ଆଇନଷ୍ଟାଇନ୍ ପ୍ରମୁଖଙ୍କ ଜୀବନୀ ଲେଖି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ। ତାଙ୍କ ସମ୍ପାଦନାରେ ୧୯୬୦ ଦଶକରେ 'କବିତା' ନାମକ ଏକ ଉଚ୍ଚମାନସମ୍ପନ୍ନ ଓଡ଼ିଆ ପତ୍ରିକା ପ୍ରକାଶିତ ହେଉଥିଲା। ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟଙ୍କ ଆତ୍ମଜୀବନୀକୁ ସେ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ ।

## ବିଫଳ ହୋଇଛି ଓଡ଼ିଆରେ ନାମଫଳକ ଲେଖା ଅଭିଯାନ




ରାଜ୍ୟ ସରକାର ଘୋଷଣା କରିଥିବା ୧୫ ଦିନିଆ 'ଓଡ଼ିଆ ପକ୍ଷ' କାର୍ଯ୍ୟକ୍ରମର ଚତୁର୍ଥ ଦିବସ ଅର୍ଥାତ୍ ଏପ୍ରିଲ ୪ ତାରିଖରେ ପାଳନ କରାଯାଇଥିଲା, 'ଓଡ଼ିଆରେ ନାମଫଳକ ଲେଖା ଅଭିଯାନ'। କିନ୍ତୁ ତଳେଇ କରି ଦେଖିଲେ ଜଣାଯାଏ ଯେ ଓଡ଼ିଶାର ସମସ୍ତ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ନାମଫଳକରେ ଇଂରାଜୀ ଓ ହିନ୍ଦୀ ଭଳି ଭାଷାଗୁଡ଼ିକ ବ୍ୟତୀତ ଓଡ଼ିଆ ଭାଷାରେ ମଧ୍ୟ ସମ୍ମାନଜନକ ଭାବରେ ଲେଖାଯିବା ପାଇଁ ବିହିତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କର କୌଣସି ଆନ୍ତରିକତା ନାହିଁ। କେବଳ ସଭାସମିତି, ପ୍ରଚାର, ଉତ୍ସବ ତଥା 'ଓଡ଼ିଆ ପକ୍ଷ' ନାମରେ ପ୍ରଚୁର ଅର୍ଥଶ୍ରାଦ୍ଧ ଭିତରେ ହିଁ ସୀମିତହୋଇ ରହିଛି ଏହି ନାମଫଳକ ଅଭିଯାନ। 'ଓଡ଼ିଶା ସପ୍ସ୍ ଆଣ୍ଡ୍ କମର୍ସିଆଲ୍ ଏଷ୍ଟାବ୍ଲିସ୍ମେଣ୍ଟ ଆକ୍ଟ,୧୯୫୬' ଅନୁସାରେ ଓଡ଼ିଶାର ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାକୁ ଉପଯୁକ୍ତ ଭାବରେ ପ୍ରୟୋଗ କରାଯିବା ହେଉଛି ବାଧ୍ୟତାମୂଳକ। କିନ୍ତୁ କେବଳ ଘୋଷଣା ପରେ ଘୋଷଣା ହୋଇଚାଲିଛି ସିନା, ଏହି ଆଇନକୁ କାର୍ଯ୍ୟରେ ପରିଣତ କରିବାକୁ ସରକାରଙ୍କ କୌଣସି ଆନ୍ତରିକତା ଥିବାର ଦିଶୁନାହିଁ। ରାଜ୍ୟର ବିଭିନ୍ନ ସହର, ଏପରିକି ଖୋଦ୍ ରାଜଧାନୀ ଭୁବନେଶ୍ୱରର ବଜାରଘାଟରେ ଆଖି ବୁଲାଇ ଆଣିଲେ ଯେ କେହି ଜାଣିପାରିବେ ଯେ ସେଠାର ଅର୍ଦ୍ଧାଧିକ ନାମଫଳକରେ ଓଡ଼ିଆ ଭାଷାର ଉପସ୍ଥିତି ନାହିଁ। ଏହାର ଖିଲାପକାରୀଙ୍କ ବିରୋଧରେ ଶାସ୍ତିବିଧାନ ପାଇଁ ତତ୍ପରତା ଦିଶୁନାହିଁ ।

## ଶେଷ ପୃଷ୍ଠା



# ପତତ୍‌ପ୍ରକର୍ଷତା*

ଓଡ଼ିଆ ସାହିତ୍ୟର ଗୌରବ ଓ ଅବନତିର ପରିଚିନ୍ତନ ପ୍ରେକ୍ଷାପଟ୍ଟରେ; ଭାଗବତର ଏହି ପଦିଏର ବୋଧ ହିଁ ଏବେ ଚିନ୍ତା କରିବାର ବେଳ ଆମ ସଭିଙ୍କ ପାଇଁ,

"ସୁକଲ୍ୟ ଅମାନୀ ମାନବ।
କବି ମଇତ୍ର ଶୁଦ୍ଧବୋଧ ?"

ଓଡ଼ିଆ ସାହିତ୍ୟ ଆମ ସଂସ୍କୃତିର ଆତ୍ମା, ଏକ ଅବିଚ୍ଛିନ୍ନ ପରମ୍ପରା। ଉପେନ୍ଦ୍ର ଭଞ୍ଜଙ୍କର ଶବ୍ଦଶୈଳୀ ହେଉ ଅବା ରାଧାନାଥ ରାୟଙ୍କର ଆଧୁନିକ ଚେତନା ଏହି ଭାଷାକୁ କେବଳ ସମୃଦ୍ଧ କରିନାହିଁ, ବରଂ ସାର୍ବଜନୀନ ମାନ୍ୟତା ଦେଇଛି। ସେମାନଙ୍କ ରଚନାରେ ରସ, ରୂପ ଓ ଭାବର ଏମିତି ସମନ୍ୱୟ ଥିଲା, ଯାହା ସାହିତ୍ୟକୁ ଏକ ସାଧନାର ରୂପ ଦେଇଥିଲା। ପୂର୍ବସୂରୀଗଣ ପ୍ରମାଣ କରିଥିଲେ ଯେ ଓଡ଼ିଆ ଭାଷା କେବଳ ଭାବପ୍ରକାଶର ମାଧ୍ୟମ ନୁହେଁ, ବରଂ ଏକ ଆଦର୍ଶ ମାନଦଣ୍ଡର ଭାଷା। କିନ୍ତୁ ପୂର୍ବଜମାନଙ୍କ ରଚନାରୁ ଶିଖି, ତାହାକୁ ଆଧୁନିକ ଚିନ୍ତାଧାରା ସହ ମିଶାଇ ନୂତନ ଓ ଶ୍ରେଷ୍ଠ ସାହିତ୍ୟ ସୃଷ୍ଟି କରିବା ପାଇଁ ଆଜି କେତେଜଣ ଅବା ଆଗ୍ରହୀ !

ବର୍ତ୍ତମାନ ଓଡ଼ିଆ ସାହିତ୍ୟର ପତତ୍‌ପ୍ରକର୍ଷତା ଅନୁମେୟ। ଗଭୀର ଚିନ୍ତନ, ଭାଷାର ଶୈଳୀ ଓ ଶବ୍ଦଚୟନର ନୈପୁଣ୍ୟ ଅପେକ୍ଷା ସହଜ ଓ ନିମ୍ନମାନର ଲେଖା ପ୍ରଚଳିତ ହେଉଛି। ଆଜିର ଅଧିକାଂଶ ଲେଖକ ହାତଗଣତି କେତେ ଶବ୍ଦସମୂହକୁ ନେଇ ଲେଖାଲେଖି କରୁଛନ୍ତି। ସମସ୍ୟା ହେଉଛି ନୂତନ ଶବ୍ଦ ବା କାବ୍ୟିକ ଭାଷା ପ୍ରୟୋଗ ପ୍ରତି ଅସହିଷ୍ଣୁତା। କେହି ଯଦି ଅଳ୍ପ ପରିଚିତ କିମ୍ବା ସଂସ୍କୃତିମୂଳକ ଶବ୍ଦ ବ୍ୟବହାର କରେ, ତାହାକୁ ଅନେକେ ଅସ୍ୱୀକାର କରନ୍ତି। କିନ୍ତୁ ଅଜଣା ଶବ୍ଦଗଣ ଅକାରଣଜୀବୀ ନୁହନ୍ତି; ବରଂ ଏହା ଆମ ଜ୍ଞାନକୁ ବିସ୍ତାର କରିବାର ଏକ ଆଦର୍ଶ ଭୂମି।

'ସୃଜନିକା' ପରିବାରର ଭାଷାକୋଷ ସଙ୍କଳନରେ ୧୮୧୧ରୁ ୧୯୪୨ ମଧ୍ୟରେ ପ୍ରକାଶିତ ହୋଇଥିବା ପ୍ରାୟ ୨୮ଟି ଅଭିଧାନ ସଂଗୃହୀତ ହୋଇ ରହିଛି। ଏହା ପ୍ରାୟ ମାଗଣାରେ ଉପଲବ୍‌ଧ। ଏଥିରେ ସଟନ୍, ମିଲର, ବ୍ରୁକ୍‌ସ୍, ପାଇକ୍ - ୱିଲ୍‌କିନ୍‌ସ୍, ଗ୍ରଣ୍ଟି ଭଳି ଅଣଓଡ଼ିଆ ଗୁଣୀଜନ ସମସ୍ତେ ଆମ ଓଡ଼ିଆ ଭାଷା ପାଇଁ ଅଭିଧାନ ରଖି ଯାଇଛନ୍ତି। ଏଠାରେ ଅନୁଧ୍ୟାନ କରିବାର ବିଷୟ ଏହି କି ଯେ ନୂତନ ଶବ୍ଦ ଅବା ସାଧାରଣ ବ୍ୟବହାରରେ ରହି ନ ଥିବା ଶବ୍ଦ ଜାଣିବାରେ ଆମ ଓଡ଼ିଆ ବି-ଜ୍ଞାନୀଙ୍କର ଆଗ୍ରହ କାହିଁକି ନାହିଁ ! ୧୯୩୧ ମସିହାରୁ ୧୯୪୦ ମସିହା ମଧ୍ୟରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସଙ୍କଳିତ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଆମ ପାଇଁ ଏକ ଅମୂଲ୍ୟ ଗନ୍ତାଘର। ଏହି ଭାଷାକୋଷର ବ୍ୟବହାର କେତେଜଣ ଅବା କରୁଛନ୍ତି !

ଆସନ୍ତୁ, ଆମେ ଅପରିପକ୍ୱତାକୁ ଛାଡ଼ି ପରିପକ୍ୱତାର ପଥେ ଆଗକୁ ବଢ଼ିବା। ଆମ ସାହିତ୍ୟରେ ଅଛି ଅସୀମ ସମ୍ଭାବନା; ସେଗୁଡ଼ିକୁ ସାରଗ୍ରାହୀ ଭାବେ ବ୍ୟବହାର କରି ଏକ ସୌନ୍ଦର୍ଯ୍ୟମୟ, ଗଭୀର ଓ ଜୀବନମୁଖୀ ସାହିତ୍ୟ ଜଗତ ଗଢ଼ିବା ହିଁ ଆମର ଲକ୍ଷ୍ୟ ହେଉ।

ହୋ ସାହିତ୍ୟ ଭଗତେ; ଭାଗବତର ଏଇ ପଦକ ହିଁ ସୁଧୀ ସାହିତ୍ୟପ୍ରେମୀଙ୍କ ସାରତତ୍ତ୍ୱ ହେଉ:

"ମଉନ ବ୍ରତ ଶୌଚ ତପ। ପଠନ ସୁକର୍ମେ ନିରତ
ଏକାନ୍ତ ବାସ ଜପବିଧି। ନିର୍ମଳ ନିଶ୍ଚଳ ସମାଧି
ଏ ଦଶ ଅପବର୍ଗ ଅର୍ଥେ। ଅଜିତେନ୍ଦ୍ରିୟ ସାଧେ ଯେତେ ?"

ଓଡ଼ିଆ ସାହିତ୍ୟର ସମୃଦ୍ଧି ହେଉ; ଏହାର ପ୍ରଶସ୍ତି ହେଉ।

-ପ୍ର.ଭୂ

***ପତତ୍‌ପ୍ରକର୍ଷତା** - ଭଙ୍ଗୀ ଶୈଥିଲ୍ୟ ଦୋଷ

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com




ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



ଓଡ଼ିଆଣୀ
ODIANEE

ଏକ ପ୍ରୟାସ ମାତ୍ର

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

RUCHI FOODLINE™
Since 1976

Completing 50 YEARS in 2025

BORN IN ODISHA, PRIDE OF INDIA




# Store to door with a single click!

Come, explore our new eCommerce platform today!

Shop Now

Scan the QR code to download the **Ruchi Store** App

Buy online from store.ruchifoodline.com

SAHITYA CHARCHA ● May 2026 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy